




RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

BHUBANESWAR

•VOLUME- 42 •ISSUE-343 •BHUBANESWAR •WEDNESDAY •11 JUNE 2025 •PAGE-12 •₹ 6.00

•ବର୍ଷ-୪୨ •ସଂଖ୍ୟା-୩୪୩ •ଭୁବନେଶ୍ୱର •ବୁଧବାର •୧୧ ଜୁନ୍ ୨୦୨୫ •ପୃଷ୍ଠା-୧୨ •ଟ.୬.୦୦


## ଜନଜାଗରଣ ଅଭିଯାନରେ ବର୍ଷିଲେ ନବୀନ

# ଲମ୍ବାଲମ୍ବା ଭାଷଣ, ବଡ଼ବଡ଼ ବିଜ୍ଞାପନରେ ବିକାଶ ହୁଏନି



- ଲୋକଙ୍କ ସରକାରରେ ଲୋକେ ବେଶି ହଇରାଣ
- ବିନା ଟଙ୍କାରେ ମିଳୁନାହିଁ ଡାକ୍ତରଖାନାରେ ଚିକିତ୍ସା
- ଭାଙ୍ଗି ଯାଇଛି ମିଶନ ଶକ୍ତି ମା'ଙ୍କ ଆତ୍ମବିଶ୍ୱାସ
- ମିଲରଙ୍କ ଦୟା ଉପରେ ଚାଷୀ ନିର୍ଭର କରୁଛି
- ରେକର୍ଡ ପରିମାଣ ଋଣରେ ଚାଲିଛି ସରକାର

■ **ଭୁବନେଶ୍ୱର, ୧୦।୬ (ସମିସ):** ଲମ୍ବାଲମ୍ବା ଭାଷଣ ଓ ବଡ଼ବଡ଼ ବିଜ୍ଞାପନରେ ରାଜ୍ୟର ବିକାଶ ହୁଏ ନାହିଁ। ରାଜ୍ୟ ବିଜେପି ସରକାର ନିଜକୁ ଲୋକଙ୍କ ସରକାର କହୁଛି; ମାତ୍ର ସମାଜର ପ୍ରତିଟି ବର୍ଗର ଲୋକେ ଏହି ସରକାରରେ ହଇରାଣ ହେଉଛନ୍ତି। ରାଜ୍ୟରେ ସ୍ୱାସ୍ଥ୍ୟ ସେବା ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିଛି, ମିଶନ ଶକ୍ତି ମାମାନଙ୍କର ଆତ୍ମବିଶ୍ୱାସ ଭାଙ୍ଗି ଯାଇଛି, ରାଜ୍ୟର ଚାଷୀ ମିଲରଙ୍କ ଦୟା ଉପରେ ନିର୍ଭର କରୁଛି ଓ ବିକାଶ ମୂଳକ କାର୍ଯ୍ୟକ୍ରମ ଏକପ୍ରକାର ଠପ୍ ହୋଇପଡ଼ିଛି। ରାଜ୍ୟ ସରକାର ଏବେ ରେକର୍ଡ ପରିମାଣର ଋଣରେ କରି ଚାଲିଛନ୍ତି। ସରକାର କେବଳ ଘୋଷଣା ଓ ପ୍ରତିଶ୍ରୁତିରେ ସୀମିତ ରହିଛି ବୋଲି ରାଜ୍ୟ ସରକାରଙ୍କୁ ତୀବ୍ର ସମାଲୋଚନା କରିଛନ୍ତି ବିରୋଧୀଦଳ ନେତା ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ। ମଙ୍ଗଳବାର ▸ପୃଷ୍ଠା-୭

## ଆଜି ଦେବସ୍ନାନ ପୂର୍ଣ୍ଣିମା

# ପ୍ରତ୍ୟକ୍ଷ ସ୍ନାନ କରିବେ ଦାରୁଦିଅଁ

■ **ପୁରୀ, ୧୦।୬ (ସମିସ):** ବୁଧବାର ଦେବସ୍ନାନ ପୂର୍ଣ୍ଣିମା। ଏହି ପବିତ୍ର ତିଥିରେ ରତ୍ନବେଦୀରୁ ସ୍ନାନମଣ୍ଡପକୁ ଓହ୍ଲାଇ ଆସିବେ ବିଶ୍ୱନିୟନ୍ତା। ପ୍ରତିଦିନ ବିମ୍ବ (ଦର୍ପଣ) ସ୍ନାନ କରୁଥିବା ଦାରୁଦିଅଁ ଭକ୍ତଙ୍କ ସମ୍ମୁଖରେ କରିବେ ପ୍ରତ୍ୟକ୍ଷ ସ୍ନାନ। ପୁଣି ହାତୀବେଶରେ ସଜେଇ ହୋଇ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେବେ। ଏଥିପାଇଁ ସ୍ନାନବେଦୀ ପ୍ରସ୍ତୁତ ଥିବାବେଳେ ସେହି ଦିବ୍ୟ ମୁହୂର୍ତ୍ତକୁ ଅପେକ୍ଷା କରିଛନ୍ତି ଲକ୍ଷ ଲକ୍ଷ ଭକ୍ତ। ଆଉ ସ୍ନାନଯାତ୍ରା ପାଇଁ ଚଳଚଞ୍ଚଳ ହୋଇପଡ଼ିଛି ଶ୍ରୀକ୍ଷେତ୍ର ପୁରୀ।

ମହାପ୍ରଭୁଙ୍କ ଶ୍ରୀଅଙ୍ଗ ସୁରକ୍ଷା ପାଇଁ ମଙ୍ଗଳବାର ସେନାପଟା ଲାଗି ଶେଷ ହୋଇଛି। ରତ୍ନସିଂହାସନରେ ଚାରବାଡ଼ ବନ୍ଧା ସରିଥିବାବେଳେ ଭୋର୍ ୫ଟାରୁ ସକାଳ ୭ଟା ମଧ୍ୟରେ ପହଣ୍ଡି ଲାଗି ନୀତି ନିର୍ଘଣ୍ଟ ହୋଇଛି। ପ୍ରଥମେ ଶ୍ରୀସୁଦର୍ଶନ ପରେ ବଡ଼ଠାକୁର ▸ପୃଷ୍ଠା-୭

# ଜିଡିପିରେ ଆଗୁଆ, ଆୟରେ ପଛୁଆ

## ଅର୍ଥବ୍ୟବସ୍ଥାକୁ ନେଇ ଡବ୍ଲ୍ୟୁଇଏଫ୍‌ର ପୂର୍ବତନ ମହାନିର୍ଦ୍ଦେଶକଙ୍କ ଚେତାବନୀ

■ **ନୂଆଦିଲ୍ଲୀ, ୧୦।୬ (ଏଜେନ୍ସି):** ଭାରତ ବିଶ୍ୱର ଚତୁର୍ଥ ବୃହତ ଅର୍ଥନୀତି ପାଲଟିଛି। ଜାପାନକୁ ପଛରେ ପକାଇ ଭାରତ ଏହି କୃତିତ୍ୱ ହାସଲ କରିଛି। ଏହି ସଫଳତାକୁ ନେଇ କେନ୍ଦ୍ର ସରକାର ଆତ୍ମତୃପ୍ତି ଲାଭ କରୁଛନ୍ତି। ଏହି ସମୟରେ ଅର୍ଥନୀତିଜ୍ଞମାନେ ଭାରତକୁ ସତର୍କ କରାଇବା ସହ ଆତ୍ମସନ୍ତୋଷରେ ହର୍ଷୋତ୍‌ଫୁଲ୍ଲ ନ ହେବାକୁ ପରାମର୍ଶ ଦେଇଛନ୍ତି। ବିଶ୍ୱ ଅର୍ଥନୈତିକ ଫୋରମ୍‌ର ପୁର୍ବତନ ପରିଚାଳନା ନିର୍ଦ୍ଦେଶକ କ୍ଲାଉଡ଼େ ସମଦ୍‌ଜା କହିଛନ୍ତି ଯେ ଭାରତ ଅର୍ଥନୀତିରେ ଜାପାନଠୁ ସାମାନ୍ୟ ଆଗରେ ରହିଛି। ଭାରତର ମୋଟ ଘରୋଇ ଉତ୍ପାଦ

**ଆତ୍ମସନ୍ତୋଷ ଲାଭ କଲେ ଭାରତକୁ ବହୁମୂଲ୍ୟ ଦେବାକୁ ପଡ଼ିବ**

(ଜିଡିପି) ୪୧୮୭ ବିଲିୟନ ଡଲାର ଥିବାବେଳେ ଜାପାନର ଜିଡିପି ୪୧୮୬ ବିଲିୟନ ଡଲାର ରହିଛି; କିନ୍ତୁ ମୁଣ୍ଡପିଛା ଆୟରେ ଭାରତ ଜାପାନଠୁ ବହୁତ ପଛରେ। ଭାରତର ଆର୍ଥିକ ▸ପୃଷ୍ଠା-୭

# ମୋହନଙ୍କ ବର୍ଷେ; ଆହ୍ୱାନ ଅନେକ



■ **ଭୁବନେଶ୍ୱର, ୧୦।୬ (ସମିସ):** ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ରାଜ୍ୟରେ ବିଜେପି ସରକାର ଆସନ୍ତାକାଲି ୧ ବର୍ଷ ପୂରଣ କରିବ। ଘଟଣାବହୁଳ ଏହି ପ୍ରଥମ ବର୍ଷରେ ସରକାରଙ୍କ ପ୍ରଦର୍ଶନ, ଶାସନକୁ ନେଇ ବିରୋଧୀଙ୍କ କଡ଼ା ସମାଲୋଚନା ମଧ୍ୟରେ ରାଜ୍ୟର ପ୍ରଥମ ବିଜେପି ମୁଖ୍ୟମନ୍ତ୍ରୀ ମୋହନଙ୍କ କାର୍ଯ୍ୟଶୈଳି ଓ ଦକ୍ଷତାକୁ ମଧ୍ୟ ରାଜ୍ୟବାସୀ ତଉଲୁଛନ୍ତି।

ଏହି ଏକ ବର୍ଷର ଶାସନଯାତ୍ରାରେ ନିର୍ବାଚନୀ ଇସ୍ତାହାର ଓ ସଂକଳ୍ପପତ୍ରକୁ ଯୋଜନାରେ ରୂପାୟଣ ନେଇ ରାଜ୍ୟ ସରକାରଙ୍କ କାର୍ଯ୍ୟ ପ୍ରଶଂସା ଓ ସମାଲୋଚନାର ଶରବ୍ୟ ହୋଇଛି। ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିକାଶ, ସୁଶାସନକୁ ନେଇ ରାଜ୍ୟବାସୀଙ୍କ ଆଗରେ ଯେଉଁ ମଡେଲ ଉପସ୍ଥାପନ କରିଛନ୍ତି, ତାହାକୁ ଏବର ପିଢ଼ି ମୋହନଙ୍କ କାର୍ଯ୍ୟଶୈଳୀ ସହ ତଉଲିବେ ନିଶ୍ଚୟ।

ସରସ୍ୱତୀ ଶିଶୁ ମନ୍ଦିରରୁ ଅକସ୍ମାତ ରାଜନୀତିରେ ପ୍ରବେଶ। ତୃଣମୂଳ ରାଜନୀତିରେ ପ୍ରଥମେ ସରପଞ୍ଚ ଏବଂ ପରେ ୪ ଥରର ବିଧାୟକ। ଏହାପରେ ରାଜ୍ୟରେ ବିଜେପିର ପ୍ରଥମ ଥର ସରକାରରେ ମୁଖ୍ୟମନ୍ତ୍ରୀ ଦାୟିତ୍ୱ। ମୋହନଙ୍କର ଏହି ରାଜନୈତିକ ଯାତ୍ରା ଯେତିକି ଘଟଣାବହୁଳ, ସେତିକି ଆହ୍ୱାନପୂର୍ଣ୍ଣ କହିଲେ ▸ପୃଷ୍ଠା-୭

# ବୋଲେରୋ ଧକ୍କାରେ ବାପ-ଝିଅ ସମେତ ୩ ମୃତ

■ **ବ୍ରହ୍ମପୁର, ୧୦।୬ (ସମିସ):** ଆନ୍ଧ୍ର ପ୍ରଦେଶର ଶ୍ରୀକାକୁଲମ ଜିଲ୍ଲା ଅନ୍ତର୍ଗତ କୋଟାବୋମାଲି ମଣ୍ଡଳ ଅଞ୍ଚଳରେ ସୋମବାର ରାତିରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏଥିରେ ଓଡ଼ିଶାର ତିନିଜଣଙ୍କର ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ଏହି ମଣ୍ଡଳ ଅନ୍ତର୍ଗତ କୋଟାବୋମାଲି-ଶ୍ରୀକାକୁଲମ ଜାତୀୟ ରାଜପଥ ଉଦ୍ଧାଲାପାଡୁରେ ହୋଇଥିବା ଏହି ଦୁର୍ଘଟଣାରେ କେ.ନୂଆଗାଁ ଥାନା ଅନ୍ତର୍ଗତ ମୈସାନପୁରର ବାପ-ଝିଅ ଏବଂ କୋଳଥିଆର ଜଣେ ଏହିପରି ତିନି ଜଣଙ୍କର ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ମୈସାନପୁର ଗ୍ରାମର ସୁଶାନ୍ତ ସାବତ (୫୨), ତାଙ୍କ ଝିଅ ସନ୍ତୋଷୀ (୩) ଓ କୋଳଥିଆ ଗ୍ରାମର ଗୋକୁଳ ପଣ୍ଡା (୩୩) ବୋଲି ଚିହ୍ନଟ କରାଯାଇଛି। ଦୁଇ ପରିବାର ମାନସିକ ପୂରଣ ପାଇଁ ଆନ୍ଧ୍ରର ସୀମାଞ୍ଚଳମ ଯାଉଥିଲେ। ଉଦ୍ଧାଲାପାଡୁ ମୁଖ୍ୟ ରାସ୍ତାରେ ଗାଡ଼ି ରଖି ପରିସ୍ରା ପାଇଁ ଏହି ୩ଜଣ ଓହ୍ଲାଇବାବେଳେ ବିପରୀତ ଦିଗରୁ ଆସୁଥିବା ଏକ ପିକ୍‌ଅପ୍ ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ ଆହତ ହୋଇଥିବା ତିନି ଜଣଙ୍କୁ ସ୍ଥାନୀୟ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିବା ଜଣାପଡ଼ିଛି। ଶ୍ରୀକାକୁଲମ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣା ଘଟାଇଥିବା ଗାଡ଼ିକୁ ଜବତ କରି ଶବ ବ୍ୟବଚ୍ଛେଦ ପରେ ସମ୍ପର୍କୀୟଙ୍କୁ ହସ୍ତାନ୍ତର କରି ଘଟଣାର ତଦନ୍ତ ଚଳାଇଛି। ଖବର ଲେଖା ହେବା ସୁଦ୍ଧା ମୃତଦେହ ଗାଁକୁ ଆସିନଥିବା ଜଣାପଡ଼ିଛି।

# 'ସେକ୍ସ କ୍ୱିନ୍' ଶ୍ୱେତାଙ୍କ ସହ ଓଡ଼ିଆ ବ୍ୟବସାୟୀଙ୍କ ସମ୍ପର୍କ

## ପୁରୀରେ ଅଶ୍ଳୀଳ ଭିଡ଼ିଓ ସୁଟିଂ ପାଇଁ ଯୋଗାଇଛନ୍ତି ସହାୟତା

■ **ଭୁବନେଶ୍ୱର ୧୦।୬, (ସମିସ):** 'ସେକ୍ସ କ୍ୱିନ୍' ଭାବରେ ପରିଚିତ କୋଲକାତାର ଶ୍ୱେତା ଖାତୁନ ଓରଫ୍ ଶ୍ୱେତା ଖାନ ଓରଫ୍ ମୋହସିନା ବେଗମ୍ ଓରଫ ଫୁଲତୁସୀଙ୍କ ସହ ଜଣେ ବିଶିଷ୍ଟ ଓଡ଼ିଆ ବ୍ୟବସାୟୀଙ୍କ ସମ୍ପର୍କ ଚର୍ଚ୍ଚା ପଶ୍ଚିମବଙ୍ଗରେ ହଲଚଲ ସୃଷ୍ଟି କରିଛି । ଶ୍ୱେତା ଖାନ୍‌ଙ୍କ ପୂର୍ବତନ ସ୍ୱାମୀ ଓ ଅନ୍ୟ କିଛି ବ୍ୟକ୍ତିଙ୍କ ଅଭିଯୋଗକ୍ରମେ ପଶ୍ଚିମବଙ୍ଗ ପୁଲିସ ଏ ସଂକ୍ରାନ୍ତରେ ଏକ ମାମଲା ରୁଜୁ କରିଛି। ପଶ୍ଚିମବଙ୍ଗରେ କ୍ଷମତାସୀନ ତୃଣମୂଳ କଂଗ୍ରେସର କିଛି ନେତାଙ୍କ ସହ ସମ୍ପର୍କ ଦୃଷ୍ଟିରୁ ଶ୍ୱେତା ଓ ତାଙ୍କ ପୁଅ ଆର୍ଯ୍ୟନ୍ ଖାନ୍‌ଙ୍କୁ ଗିରଫ କରାଯାଉ ନାହିଁ ବୋଲି ମଧ୍ୟ ଅଭିଯୋଗ ହୋଇଛି।

ଶ୍ୱେତା ଓ ତାଙ୍କ ପୁଅ ଜଣେ ଯୁବତୀଙ୍କୁ ଚାକିରି ଦେବା ନାମରେ ଦୀର୍ଘଦିନ ଧରି ଶାରୀରିକ ଓ ମାନସିକ ନିର୍ଯାତନା ଦେଉଥିବା ଅଭିଯୋଗ ହୋଇଛି। ଏପରିକି ଅଶ୍ଳୀଳ ଭିଡ଼ିଓରେ ଅଭିନୟ କରିବା ପାଇଁ ଅରାଜି ହେବାରୁ ସମ୍ପୃକ୍ତ ଯୁବତୀଙ୍କୁ ଅକଥନୀୟ ନିର୍ଯାତନା ଦିଆଯାଇଥିବା ପୀଡ଼ିତାଙ୍କ ପରିବାର ଶ୍ୱେତା ଓ ତାଙ୍କ ପୁଅ ବିରୋଧରେ ଶୁକ୍ରବାର ମାମଲା ରୁଜୁ କରିଛନ୍ତି। ଏହାପରେ ଉଭୟ ମା' ଓ ପୁଅଙ୍କର ପତ୍ତା ମିଳୁନାହିଁ। ଆଜି ବାଙ୍କୁରାରେ ଶ୍ୱେତାଙ୍କ ଫ୍ଲାଟ ପଛପଟରୁ କିଛି କଟା କେଶ ପୁଲିସ ଉଦ୍ଧାର କରିଛି ଓ ଏହି କେଶଗୁଡ଼ିକ ପୀଡ଼ିତାଙ୍କର ବୋଲି ତାଙ୍କ ପରିବାର ଦାବି କରିଛନ୍ତି ।

ବିଜ୍ଞାପନ ଏଜେନ୍ସି ଉହାଡ଼ରେ ଶ୍ୱେତା ଅଶ୍ଳୀଳ ଭିଡ଼ିଓ ପ୍ରସ୍ତୁତ କରୁଥିଲେ ଓ ଓଡ଼ିଶାର ଜଣେ ବଡ଼ ବ୍ୟବସାୟୀଙ୍କ ସହ ତାଙ୍କର ଘନିଷ୍ଠ ସଂପୃକ୍ତି ଥିବା କୁହାଯାଉଛି। ବିଭିନ୍ନ ବଙ୍ଗଳା ସମ୍ବାଦପତ୍ରରେ ପ୍ରକାଶିତ ଖବର ଅନୁସାରେ ସମ୍ପୃକ୍ତ ବ୍ୟବସାୟୀଙ୍କର ଦୀର୍ଘଦିନ ହେଲା ଶ୍ୱେତାଙ୍କ ସହ ସମ୍ପର୍କ ▸ପୃଷ୍ଠା-୭




# ହରିୟାଣାରେ ନକଲି ଡାକ୍ତରଖାନା, ଡାକ୍ତର ବି ନକଲି

ପାନିପଥ, ୧୦।୬ (ଏଜେନ୍ସି): ରୋଗଯନ୍ତ୍ରଣାରୁ ମୁକ୍ତି ପାଇଁ ଲୋକେ ବହୁ ଆଶା ନେଇ ଡାକ୍ତରଖାନାକୁ ଆସିଥାନ୍ତି। ଯନ୍ତ୍ରଣାରୁ ଉପଶମ ମିଳିବ ବୋଲି ଭାବିଥାନ୍ତି। କିନ୍ତୁ ଅନେକ ସମୟରେ ଏହି ବିଶ୍ୱାସ ତୁଟି ଯାଉଛି। ରୋଗ ଭଲ ହେବା ପରିବର୍ତ୍ତେ ଭୟଙ୍କର ହେଇଯାଉଛି। ଶେଷରେ ଯନ୍ତ୍ରଣାରେ କଲବଲ ହୋଇ ରୋଗୀଙ୍କ ଜୀବନ ଯାଉଛି। ଜାଲ୍ ଡାକ୍ତର ଏବଂ ଡାକ୍ତରଖାନା ପାଇଁ ଏଭଳି ହେଉଛି। ଗୁଜରାଟ ପରେ ହରିୟାଣାରୁ ଏଭଳି ଏକ ମାମଲା ସାମ୍ନାକୁ ଆସିଛି। କେବଳ ଡାକ୍ତର ନୁହଁନ୍ତି, ଦୁଇଟି ହସ୍ପିଟାଲ ମଧ୍ୟ ଜାଲ୍ ବୋଲି ଜଣାପଡ଼ିଛି। ଏଠାରେ କାମ କରୁଥିବା ଡାକ୍ତର ଏବଂ କର୍ମଚାରୀଙ୍କ ଡିଗ୍ରୀ ମଧ୍ୟ ନକଲି। କେବଳ ସେତିକି ନୁହେଁ, ଏଠାରେ ମେଡିକାଲ ଇନଷ୍ଟିଚ୍ୟୁଟ ମଧ୍ୟ ଚାଲିଥିଲା। ଏଠାରେ ମୋଟା ଅଙ୍କର ଅର୍ଥ ନେଇ ପିଲାଙ୍କ ନାମ ଲେଖା ଯାଉଥିଲା। ଗୋଟିଏ ହସ୍ପିଟାଲରେ ଶିଶୁଙ୍କ ଚିକିତ୍ସା ହେଉଥିବାବେଳେ ଅନ୍ୟଟିରେ ସମସ୍ତଙ୍କ ଚିକିତ୍ସା କରାଯାଉଥିଲା। ପାନିପଥରେ ଥିବା ଏହି ୨ ହସ୍ପିଟାଲରେ ମଙ୍ଗଳବାର ସିଏମ୍ ଫ୍ଲାଇଂ ଟିମ୍ ଏବଂ ସ୍ୱାସ୍ଥ୍ୟ ବିଭାଗ ଟିମ୍‌ର ଚଢ଼ଉ କରିବା ପରେ ଏହା ସର୍ବସମ୍ମୁଖକୁ ଆସିଥିଲା।

- ■ ରୋଗୀଙ୍କ ଜୀବନ ବଞ୍ଚିବ ତ !
- ■ କର୍ମଚାରୀ ବି ନକଲି
- ■ ଚିକିତ୍ସିତ ହେଉଥିଲେ ଅନେକ ରୋଗୀ
- ■ ଚଲାଇଥିଲେ ମେଡିକାଲ ଇନ୍‌ଷ୍ଟିଚ୍ୟୁଟ୍

ତଦନ୍ତରୁ ଜଣାପଡ଼ିଛି ଯେ ଦୀର୍ଘ ମାସ ହେଲା ଏହି ହସ୍ପିଟାଲ ଚାଲିଥିଲା। ଲୋକଙ୍କୁ ଆକୃଷ୍ଟ କରିବା ପାଇଁ ବଡ଼ ବଡ଼ ଡାକ୍ତରଙ୍କ ପୋଷ୍ଟର ଲଗା ଯାଇଥିଲା। ଅନେକ ରୋଗୀ ମଧ୍ୟ ଚିକିତ୍ସିତ ହେଉଥିଲେ। ଏହି ହସ୍ପିଟାଲରୁ ଜାଲ୍ ଡାକ୍ତର ଏବଂ କର୍ମଚାରୀଙ୍କୁ ଗିରଫ କରାଯାଇଛି। ଔଷଧ ଏବଂ ଅନ୍ୟ ସାମଗ୍ରୀ ବି ଜବତ




କରାଯାଇଛି। ସୂଚନା ଅନୁଯାୟୀ ଜାଟଲ ରୋଡ ସ୍ଥିତ 'ଦେବ ଇ.ଏଚ୍ କ୍ଲିନିକ' ନାମରେ ଜାଲ୍ ହସ୍ପିଟାଲ ଚାଲିଥିଲା। ଏହା ଏକ ଶିଶୁ ହସ୍ପିଟାଲ ଥିଲା। ମାତ୍ର ସମସ୍ତଙ୍କର ଚିକିତ୍ସା ଚାଲିଥିଲା। ବୋର୍ଡ ମରାଯାଇ ଶିଶୁ ଏବଂ ବୟସ୍କଙ୍କ ସବୁ ରୋଗର ଚିକିତ୍ସା କରାଯାଏ ବୋଲି ଲେଖା ଯାଇଥିଲା। ଏଠାକୁ ପିଜିଆଇର ପୂର୍ବତନ ରେଜିଷ୍ଟ୍ରାର ତଥା ଶିଶୁ ରୋଗ ବିଶେଷଜ୍ଞ ଡ. ଅରୁଣ ମହଲା ଆସୁଥିବା ଲେଖା ଯାଇଥିଲା। ଏହା ବ୍ୟତୀତ ଅନ୍ୟ ୪ ବିଶେଷଜ୍ଞ ଡାକ୍ତର ହସ୍ପିଟାଲ ସହ ଜଡ଼ିତ ଥିବା ଦାବି କରାଯାଇଥିଲା। କିନ୍ତୁ ଚଢ଼ଉ ସମୟରେ କେହି ଏମ୍‌ବିବିଏସ ଡାକ୍ତର ନ ଥିବା ଜଣାପଡ଼ିଥିଲା। ମେଡିକାଲ ଇନ୍‌ଷ୍ଟିଚ୍ୟୁଟ ନାମରେ ମଧ୍ୟ ଏହା ଚାଲିଥିଲା। ଏଠାରେ ବିଭିଏମଏସ, ବିଏଏମଏସ, ଏମଡି ଇଏଚ ସମେତ ଅଲଗା ଅଲଗା କୋର୍ସରେ ନାମ ଲେଖା ଯାଉଥିଲା। ୫୦ ଗଜରୁ କମ୍ ସ୍ଥାନରେ ଚାଲିଥିବା ଏହି ହସ୍ପିଟାଲରେ ନାମ ଲେଖାଇବା ପାଇଁ ବିପୁଳ ଟଙ୍କା ନିଆଯାଉଥିଲା।

ସେହିପରି ୮ ମରଲା ସ୍ଥିତ ଏସ୍‌କେ କ୍ଲିନିକ୍‌ରେ ମଧ୍ୟ ଏପରି ଗୋଲକ ଧନ୍ଦା ଚାଲିଥିଲା। ଜାଲ୍ ଡିଗ୍ରୀର ଆଧାରରେ ରୋଗୀଙ୍କ ଚିକିତ୍ସା କରାଯାଉଥିଲା। ଡାକ୍ତର ନକଲି ଥିବା ଜଣାପଡ଼ିଥିଲା ବୋଲି ସିଏମ୍ ଫ୍ଲାଇଙ୍ଗ ସ୍କ୍ୱାଡ୍ ଡିଏସପି ସୁଶୀଲ କୁମାର କହିଛନ୍ତି। ଚଢ଼ଉ ପରେ ରୋଗୀଙ୍କୁ ଅନ୍ୟ ହସ୍ପିଟାଲକୁ ପଠାଇ ଦିଆଯାଇଛି। ଏବେ ଯାଞ୍ଚ ଜାରି ରହିଛି। ପୂର୍ବରୁ ଏ ନେଇ ଅନେକ ଅଭିଯୋଗ ମିଳିଥିଲା। ଏସ୍‌କେ କ୍ଲିନିକର ମାଲିକ ସାହିଲ କହିଛନ୍ତି ଯେ ତାଙ୍କ ବାପା ପୂର୍ବରୁ ଏଠାରେ ପ୍ରାକ୍ଟିସ କରୁଥିଲେ। କିନ୍ତୁ ଏବେ ସେ ତାଙ୍କ ପ୍ରମାଣପତ୍ର ନବୀକରଣ କରିନାହାନ୍ତି। ସେ ନିଜେ ପଞ୍ଚକୁଲାରେ ପଞ୍ଜିକରଣ କରି ଏଠାରେ ପ୍ରାକ୍ଟିସ କରୁଥିବା କହିଛନ୍ତି।

## ଲୋକସଭା ଉପବାଚସ୍ପତି ନିର୍ବାଚନ ପାଇଁ ଖଡ୍‌ଗେଙ୍କ ଦାବି

ନୂଆଦିଲ୍ଲୀ, ୧୦।୬(ଏଜେନ୍ସି): କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେ ଲୋକସଭା ଉପବାଚସ୍ପତି ପଦ ପାଇଁ ନିର୍ବାଚନ କରାଇବାକୁ ଦାବି କରିଛନ୍ତି। ଦେଶରେ ଏପର୍ଯ୍ୟନ୍ତ ୧୪ ଜଣ ଲୋକସଭା ଉପବାଚସ୍ପତି ରହିଆସିଛନ୍ତି। ବିରୋଧୀ ଦଳକୁ ଉପବାଚସ୍ପତି ପଦ ପ୍ରଦାନ କରାଯିବାର ପରମ୍ପରା ତଥା ଇତିହାସ ରହିଛି। ଏହ ଦ୍ୱାରା ସଂସଦରେ ସନ୍ତୁଳନ ଓ ନିରପେକ୍ଷତା ବଜାୟ ରହିଥାଏ। ତେବେ ସାମ୍ବିଧାନିକ ଭାବେ ଏହା ବାଧ୍ୟତାମୂଳକ ନୁହଁ। ସଂସଦର କ୍ରମାଗତ ଦୁଇଟି ୨୦୧୯ ଓ ୨୦୨୪ କାର୍ଯ୍ୟକାଳରେ କାହକୁ ଉପବାଚସ୍ପତି ପଦରେ ଅଧିଷ୍ଠିତ କରାଯାଇନାହିଁ। ଯେତେଶୀଘ୍ର ସମ୍ଭବ ଉପବାଚସ୍ପତି ନିର୍ବାଚନ କରାଯାଉ ବୋଲି ଖଡ୍‌ଗେ ଦାବି କରିଛନ୍ତି। ସେ ଏଥିପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଚିଠି ଲେଖିଛନ୍ତି। ଭାରତୀୟ ସମ୍ବିଧାନର ଧାରା ୯୩ ଅନୁସାରେ ଲୋକସଭାର ବାଚସ୍ପତି ଓ ଉପବାଚସ୍ପତି ଦୁଇଟି ପଦ ପାଇଁ ନିର୍ବାଚନ କରାଇବାର ଆବଶ୍ୟକତା ରହିଛି ବୋଲି ସେ ସ୍ପଷ୍ଟ କରିଛନ୍ତି। ଗତ ୧୮ତମ ଲୋକସଭା ନିର୍ବାଚନରେ କଂଗ୍ରେସ୍ ୯୯ଟି ସିଟ୍ ହାସଲ କରି ଦ୍ୱିତୀୟ ସର୍ବବୃହତ୍ ପାର୍ଟି ତଥା ମୁଖ୍ୟ ବିରୋଧୀ ଦଳ ବିବେଚିତ ହେଉଛି। କିନ୍ତୁ ୨୦୧୯ରେ ଅନୁଷ୍ଠିତ ୧୭ତମ ଲୋକସଭା ନିର୍ବାଚନରେ କଂଗ୍ରେସ ୫୫ଟି ସିଟ୍ ଜିତିଥିଲା। ଉପବାଚସ୍ପତିଙ୍କର ମଧ୍ୟ ସଂସଦ ପରିଚାଳନାରେ ଉଲ୍ଲେଖନୀୟ ଭୂମିକା ରହିଛି। ଓମ୍ ବିର୍ଲା ଲୋକସଭାର ବାଚସ୍ପତି ଭାବେ ଦାୟିତ୍ୱ ସମ୍ପାଦନ କରୁଛନ୍ତି।

## ଅପରେସନ ହନିମୁନ୍: ବିବାହ ପରେ ସ୍ୱାମୀଙ୍କୁ ହତ୍ୟା ପାଇଁ କରିଥିଲା ଷଡ଼ଯନ୍ତ୍ର

ନୂଆଦିଲ୍ଲୀ, ୧୦।୬ (ଏଜେନ୍ସି): ହନିମୁନ ବେଳେ ମେଘାଳୟରେ ନିଜର ପତିଙ୍କୁ ହତ୍ୟା କରିଥିବା ପତ୍ନୀ ସୋନମ ରଘୁବଂଶୀ ଏବଂ ଅନ୍ୟ ଚାରି ଜଣ ଗିରଫ ହେବାପରେ ହତ୍ୟାକାଣ୍ଡ ସଂପର୍କରେ ଅନେକ ଚାଞ୍ଚଲ୍ୟକର ତଥ୍ୟ ମିଳିବାରେ ଲାଗିଛି। ପତି ରାଜାଙ୍କୁ ହତ୍ୟା କରିବା ଲାଗି ହନିମୁନ ପୂର୍ବରୁ ଯୋଜନା ହୋଇଥିଲା ଏବଂ ଏଥିପାଇଁ ସୁପାରିକିଲରଙ୍କୁ ୨୦ ଲକ୍ଷ ଟଙ୍କା ଦେବାଲାଗି ମୁଲଚାଲ ହୋଇଥିଲା। ହତ୍ୟାକାଣ୍ଡ ପରେ ସୋନମ ଇନ୍ଦୋର ଫେରି ସେଠାରେ ନିଜର ପ୍ରେମିକ ସହିତ ରହିଥିଲା। ଏହାପରେ ପ୍ରେମିକ ତାକୁ ଉତ୍ତର ପ୍ରଦେଶକୁ ନେଇ ସେଠାରେ ଛାଡ଼ିଦେଇଥିଲା।

ପୁଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ମେ ମାସ ୧୧ ତାରିଖରେ ବିବାହ ପରେ ପତି ରାଜାଙ୍କୁ କେମିତି ହତ୍ୟା କରାଯିବ ସେଥିପାଇଁ ସୋନମ ତାର ପ୍ରେମିକ ରାଜ କୁଶୱାହା ସହିତ ମିଶି ଯୋଜନା ପ୍ରସ୍ତୁତ କରିଥିଲା। ରାଜାଙ୍କୁ ହତ୍ୟା କରିବା ଲାଗି ତିନି ଜଣ ସୁପାରି କିଲରଙ୍କୁ ଯୋଗାଡ଼ କରାଯାଇଥିଲା। ହନିମୁନରେ ମେଘାଳୟ ଯିବାଲାଗି ରାଜା ଓ ସୋନମଙ୍କ ଟିକଟ ହୋଇଥିଲା। ଯୋଜନା ଅନୁଯାୟୀ ହତ୍ୟା ଅଭିଯୁକ୍ତ ସିଲଂ ଯାଇଥିଲେ। କିନ୍ତୁ ସୋନମଙ୍କ ପ୍ରେମିକା ରାଜ ଇନ୍ଦୋରରେ ରହି ହତ୍ୟା ଅଭିଯୁକ୍ତମାନଙ୍କ ସହ ସଂପର୍କରେ ରହିଥିଲା।

ନବ ବିବାହିତ ଦଂପତି ରାଜା ଓ ସୋନମ ଇନ୍ଦୋରରୁ ଯାଇ ୨୧ ତାରିଖରେ ଗୌହାଟିରେ ପହଞ୍ଚିଥିଲେ। ସେମାନଙ୍କର ପିଛା କରି ତିନି ହତ୍ୟା ଅଭିଯୁକ୍ତ ମଧ୍ୟ ଗୌହାଟୀ ଯାଇଥିଲେ। ସେମାନେ ରାଜା ଓ ସୋନମ ରହୁଥିବା ହୋଟେଲ ପାଖରେ ରହୁଥିଲେ। ପରବର୍ତ୍ତୀ ଦିନ ଅର୍ଥାତ୍ ୨୨ ତାରିଖରେ ସେମାନେ ସିଲଂ ଯାଇଥିଲେ। ହତ୍ୟା ଅଭିଯୁକ୍ତ ମଧ୍ୟ ସେମାନଙ୍କର ପିଛା କରି ସିଲଂ ଯାଇଥିଲେ। ୨୩ ତାରିଖରେ ଝରଣା ଦେଖିବା ଲାଗି ନବ ବିବାହିତ ଦଂପତି ଜଙ୍ଗଲ ଭିତରକୁ ଯାଇଥିଲେ। ଯୋଜନା ମୁତାବକ ହତ୍ୟା ଅଭିଯୁକ୍ତ ମଧ୍ୟ ସେମାନଙ୍କର ପିଛା କରୁଥିଲେ। ରାଜା ଆଗରେ ଯାଉଥିବା ବେଳେ ତାଙ୍କ ପଛରେ ରହିଥିଲା ସୋନମ। ଏହି ସମୟରେ ସେଠାରେ ହତ୍ୟା ଅଭିଯୁକ୍ତ ପହଞ୍ଚିଥିଲେ। ସୋନମର ନିର୍ଦ୍ଦେଶ ମୁତାବକ ଅଭିଯୁକ୍ତମାନେ ରାଜାଙ୍କୁ ଆକ୍ରମଣ କରିଥଲେ। ହତ୍ୟା କରିବା ପରେ ରାଜାଙ୍କର ମୃତଦେହକୁ ଏକ ଗଭୀର ଖାତ ଭିତରକୁ ପକାଇ ଦେଇଥିଲେ। ଏଥିରେ ହତ୍ୟା ଅଭିଯୁକ୍ତଙ୍କୁ ସାହାଯ୍ୟ କରିଥିଲା ସୋନମ।



- ■ ମେଘାଳୟରେ ହତ୍ୟା ପରେ ଇନ୍ଦୋର ଫେରିଥିଲା ସୋନମ
- ■ ପ୍ରେମିକା ସହିତ ଭଡ଼ା ଘରେ ରହୁଥିଲା

ହତ୍ୟାର ଦୁଇ ଦିନ ପରେ ସୋନମ ସିଲିଗୁଡ଼ି ଦେଇ ୨୫ ତାରିଖରେ ଇନ୍ଦୋର ଫେରି ଆସିଥିଲା। ସେଠାରେ ସୋନମ ତାର ପ୍ରେମିକ ରାଜ ସହିତ ଏକ ଭଡ଼ା ଘରେ ରହିଥିଲା। ଜୁନ ୮ ତାରିଖରେ ସୋନମ ଉତ୍ତର ପ୍ରଦେଶ ଯାଇ ଗାଜିଆବାଦରେ ପହଞ୍ଚିଥିଲା। ସେଠାରେ ପୁଲିସ ତାକୁ ଗିରଫ କରିଥିଲା।

ତେବେ ଜୁନ ୨ ତାରିଖରେ ରାଜାଙ୍କର ମୃତଦେହ ମିଳିବା ପରେ ତିନି ତାରିଖରେ ମେଘାଳୟ ପୁଲିସକୁ ସୁରାକ୍ ମିଳିଥିଲା ଯେ ଏହି ହତ୍ୟାକାଣ୍ଡ ପଛରେ ସୋନମର ହାତ ରହିଛି। ମେଘାଳୟ ପୁଲିସ ପକ୍ଷରୁ କୁହାଯାଇଛି ଯେ ସୁରାକ ମିଳିବା ପରେ ରାଜ କୁସୱାହା ସମେତ ଅନ୍ୟ ତିନି ଜଣ ହତ୍ୟା ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା। ଏଥିପାଇଁ ମେଘାଳୟ ପୁଲିସ ପକ୍ଷରୁ ଯେଉଁ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରାଯାଇଥିଲା, ତାର ନାମ ଦିଆଯାଇଥିଲା 'ଅପରେସନ୍ ହନିମୁନ୍।' ଏମାନେ ଧରାପଡ଼ିବା ପରେ ସୋନମ୍ ଉତ୍ତର ପ୍ରଦେଶ ଯାଇ ପୁଲିସ ନିକଟରେ ଆତ୍ମସମର୍ପଣ କରିଥିଲା। ୨୩ ତାରିଖ ହତ୍ୟାକାଣ୍ଡ ପରେ ସୋନମ ଫେରାର ଥିଲା।

ସୋନମ ଓ ଅନ୍ୟ ହତ୍ୟା ଅଭିଯୁକ୍ତମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ରାଜାଙ୍କ ପରିବାର ଦାବି କରିଥିବା ବେଳେ ସୋନମର ପିତା ନିଜ ଝିଅ ସପକ୍ଷରେ ଓକିଲାତି କରିଛନ୍ତି। ସେ କହିଛନ୍ତି ଯେ ତାଙ୍କ ଝିଅ ନିର୍ଦ୍ଦୋଷ ଏବଂ ପୁଲିସ ମନଗଢ଼ା କାହାଣୀ ଶୁଣାଉଛି। ସୋନମର ପ୍ରେମିକ ରାଜର ମା' ମଧ୍ୟ ନିଜ ପୁଅକୁ ନିର୍ଦ୍ଦୋଷ ବୋଲି କହିଛନ୍ତି। ଏଭଳି ଅପରାଧ କରିବାକୁ ତାଙ୍କ ପୁଅ ଅସମର୍ଥ ବୋଲି ସେ କହିଛନ୍ତି।

## ୬୮୦୦ରେ ପହଞ୍ଚିଲା କରୋନା ସଂକ୍ରମଣ
## ୨୪ ଘଣ୍ଟାରେ ୩୦୦ରୁ ଊର୍ଦ୍ଧ୍ୱ ମାମଲା

ନୂଆଦିଲ୍ଲୀ, ୧୦।୬(ଏଜେନ୍ସି): ଦେଶରେ କରୋନା ସ୍ଥିତି ଉତ୍କଟ ହେବାରେ ଲାଗିଛି ଓ ଏଥିରେ ଅହେତୁକ ବୃଦ୍ଧି ଘଟିଛି। କରୋନାର ସକ୍ରିୟ ମାମଲା ସଂଖ୍ୟା ଏବେ ୬୮୦୦ରେ ପହଞ୍ଚିଛି। ଗତ ୨୪ ଘଣ୍ଟା ମଧ୍ୟରେ ୩୨୪ଟି ନୂଆ ମାମଲା ସାମ୍ନାକୁ ଆସିଛି। କେରଳରେ ସର୍ବାଧିକ ୨୦୫୩ ରହିଛି। କରୋନା ନୂଆ ଭେରିଏଣ୍ଟ ଦ୍ୱାରା ସଂକ୍ରମିତ ହୋଇ ୧୨ଟି ରାଜ୍ୟରେ ମୋଟ୍ ୬୮ ଜଣ ରୋଗୀ ମୃତ୍ୟୁବରଣ କରିଛନ୍ତି। ସୋମବାର କେରଳ, ଦିଲ୍ଲୀ ଓ ଝାଡଖଣ୍ଡରେ ଜଣେ ଲେଖାଏ ରୋଗୀ ମୃତ୍ୟୁ ବରଣ କରିଛନ୍ତି। ମହାରାଷ୍ଟ୍ରରେ ସର୍ବାଧିକ ୧୮ ଜଣ ରୋଗୀ ପ୍ରାଣ ହରାଇଛନ୍ତି। ମଧ୍ୟପ୍ରଦେଶର ଗ୍ୱାଲିୟରରେ ସୋମବାର ୩ ଜଣ ଡାକ୍ତରଙ୍କ ସମେତ ୬ଟି ନୂଆ ମାମଲା ସାମ୍ନାକୁ ଆସିଛି। ସେହିପରି ମଧ୍ୟପ୍ରଦେଶରେ ଏପର୍ଯ୍ୟନ୍ତ ୪୩ଟି ଆକ୍ଟିଭ କେସ୍ ଦେଖିବାକୁ ମିଳିଛି। ଉଲ୍ଲେଖଥାଉ କି, ଦେଶରେ କୋଭିଡ-୧୯ ର ୪ଟି ନୂଆ ଭ୍ୟାରିଏଣ୍ଟ ଦ୍ୱାରା ସଂକ୍ରମଣ ବ୍ୟାପୁଛି ବୋଲି ସ୍ୱାସ୍ଥ୍ୟ ବିଭାଗ ତରଫରୁ ସୂଚନା ଦିଆଯାଇଛି।

## ଅଷ୍ଟ୍ରିଆ ହାଇସ୍କୁଲ୍‌ରେ ଗୁଳିମାଡ଼; ୧୧ ଛାତ୍ର ମୃତ

ଭିଏନା, ୧୦।୬(ଏଜେନ୍ସି): ୟୁରୋପୀୟ ଦେଶ ଅଷ୍ଟ୍ରିଆର ଦ୍ୱିତୀୟ ବୃହତ୍ତମ ସହର ଗ୍ରାଜ୍‌ରେ ଏକ ଅଭାବନୀୟ ଘଟଣା ଘଟିଛି। ମଙ୍ଗଳବାର ସକାଳେ ଏହି ସହରର ଏକ ହାଇସ୍କୁଲରେ ଗୁଳିମାଡ଼ ଘଟଣା ହୋଇଛି। ଏଥିରେ ୧୧ଜଣ ଛାତ୍ର ମୃତ୍ୟୁବରଣ କରିଥିବା ବେଳେ ୨୮ ଜଣ ଆହତ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ୪ଜଣଙ୍କ ଅବସ୍ଥା ସଙ୍କଟାପର୍ଣ୍ଣ ରହିଛି। କେତେ ଲୋକଙ୍କର ମୁଣ୍ଡରେ ଗୁଳି ବାଜିଛି। ପୁଲିସ ଏହି ଅଞ୍ଚଳରେ ଏକ ବଡ଼ ଧରଣର ଅପରେସନ ଆରମ୍ଭ କରିଛି ଓ ଏହି ସ୍ଥାନଠାରୁ ଦୂରେଇ ରହିବାକୁ ସମସ୍ତଙ୍କୁ କହିଛି। ସକାଳ ୧୦ଟାରେ ବୋର୍ଗ ଡ୍ରେୟର୍ସଚୁଟଜେନଗେସ୍ ହାଇସ୍କୁଲ୍‌ର ଭିତରେ ଗୁଳିର



ଶବ୍ଦ ଶୁଣିବାକୁ ମିଳିଥିଲା। ଏହାପରେ ପୁଲିସ ସେଠାରେ ପହଞ୍ଚିଥିଲା। ଆକ୍ରମଣକାରୀ ସେହି ସ୍କୁଲର ଛାତ୍ର ବୋଲି ପୁଲିସ ଜାଣିବାକୁ ପାଇଛି। ଆକ୍ରମଣ କରିବା ପରେ ସେ ନିଜକୁ ଗୁଳିମାରି ଆତ୍ମହତ୍ୟା କରିଛି। ସ୍କୁଲର ବାଥ୍‌ରୁମ୍‌ରେ ଆକ୍ରମଣକାରୀ ଛାତ୍ରର ମୃତଦେହ ପଡ଼ିଛି ବୋଲି ସୂଚନା ମିଳିଛି। ଏହି ଘଟଣା ଘଟିବା ପରେ ପୁଲିସ ସାର ଇଲାକାକୁ ଘେରାଉ କରିଥିଲା। ଲୋକଙ୍କୁ ଶାନ୍ତି ବଜାୟ ରଖିବା ସହ ଗୁଜବକୁ ବିଶ୍ୱାସ ନ କରିବାକୁ ପୁଲିସ ନିବେଦନ କରିଛି। ୧୧ଜଣ ଛାତ୍ର ମୃତ୍ୟୁବରଣ କରିଛନ୍ତି ବୋଲି କୁହାଯାଉଥିଲେ ମଧ୍ୟ ମୃତକଙ୍କ ସଂଖ୍ୟା ଆହୁରି ବଢ଼ିବ ବୋଲି ଆଶା କରାଯାଉଛି।

## ୫ ଦେଶର ଯାତ୍ରାରୁ ଫେରିଲା ଥରୁରଙ୍କ ପ୍ରତିନିଧିମଣ୍ଡଳ


ନୂଆଦିଲ୍ଲୀ, ୧୦।୬(ଏଜେନ୍ସି): ଅପରେସନ ସିନ୍ଦୂର ଓ ଆତଙ୍କବାଦ୍ ନେଇ ଭାରତର ଅଭିମୁଖ୍ୟକୁ ସ୍ପଷ୍ଟ କରିବା ସହ ବିଶ୍ୱ ଦରବାରରେ ପହଞ୍ଚାଇବାକୁ ବିଦେଶ ଯାଇଥିବା କଂଗ୍ରେସ ସାଂସଦ ଶଶି ଥରୁରଙ୍କ ପ୍ରତିନିଧିମଣ୍ଡଳୀ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିଛି। ଏହି ଗସ୍ତରେ ଥରୁରଙ୍କ ନେତୃତ୍ୱରେ ଏହି ପ୍ରତିନିଧିମଣ୍ଡଳ ୫ଟି ଦେଶ ଯାତ୍ରା କରିଥିଲା। ଆମେରିକାର, ପାନାମା, ଗୁଏନା, ବ୍ରାଜିଲ ଓ କଲମ୍ବିଆରେ ଏହି ପ୍ରତିନିଧିମଣ୍ଡଳକୁ ଅତି ସୁନ୍ଦରଭାବେ ସ୍ୱାଗତ କରାଯାଇଥିଲା ବୋଲି ଥରୁର କହିଛନ୍ତି। ଏହି ଦେଶଗୁଡ଼ିକରେ ଆମେ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ଉପ-ରାଷ୍ଟ୍ରପତି ଓ ଅନ୍ୟ ବରିଷ୍ଠ ନେତାମାନଙ୍କ ସହ ଉଚ୍ଚସ୍ତରୀୟ ବୈଠକରେ ମିଳିତ ହୋଇଥିଲୁ। ପହଲଗାମ୍‌ରେ ଆତଙ୍କବାଦୀ ଆକ୍ରମଣ ପରେ ଭାରତ ଅପରେସନ ସିନ୍ଦୂର କାହିଁକି କରିଥିଲା ସେ ନେଇ ସମସ୍ତଙ୍କୁ ଅବଗତ କରାଇଥିଲୁ ଓ ସେମାନେ ମଧ୍ୟ ଏହାକୁ ବେଶ୍ ଭଲଭାବେ ବୁଝିବାରେ ସଫଳ ହୋଇଥିଲେ ବୋଲି ଫେରିବା ପରେ ଦିଲ୍ଲୀ ବିମାନବନ୍ଦରରେ ଥରୁର ଗଣମାଧ୍ୟମ ପ୍ରତିନିଧିଙ୍କୁ କହିଥିଲେ। ରାଜନୈତିକ ସଂକୀର୍ଣ୍ଣତାକୁ ପଛରେ ପକାଇ କେନ୍ଦ୍ର ସରକାର ଭାରତର ଏକତାର ବାର୍ତ୍ତା ଦେବାକୁ ସବୁ ଦଳର ସାଂସଦଙ୍କୁ ବିଦେଶ ପଠାଇଥିଲା। ଆମକୁ ଯାହା କରିବାକୁ କୁହାଯାଇଥିଲା, ଆମେ ତାହା ସଫଳଭାବେ ସମ୍ପାଦନ କରିଛୁ। ବହୁତ୍ ସନ୍ତୋଷ ଓ ଆନନ୍ଦର ସହ ଆମେ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିଛୁ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଆମେ ଭେଟିଛୁ। ଏହା ଆମପାଇଁ ଏକ ଖୁସିର କଥା। ମୋଦୀ ସନ୍ଧ୍ୟା ୭ଟାରେ ଅଲପାର୍ଟି ଡେଲିଗେସନଙ୍କୁ ସାକ୍ଷାତ କରିଛନ୍ତି। ଉଲ୍ଲେଖଥାଉ କି, ବିଭିନ୍ନ ଦଳର ୫୯ ସାଂସଦ ୭ଟି ପ୍ରତିନିଧିମଣ୍ଡଳରେ ବିଭକ୍ତ ହୋଇ ୩୩ଟି ଦେଶ ଯାତ୍ରା କରିଥିଲେ।

## ଏନ୍‌ସିପି ଭାଙ୍ଗିବ ବୋଲି ଭାବି ନ ଥିଲି: ପାୱାର

ନୂଆଦିଲ୍ଲୀ, ୧୦।୬(ଏଜେନ୍ସି): ନ୍ୟାସନାଲିଷ୍ଟ କଂଗ୍ରେସ ପାର୍ଟି (ଏନ୍‌ସିପି) ଭାଙ୍ଗିବ ବୋଲି କେବେ ଭାବି ନ ଥିଲି। ଦଳର ୨୬ତମ ସ୍ଥାପନା ଦିବସରେ ମଙ୍ଗଳବାର ପୁଣେରେ ଏକ କାର୍ଯ୍ୟକ୍ରମରେ ଯୋଗ ଦେଇ ସୁପ୍ରିମୋ ଶରଦ ପାୱାର ଏହି ମନ୍ତବ୍ୟ ଦେଇଛନ୍ତି। ଗତ ୨୬ ବର୍ଷ ମଧ୍ୟରେ ପାର୍ଟି ଏକାଧିକ ଚ୍ୟାଲେଞ୍ଜର ସମ୍ମୁଖୀନ ହୋଇଛି ବୋଲି ସେ ଏହି ଅବସରରେ ସ୍ୱୀକାର କରିଛନ୍ତି। କିନ୍ତୁ ଆପଣମାନେ ଧୈର୍ଯ୍ୟ ଓ ଉତ୍ସାହ ନ ହରାଇ ପାର୍ଟିକୁ ଆଗକୁ ବଢ଼ାଇବକୁ ପ୍ରୟାସ ଜାରି ରଖନ୍ତୁ ବୋଲି ପାୱାର ପାର୍ଟିର କାର୍ଯ୍ୟକର୍ତ୍ତାଙ୍କୁ ଆହ୍ୱାନ ଦେଇ କହିଛନ୍ତି। କିଛି ଲୋକ ଅନ୍ୟ ବିଚାରଧାରାକୁ ନେଇ ଦଳ ଛାଡି ଚାଲିଯାଇଛନ୍ତି। କିନ୍ତୁ ଯେଉଁମାନେ ପାର୍ଟି ପ୍ରତି ନିଜର ନିଷ୍ଠା ବଜାୟ ରଖିଛନ୍ତି, ସେମାନ ଦଳରେ ଏବେ ରହିଛନ୍ତି। ଦଳ ଭାଙ୍ଗି ଯାଇଥିବା କଥା ଓ ଯାହା ଅତୀତ ସେ ବିଷୟରେ ଚିନ୍ତା ନ କରିବାକୁ ସେ ସମସ୍ତଙ୍କୁ କହିଛନ୍ତି। ଅନ୍ୟପଟେ ପୁଣେରେ ଏହି କାର୍ଯ୍ୟକ୍ରମରେ ଏନ୍‌ସିପି-ଏସ୍‌ପି ମହାରାଷ୍ଟ୍ର ଅଧ୍ୟକ୍ଷ ଜୟନ୍ତ ପାଟିଲ ପଦ ଛାଡିବା ନେଇ ସୂଚନା ଦେଇଛନ୍ତି। ଗତ ୭ ବର୍ଷ ହେବ ସେ ଏହି ଦାୟିତ୍ୱ ସମ୍ଭାଳୁଛନ୍ତି। କିନ୍ତୁ ଏବେ ଜଣେ ନୂଆ ବ୍ୟକ୍ତିଙ୍କୁ ସୁଯୋଗ ଦେବାର ଆବଶ୍ୟକତା ରହିଛି ବୋଲି ସେ କହିଛନ୍ତି।

## ଦିଲ୍ଲୀ ଆପାର୍ଟମେଣ୍ଟରେ ଅଗ୍ନିକାଣ୍ଡ: ସପ୍ତମ ମହଲାରୁ ଡେଇଁ ୨ ପିଲାଙ୍କ ସହ ପିତା ମୃତ

ନୂଆଦିଲ୍ଲୀ, ୧୦।୬(ଏଜେନ୍ସି): ଦିଲ୍ଲୀର ଦ୍ୱାରକା ସେକ୍ଟର-୧୩ସ୍ଥିତ ଶବ୍ଦ ଆପାର୍ଟମେଣ୍ଟରେ ସପ୍ତମ ମହଲାରେ ମଙ୍ଗଳବାର ସକାଳେ ନିଆଁ ଲାଗିଛି। ଫ୍ଲାଟ୍‌ରେ ଜଣେ ପିତା ନିଜର ଦୁଇ ପିଲାଙ୍କ ସେଠାରେ ଫସି ରହିଛନ୍ତି। ଏଥିରୁ ବର୍ତ୍ତିବା ପାଇଁ ୧୦ ବର୍ଷର ଦୁଇଟି ପିଲା ସହ ବାପା ଜୀବନ ବିକଳରେ ବାଲକୋନୀରୁ ଡେଇଁ ପଡ଼ିଛନ୍ତି। ଏଥିରେ ୩ଜଣଙ୍କ ମୃତ୍ୟୁ ହୋଇଛି। ନିଆଁ ଲାଗିବା ଖବର ପାଇବା ପରେ ତୁରନ୍ତ ୮ଟି ଦମକଳ ଗାଡି ସେଠାରେ ପହଞ୍ଚିଥିଲେ। ଆପାର୍ଟମେଣ୍ଟର ରହୁଥିବା ଲୋକଙ୍କୁ ସେଠାରୁ ବାହାର କରାଯାଇଛି। ସକାଳ ୧୦.୦୧ରେ ଦିଲ୍ଲୀ ଫାୟାର ସର୍ଭିସକୁ ଏ ନେଇ ସୂଚନା ମିଳିଥିଲା। ଏହି ଘଟଣାରେ ଦୁଇଜଣ ଆହତ ହୋଇଛନ୍ତି। ଉଲ୍ଲେଖଥାଉ କି, ଦିଲ୍ଲୀର ଆପାର୍ଟମେଣ୍ଟରେ ନିଆଁ ଲାଗିବା ଘଟଣା ଆଦୌ ନୂଆ ନୁହଁ। ଗତ ଫେବୃଆରୀ ମାସରେ ଦିଲ୍ଲୀର ନାଙ୍ଗଲୋଇରେ ଏକ ଦୁଇତାଲା ଘରେ ନିଆଁ ଲାଗିଥିଲା। ଦ୍ୱିତୀୟ ମହଲାରୁ ଡେଇଁ ୬ ଜଣ ଲୋକ ଜୀବନ ବଞ୍ଚାଇଥିଲେ। ଦିଲ୍ଲୀ ଡେଭଲପମେଣ୍ଟ ଅଥରିଟୀ (ଡିଡିଏ) ଓ ମ୍ୟୁନିସପାଲ କର୍ପୋରେସନ ଅଫ୍ ଦିଲ୍ଲୀ (ଏମ୍‌ସିଡି) ଏହି ଆପାର୍ଟମେଣ୍ଟର ଦୃଢତା ନେଇ ଆକଳନ କରିବାକୁ ନୋଟିସ୍ ଦିଆଯାଇଛି ବୋଲି ପୁଲିସ୍ ତରଫରୁ କୁହାଯାଇଛି।



## କେନ୍ଦ୍ରର ଅସାବଧାନତା ଯୋଗୁଁ ପହଲଗାମ୍ ଆକ୍ରମଣ ହୋଇଥିଲା: ମମତା

କୋଲକାତା, ୧୦।୬(ଏଜେନ୍ସି): ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ କେନ୍ଦ୍ର ସରକାରଙ୍କୁ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ପୁଣି ଟାର୍ଗେଟ କରିଛନ୍ତି। କେନ୍ଦ୍ର ସରକାରଙ୍କ ଅସାବଧାନତା ଯୋଗୁଁ ପହଲଗାମରେ ଆତଙ୍କବାଦୀ ଆକ୍ରମଣ ହୋଇଛି ବୋଲି ସେ ବିଧାନସଭାରେ ମଙ୍ଗଳବାର କହିଛନ୍ତି। ଆକ୍ରମଣ ହୋଇଥିବା ସ୍ଥାନରେ ସୁରକ୍ଷାକର୍ମୀ କାହିଁକି ନଥିଲେ ବୋଲି ସେ ପ୍ରଶ୍ନ କରିଛନ୍ତି। ଭାରତୀୟ ସେନାବାହିନୀର ବିରତା ଓ ପରାକାଷ୍ଠାକୁ ନେଇ କେନ୍ଦ୍ର ରାଜନୀତି କରୁଛି। ନାଗରିକଙ୍କୁ ସୁରକ୍ଷା ଦେବାରେ କେନ୍ଦ୍ର ବିଫଳ ହୋଇଛି। ତେଣୁ ବିଜେପି ସରକାରକୁ ଇସ୍ତଫା ଦେବା ଉଚିତ ବୋଲି ସେ କହିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କେବଳ ନିଜ ବିଷୟରେ ବିଜ୍ଞାପନ ଦେବାରେ ବ୍ୟସ୍ତ ରହୁଛନ୍ତି। ଅପରେସନ ସିନ୍ଦୂର ମାଧ୍ୟମରେ ଆମ ପାଖରେ ପାକିସ୍ତାନ ଅଧିକୃତ କଶ୍ମୀର (ପିଓକେ)କୁ ପୁଣି ଫେରାଇ ନେବାର ସୁଯୋଗ ରହିଥିଲା। ଯେତେବେଳେ ନିର୍ବାଚନ ସମୟ ପାଖେଇଆସେ, ସେତେବେଳେ ବିଜେପି ପୁଲୱାମା ଭଳି ଘଟଣା ଘଟାଇବାକୁ ଷଡ଼ଯନ୍ତ୍ର କରିଥାଏ। ତେଣୁ ଦେଶବାସୀ ଏ ନେଇ ସତର୍କ ରହିବାର ଆବଶ୍ୟକତା ରହିଛି ବୋଲି ସେ କହିଛନ୍ତି।

## କ୍ୟାଟ୍ରିନା ମାଲଦୀପ ପର୍ଯ୍ୟଟନର ଗ୍ଲୋବାଲ୍ ଆମ୍ବାସାଡର

ନୂଆଦିଲ୍ଲୀ, ୧୦।୬(ଏଜେନ୍ସି): ବଲିଉଡ୍ ଅଭିନେତ୍ରୀ କ୍ୟାଟ୍ରିନା କୈଫ୍ ଏବେ ମାଲଦୀପ ପର୍ଯ୍ୟଟନର ଗ୍ଲୋବାଲ ଆମ୍ବାସାଡର ନିଯୁକ୍ତ ହୋଇଛନ୍ତି। ଭାରତୀୟ ପର୍ଯ୍ୟଟକଙ୍କୁ ଆକର୍ଷିତ କରିବାକୁ ମାଲଦୀପ ସରକାର ଏହି ନିଷ୍ପତ୍ତି ନେଇଛନ୍ତି ବୋଲି କୁହାଯାଇଛି। ଏ ନେଇ ସାମାଜିକ ଗଣମାଧ୍ୟମରେ 'ଭିଜିଟ୍ ମାଲଦୀପ' ଘୋଷଣା କରିଛି। କ୍ୟାଟ୍ରିନା ଭାରତୀୟ ବିଜ୍ଞାପନ ଜଗତରେ ଏକ ବଡ଼ ଚେହେରା ବିବେଚିତ ହେଉଛନ୍ତି। ତାଙ୍କୁ ଗ୍ଲୋବାଲ ଆମ୍ବାସାଡର



ରୂପେ ପାଇଁ ଆମେ ବେଶ୍ ଆନନ୍ଦିତ ବୋଲି 'ଭିଜିଟ୍ ମାଲଦୀପ' ତରଫରୁ କୁହାଯାଇଛି। ମାଲଦୀପ ହେଉଛି ବିଶ୍ୱ ପର୍ଯ୍ୟଟନର ଅନ୍ୟତମ ଶ୍ରେଷ୍ଠ କେନ୍ଦ୍ରସ୍ଥଳୀ। ଏଠାରେ ଆଡମ୍ବରପୂର୍ଣ୍ଣ ସୁବିଧା ସୁଯୋଗ ସହ ଶାନ୍ତ ପରିବେଶ ଉପଲବ୍ଧ। ଆମ୍ବାସାଡର ନିଯୁକ୍ତ ପାଇଥିବାରୁ ଗର୍ବ ଅନୁଭବ କରୁଛି ବୋଲି କ୍ୟାଟ୍ରିନା କହିଛନ୍ତି। ଗତବର୍ଷ ଜାନୁଆରୀ ପରେ ଭାରତ ଓ ମାଲଦୀପ ମଧ୍ୟରେ କୂଟନୈତିକ ସମ୍ପର୍କ ସେତେଟା ଭଲ ନଥିବା ବେଳେ କ୍ୟାଟ୍ରିନାକୁ ଆମ୍ବାସାଡର ନିଯୁକ୍ତ କରିବା ସମସ୍ତଙ୍କ ହଜମ ହେବ ନାହିଁ। ୨୦୨୪ ଜାନୁଆରୀ ୭ରେ ବଏକଟ୍ ମାଲଦୀପ ଟ୍ରେଣ୍ଡ ହୋଇଥିଲା।

## ଗ୍ରେଟାଙ୍କୁ ସ୍ୱିଡେନ ଫେରାଇଲା ଇସ୍ରାଏଲ୍

ତେଲ ଅଭିଭ୍, ୧୦।୬(ଏଜେନ୍ସି): ପର୍ଯ୍ୟାବରଣ କାର୍ଯ୍ୟକର୍ତ୍ତା ଗ୍ରେଟା ଥନ୍‌ବର୍ଗଙ୍କୁ ଇସ୍ରାଏଲ୍ ପୁଣି ତାଙ୍କ ଦେଶ ସ୍ୱିଡେନ୍‌କୁ ପଠାଇଛି। ତାଙ୍କୁ ଫ୍ରାନ୍ସକୁ ଯାଉଥିବା ଏକ ବିମାନରେ ବସାଇ ସ୍ୱିଡେନ ପଠାଇବାକୁ ଇସ୍ରାଏଲ ତରଫରୁ ବ୍ୟବସ୍ଥା କରାଯାଇଛି। ଏ ନେଇ ଇସ୍ରାଏଲ ବୈଦେଶିକ ମନ୍ତ୍ରଣାଳୟ ତରଫରୁ ସାମାଜିକ ଗଣମାଧ୍ୟମ ଏକ୍ସରେ ପୋଷ୍ଟ କରି ସୂଚନା ଦିଆଯାଇଛି। ସୋମବାର ଇସ୍ରାଏଲ ସେନା ଗ୍ରେଟା ଓ ତାଙ୍କ ୧୧ ସହଯୋଗୀଙ୍କ ସମେତ ଜାହାଜ ମେଡଲିନ୍‌କୁ ଅଟକ ରଖିଥିଲା। ମେଡଲିନ୍‌କୁ ଇସ୍ରାଏଲ୍‌ର ଅଶଦୋଦ ବନ୍ଦରକୁ ନିଆଯାଇଥିଲା। ଗ୍ରେଟା ଜୁନ୍ ୧ରେ ଗାଜାର ଲୋକଙ୍କ ପାଇଁ ସହାୟ୍ୟ ସାମଗ୍ରୀ ନେଇ ଯାତ୍ରା ଆରମ୍ଭ କରିଥିଲା। ବିମାନରେ ଗ୍ରେଟା ବସିଥିବାର ଭିଡିଓ ମଧ୍ୟ ସାମ୍ନାକୁ ଆସିଛି। ଗ୍ରେଟା ଓ ତାଙ୍କ ସହଯୋଗୀଙ୍କୁ ହମାସର ବର୍ବରତା ନେଇ ବିଭିନ୍ନ ଭିଡିଓ ଦେଖିବାକୁ ଦିଆଯାଇଥିଲା।

## ପତ୍ନୀ ସହ ଝଗଡ଼ା; ଲାଞ୍ଚ ମାଗିଲା ପୁଲିସ୍: ୫ ହଜାର ଦେଇ ନ ପାରି ଯୁବକଙ୍କ ଆତ୍ମହତ୍ୟା

କାନପୁର, ୧୦।୬ (ଏଜେନ୍ସି): ଉତ୍ତର ପ୍ରଦେଶ କାନପୁର କୋଟରା ଗ୍ରାମରୁ ପୁଲିସ ନିର୍ଯାତନାର କରୁଣ ଦୃଶ୍ୟ ସାମ୍ନାକୁ ଆସିଛି। ଆଇନ ଶୃଙ୍ଖଳା ନେଇ ଡିଣ୍ଡିମ ପିଟୁଥିବା ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ରାଜ୍ୟରେ ପୁଲିସ ପାଇଁ ଜଣେ ଯୁବକଙ୍କ ଜୀବନ ଚାଲି ଯାଇଛି। ମାମଲାର ସମାଧାନ ପାଇଁ ପୁଲିସର ଥାର୍ଡ ଡିଗ୍ରୀ ଏବଂ ଲାଞ୍ଚକୁ ନେଇ ଚିନ୍ତିତ ଜିତୁ ନିଶାଦ ଶେଷରେ ଘରେ ଫାଶୀ ଲଗାଇ ଜୀବନ ହାରି ଦେଇଛନ୍ତି। ବିଧାୟକଙ୍କ ହସ୍ତକ୍ଷେପ ପରେ ଥାନା ପ୍ରଭାରୀ ଏବଂ ହେଡ୍ କନଷ୍ଟେବଲଙ୍କୁ ନିଲମ୍ବନ କରାଯାଇଛି। ଏକ ନୂଆ ପୁଲିସ ଟିମ୍ ମାମଲାର ତଦନ୍ତ କରୁଛି।

ସୂଚନା ଅନୁଯାୟୀ ତିନି ମାସ ତଳେ ଜିତୁ ଏବଂ ତାଙ୍କ ପତ୍ନୀ ସୁମନଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଗାଁରେ ବିବାଦର ସମାଧାନ ସତ୍ତ୍ୱେ ପତ୍ନୀ ପିଲାଛୁଆଙ୍କୁ ଧରି ବାପ ଘରକୁ ପଳାଇ ଥିଲେ। ସେଠାରେ ପତ୍ନୀଙ୍କ ଅଭିଯୋଗ ଏବଂ ଶ୍ୱଶୁରଙ୍କ ଚାପରେ ସଜେତି ଥାନା ପୁଲିସ ଜିତୁଙ୍କୁ ଉଠାଇ ନେଇ ପ୍ରବଳ ମାଡ଼ ମାରିଥିଲେ ଏବଂ ପରେ ଛାଡ଼ି ଥିଲା। ଏପରି ଭାବେ ଅନେକ ଥର ଥାନାକୁ ନେଇ ପୁଲିସ ତାଙ୍କୁ ମାଡ଼ ମାରିଥିଲା। ଛାଡ଼ିବା ପାଇଁ ପୁଲିସ ୫୦ ହଜାର ଟଙ୍କା ଲାଞ୍ଚ ମାଗିଥିଲା। ଶେଷରେ ୨୫ ହଜାର ଟଙ୍କାରେ କଥା ଛିଣ୍ଡିଥିଲା। ଏହି ଟଙ୍କା ଦେବା ପାଇଁ ଜିତୁ ଘରେ ଥିବା ଗହମ ବିକି ଦେଇଥିଲେ। ଏଥିରୁ ମିଳିଥିବା ୨୦ ହଜାର ଟଙ୍କା ପୁଲିସକୁ ଦେଇଥିଲେ। ଏହା ସତ୍ତ୍ୱେ ବାକି ୫ ହଜାର ଟଙ୍କା ପାଇଁ ଥାନା ବାଲା ବାରମ୍ବାର ଚାପ ପକାଇ ଚାଲିଥିଲେ। ଟଙ୍କା ଦେବା ପାଇଁ ଜିଦ୍ ଧରିଥିଲେ। ଏହି ଜିଦ୍ ଆଗରେ ଜିତୁ ହାରି ଯାଇଥିଲେ। ଶେଷରେ ୫ ହଜାର ଟଙ୍କା ଏବଂ ପତ୍ନୀଙ୍କଠାରୁ ଅଲଗା ହେବାର ଦୁଃଖରେ ଜିତୁ ସୋମବାର ଜୀବନ ହାରି ଦେଇଥିଲେ। ଏହି ଘଟଣାକୁ ନେଇ ସମଗ୍ର ଅଞ୍ଚଳରେ ଚାଞ୍ଚଲ୍ୟ ଖେଳି ଯାଇଛି। ଏବେ ପୁଲିସ ଅଭିଯୁକ୍ତ ପତ୍ନୀ ସୁମନ ଏବଂ ଶଶୁର ରାମ କିଶୋରଙ୍କ ବିରୋଧରେ ମାମଲା ରୁଜୁ କରି ତଦନ୍ତ କରୁଛି।



# ଚାରିନାହାକାରେ ଭୂଇଁ ଚଉତା ସଂଯୋଗ

ରଥଖଳାରୁ...



ପୁରୀ,୧୦।୬(ସମିସ): ରଥଯାତ୍ରାକୁ ଆଉ ରହିଲା ୧୬ଦିନ। ଏଥିପାଇଁ ପ୍ରଶାସନିକ ପ୍ରସ୍ତୁତି ଜୋର୍ ଧରିଥିବାବେଳେ ଶ୍ରୀନଅର ସମ୍ମୁଖ ରଥଖଳା ବି ଚଳଚଞ୍ଚଳ ରହିଛି। ମଙ୍ଗଳବାର ତିନିରଥର ଚାରିନାହାକାରେ ପ୍ରଥମ ଭୂଇଁ ଚଉତା ବା ଛ'କାଠ ସଂଯୋଗ ହୋଇଛି। ପ୍ରତ୍ୟେକ ରଥରେ ଚଉଦନାହାକା ଉଠିଲା ପରେ ପ୍ରଥମ ଭୂଇଁର ବାକି ଅଂଶ ସଂଯୋଗ କରାଯିବ। ବୁଧବାର ଚଉଦନାହାକା ଉଠିବ। ଏଥିପାଇଁ ସମସ୍ତ ପ୍ରସ୍ତୁତି ସରିଛି। ତେବେ ଅନ୍ୟାନ୍ୟ କାମ ମଧ୍ୟରେ ରଥଖଳାରେ ଦ୍ୱିତୀୟ ଭୂଇଁ ଫ୍ରେମ୍ ସେଟିଂ କରାଯାଉଛି। ୧୬ ଫୁଟ୍‌ର ୪ଟି ଭୂଇଁ ଚଉତାକୁ ବର୍ଗାକାର ଭାବେ ପ୍ରତ୍ୟେକ ବାହୁ ସଂଯୋଗ ହୋଇ ତା'ର ଉଭୟ ପାର୍ଶ୍ୱରେ ୧୨ ଫୁଟ୍‌ର ଦୁଇଟି ଓରା ପକାଯାଇଛି। ଏହି ଓରାରେ ୪ଟି ଲେଖାଏଁ ଖମ୍ବି ସଂଯୋଗ କରାଯାଇଛି। ଏହାର ଚାରିପାର୍ଶ୍ୱରେ ୪ଟି ଲେଖାଏଁ ୧୬ଟି ଛିଆଣ, ଭୂଇଁ ଖମ୍ବି ସଂଯୋଗ ହେବା ପରେ ଭୂଇଁ ଶେଣୀ ଉପରେ ମାଛପାଟିଆ ଓ ସିଂଆଣ ସଂଯୋଗ ହୋଇ ପରୀକ୍ଷାମୂଳକ ଭାବେ ନିର୍ମାଣ ଚାଲିଛି। ଏହାପରେ ଭୂଇଁର ପ୍ରତ୍ୟେକ ଅଂଶ ନମ୍ବରିଂ କରାଯାଇ ଏହାକୁ ଖୋଲାଯିବ। ରୂପକାର ସେବକମାନେ ତିନିରଥର ଦ୍ୱାର ପାଇଁ ନାଟଗୋଡ଼ରେ ଗନ୍ଧର୍ବ ରୂପ ବା ରାହୁ ରୂପ ଖୋଦେଇ କରୁଛନ୍ତି। ଦୋଳବେଦୀ ପରିସର ଅସ୍ଥାୟୀ କମାରଶାଳରେ କମାର ସେବକମାନେ ଭୂଇଁ କଣ୍ଟା ଏବଂ ପୋଟଳ କଣ୍ଟା ନିର୍ମାଣ ଜାରି ରଖିଛନ୍ତି।

## ରେମୁଣାରେ ବାଲି ମାଫିଆଙ୍କ ଆତଙ୍କରାଜ

# ଖଣି ଅଧିକାରୀଙ୍କୁ ଗାଡ଼ିରୁ ଟାଣିଆଣି ପିଟିଲେ





ବାଲେଶ୍ୱର,୧୦।୬(ସମିସ): ବାଲେଶ୍ୱର ଜିଲ୍ଲାରେ ଦିନକୁ ଦିନ ବାଲି ମାଫିଆଙ୍କ ଆତଙ୍କରାଜ୍ ବଢ଼ିଚାଲିଛି। ଏପରିକି ଚଢ଼ଉବେଳେ ପ୍ରଶାସନିକ ଅଧିକାରୀ ମଧ୍ୟ ବାଲି ମାଫିଆଙ୍କ ଆକ୍ରୋଶର ଶିକାର ହେଉଛନ୍ତି। ବିଗତ ଦିନରେ ଜିଲ୍ଲାର ଜଳେଶ୍ୱର ଅଞ୍ଚଳରେ ଖଣି ଅଧିକାରୀ ଚଢ଼ଉ ପାଇଁ ଯାଇ

### ଗୁରୁତର ଅବସ୍ଥାରେ ମେଡିକାଲରେ ଭର୍ତ୍ତି

ବାଲି ମାଫିଆଙ୍କ ଆକ୍ରମଣରେ ଲହୁଲୁହାଣ ହେବାର ନଜିର ରହିଛି। ମଙ୍ଗଳବାର ରେମୁଣା ଅଞ୍ଚଳରେ ମଧ୍ୟ ସମାନ ଏକ ଘଟଣା ଘଟିଛି। ରେମୁଣା ବ୍ଲକ୍‌ର ବୁଢ଼ାବଳଙ୍ଗ ନଦୀ କାଠସଙ୍ଗଡ଼ାଠାରେ ବେଆଇନ ବାଲି ଉତ୍ତୋଳନ ହେଉଥିବାବେଳେ ଚଢ଼ଉ କରିବାକୁ ଯାଇଥିବା କନିଷ୍ଠ ଖଣି ଅଧିକାରୀଙ୍କ ସମେତ ଅନ୍ୟମାନଙ୍କୁ ବାଲି ମାଫିଆମାନେ ଗାଡ଼ିରୁ ଟାଣି ଆଣି ମାଡ଼ ମାରିଛନ୍ତି। ଏଥିରେ ଗୁରୁତର ଆହତ କନିଷ୍ଠ ଖଣି ଅଧିକାରୀ ତାପସ ବେହେରା ଏବଂ ଗାଡ଼ି ଚାଳକ ଦେବାଶିଷ ମହାନ୍ତିଙ୍କୁ ଚିକିତ୍ସା ପାଇଁ ଜିଲ୍ଲା ମେଡିକାଲରେ ଭର୍ତ୍ତି କରାଯାଇଛି। ଘଟଣା ବାବଦରେ ଖଣି ଅଧିକାରୀ ରେମୁଣା ଥାନାରେ ଅଭିଯୋଗ କରିଛନ୍ତି।

କାଠସଙ୍ଗଡ଼ା ନିକଟରେ ଥିବା ୧୨୩ ଏବଂ ୧୪୫ ନମ୍ବର ପ୍ଲଟ୍‌ରେ ବାଲି ଉତ୍ତୋଳନ ପାଇଁ ସରକାର ଲିଜ୍ ପ୍ରଦାନ କରିଛନ୍ତି। ମାତ୍ର ୬୮ ନମ୍ବର ପ୍ଲଟ୍‌ରେ ବେଆଇନ ଭାବେ ବାଲି ଉତ୍ତୋଳନ ହେବା ନେଇ ଅଭିଯୋଗ ହେଉଥିଲା। ଏହି ଅଭିଯୋଗକୁ ଆଧାର କରି ମଙ୍ଗଳବାର ଜିଲ୍ଲା ଖଣି ବିଭାଗ ପକ୍ଷରୁ କନିଷ୍ଠ ଖଣି ଅଧିକାରୀ ଶ୍ରୀ ବେହେରାଙ୍କ ନେତୃତ୍ୱରେ ଏକ ୭ଜଣିଆ ଟିମ୍ ରେମୁଣା ବ୍ଲକ୍ ଅନ୍ତର୍ଗତ ବୁଢ଼ାବଳଙ୍ଗ ନଦୀପଠାସ୍ଥିତ କାଠସଙ୍ଗଡ଼ାକୁ ଯାଞ୍ଚ ପାଇଁ ଯାଇଥିଲେ। ହେଲେ ସେଠାରେ କିଛି ବାଲି ମାଫିଆ ପ୍ରଥମେ ସେମାନଙ୍କୁ ରାସ୍ତାରେ ଅଟକାଇବା ସହ ଗାଡ଼ିରୁ ଟାଣି ଆଣି ଗୋଡ଼ାଇ ଗୋଡ଼ାଇ ମାଡ଼ ମାରିଥିଲେ। ଯାହାଫଳରେ ଶ୍ରୀ ବେହେରା ଏବଂ ତାଙ୍କ ଡ୍ରାଇଭର ଶ୍ରୀ ମହାନ୍ତି ଗୁରୁତର ଆହତ ହୋଇଥିଲେ। ଖବରପାଇ ଉପଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେ ଡାକ୍ତରଖାନାରେ ପହଞ୍ଚି ଉଭୟଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଛନ୍ତି। ଯେଉଁଠାରେ ବାଲି ଉଠାଇବା ପାଇଁ ଟେଣ୍ଡର ହୋଇଛି ସେଠାରେ ଅନ୍ୟ ଲୋକ ବାଲି ଉଠାଇବାରୁ ସମସ୍ୟା ଉପୁଜୁଛି। ଅପରପକ୍ଷେ ଚଢ଼ଉ ସମୟରେ ପୁଲିସର ସହଯୋଗ ନେବା ଜରୁରୀ। ତେବେ ଅଭିଯୁକ୍ତମାନଙ୍କ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଉପଜିଲ୍ଲାପାଳ ଶ୍ରୀ ରାଜଶିର୍କେ କହିଛନ୍ତି। ଆକ୍ରମଣକାରୀଙ୍କ ବିରୋଧରେ ରେମୁଣା ଥାନାରେ ଅଭିଯୋଗ ହୋଇଥିବା ଜିଲ୍ଲା ଖଣି ଅଧିକାରୀ ସନ୍ତୋଷୀପ୍ରଭା ସେଠୀ କହିଛନ୍ତି।





ମଙ୍ଗଳବାର ଶଙ୍ଖ ଭବନରେ ବିଜୁ ଜନତା ଦଳର ଜନଜାଗରଣ ଅଭିଯାନ କାର୍ଯ୍ୟକ୍ରମରେ ସଭାପତି ନବୀନ ପଟ୍ଟନାୟକଙ୍କ ସହ ଦଳୀୟ କାର୍ଯ୍ୟକର୍ତ୍ତାଗଣ

## ସୁଶାସନ ଏବଂ ବିକଶିତ ଓଡ଼ିଶାକୁ ନେଇ ମାନସମନ୍ଥନ

# ୨୦୩୬ ସୁଦ୍ଧା ଓଡିଶା ହେବ ୫୦୦ ନିୟୁତ ଡଲାର ଅର୍ଥନୀତି: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୦।୬(ସମିସ): ରାଜ୍ୟର ସାଢେ ଚାରିକୋଟି ଜନତାଙ୍କ ଆଶା ଆକାଂକ୍ଷାକୁ ସାକାର କରିବା ପାଇଁ ରାଜ୍ୟ ସରକାର ନିରନ୍ତର ଭାବେ କାର୍ଯ୍ୟ କରୁଛନ୍ତି। ରାଜ୍ୟ ଗଠନର ଶତବାର୍ଷିକୀ ୨୦୩୬ ସୁଦ୍ଧା ଓଡ଼ିଶାକୁ ଏକ ସମୃଦ୍ଧ ଏବଂ ବିକଶିତ ରାଜ୍ୟରେ ପରିଣତ କରିବା ପାଇଁ ଏକ ଉଚ୍ଚାଭିଳାଷୀ ସଂକଳ୍ପ ନେଇଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ରାଜ୍ୟ ସରକାରଙ୍କ ଏକ ବର୍ଷ ପୂର୍ତ୍ତି ଉପଲକ୍ଷେ ଆୟୋଜିତ ଏକ ଜାତୀୟସ୍ତରୀୟ ଆଲୋଚନା ଚକ୍ରରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ 'ଭିଜନ ୨୦୩୬ ଏବଂ ୨୦୪୭ ଡକୁମେଣ୍ଟ' ହେଉଛି ଏକ ସମୃଦ୍ଧ ଓ ବିକଶିତ ଓଡ଼ିଶା ଗଠନ ପାଇଁ ଆମର ସଂକଳ୍ପ। ଆମେ ଏପରି ଏକ ଓଡ଼ିଶା ଗଠନ କରିବାକୁ ଚାହୁଁଛୁ, ଯାହା "ବିକଶିତ ଭାରତ'ରେ ଏକ ଉଜ୍ଜ୍ୱଳ ତାରକା ଭାବରେ ଉଦୀୟମାନ ହେବ। "ବିକାଶଶୀଳ ରାଜ୍ୟ'ରୁ "ବିକଶିତ ରାଜ୍ୟ' ରେ ପରିଣତ କରିବା ଆମର ଲକ୍ଷ୍ୟ। ଏହି ଲକ୍ଷ୍ୟର ପ୍ରଥମ ମାପଦଣ୍ଡ ହେବ ୨୦୩୬ ସୁଦ୍ଧା ଓଡିଶାକୁ ୫୦୦ ନିୟୁତ ଆମେରିକୀୟ ଡଲାର ଅର୍ଥନୀତିରେ ପରିଣତ



କରିବା ଏବଂ ଓଡିଶାକୁ ଦେଶର ଶ୍ରେଷ୍ଠ ପାଞ୍ଚ ରାଜ୍ୟ ମଧ୍ୟରେ ସ୍ଥାନ ଦେବା। ୨୦୩୬ ସୁଦ୍ଧା ସମସ୍ତ ପ୍ରମୁଖ କ୍ଷେତ୍ରଗୁଡ଼ିକରେ ବ୍ୟାପକ ଅଗ୍ରଗତି ଆଣିବା ପାଇଁ ୩୬ଟି "ସର୍ବୋଚ୍ଚ ପ୍ରାଥମିକ କାର୍ଯ୍ୟକ୍ରମ' ଚିହ୍ନଟ କରାଯାଇଛି। ଆମର ଏହି ରଣନୈତିକ ପଦକ୍ଷେପର ନାଁ ହେଉଛି "୩୬ ପାଇଁ ୩୬'। ଏହି ରଣନୈତିକ ପଦକ୍ଷେପ ଜରିଆରେ ଓଡ଼ିଶାର ପରିବର୍ତ୍ତନ ଯାତ୍ରାକୁ ତ୍ୱରାନ୍ୱିତ କରିବା ଆମର ଲକ୍ଷ୍ୟ ହେବା ଉଚିତ୍ ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଛନ୍ତି।

ପ୍ରାରମ୍ଭିକ ଅଧିବେଶନରେ ରାଜ୍ୟ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଯୋଗଦେଇ ଶକ୍ତି ଉତ୍ପାଦନ, କୃଷିରେ ମୂଲ୍ୟଯୁକ୍ତ ଉତ୍ପାଦ ସହ ଉତ୍ପାଦିତ ସାମଗ୍ରୀର ପରିବହନର ସୁବିଧା, ଆମ ଯୁବକ ଯୁବତୀମାନଙ୍କର ଦକ୍ଷତା ବିକାଶ କରି ରାଜ୍ୟରେ ଶିଳ୍ପଭିତ୍ତିକ ନିଯୁକ୍ତି ଆଦି ବିକଶିତ ଭାରତର ସ୍ୱପ୍ନକୁ ସାକାର କରିବାରେ ସହାୟକ ହେବ ବୋଲି କହିଥିଲେ। ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଯୋଗଦେଇ ଭିଜନ ଡକ୍ୟୁମେଣ୍ଟ-୨୦୩୬ ରେ ରହିଥିବା ଓଡ଼ିଶାର ଦୃଷ୍ଟିକୋଣ ବିକଶିତ ଭାରତ-୨୦୪୭ ଲକ୍ଷ୍ୟ ସାଧନରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରୁଥିବା ସମ୍ପର୍କରେ ଏକ ଉପସ୍ଥାପନ କରିଥିଲେ। ଉନ୍ନୟନ କମିଶନର ଅନୁ ଗର୍ଗ ଭିଜନ ଡକ୍ୟୁମେଣ୍ଟର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସଂପର୍କରେ କହିଥିଲେ। ଆଲୋଚନା ଚକ୍ରରେ ପୂର୍ବତନ ମୁଖ୍ୟ ସଚିବ ଯୁଗଳ କିଶୋର ମହାପାତ୍ର, ନୀତି ଆୟୋଗ ସଦସ୍ୟ ରାଜୀବ ଗୌବା, ନୀତି ଆୟୋଗର ଅନ୍ୟତମ ସଦସ୍ୟ ଡଃ. ବିନୋଦ ପାଲ, ଆପେଲ ଇଣ୍ଡିଆର ପରିଚାଳନା ନିର୍ଦ୍ଦେଶକ ବିରାଟ ଭାଟିଆ, "ରିନ୍ୟୁ'ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସୁମନ୍ତ ସିହ୍ନା, ପ୍ରଧାନମନ୍ତ୍ରୀଙ୍କ ଅର୍ଥନୈତିକ ପରାମର୍ଶ ଦାତା ପରିଷଦର ସଦସ୍ୟ ଡଃ. ଶମିକା ରବି ଓ 'ନାସକମ୍'ର ସଭାପତି ରାଜେଶ ନାମ୍ବିଆର ପ୍ରମୁଖ ଯୋଗ ଦେଇଥିଲେ।

# ଆଉ ୪ ଦିନ ମିଶ୍ରିତ ପାଗ

### ଗୁଳୁଗୁଳି ସହ ଅପରାହ୍ଣରେ ଲାଗି ରହିବ ଝଡ଼ବର୍ଷା

ଭୁବନେଶ୍ୱର,୧୦।୬(ସମିସ): ରାଜ୍ୟରେ ଆଗାମୀ ୪ ଦିନ ପର୍ଯ୍ୟନ୍ତ ମିଶ୍ରିତ ପାଗ ରହିବ। ଦିନ ବେଳା ବିଭିନ୍ନ ସ୍ଥାନରେ ଗୁଳୁଗୁଳି ସହ ଅପରାହ୍ଣରେ ପ୍ରାୟ ଅଧିକାଂଶ ସ୍ଥାନରେ ବର୍ଷା ପାଇଁ ପାଗ ଅନୁକୂଳ ରହିବ। ବୁଧବାର ସ୍ନାନ ପୂର୍ଣ୍ଣିମାରେ ମଧ୍ୟ ଏଭଳି ସ୍ଥିତି ଜାରି ରହିବ। ଚାରି ଦିନ ପରେ ମୌସୁମୀ ସକ୍ରିୟ ସହ ବର୍ଷାର ପ୍ରଭାବ ବଢ଼ିବାର ସମ୍ଭାବନା ରହିଛି।

ପାଣିପାଗ କେନ୍ଦ୍ରର ସୂଚନା ମୁତାବକ ଆଗାମୀ ୧୪, ୧୫ ଓ ୧୬ରେ ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ରହିବାର ସମ୍ଭାବନା ରହିଛି। ୧୪ ତାରିଖରେ କେନ୍ଦୁଝର, ମୟୂରଭଞ୍ଜ, କଳାହାଣ୍ଡି, କନ୍ଧମାଳ ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷାର ପୂର୍ବାନୁମାନ କରାଯାଇଛି। ସେହିପରି ୧୫ ତାରିଖରେ ନବରଙ୍ଗପୁର, ନୂଆପଡା ଜିଲ୍ଲାରେ ଗୋଟିଏ କିମ୍ବା ଦୁଇଟି ଜାଗାରେ ପ୍ରବଳ ବର୍ଷା ହୋଇପାରେ। ତେଣୁ ଚଳିତ ବର୍ଷ ରଜରେ ଅନେକ ସ୍ଥାନରେ ବର୍ଷା ନେଇ ପାଗ ଅନୁକୂଳ ରହିଛି। ପାଣିପାଗ ବିଭାଗର ପୂର୍ବାନୁମାନ ଅନୁସାରେ ଉତ୍ତର-ପଶ୍ଚିମ ବଙ୍ଗୋପସାଗର ପାର୍ଶ୍ୱବର୍ତ୍ତୀ ଉତ୍ତର ଉପକୂଳ ଓଡିଶା ତଟ-ସଂଲଗ୍ନ ଦକ୍ଷିଣ ଗାଙ୍ଗୀୟ-ପଶ୍ଚିମବଙ୍ଗ ଉପକୂଳରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି। ଏହାର ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ହେବାର ସମ୍ଭାବନା ରହିଛି। ବୁଧବାର ମୟୂରଭଞ୍ଜ, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, ସୋନପୁର, ବୌଦ୍ଧ, ନୂଆପଡ଼ା, ବଲାଙ୍ଗିର, କଳାହାଣ୍ଡି, କନ୍ଧମାଳ, ନବରଙ୍ଗପୁର, ରାୟଗଡ଼ା, କୋରାପୁଟ, ମାଲକାନଗିରି, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର ଜିଲ୍ଲାରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ଆଶଙ୍କା ରହିଛି। ଏହାକୁ ଦୃଷ୍ଟିରେ ରଖି ପାଣିପାଗ କେନ୍ଦ୍ର ଏହି ଜିଲ୍ଲାଗୁଡ଼ିକ ପାଇଁ ୟେଲୋ ଆଲର୍ଟ ଜାରି କରିଛି।

# ନିଲମ୍ବିତ ହେଲେ ଆଇଏଏସ୍ ଚକ୍‌ମା, ଜେଲ୍‌ରେ ଅସୁସ୍ଥ

ଭୁବନେଶ୍ୱର,୧୦।୬(ସମିସ): ୧୦ଲକ୍ଷ ଲାଞ୍ଚ ନେଇ ଗିରଫ ହୋଇ ଜେଲ ଯାଇଥିବା ଆଇଏଏସ୍ ଅଫିସର ତଥା ଧର୍ମଗଡ଼ ଉପଜିଲ୍ଲାପାଳ ଧୀମାନ ଚକମାଙ୍କୁ ରାଜ୍ୟ ସରକାର ଆଜି ନିଲମ୍ବିତ କରିଛନ୍ତି। ଇତିମଧ୍ୟରେ ଜେଲରେ ଥିବା ଚକମାଙ୍କ ସ୍ୱାସ୍ଥ୍ୟ ବିଗିଡ଼ି ଯାଇଛି। ତାଙ୍କୁ ଜେଲରେ ଚିକିତ୍ସା ଦେଉଛନ୍ତି ଡାକ୍ତରୀ ଟିମ୍। ଏହି ଟିମ୍ ତାଙ୍କ ସ୍ୱାସ୍ଥ୍ୟ ଉପରେ କଡ଼ା ନଜର ରଖିଛନ୍ତି। ଗତକାଲି ଜାମିନ ନାମଞ୍ଜୁର ହବାପରେ ତାଙ୍କୁ ଭବାନୀପାଟଣା ଜିଲ୍ଲା କାରାଗାରକୁ ପଠାଇ ଦିଆଯାଇଥିଲା। ଆଜି ତାଙ୍କ ସ୍ୱାସ୍ଥ୍ୟ ଖରାପ ହୋଇଥିବା ସୂଚନା ମିଳିଛି। ଜଣେ ବ୍ୟବସାୟୀଙ୍କଠାରୁ ୧୦ ଲକ୍ଷ ଟଙ୍କା ଲାଞ୍ଚ ନେବାବେଳେ ଧର୍ମଗଡ଼ ଉପଜିଲ୍ଲାପାଳ ଧୀମାନ୍ ଚକମା ଭିଜିଲାନ୍ସ ହାତରେ ଧରାପଡ଼ିଥିଲେ। ଏହାପରେ ତାଙ୍କ ସରକାରୀ ବାସଭବନରୁ ୪୭ଲକ୍ଷ ୪୭ ହଜାର ୬୦୦ ଟଙ୍କା ଜବତ ହୋଇଥିଲା। ଏକାଧିକ ସ୍ଥାନରେ ଚଢାଉ ବେଳେ ସମୁଦାୟ ୫୭ ଲକ୍ଷ ୪୬ ହଜାର ୬୦୦ ଟଙ୍କା ଜବତ ହୋଇଥିଲା।

୨୦୨୧ ବ୍ୟାଚର ଆଇଏଏସ୍ ଧୀମାନ ତ୍ରିପୁରାର ଏକ ଆଭ୍ୟନ୍ତରୀଣ ଅଞ୍ଚଳ କାଞ୍ଚନପୁରର ବାସିନ୍ଦା। ତାଙ୍କ ବାପା ଜଣେ ସ୍କୁଲ ଶିକ୍ଷକ। ଅଗରତାଲା ଏନ୍‌ଆଇଟିରୁ କମ୍ପ୍ୟୁଟର ସାଇନ୍ସରେ ଡିଗ୍ରି ହାସଲ କରିବା ପରେ ସେ ୟୁପିଏସି ପରିଚାଳିତ ଭାରତୀୟ ପ୍ରାଶାସନିକ ସେବା ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିଲେ। ଲାଞ୍ଚ ନେବା ମାମଲାରେ ଗତକାଲି ପୁଣି ଭିଜିଲାନ୍ସର ଏକ ଟିମ୍ ଧର୍ମଗଡ଼ ଯାଇ ଉପଜିଲ୍ଲାପାଳଙ୍କ ଅଫିସରେ ଛାନଭିନ୍ କରିଥିଲେ। ଯାହାଫଳରେ ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଜବତ କରି ତଦନ୍ତ କରିଥିବା ଜଣା ପଡ଼ିଛି।

# ଭିଜିଲାନ୍ସ ପଞ୍ଝାରେ ଲମତାପୁଟ ବ୍ଲକ୍ ସହକାରୀ ଯନ୍ତ୍ରୀ

କୋରାପୁଟ/ଲମତାପୁଟ,୧୦।୬(ସମିସ): ମଙ୍ଗଳବାର ଅପରାହ୍ଣରେ ଲମତାପୁଟ ବ୍ଲକ୍‌ର ସହକାରୀ ଯନ୍ତ୍ରୀ ସୁଚିସ୍ମିତା ପରିଜା 'ମନରେଗା' ବିଲ୍ ପାସ୍ କରିବାକୁ ଜଣେ ଠିକାଦାରଙ୍କଠାରୁ ୮ ହଜାର ଟଙ୍କା ଲାଞ୍ଚ ନେଉଥିବାବେଳେ ଭିଜିଲାନ୍ସ ଦ୍ୱାରା ଗିରଫ ହୋଇଛନ୍ତି। ଭିଜିଲାନ୍ସ ଟିମ୍ ସହକାରୀ ଯନ୍ତ୍ରୀଙ୍କଠାରୁ ଲାଞ୍ଚ ଟଙ୍କା ଜବତ କରିଛନ୍ତି।



ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସମେତ ତାଙ୍କ ବାସଗୃହ, ସେମିଳିଗୁଡ଼ା ଏବଂ ଭୁବନେଶ୍ୱରରେ ଥିବା ଘରେ ମଧ୍ୟ ଚଢ଼ଉ ଜାରି ରହିଥିବା ଜଣାପଡ଼ିଛି। କୋରାପୁଟ ଭିଜିଲାନ୍ସ ଥାନା କେସ୍ ନଂ ୨୨/୨୦୨୫, ଦୁର୍ନୀତି ନିବାରଣ ଆଇନ ପ୍ରକାରେ ମାମଲା ରୁଜୁ କରାଯାଇ ତଦନ୍ତ କରାଯାଉଥିବା ଭିଜିଲାନ୍ସ କାର୍ଯ୍ୟାଳୟ ତରଫରୁ ସୂଚନା ଦିଆଯାଇଛି। ଚଢ଼ଉରେ ୩ ଜଣ ଡିଏସ୍‌ପି, ୨ ଜଣ ଇନ୍ସପେକ୍ଟର ସାମିଲ ଥିଲେ। ସୂଚନା ମୁତାବକ, ଲମତାପୁଟ ବ୍ଲକ୍ ନନ୍ଦପୁର ଥାନା ଅଧୀନରେ ଥିବା ଉମ୍ବେଲ ପଞ୍ଚାୟତର ଜନୈକ ବ୍ୟକ୍ତି କରିଥିବା 'ମନରେଗା' ଯୋଜନାର ଘାଟ କଟିଙ୍ଗ୍ କାର୍ଯ୍ୟର ବିଲ୍ କରିବାକୁ ସହକାରୀ ଯନ୍ତ୍ରୀ ସୁଚିସ୍ମିତା

### 'ମନରେଗା' ବିଲ୍ ପାସ୍ ପାଇଁ ୮ ହଜାର ଟଙ୍କା ଲାଞ୍ଚ ନେଉଥିଲେ

ପରିଜା ୧୫ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ବ୍ୟକ୍ତି ଜଣକ ପ୍ରଥମେ ୫ ହଜାର ଟଙ୍କା ଦେଇ ବଳକା ୧୦ ହଜାର ପରେ ଦେବାକୁ କହି ସୋମବାର ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ। ଯୋଜନା ମୁତାବକ ମଙ୍ଗଳବାର ଉକ୍ତ ୧୦ ହଜାର ଟଙ୍କା ମଧ୍ୟରୁ ୮ ହଜାର ଟଙ୍କା ଦେବାବେଳେ ଭିଜିଲାନ୍ସ ଟିମ୍ ଚଢ଼ଉ କରି ରାସାୟନିକ ରଙ୍ଗ ଦିଆଯାଇଥିବା ୮ ହଜାର ଟଙ୍କା ଜବତ କରିବା ସହ ଯନ୍ତ୍ରୀଙ୍କୁ ଗିରଫ କରିଛନ୍ତି।

## ରଥଯାତ୍ରା ପାଇଁ ଚିନ୍ତା ବଢ଼ିଲା

# ପୁରୀରେ ପଶିଲା କରୋନା

ପୁରୀ,୧୦।୬(ସମିସ): ରାଜ୍ୟରେ କାୟା ମେଲାଉଛି କରୋନା। ଧୀରେ ଧୀରେ ଗୋଟିଏ ପରେ ଗୋଟିଏ ଜିଲ୍ଲାକୁ ଡେଉଁଛି କୋଭିଡ୍ ଭୂତାଣୁ। ଦୀର୍ଘ ଦୁଇରୁ ଅଢ଼େଇ ବର୍ଷ ପରେ ପୁରୀ ଜିଲ୍ଲାରେ ପ୍ରବେଶ କରିଛି କରୋନା। ବୁଧବାର ସ୍ନାନଯାତ୍ରା। ପୁରୀରେ ଲକ୍ଷ ଲକ୍ଷ ଭକ୍ତଙ୍କ ସମାଗମ ହେବ। ଏହାର ଅବ୍ୟବହିତ ପୂର୍ବରୁ ଜିଲ୍ଲାରୁ ୩ ଜଣ ଆକ୍ରାନ୍ତ ଚିହ୍ନଟ ହେବା ସମସ୍ତଙ୍କ ଚିନ୍ତା ବଢ଼ାଇ ଦେଇଛି। କାରଣ ଆଗକୁ ରଥଯାତ୍ରା, ବାହୁଡ଼ା, ସୁନାବେଶ ଭଳି ପର୍ବପର୍ବାଣି ରହିଛି। ରଥଯାତ୍ରାରେ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁଙ୍କ ଭିଡ଼ ହେବ। ଦେଶ ବିଦେଶରୁ ଭକ୍ତ ସାମିଲ ହେବେ। ହେଲେ ପୁରୀ ଜିଲ୍ଲା ସମେତ ପଡ଼ୋଶୀ ଖୋର୍ଦ୍ଧା ଏବଂ ଗଞ୍ଜାମ ଜିଲ୍ଲାରେ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବାରୁ ଏହା ଏବେ ଚିନ୍ତାର ବିଷୟ ହୋଇଛି।

କରୋନା ପାଇଁ ୨୦୨୦ ଓ ୨୦୨୧ ରଥଯାତ୍ରା କାଣ୍ଟଛାଣ୍ଟ ହୋଇଥିଲା। ୨୦୨୦ ମସିହାର ରଥଯାତ୍ରା ଇତିହାସ ରଚିଥିଲା। କରୋନାର ଭୟାବହତା ଭିତରେ ରଥଯାତ୍ରା ହେବ କି ନାହିଁ ସେ ନେଇ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇଥିଲା। ଏପରିକି ଆଇନଗତ ଲଢ଼େଇ ବି ଚାଲିଥିଲା। ଶେଷ ମୁହୂର୍ତ୍ତରେ କେବଳ ପୁରୀ ରଥଯାତ୍ରାକୁ ସର୍ତ୍ତମୂଳକ ଅନୁମତି ଦେଇଥିଲେ ସୁପ୍ରିମ୍‌କୋର୍ଟ। ବିନା ଭକ୍ତରେ ଏବଂ ସମସ୍ତଙ୍କ ସହଯୋଗରେ ବଡ଼ଦାଣ୍ଡରେ ଗଡ଼ିଥିଲା ତିନିରଥ। ଡହଡହ ଖରାରେ ସେବାୟତମାନେ ଖାଲି ପାଦରେ ରଥ ଟାଣିଥିଲେ। ୨୦୨୧ରେ ମଧ୍ୟ ବିନା ଭକ୍ତରେ ବଡ଼ଦାଣ୍ଡରେ ଗଡ଼ିଥିଲା ତିନିରଥ। କେବଳ ସେବାୟତମାନେ ହିଁ ରଥ ଟାଣିଥିଲେ। ଏହାପରେ ୩ ବର୍ଷ ସ୍ୱାଭାବିକ ରଥଯାତ୍ରା ଅନୁଷ୍ଠିତ ହୋଇଥିଲାବେଳେ ଏବେ ପୁଣି ଡରାଇଲାଣି କରୋନା। ସୂଚନାଥାଉ କି, ସୋମବାର ଅନୁଷ୍ଠିତ ରଥଯାତ୍ରା ସମନ୍ୱୟ କମିଟି ବୈଠକରେ ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ କହିଥିଲେ ଯେଉଁମାନଙ୍କର କୋଭିଡ୍ ଲକ୍ଷଣ ରହୁଛି ସେମାନେ ରଥଯାତ୍ରାକୁ ନ ଆସନ୍ତୁ।

## ୧୨ ଜିଲ୍ଲାରୁ ୫୬ ଆକ୍ରାନ୍ତ



ଭୁବନେଶ୍ୱର, ୧୦।୬(ସମିସ): ମେ' ପ୍ରଥମ ସପ୍ତାହରେ ରାଜଧାନୀ ଭୁବନେଶ୍ୱରରେ ପ୍ରଥମ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିଲା। ମାସକ ଭିତରେ ଏବେ ଏହା ୧୨ଟି ଜିଲ୍ଲାକୁ ବ୍ୟାପିଗଲାଣି। ସୋମବାର ଅନୁଗୁଳ, ବରଗଡ଼, କନ୍ଧମାଳ, ଗଞ୍ଜାମ ଓ ସୁବର୍ଣ୍ଣପୁର ଆଦି ଜିଲ୍ଲାରୁ ସଂକ୍ରମଣ ଚିହ୍ନଟ ହୋଛନ୍ତି। ସୋମବାର ସୁଦ୍ଧା ରାଜ୍ୟରୁ ଚିହ୍ନଟ ହୋଇଥିବା ମୋଟ ୫୬ କରୋନା ରୋଗୀଙ୍କ ମଧ୍ୟରୁ ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ୨୩ ଜଣ ଚିହ୍ନଟ ହୋଇଛନ୍ତି। ସେହିପରି କଟକରୁ ୧୮ ଜଣ ଚିହ୍ନଟ ହୋଇଥିବାବେଳେ ପୁରୀରୁ ୩ ଜଣ କରୋନା ରୋଗୀ ଚିହ୍ନଟ ହୋଇଛନ୍ତି। ବାଲେଶ୍ୱର, ଜଗତସିଂହପୁର ଓ ସୁନ୍ଦରଗଡ଼ ଜିଲ୍ଲାରୁ ୨ଜଣ ଲେଖାଏଁ କରୋନା ରୋଗୀ ଚିହ୍ନଟ ହୋଇଛନ୍ତି। ସେହିଭଳି କେନ୍ଦୁଝର, ଅନୁଗୁଳ, ବରଗଡ଼, କନ୍ଧମାଳ, ଗଞ୍ଜାମ ଓ ସୁବର୍ଣ୍ଣପୁର ଜିଲ୍ଲାରୁ ଜଣେ ଲେଖାଏଁ କୋଭିଡରେ ଆକ୍ରାନ୍ତ ହୋଇଛନ୍ତି। ଚଳିତ ବର୍ଷ ରାଜ୍ୟର ମୋଟ୍ କୋଭିଡ୍ ରୋଗୀଙ୍କ ସଂଖ୍ୟା ୫୬ରେ ପହଞ୍ଚିଛି। ସାମବାର ୫ ଜଣ ରୋଗୀ ସୁସ୍ଥ ହେବା ସହ ବର୍ତ୍ତମାନ ସୁଦ୍ଧା ମୋଟ ୨୦ ଜଣ ସୁସ୍ଥ ହୋଇଥିବା ଜଣାପଡ଼ିଛି। ଫଳରେ ରାଜ୍ୟରେ ଏବେ ୩୬ଜଣ ସକ୍ରିୟ ରୋଗୀ ଅଛନ୍ତି। ନୂତନ ଷ୍ଟ୍ରେନ ଅଧିକ ବିପଦପୂର୍ଣ୍ଣ ହୋଇ ନଥିଲେ ବି ସତର୍କ ରହିବା ପାଇଁ ସ୍ୱାସ୍ଥ୍ୟ ବିଭାଗ ଜନସାଧାରଣଙ୍କୁ ସଚେତନ କରାଇଛି।

# ଭିଜିଲାନ୍ସ ଜାଲରେ ମହିଳା କନିଷ୍ଠ ଯନ୍ତ୍ରୀ

ଗାଇସିଲେଟ,୧୦।୬(ସମିସ): ଭିଜିଲାନ୍ସ ଜାଲରେ ଛନ୍ଦି ହୋଇଛନ୍ତି ବରଗଡ଼ ଜିଲ୍ଲା ଗାଇସିଲେଟ୍ ବ୍ଲକ୍ ଡାଙ୍ଗବାହାଲ ପଞ୍ଚାୟତର ମହିଳା କନିଷ୍ଠ ଯନ୍ତ୍ରୀ ସସ୍ମିତା ଓରାମ। ମଙ୍ଗଳବାର ସେ ଜଣେ ପୂର୍ବତନ ସରପଞ୍ଚଠାରୁ ୮ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ବ୍ଲକ୍ କାର୍ଯ୍ୟାଳୟ ପରିସରରେ ଭିଜିଲାନ୍ସ ଟିମ୍ ତାଙ୍କୁ ଧରିଥିଲା। ସସ୍ମିତା ଗତ ୧ ବର୍ଷ ହେବ ଗାଇସିଲେଟ ବ୍ଲକ୍



ଡାଙ୍ଗବାହାଲ ପଞ୍ଚାୟତରେ ଚାକିରିରେ ଯୋଗଦେଇଥିଲେ। ସେ 'ମନରେଗା' କାର୍ଯ୍ୟର ଏକ ରାସ୍ତା କାମ ପାଇଁ ପୂର୍ବତନ ସରପଞ୍ଚ ପ୍ରଦୀପ ସାହୁଙ୍କୁ ୮ ହଜାର ଟଙ୍କା ଲାଞ୍ଚ ଦେବାକୁ ଦାବି କରିଥିଲେ। ଏନେଇ ଅଭିଯୋଗକାରୀ ପୂର୍ବତନ ସରପଞ୍ଚ ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ। ଭିଜିଲାନ୍ସ ଟିମ୍ ଲାଞ୍ଚ ଟଙ୍କା ଗ୍ରହଣବେଳେ ବ୍ଲକ୍ କାର୍ଯ୍ୟାଳୟ ପରିସରରେ ଲାଞ୍ଚ ଟଙ୍କା ସହ ତାଙ୍କୁ କାବୁ କରିଥିଲେ।

## ୧୪୯ ନମ୍ବର ଜାତୀୟ ରାଜପଥର ସଂପ୍ରସାରଣ ଦାବି

# ସ୍ଥାନୀୟ ଜନପ୍ରତିନିଧିଙ୍କ ଆନ୍ଦୋଳନ ଚେତାବନୀ

**ଅନୁଗୋଳ, ୧୦।୬(ସମିସ)**

ତାଳଚେର ତାଳବେଡ଼ା ଛକଠାରୁ ବଅଁରପାଳ ପର୍ଯ୍ୟନ୍ତ ଦୈନିକ ଦୁର୍ଘଟଣା ଘଟି ବହୁ ଧନଜୀବନ ଚାଲିଯାଉଛି। ଗତ ୦୫/୦୬/୨୦୨୫ ଗୁରୁବାର ଗୋଟିଏ ଦିନରେ ପୃଥକ ପୃଥକ ଦୁର୍ଘଟଣାରେ ୩ଟି ନିରୀହ ଜୀବନ ଚାଲିଯାଇଛି। ପ୍ରତ୍ୟେକ ଦିନ ଜାତୀୟ ରାଜପଥରେ ହଜାର ହଜାର ଭାରୀଯାନ ଯିବାଆସିବା ଫଳରେ ସର୍ବସାଧାରଣ ଯାତାୟାତ ନିମନ୍ତେ ସୁରକ୍ଷିତ ମଣୁନାହାନ୍ତି। ଜାତୀୟ ରାଜପଥ ସବୁବେଳେ ବିପଦପୂର୍ଣ୍ଣ। ଭାରୀଯାନଗୁଡ଼ିକର ଦ୍ରୁତଗତି ଓ ବେପରୁଆ ଗାଡି ଚାଳନା ସହ ପିଚୁ ନଥିବାରୁ ରାସ୍ତାର ଉଭୟ ପାଶ୍ୱର୍ରେ ଥିବା ଖାଲଖମଣା ଯାତ୍ରୀମାନଙ୍କୁ ବିପଦକୁ ଟାଣି ନେଉଛି ବୋଲି ଏକ ୫ ଦଫା ଦାବି ଅନୁଗୋଳ ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଛି।

ସନ୍ଥପଡା ସରପଞ୍ଚ, ସମିତିସଭ୍ୟା ଅନିତା ପାଣି, ଜିଲ୍ଲା ପରିଷଦ ସଭ୍ୟ ବଭ୍ରୁପ୍ରସାଦ ପତି, ପୌର ପରିଷଦ ନଗରପାଳ ପବିତ୍ର ଭୂତିଆ, ବ୍ଲକ ଚେୟାରମ୍ୟାନ ହେମଲତା ମହାନ୍ତି, ବିନତୀ ପରିଡା, ଶୁଭଶ୍ରୀ ଦେବତା, ବ୍ରଜନାଥପୁର ସରପଞ୍ଚ ନରେଶ ବେହେରା, କରୁଣାକର ସାହୁ, ଆନନ୍ଦ ପ୍ରଧାନ, ନରେଶଚନ୍ଦ୍ର ନାୟକ ପ୍ରମୁଖ ଦାବିପତ୍ର ପ୍ରଦାନ କରିଥିଲେ। ତାଳବେଡା ଛକଠାରୁ ବହ୍ଲର ଛକ ଦେଇ ବଅଁରପାଳ ଛକ ପର୍ଯ୍ୟନ୍ତ ଜାତୀୟ ରାଜପଥର ଉଭୟ ପାଶ୍ୱର୍ରେ ପିଚୁ, ରାସ୍ତାର ସଂପ୍ରସାରଣ ଓ ମଝିଭାଗରେ ଡିଭାଡର ସହ ନୂତନ ରାସ୍ତା ନିର୍ମାଣ, ଉକ୍ତ ରାଜପଥରେ ଭାରୀଯାନ ବା ହାଲୁକା ଯାନ ସମସ୍ତଙ୍କ ଘଣ୍ଟା ପ୍ରତି ୨୦କିମି ବେଗ, ଜାତୀୟ ରାଜପଥର ଉଭୟ ପାଶ୍ୱର୍ରେ ଥିବା ଗ୍ରାମଗୁଡିକର ପ୍ରତି ଛକରେ ଟ୍ରାଫିକ ପୁଲିସ୍ ନିୟୋଜିତ, ଯାନବାହନ ଚଳାଚଳ ନିୟନ୍ତ୍ରଣ କରାଯାଉ, ପିଚୁ ରାସ୍ତା ଉପରେ କୌଣସି ଭାରୀଯାନ ହାଲୁକା ଯାନ ପାର୍କିଙ୍ଗ କରିବା ନିଷେଧ କରାଯାଉ ଓ ଆଇନକୁ କଡାକଡି ଭାବେ ପାଳନ କରାଯାଉ, ତାଳବେଡା ଛକଠାରୁ ବଅଁରପାଳ ପର୍ଯ୍ୟନ୍ତ ଆଲୋକୀକରଣ ଇତ୍ୟାଦି କରାଯାଉ ବୋଲି ଦାବିପତ୍ରରେ ଉଲ୍ଲେଖ ରହିଛି। ଦାବି ପୂରଣ ନ ହେଲେ ରାସ୍ତାରୋକ କରିବାକୁ ପ୍ରତିନିଧିମଣ୍ଡଳୀ ଚେତାବନୀ ଦେଇଛନ୍ତି।

## ନାକଚିରେ ବିର୍ସାମୁଣ୍ଡାଙ୍କ ବଳିଦାନ ଦିବସ

**କିଶୋରନଗର, ୧୦।୬(ସମିସ):** ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ଉପଖଣ୍ଡ ନାକଚି ପଥପ୍ରାନ୍ତଠାରେ ପୂର୍ବତନ ମନ୍ତ୍ରୀ ତଥା ବିଜେପି ନେତା ସଞ୍ଜୀବ ସାହୁଙ୍କ ନେତୃତ୍ୱରେ ବରିଷ୍ଠ ବିଜେପି ନେତା ହୃଦାନନ୍ଦ ସାହୁଙ୍କ ସଭାପତିତ୍ୱରେ ବିର୍ସାମୁଣ୍ଡାଙ୍କ ୧୨୫ତମ ବଳିଦାନ ଦିବସ ପାଳିତ ହୋଇଯାଇଛି। ବିର୍ସାମୁଣ୍ଡାଙ୍କ ଫଟୋ ଚିତ୍ରରେ ଧୂପଦୀପ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ସଭାରେ ବିର୍ସାମୁଣ୍ଡାଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ଏହି ସଭାରେ ଆଠମଲ୍ଲିକ ସଂଯୋଜକ ଡାକ୍ତର ଅଲେଖ ପ୍ରଧାନ, ପୂର୍ବତନ ମନ୍ତ୍ରୀ ସଞ୍ଜୀବ ସାହୁ, କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ଆଠମଲ୍ଲିକ ଏନଏସି ନୋମିନି ଶଙ୍କର ହୋତା, ପୂର୍ବତନ ସରପଞ୍ଚ ଶୀଧେଶ୍ୱର ସାହୁ, ପୂର୍ବତନ ମଣ୍ଡଳ ସଭାପତି ରମେଶ ଜେନାମଣି, ଚୈତନ୍ୟ ପ୍ରଧାନ, କାଳିଆ ସାହୁ, ପୂର୍ବତନ ସମିତି ସଭ୍ୟ ଜେନାମଣି ପ୍ରଧାନ, ଧନେଶ୍ୱର ସାହୁ, ସରପଞ୍ଚ, ସମିତିସଭ୍ୟ ଓ ବିଜେପିର ଶତାଧିକ କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ।

## ଅନୁଗୋଳ ଜଗନ୍ନାଥ ସେନା ପକ୍ଷରୁ ଗଣଆନ୍ଦୋଳନ



**ଅନୁଗୋଳ, ୧୦।୬(ସମିସ):** ଅନୁଗୋଳ ଜଗନ୍ନାଥ ସେନାର ଡକରାରେ ଜିଲ୍ଲାର ବିଭିନ୍ନ ସାମାଜିକ, ଆଧ୍ୟାତ୍ମିକ ଓ ରାଜନୈତିକ ଅନୁଷ୍ଠାନର କର୍ମକର୍ତ୍ତାମାନେ ଶୈଳ ଶ୍ରୀକ୍ଷେତ୍ର ଜଗନ୍ନାଥ ମନ୍ଦିର ପରିଚାଳନା ସମିତିର ଅନ୍ୟାୟ ଓ ଦୁର୍ନୀତି ବିରୋଧରେ ଗଣଆନ୍ଦୋଳନ କରିଥିଲେ। ଜଗନ୍ନାଥ ମନ୍ଦିର ସମ୍ମୁଖରେ ଏକ ଶୋଭାଯାତ୍ରାରେ ଆସି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ପହଞ୍ଚିଥିଲେ। ମନ୍ଦିର ପରିଚାଳନା ସମିତିର କାର୍ଯ୍ୟକାରୀ କମିଟିରେ ନୂତନ ସଦସ୍ୟଙ୍କୁ ଦାୟିତ୍ୱ ଦିଆଯାଉ ବୋଲି ଆନ୍ଦୋଳନକାରୀମାନେ ଜିଲ୍ଲାପାଳଙ୍କ ନିକଟରେ ଦାବି କରିଛନ୍ତି। ଏଥିସହ ମନ୍ଦିରର ସାମଗ୍ରିକ ବିକାଶ ସାଙ୍ଗକୁ ନୀତି ନିର୍ଘଣ୍ଟର ସୁପରିଚାଳନା ପାଇଁ ମନ୍ଦିରକୁ ସରକାର ଦେବୋତ୍ତର ବିଭାଗ ଅଧୀନରେ ପରିଚାଳନା କରନ୍ତୁ ବୋଲି ମଧ୍ୟ ଦାବି କରିଛନ୍ତି। ତେବେ ଲୋକ ପ୍ରତିନିଧିଙ୍କୁ ଏହି ପ୍ରସ୍ତାବ ଦିଆଯାଉ ଓ ସେମାନେ ଚାହିଁଲେ ସୁବିଧାରେ ଏହି ପରିଚାଳନା ସମିତି ପରିବର୍ତ୍ତନ କରାଯାଇପାରିବ ବୋଲି ଜିଲ୍ଲାପାଳ କହିଥିଲେ। ସମସ୍ତ ଦାବିଗୁଡ଼ିକ ଅନୁଧ୍ୟାନ କରି ଆଇନ୍ ସଚିବଙ୍କ ସହ ଆଲୋଚନା ପରେ ପଦକ୍ଷେପ ନେବାକୁ ଜିଲ୍ଲାପାଳ ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି। ପତଞ୍ଜଳି ଯୋଗ ସମିତି, ଆର୍ଟ ଅଫ ଲିଭିଙ୍ଗ, ଆମ୍ବେଦକର ଫାଉଣ୍ଡେସନ, ଅନୁଗୋଳ ଜିଲ୍ଲା ବ୍ରାହ୍ମଣ ସଂଘ, ଅନିମଲ ୱେଲଫେୟାର ଟ୍ରଷ୍ଟ, ରାଷ୍ଟ୍ରୀୟ ସ୍ୱୟଂମ ସେବକ ସଂଘ, ସ୍ମାଇଲ, ଭାରତୀୟ ମଜଦୁର ସଙ୍ଘ, ଶୈଳ କ୍ଷେତ୍ର କାର ଡ୍ରାଇଭର ସଂଘ, ଅନୁଗୋଳ ବସ୍ ମାଲିକ ସଂଘ ସମେତ ବିଜେପି, ବିଜେଡି ଓ କଂଗ୍ରେସ ପ୍ରମୁଖ ବିଭିନ୍ନ ରାଜନୈତିକ ଦଳର କର୍ମକର୍ତ୍ତା ଦାବିପତ୍ର ଦେଲା ସମୟରେ ଉପସ୍ଥିତ ଥିଲେ।

## ଅବକାରୀ ସଚେତନତା ରଥର ଶୁଭାରମ୍ଭ

**ତାଳଚେରସଦର, ୧୦।୬(ସମିସ):** ତାଳଚେର ଉପଜିଲ୍ଲାପାଳ ସମୀର ଜେନା, ଗୋଷ୍ଠୀଉନ୍ନୟନ ଅଧିକାରୀ ସୁଶାନ୍ତ ବରାଳଙ୍କ ଦ୍ୱାରା ତାଳଚେର ଉପଖଣ୍ଡସ୍ତରୀୟ ଅବକାରୀ ସଚେତନ ରଥର ଶୁଭାରମ୍ଭ ହୋଇଯାଇଛି। ଅବକାରୀ ଉପନିରୀକ୍ଷକ ନିଳାଦ୍ରୀ ନାୟକ, ଅବକାରୀ ନିରୀକ୍ଷକ ଉମାକାନ୍ତ ସ୍ୱାଇଁ, ଭାରପ୍ରାପ୍ତ ଅଧିକାରୀ ହଟିଆ ବେହେରା, ମାନସ ରଞ୍ଜନ ପ୍ରଧାନ, ସରୋଜ ସାହୁ, ପପୁନ୍ ପ୍ରଧାନ, କାହ୍ନୁଚରଣ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ଏହି ସଚେତନତା ରଥ ସହର ପରିକ୍ରମା କରିବା ସହ ପଥପ୍ରାନ୍ତ ନାଟକ କରାଯାଇଥିଲା। ନିଶା ଦ୍ରବ୍ୟ ସେବନ କରିବା ଦ୍ୱାରା କେଉଁ ପ୍ରକାର କ୍ଷତି ହେଉଛି ଓ ସମାଜ ଉପରେ ଏହାର କ'ଣ ପ୍ରଭାବ ପଡୁଛି ପଥପ୍ରାନ୍ତ ନାଟକ ମାଧ୍ୟମରେ ଲୋକଙ୍କୁ ସଚେତନତା କରାଯିବାର ମୂଳଲକ୍ଷ୍ୟ ରହିଛି।

## ଅଣଗେଜେଟେଡ୍ ବନସେବା ସଂଘର ଦାବିପତ୍ର



**ଅନୁଗୋଳ, ୧୦।୬(ସମିସ):** ଢେଙ୍କାନାଳ ବନଖଣ୍ଡ ହିନ୍ଦୋଳ ରେଞ୍ଜରେ ପାଟ୍ରୋଲିଂ ସମୟରେ ଶିକାରୀ ଗୁଳିରେ ଫରେଷ୍ଟ ଗାର୍ଡ ପ୍ରହ୍ଲାଦ ପ୍ରଧାନଙ୍କ ମୃତ୍ୟୁକୁ ନିନ୍ଦା କରିବା ସହ ଅନୁଗୋଳ ସର୍କଲର ଓଡ଼ିଶା ଅଣଗେଜେଟେଡ୍ ବନସେବା ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୩ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି। ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ, ମୃତକଙ୍କ ପରିବାରକୁ ଏକ କୋଟି ଟଙ୍କାର ଅନୁକମ୍ପା ରାଶି ପ୍ରଦାନ, ସମସ୍ତ ବନକ୍ଷେତ୍ର ଅଧିକାରୀଙ୍କୁ ଜାତୀୟ ବ୍ୟାଙ୍କ ଜରିଆରେ ପୁଲିସ୍ ଭଳି "ସାଲାରି ପ୍ୟାକେଜ ଇନସ୍ୟୁରାନ୍ସ' ପ୍ରଦାନ କରାଯିବା ଆଦି ଦାବି ନେଇ ଜିଲ୍ଲା ପ୍ରଶାସନ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ତିନିଦଫା ଦାବି ପୂରଣ ନ ହେଲେ ଜୁନ ୧୫ରୁ ଜୁନ ୨୧ ତାରିଖ ପର୍ଯ୍ୟନ୍ତ ପ୍ରତୀକ ଅନଶନ ସ୍ୱରୂପ ସମସ୍ତ ସଭ୍ୟ/ ସଭ୍ୟା କଳାବ୍ୟାଜ ପିନ୍ଧି ପ୍ରଦର୍ଶନ କରିବେ ବୋଲି ଚେତାବନୀ ଦେଇଛନ୍ତି। ଏହି ସମୟରେ ପାଟ୍ରୋଲିଂ ନ କରିବା ପାଇଁ ସଂଘ ତରଫରୁ ନିଷ୍ପତ୍ତି ନିଆଯାଇଛି। ପରେ ଜୁନ ୨୨ ତାରିଖରୁ ଦାବି ପୂରଣ ହେବା ପର୍ଯ୍ୟନ୍ତ ସଭ୍ୟ/ସଭ୍ୟାମାନେ ସାମୂହିକ ଛୁଟିରେ ରହି ସର୍କଲ ଅଫିସ ସାମ୍ନାରେ ୟୁନିଫର୍ମ ପିନ୍ଧି ଧାରଣା ପ୍ରଦର୍ଶନ କରିବେ ବୋଲି ସଂଘ ପକ୍ଷରୁ ସୂଚନା ଦିଆଯାଇଛି।

## ଈଶ୍ୱରନଗରରେ ବିକଶିତ କୃଷି ସଂକଳ୍ପ କର୍ମଶାଳା

**ପାଲଲହଡ଼ା, ୧୦।୬(ସମିସ):** ମଙ୍ଗଳବାର କୃଷି ବିଭାଗ ପକ୍ଷରୁ ପାଲଲହଡା ବ୍ଲକ ଈଶ୍ୱରନଗର ପଞ୍ଚାୟତର ଟମ୍ପର ଗାଁ ଖେଳ ପଡ଼ିଆଠାରେ ବିକଶିତ କୃଷି ସଂକଳ୍ପ ଅଭିଯାନ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ହୃଦାନନ୍ଦ ସାହୁ, ଭୁବନେଶ୍ୱରର କେନ୍ଦ୍ରୀୟ କୃଷି ଉଦ୍ୟାନ ବିଭାଗର ବୈଜ୍ଞାନିକ ଡାକ୍ତର ଗୋବିନ୍ଦ କୁମାର ଆଚାର୍ଯ୍ୟ, ଅନଗୁଳ କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ତ୍ରିୟକ କୁମାର ସାମନ୍ତ, ଅନଗୁଳ କୃଷି ସମ୍ପ୍ରସାରଣ ବିଜ୍ଞାନ କେନ୍ଦ୍ରର ବିଷୟ ବସ୍ତୁ ବିଶେଷଜ୍ଞ ସୁନିତାରାଣୀ ସେଠୀ, ପାଲଲହଡା କୃଷି ବିଭାଗର ସହକାରୀ କୃଷି ଅଧିକାରୀ ମାନସୀ ମୋନାଲିସା ନାୟକ, ସହକାରୀ ଉଦ୍ୟାନ ଅଧିକାରୀ ରିତୁରାଣୀ ସିଂ ଓ ଗ୍ରାମ୍ୟ କୃଷି କର୍ମଚାରୀ ଅମ୍ରିତା ଗଡ଼ନାୟକ ପ୍ରମୁଖ ଯୋଗ ଦେଇଥିଲେ। ଶିବିରରେ ୨୫୦ରୁ ଅଧିକ ଚାଷୀ ପଞ୍ଜୀକରଣ କରିଥିବା ବେଳେ ଡାକ୍ତର ଗୋବିନ୍ଦଚନ୍ଦ୍ର ଆଚାର୍ଯ୍ୟ ଚାଷୀଙ୍କୁ ଚାଷ କାର୍ଯ୍ୟ ଉପରେ ଆଲୋକପାତ କରିଥିଲେ। ପଞ୍ଚାୟତ କାର୍ଯ୍ୟାଳୟରୁ କୃଷି ରଥ ପଞ୍ଚାୟତ ଅନ୍ତର୍ଗତ ସମସ୍ତ ଗାଁକୁ ପରିକ୍ରମା କରି କୃଷି ସମ୍ବନ୍ଧୀୟ ସଚେତନତା ବାର୍ତ୍ତା ପ୍ରଚାର କରିଥିଲା।

## ଶୈଳଶ୍ରୀ କ୍ଷେତ୍ରରେ ରଥଯାତ୍ରା ପ୍ରସ୍ତୁତି ବୈଠକ

**ଅନୁଗୋଳ, ୧୦।୬(ସମିସ):** ଚଳିତ ମାସ ୨୭ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ଶ୍ରୀ ଜିଉମାନଙ୍କର ପବିତ୍ର ରଥଯାତ୍ରାର ସୁପରିଚାଳନା ନିମନ୍ତେ ଜିଲ୍ଲାପାଳ ଅବଦାଲ ମୁହମ୍ମଦ ଅଖତରଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଅନୁଗୋଳ ବିଧାୟକ ପ୍ରତାପଚନ୍ଦ୍ର ପ୍ରଧାନ ମୁଖ୍ୟଅତିଥି ଭାବେ ଶ୍ରୀଗୁଣ୍ଡିଚାଯାତ୍ରା ଓ ଜୁଲାଇ ୫ ତାରିଖରେ ହେବାକୁ ଥିବା ବାହୁଡ଼ା ଯାତ୍ରାକୁ ଶାନ୍ତିଶୃଙ୍ଖଳାର ସହ ପରିଚାଳନା କରିବା ନିମନ୍ତେ ପରାମର୍ଶ ଦେଇଛନ୍ତି। ଆରକ୍ଷୀ ଅଧୀକ୍ଷକ ରାହୁଲ ଜୈନ ଅପରାହ୍ଣରେ ଜିଲ୍ଲା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିବା ଏହି ବୈଠକରେ ଯୋଗ ଦେଇଥିଲେ। ମନ୍ଦିର ପରିଚାଳନା କମିଟିର ସମ୍ପାଦକ ହେମନ୍ତ ଦାସ ସମସ୍ତଙ୍କ ସହଯୋଗ କାମନା କରିବା ସହ ବିଭିନ୍ନ ସମସ୍ୟା ସମ୍ପର୍କରେ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଜିଲ୍ଲାପାଳ ନିର୍ଦ୍ଧାରିତ ସମୟ ମଧ୍ୟରେ ରଥ ନିର୍ମାଣ କାର୍ଯ୍ୟ ଶେଷ ହୋଇ ନିରାପତ୍ତା ପ୍ରମାଣପତ୍ର ପ୍ରଦାନ କରିବାକୁ ଦାୟିତ୍ୱରେ ଥିବା ଅନୁଗୋଳ ଉପଜିଲ୍ଲାପାଳ ଓ ପୂର୍ତ୍ତ ବିଭାଗର ନିର୍ବାହୀ ଯନ୍ତ୍ରୀକୁ ପରାମର୍ଶ ଦେଇଥିଲେ। ଅନୁଗୋଳ ଉଚ୍ଚବିଦ୍ୟାଳୟଠାରୁ ଗୁଣ୍ଡିଚା ମନ୍ଦିର ପର୍ଯ୍ୟନ୍ତ ଜାତୀୟ ରାଜପଥର ଉଭୟ ପାର୍ଶ୍ୱ ରାସ୍ତା ମରାମତି, ଶୃଙ୍ଖଳା ଗଛଡାଳ କାଟିବା, ଅସ୍ଥାୟୀ ଦୋକାନଗୁଡ଼ିକର ସ୍ଥାନାନ୍ତର ଇତ୍ୟାଦି କାର୍ଯ୍ୟ ରଥଯାତ୍ରା ପୂର୍ବରୁ ଶେଷ କରିବାକୁ ବୈଠକରେ ଆଲୋଚନା ହୋଇଥିଲା। ରଥଯାତ୍ରା ସମୟରେ ଭ୍ରାମ୍ୟମାଣ ଗାଡ଼ିରେ ସ୍ୱାସ୍ଥ୍ୟସେବା ଯୋଗାଇଦେବା, ଟ୍ୟାକର ଯୋଗେ ପାନୀୟ ଜଳଯୋଗାଣ, ଆଲୋକ ବ୍ୟବସ୍ଥା ତଥା ସହରକୁ ପରିଷ୍କାର ପରିଚ୍ଛନ୍ନ ରଖିବା ନିମନ୍ତେ ବିଭାଗୀୟ ଅଧିକାରୀଙ୍କୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି। ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ପ୍ରୀତିମୟ, ଅନୁଗୋଳ ପୌରାଧକ୍ଷ ଅକ୍ଷୟ ସାମନ୍ତ, ଉପଜିଲ୍ଲାପାଳ ମାୟାଧର ବେହେରା, ଜିଲ୍ଲା ପରିଷଦର ଅତିରିକ୍ତ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ପଦ୍ମନାଭ ସାମନ୍ତରାୟ, ଅନୁଗୋଳ ପୌରନିର୍ବାହୀ ଅଧିକାରୀ ସତ୍ୟପ୍ରକାଶ ତ୍ରିପାଠୀ, ମନ୍ଦିର ପରିଚାଳନା କମିଟିର ସଦସ୍ୟ ଭବାନୀ ପ୍ରସାଦ ମିଶ୍ର, ଆନନ୍ଦଚନ୍ଦ୍ର ମହାପାତ୍ରଙ୍କ ସମେତ ଅନ୍ୟାନ୍ୟ ସଦସ୍ୟ ତଥା ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ଯୋଗ ଦେଇଥିଲେ।



## ୬ ଫୁଟ୍‌ର ନାଗ ଉଦ୍ଧାର

**ତାଳଚେରସଦର, ୧୦।୬(ସମିସ):** ଲିଙ୍ଗରାଜ ଖୋଲାମୁହଁ କୋଇଲା ଖଣି ସାଇଲୋଠାରେ ଏକ ନାଗସାପକୁ କର୍ମଚାରୀମାନେ ଦେଖିଲା ପରେ ଖବର ପାଇ ସର୍ପମିତ୍ର ସଞ୍ଜୟ ମହାପାତ୍ର ଘଟଣାସ୍ଥଳରେ ପହଁଚି ସାପଟିକୁ ଉଦ୍ଧାର କରିବା ସହ ନିକଟସ୍ଥ ଜଙ୍ଗଲରେ ଛାଡ଼ି ଦେଇଥିବା ଜଣାପଡ଼ିଛି। ବର୍ଷାଋତୁର ଆଗମନ ହେତୁ ଅନାବନା ଗଛ, ଲଟା, ଘାସ ଇତ୍ୟାଦି ବୃଦ୍ଧି ପାଉଥିବାରୁ ସାପ ଓ ଅନ୍ୟାନ୍ୟ ଜୀବଙ୍କ ପ୍ରାଦୁର୍ଭାବ ବଢ଼ିବାର ଆଶଙ୍କା ରହୁଛି। ତେଣୁ ଏହାକୁ ଦୃଷ୍ଟିରେ ରଖି ସ୍ଥାନୀୟ ମେଡିକାଲଗୁଡିକରେ ଜରୁରୀ କାଳୀନ ଔଷଧ ମହଜୁଦ ରଖିବାକୁ ସାଧାରଣରେ ଦାବି ହେଉଛି।

## ଭୂ-ଅର୍ଜନ ଅଧିକାରୀ ଓ ଜମିହରାଙ୍କ ମିଳିତ ଅଭିଯୋଗ ଶୁଣାଣି

**ତାଳଚେରସଦର, ୧୦।୬(ସମିସ):** ମହାନଦୀ କୋଲଫିଲଡସ୍ ଲିମିଟେଡର ସ୍ୱତନ୍ତ୍ର ଭୂଅର୍ଜନ କାର୍ଯ୍ୟାଳୟ ପକ୍ଷରୁ ୪ର୍ଥ ପାଇଁ ମିଳିତ ଜମିହରା ପ୍ରଜାଙ୍କ ତାଳଚେର ଉପଜିଲ୍ଲାପାଳଙ୍କ ସଭାଗୃହଠାରେ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଶିବିର ଅନୁଷ୍ଠିତ ହୋଇଛି। ଏହି ଶିବିରକୁ ଉପଜିଲ୍ଲାପାଳ ସମୀର ଜେନା ଅଧ୍ୟକ୍ଷତା କରିଥିଲେ। ଶିବିରରେ ମହାନଦୀ କୋଲଫିଲଡସ୍ ଲିମିଟେଡର ସ୍ୱତନ୍ତ୍ର ଭୂଅର୍ଜନ ଅଧିକାରୀ ପ୍ରତାପ ହରି ପ୍ରଧାନ ସମସ୍ତ କ୍ଷେତ୍ରର ଅଧିକାରୀ ପୁନଃ ସ୍ଥାପନ ଏବଂ ପୁନଃ ଥଇଥାନ ଅଭିଯୋଗ ସମାଧାନ କାର୍ଯ୍ୟାଳୟର ଅଧିକାରୀ ପ୍ରେମାନନ୍ଦ ପ୍ରଧାନଙ୍କ ସହ ବିଭିନ୍ନ ଗ୍ରାମର ଜମିହରା ପ୍ରଜାମାନେ ସେମାନଙ୍କ ଅଭିଯୋଗ ଦାଖଲ କରିଥିଲେ। ଶିବିରରେ ସମୁଦାୟ ୧୬ଟି ଅଭିଯୋଗ ଗ୍ରହଣ କରାଯାଇ ଶୁଣାଣି ହୋଇଥିଲା। ଏହି ୧୬ଟି ଅଭିଯୋଗ ମଧ୍ୟରୁ ୧୧ଟି ଅଭିଯୋଗର ତୁରନ୍ତ ନିଷ୍ପତି ଗ୍ରହଣ କରାଯାଇଥିଲା ବୋଲି ପୁନଃ ସ୍ଥାପନ ଏବଂ ପୁନଃ ଥଇଥାନ ଅଭିଯୋଗ ସମାଧାନ ଅଧିକାରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡ଼ିଛି।

## ଅବିରତ ବସ୍ ଚଳାଚଳ ପାଇଁ ବିଡିଓଙ୍କୁ ଦାବିପତ୍ର

**କଣିହାଁ, ୧୦।୬(ସମିସ):** କଣିହାଁ ବ୍ଲକ ମହକୁମାଠାରୁ ଝରାବେରେଣୀ, ଖଜୁରିଆ, ସାପକଟା, ଅନ୍ଧାରୀ, ନିଆଳୁ, ବଳରାମପୁର, ଲୋଧାଝରୀ କୁଆଦରା, କାଳିଆଦମା, ପଳଶାବାହାଲି ଆଦି ଗାଁ ଦେଇ ବାଲିପଶି ପର୍ଯ୍ୟନ୍ତ ଅବିରତ ଭାବେ ମୁଖ୍ୟମନ୍ତ୍ରୀ ବସ ସେବା କରାଇବା ଦାବିରେ ନାରୀ ନିର୍ଯାତନା ବିରୋଧୀ ଗଣ କମିଟି ପକ୍ଷରୁ କଣିହାଁ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଉକ୍ତ ଗ୍ରାମଗୁଡିକର ୫ହଜାରରୁ ଉର୍ଦ୍ଧ୍ୱ ଲୋକଙ୍କ ଗମନାଗମନ ପାଇଁ କୌଣସି ବସ ସେବା ନାହିଁ। ଏହି ଅଞ୍ଚଳରୁ କଣିହାଁ ଡାକ୍ତରଖାନା, ବ୍ଲକ ଅଫିସ, ତହସିଲ ଅଫିସ, ହାଟ ବଜାର, ଏନଟିପିସି କାରଖାନା ତଥା ବନ୍ଧୁବାନ୍ଧବଙ୍କ ଘରକୁ ବହୁ ଅଭାବୀ ଗରିବ ଲୋକ ସାଇକଲରେ, ପାଦରେ ଚାଲି ଚାଲି ଯିବା ଆସିବା କରିଥାନ୍ତି। ଅନେକ ଛାତ୍ରଛାତ୍ରୀ ମଧ୍ୟ କଣିହାଁ ମହାବିଦ୍ୟାଳୟକୁ ପାଠ ପଢିବା ପାଇଁ ଯିବାଆସିବା କରନ୍ତି। ଏହି ରାସ୍ତା ଜଙ୍ଗଲ ମଧ୍ୟ ଦେଇ ଯାଇଥିବାରୁ ବହୁ ହିଂସ୍ର ଜନ୍ତୁ ସମେତ ହାତୀ ଆକ୍ରମଣର ଭୟ ଲାଗି ରହିଥାଏ। ଏପରି ଅବସ୍ଥାରେ ଲୋକମାନେ ପାରିବାରିକ ଓ ସାମାଜିକ କାମରେ ଯାତାୟାତ କରିବାବେଳେ ବହୁ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି ବୋଲି ବାଲିପଶି ସରପଞ୍ଚ ହାଡ଼ିବନ୍ଧୁ ସେଠୀ ପ୍ରକାଶ କରିଛନ୍ତି। ମହିଳା, ଛାତ୍ରୀ ତଥା ସର୍ବସାଧାରଣଙ୍କ ଯିବା ଆସିବାର ସୁରକ୍ଷା ପାଇଁ ମୁଖ୍ୟମନ୍ତ୍ରୀ ବସ ସେବା ମାଧ୍ୟମରେ ବସ ଚଳାଚଳ କରିବା ପାଇଁ ଗଣକମିଟିର କର୍ମକର୍ତ୍ତା ଓ ଗ୍ରାମଗୁଡିକର ପ୍ରତିନିଧିମାନେ କଣିହାଁ ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରି ଆଲୋଚନା କରିଥିଲେ। ଏହି ଦାବିପତ୍ର ପ୍ରଦାନରେ ବିଶାଖା ସାହୁ, ଗୀତାଞ୍ଜଳି ସାହୁ, ଜାନକୀ ସେଠୀ, ସୁଭଦ୍ରା ପ୍ରଧାନ, ସୂର୍ଯ୍ୟ ଦେହୁରୀ, ଜେମାମଣି ନାଏକ, ରୁପବତୀ ଗଡନାୟକ, ଗୌତମ ସେଠୀ, ପରମାନନ୍ଦ ସାହୁ, ରମା ସାହୁ, ମାନସୀ ସ୍ୱାଇଁ, ମିନତୀ ସାମଲ, ପ୍ରଗତି ନାୟକ, ପଙ୍କଜିନୀ ସିଂ ପ୍ରମୁଖ ଉପସ୍ଥିତ ଥିଲେ।

## ସ୍ୱାମୀର ଟାଙ୍ଗିଆ ଚୋଟରେ ଆହତ ସ୍ତ୍ରୀଙ୍କ ମୃତ୍ୟୁ

**ପାଲଲହଡ଼ା, ୧୦।୬(ସମିସ):** ସ୍ୱାମୀର ଟାଙ୍ଗିଆ ଚୋଟରେ ସ୍ତ୍ରୀ ଗୁରୁତର ହୋଇ ଚିକିତ୍ସାଧୀନ ଥିଲା ବେଳେ ମଙ୍ଗଳବାର କଟକ ବଡ଼ ଡାକ୍ତରଖାନାରେ ତାଙ୍କ ମୃତ୍ୟୁ ହୋଇଛି। ମୃତ ମହିଳା ଜଣକ ହେଉଛନ୍ତି ଗୀତା ମୁଣ୍ଡା। ଗତ ସପ୍ତାହ ଗୁରୁବାର ପାଲଲହଡା ଥାନା ଅନ୍ତର୍ଗତ ପେଚାମୁଣ୍ଡି ପଞ୍ଚାୟତ ଶ୍ୟାମସୁନ୍ଦରପୁର ଗ୍ରାମର ଗୀତା ମୁଣ୍ଡା ଓ ତାଙ୍କ ସ୍ୱାମୀ ସିଧୁଙ୍କ ମଧ୍ୟରେ କୌଣସି କଥାକୁ ନେଇ ବଚସା ହୋଇଥିଲା। ଏଥିରେ ଉତକ୍ଷିପ୍ତ ହୋଇ ସିଧୁ ଏକ ଟାଙ୍ଗିଆରେ ସ୍ତ୍ରୀ ଗୀତାଙ୍କ ମୁଣ୍ଡକୁ ହାଣି ଦେଇଥିଲା। ଗୁରୁତର ଅବସ୍ଥାରେ ପରିବାର ଲୋକେ ଗୀତାଙ୍କୁ ପାଲଲହଡା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ ପରେ ଅବସ୍ଥା ଶୋଚନୀୟ ହେବାରୁ ପ୍ରଥମେ ଅନଗୁଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଏବଂ ସେଠାରୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଥିଲା। ସ୍ୱାମୀ ସିଧୁ ମୁଣ୍ଡା ଘଟଣା ଦିନରୁ ଫେରାର ଥିବାବେଳେ ପାଲଲହଡା ପୁଲିସ ଆକ୍ରମଣ ଘଟଣାକୁ ଏବେ ହତ୍ୟା ମାମଲା ରୁଜୁକରି ତଦନ୍ତ ଚାଲୁ ରଖିଛି।

## ନାବାଳିକା ଅପହରଣ ଅଭିଯୋଗ

**କଣିହାଁ,୧୦।୬(ସମିସ):** କଣିହାଁ ବ୍ଲକ୍ ସମଲ ଥାନାଞ୍ଚଳରେ ନାବାଳିକା ଅପହରଣ ନେଇ ସୋମବାର ଥାନାରେ ଅଭିଯୋଗ ହୋଇଛି। ପୁଲିସ ଏକ ମାମଲା ରୁଜୁକରି ତଦନ୍ତ ଟିମ ଗଠନ କରିଛି। ନାବାଳକ ଓ ନାବାଳିକା ସମଲ ଥାନାଞ୍ଚଳର ଗୋଟିଏ ବିଦ୍ୟାଳୟରେ ଏକାଠି ପଢୁଥିଲେ। ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢି ଉଠିଥିଲା। ସାଥୀ ନାବାଳକ ଜଣକ ତାକୁ ଅପହରଣ କରି ନେଇଥିବା ଗତକାଲି ଜଣାପଡିବା ପରେ ପରିବାର ପକ୍ଷରୁ ଥାନାର ଦ୍ୱାରସ୍ଥ ହୋଇଥିଲେ। ଅପହୃତାକୁ ଠାବ କରିବା ପାଇଁ ପୁଲିସ ସ୍ୱତନ୍ତ୍ର ଟିମ ଗଠନ କରିଛି। ଅପହୃତା ଜଣକ ସମଲ ଥାନା ଇଲାକାର ହୋଇଥିବା ବେଳେ ଅପହରଣକାରୀ ନାବାଳକ ଜଣକ ଢେଙ୍କାନାଳ ଜିଲ୍ଲାର ହୋଇଥିବା ପ୍ରକାଶ। ପୁଲିସ ପକ୍ଷରୁ ଅଭିଯୁକ୍ତ ଗିରଫ କରିବା ପାଇଁ ବିଭିନ୍ନ ଅଞ୍ଚଳରେ ଚଢ଼ଉ ଜାରି ରଖିଥିବା ନେଇ ଜଣାପଡ଼ିଛି।

## ବାଇକ୍ ଧକ୍କାରେ ବୃଦ୍ଧ ମୃତ, ଜଣେ ଗିରଫ

**କଣିହାଁ,୧୦।୬(ସମିସ):** କଣିହାଁ ବ୍ଲକ୍ ସମଲ ଥାନା ଶିପୁର ସାମଲସାହି ଛକରେ ବାଇକ ଧକ୍କାରେ ଜଣେ ବୃଦ୍ଧଙ୍କ ପ୍ରାଣବାୟୁ ଚାଲିଯାଇଛି। ମୃତ ବୃଦ୍ଧ ଜଣକ ହେଲେ ଶିପୁର ଗ୍ରାମର ମଙ୍ଗୁଲୁ ସାମଲ(୭୪)। ଛକ ଆଡୁ ନିଜ ଘରକୁ ଫେରୁଥିବା ବେଳେ ସେହି ଗ୍ରାମର ନୃସିଂହ ସାହୁ(୨୬) ଖମାର ଆଡୁ ପରାବିଲ ଅଭିମୁଖେ ବାଇକ ଯୋଗେ ଯାଉଥିବା ବେଳେ ଧକ୍କା ଦେଇଥିଲା। ଖମାର ଡାକ୍ତରଖାନାରେ ମଙ୍ଗୁଲୁଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଏନେଇ ମୃତକଙ୍କ ପୁଅ ରତ୍ନାକର ସାମଲ(୫୦) ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ମଙ୍ଗଳବାର ଅଭିଯୁକ୍ତ ବାଇକ ଚାଳକ ନୃସିଂହକୁ କୋର୍ଟଚାଲାଣ କରିଛି।

## ବାଇକ୍‌କୁ ଧକ୍କାଦେଲା କାର୍; ବାପା-ଝିଅ ଗୁରୁତର

**ଅନୁଗୋଳ, ୧୦।୬(ସମିସ):** ନିଶା ଶିଳ୍ପାଞ୍ଚଳ ଥାନା ମୋନେଟ କାରଖାନା ଫାଟକ ସମ୍ମୁଖରେ କାର ଧକ୍କାରେ ଗୁରୁତର ହୋଇଛନ୍ତି ବାପ-ଝିଅ। ସେମାନଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଗୁରୁତର ବାପା-ଝିଅ ହେଲେ ଜରପଡା ଥାନା ଅନ୍ତର୍ଗତ ବକଳ ଗାଁର ବୀରବର ସିଂହ (୪୦) ଓ ତାଙ୍କ ଝିଅ ପ୍ରିୟଙ୍କା ସିଂହ(୧୦)। ଉଭୟ ବାଇକ ଯୋଗେ ଛେଣ୍ଡିପଦାସ୍ଥିତ ବନ୍ଧୁ ଘରକୁ ଯାଉଥିଲେ। ମୋନେଟ କାରଖାନା ଫାଟକ ସମ୍ମୁଖରେ ଏକ କାର୍ ତାଙ୍କୁ ଧକ୍କା ଦେଇ ପଳାଇଥିଲା। ବାଇକ ଭାଙ୍ଗି ଚୁରମାର ହୋଇ ଯାଇଥିଲା। ଦୁର୍ଘଟଣାରେ ବୀରବର ଓ ପ୍ରିୟଙ୍କା ରାସ୍ତାରେ ଗୁରୁତର ହୋଇ ପଡିଥିବା ବେଳେ ସ୍ଥାନୀୟ ଲୋକ ତାଙ୍କୁ ଉଦ୍ଧାର କରିଥିଲେ। ୧୦୮ ଆମ୍ବୁଲାନ୍ସ ଯୋଗେ ଉଭୟଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି। ପ୍ରିୟଙ୍କାଙ୍କ ମୁହଁ, ହାତ, ଗୋଡ ଖଣ୍ଡିଆ ହୋଇଥିବା ବେଳେ ବୀରବରଙ୍କ ମୁଣ୍ଡ, ଛାତି, ହାତ, ଗୋଡ଼ରେ ଗଭୀର କ୍ଷତ ହୋଇଛି। ସେମାନଙ୍କ ଚିକିତ୍ସା ଚାଲିଥିବା ଜଣାଯାଇଛି।


## ବାଳିକା ସଶକ୍ତିକରଣ ଅଭିଯାନ ଉଦ୍‌ଯାପିତ


**ତାଳଚେରସଦର, ୧୦।୬(ସମିସ):** ଏନଟିପିସି ତାଳଚେର ଥର୍ମାଲରେ ବିଗତ ୪ସପ୍ତାହ ଚାଲୁଥିବା ବାଳିକା ସଶକ୍ତିକରଣ ଅଭିଯାନ କାର୍ଯ୍ୟକ୍ରମର ଉଦଯାପନୀ ସମାରୋହ ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ସରକାରୀ ବିଦ୍ୟାଳୟର ୪୦ ଜଣ ଷଷ୍ଠଶ୍ରେଣୀର ଛାତ୍ରୀ ଯୋଗଦେଇ ଜୀବନ ବିଭିନ୍ନ କ୍ଷେତ୍ର ଉପରେ ବଞ୍ଚିବାର ଶିକ୍ଷାଲାଭ କରି ଉଦବୁଦ୍ଧ ହୋଇଥିଲେ। ତାଳଚେର ଥର୍ମାଲ କାର୍ଯ୍ୟକାରୀ ନିର୍ଦ୍ଦେଶକ ବିଜୟ ଚାନ୍ଦ ଏନଟିପିସିର ଏହି କାର୍ଯ୍ୟକ୍ରମରେ ସମାଜରେ ବାଳିକାମାନଙ୍କୁ ଏକ ସକ୍ଷମ ଓ ସଶକ୍ତ କରି ଗଢ଼ି ତୋଳିବା ବୋଲି ମତବ୍ୟକ୍ତ କରିଥିଲେ। ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସାଗରିକା ମହିଳା ମହାବିଦ୍ୟାଳୟର ସଭାନେତ୍ରୀ ବିଭା ଅଗ୍ରୱାଲ ଓ ଅଭିଭାବକ, ଅଭିଭାବିକାମାନେ ଯୋଗ ଦେଇଥିଲେ। ଛାତ୍ରଛାତ୍ରୀ ନୈତିକ କଳା, ନୃତ୍ୟ, କମ୍ପ୍ୟୁଟର୍, ଯୋଗ ଇତ୍ୟାଦି ଶିକ୍ଷାଗ୍ରହଣ କରିବାର ସୁଯୋଗ ପାଇଥିଲେ। ଏନଟିପିସିର ଏହି କାର୍ଯ୍ୟକ୍ରମ ସମସ୍ତଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇଥିଲା।

# ମହିଳାଙ୍କ ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା

**ଅନୁଗୋଳ,୧୦।୬(ସମିସ)**







ରାଜ୍ୟ ସରକାରଙ୍କ ମିଶନ ଶକ୍ତି ବିଭାଗ ପକ୍ଷରୁ ଅନୁଗୋଳ ବ୍ଲକ୍‌ସ୍ତରୀୟ ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା ଅନୁଗୋଳ ସରକାରୀ ବାଳିକା ଉଚ୍ଚବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ବିଡିଓ ବିଶ୍ୱ ଭୂଷଣଙ୍କ ପୌରହିତ୍ୟରେ ଉଦଘାଟିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଅନୁଗୋଳ ପଞ୍ଚାୟତସମିତି ଅଧ୍ୟକ୍ଷା ରାଜଶ୍ରୀ ସାହୁ ଓ ସମ୍ମାନିତ ଅତିଥି ଭାବେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ତଥା ସମ୍ବଲପୁର ସାଂସଦଙ୍କ ପ୍ରତିନିଧି ପ୍ରଦୀପ କୁମାର ପ୍ରଧାନ ଯୋଗ ଦେଇଥିଲେ। ପଞ୍ଚାୟତସମିତି ଉପାଧ୍ୟକ୍ଷ ପ୍ରକାଶଚନ୍ଦ୍ର ପ୍ରଧାନ, ଶିଶୁବିକାଶ ପ୍ରକଳ୍ପ ଅଧିକାରିଣୀ ରିତାଞ୍ଜଳି ପ୍ରଧାନ, ସରକାରୀ ବାଳିକା ଉଚ୍ଚବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ପ୍ରିୟରଞ୍ଜନ ପ୍ରଧାନ, କାର୍ଯ୍ୟକ୍ରମର ବିଚାରକମଣ୍ଡଳୀ, ପ୍ରକଳ୍ପ ସଂଯୋଜକ ଦେବୀ ଧରିତ୍ରୀ କର, ପ୍ରକଳ୍ପ ପରିଚାଳକ ଅକ୍ଷୟ ନାଏକ, ଜିବିକା ମିଶନ ସଂଯୋଜକ ମାନସୀ ତ୍ରିପାଠୀ, ସାଗରିକା ପ୍ରଧାନ, ସଞ୍ଜୀବ କୁମାର ପ୍ରଧାନ, ସୌଦାମିନୀ ବେହେରା, କୋଷାଧ୍ୟକ୍ଷ ଜଗନ୍ନାଥ ସାହୁ, ଗୋଷ୍ଠୀ ଉନ୍ନୟନ କାର୍ଯ୍ୟାଳୟର କର୍ମଚାରୀ ଓ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟମାନେ ଉପସ୍ଥିତ ଥିଲେ। ପ୍ରତିଯୋଗିତାରେ ୯ଟି ଗ୍ରାମପଞ୍ଚାୟତର ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ୫ଟି ସହରାଞ୍ଚଳ ସ୍ୱୟଂ ସହାୟକ ଗୋଷ୍ଠୀର ୪୨ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ବଣିଆବାହଳ ନାରୀ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀ ପ୍ରଥମ ସ୍ଥାନ ଅଧିକାର କରି ୫ ହଜାର ଟଙ୍କା ଓ ବଡକନ୍ତକୁଳ ଗ୍ରାମ ପଞ୍ଚାୟତର ପୁରୁଷୋତ୍ତମ ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱିତୀୟ ସ୍ଥାନ ଅଧିକାର କରି ୪ ହଜାର ଟଙ୍କା ପୁରସ୍କୃତ ହୋଇଥିଲେ।

**କିଶୋରନଗର:** କିଶୋରନଗର ସ୍ନାତକ ମହାବିଦ୍ୟାଳୟରେ ବ୍ଲକସ୍ତରୀୟ ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବିଡ଼ିଓ ସୁବ୍ରତ ବେହେରା, ସିଡ଼ିପିଓ ଆରତୀ ସିଂହ, ଏବିଡିଓ ଦିଲ୍ଲୀପ ପ୍ରଧାନ, ବ୍ଲକ ଉପାଧ୍ୟକ୍ଷ ଲବକୁମାର ପ୍ରଧାନ, ସ୍ନାତକ ମହାବିଦ୍ୟାଳୟ ଅଧ୍ୟକ୍ଷ ଅକ୍ଷୟ ଦାଶ, କିଶୋରନଗର ହାଇସ୍କୁଲ ପ୍ରଧାନଶିକ୍ଷୟିତ୍ରୀ ସୁପ୍ରଭା ସାହୁ ପ୍ରମୁଖ ଯୋଗ ଦେଇଥିଲେ। ପ୍ରତିଯୋଗିତାରେ ୨୭ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ଷ୍ଟଲ ଖୋଲିଥିଲେ। ଅତିଥି ମାନେ ଷ୍ଟଲ ବୁଲି ଖାଦ୍ୟ ପରଖିଥିଲେ। ବାମୁର ଓମ୍‌ସାଇ ଶକ୍ତି ଏସଏଚଜି ଗୋଷ୍ଠୀ ପ୍ରଥମ ସ୍ଥାନ ଅଧିକାର କରି ୫୦୦୦ ଟଙ୍କା ଅର୍ଥ ରାଶି ଓ ଜଏରାଟ ମା'ତାରିଣୀ ଏସଏଚଜି ଦ୍ୱିତୀୟ ସ୍ଥାନ ଅଧିକାର କରି ୪୦୦୦ ଟଙ୍କା ଅର୍ଥ ରାଶିରେ ପୁରସ୍କୃତ ହୋଇଥିଲେ। ଏଥିରେ ବିପିଏମ୍ (ଓଏଲଏମ୍) ମମତା ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ବିଏଲସି (ଓଏଲଏମ୍) ସୁଜିତ ପ୍ରଧାନ, ସାଗକାନ୍ତ ରାଉତ, ଜିତେନ୍ଦ୍ର ଦେହୁରୀ ପ୍ରମୁଖ ସହଯୋଗ କରିଥିଲେ।

**ବଅଁରପାଳ:** ବଅଁରପାଳ ପଞ୍ଚାୟତସମିତି ସଭାଗୃହରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ସମସ୍ତ ମହିଳା ଗୋଷ୍ଠୀଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। ବ୍ଲକ ଅଧ୍ୟକ୍ଷ ବିଜୟ କୁମାର ନାଥ, ବିଡ଼ିଓ ଲୋଚନ ସାହୁ, ଏବିଡ଼ିଓ ମାଧବ ପାଣିଗ୍ରାହୀ, ଜିଲ୍ଲା ପରିଷଦ ସଭ୍ୟ ମୀରା ଗଡ଼ନାୟକ, ସିଡିପିଓ ଲିଲି ଦାସ, ବିପିଏମ ସୁନୀତା ପାଳ, ରିଡର ହୋମ ସାଇନ୍ସ ପ୍ରମୋଦା କୁମାରୀ ପ୍ରଧାନ ପ୍ରମୁଖ ମଞ୍ଚାସୀନ ଥିଲେ। ବିପିଏ ଅଜିତ ବେହେରା, ବିଏଲସି ସୁବ୍ରତ ଦାସ, କୃତାର୍ଥ ବିଶ୍ୱାଳ ଓ ଜ୍ୟୋତ୍ସ୍ନାମୟୀ ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଦାବି ମାନିଲା ପ୍ରଶାସନ

# ପାଞ୍ଚଦିନ ପରେ ଆମରଣ ଅନଶନ ପ୍ରତ୍ୟାହୃତ

ରାଜନଗର,୧୦।୬(ସମିସ)



ରାଜନଗରରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ପ୍ରତିବାଦରେ ଥାନା ଆଗରେ ୪୦ରୁ ଉର୍ଦ୍ଧ୍ୱ ନିର୍ବାଚିତ ଲୋକ ପ୍ରତିନିଧିଙ୍କ ୫ ଦିନ ଅନଶନ ଓ ଦୁଇଦିନ ଧରି ଆମରଣ ଅନଶନରେ ବସିବା ପରେ ପ୍ରଶାସନ ଦାବି ମାନି ନେଇଛି। ଆଜି ଅନଶନ ସ୍ଥଳରେ ରାଜନଗର ବିଧାୟକ ଧ୍ରୁବ ସାହୁ ପହଞ୍ଚି ଆମରଣ ଅନଶନକାରୀଙ୍କ ସହ ବସିଥିଲେ। କେନ୍ଦ୍ରାପଡ଼ା ଏସ୍‌ପି ଓ ଅତିରିକ୍ତ ଜିଲ୍ଲାପାଳ ରାଜନଗର ଥାନାରେ ପହଞ୍ଚିଥିଲେ। ଏସ୍‌ପି, ଅତିରିକ୍ତ ଜିଲ୍ଲାପାଳ ବିଧାୟକ ଓ ଆମରଣ ଅନଶନକାରୀଙ୍କ ଏକ ପ୍ରତିନିଧି ଦଳ ସହ ଆଲୋଚନା କରିଥିଲେ। ୩୧ ତାରିଖ ଦିନ ବିଡିଓ, ପଞ୍ଚାୟତ ସମିତି ଅଧ୍ୟକ୍ଷ ଓ ବିଧାୟକ ଉନ୍ନୟନମୂଳକ କାମ ସମ୍ପର୍କରେ ଆଲୋଚନା କରୁଥିବାବେଳେ ବିଡିଓଙ୍କ କକ୍ଷକୁ ଘୋଟାଇ ମାରି ଅରାଜକତା ସୃଷ୍ଟି କରିଥିବା ବ୍ୟକ୍ତିଙ୍କ ବିରୁଦ୍ଧରେ ରାଜନଗର ବିଡିଓ ଏତଲା ଦେବେ। ସିସିଟିଭି ଫୁଟେଜ ଆଧାରରେ ଅଭିଯୁକ୍ତଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ। ବିଡିଓ ବାତ୍ୟା ଆଶ୍ରୟସ୍ଥଳୀର କର୍ମକର୍ତ୍ତା ତାଲିକା ଥାନାକୁ ଦେବେ। କମିଟି ବାତ୍ୟା ଆଶ୍ରୟସ୍ଥଳୀର ମରାମତି କାମ କରିବ। ଅନ୍ୟ କେହି ସେଠାରେ ଅରାଜକତା ସୃଷ୍ଟି କଲେ ପୁଲିସ ପଦକ୍ଷେପ

### ଅନଶନକାରୀଙ୍କ ସହ ଏସ୍‌ପି, ଏଡିଏମ୍‌ଙ୍କ ଆଲୋଚନା

ନେବ। ପେଷ ବାତ୍ୟା ଆଶ୍ରୟସ୍ଥଳୀରେ ଚୋରି ଓ ସମ୍ପାଦକଙ୍କ ମାଡ଼ ଘଟଣାରେ ଦୁଇଟି ମାମଲା ରୁଜୁ ହୋଇଛି। ଆଇଆଇସି ନିଜେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବେ ବୋଲି ଏସ୍‌ପି ଓ ଅତିରିକ୍ତ ଜିଲ୍ଲାପାଳଙ୍କ ପ୍ରତିଶ୍ରୁତି ପରେ ଆମରଣ ଅନଶନ ପ୍ରତ୍ୟାହୃତ ହୋଇଛି। ରାଜନଗରର ନିର୍ବାଚିତ ସରପଞ୍ଚ, ସମିତି ସଭ୍ୟ ଓ ବିଜୁ ଜନତା ଦଳର କର୍ମକର୍ତ୍ତା ଆଇନଶୃଙ୍ଖଳା ବିପର୍ଯ୍ୟୟ ପ୍ରତିବାଦରେ ଚଳିତ ମାସ ୬ ତାରିଖଠାରୁ ରାଜନଗର ଥାନା ଆଗରେ ଅନଶନ ଆରମ୍ଭ କରିଥିଲେ। ପ୍ରଶାସନ କୌଣସି ପଦକ୍ଷେପ ନ ନେବାରୁ ୯ ତାରିଖଠାରୁ ଆମରଣ ଅନଶନ ଆରମ୍ଭ କରିଥିଲେ। ଗତକାଲି ମୁଖ୍ୟମନ୍ତ୍ରୀ କେନ୍ଦ୍ରାପଡ଼ାରେ ଆଇନଶୃଙ୍ଖଳା ସମୀକ୍ଷା କରିଥିବାବେଳେ ରାଜନଗର ବିଧାୟକ ଆମରଣ ଅନଶନ ପ୍ରସଙ୍ଗ ଉଠାଇଥିଲେ। ଏସ୍‌ପି ଓ ଅତିରିକ୍ତ ଜିଲ୍ଲାପାଳ ଆମରଣ ଅନଶନକାରୀଙ୍କ ପାଖରେ ପହଞ୍ଚି ଆଲୋଚନା ମାଧ୍ୟମରେ ସମାଧାନ ପାଇଁ ନିର୍ଦ୍ଦେଶ ଦେଇଥିଲେ।

## ଦୁର୍ଘଟଣାରେ ନୀଳକଣ୍ଠପୁର ସରପଞ୍ଚଙ୍କ ମୃତ୍ୟୁ



ପଟ୍ଟାମୁଣ୍ଡାଇ,୧୦।୬(ସମିସ): ପଟ୍ଟାମୁଣ୍ଡାଇ ବ୍ଲକର ଲୋକପ୍ରିୟ ନେତା ତଥା ନୀଳକଣ୍ଠପୁର ପଞ୍ଚାୟତର ଯୁବ ସରପଞ୍ଚ ଜ୍ଞାନରଞ୍ଜନ ଖଣ୍ଡାୟତ (୪୬) ଦୁର୍ଘଟଣାର ଶିକାର ହୋଇ କଟକର ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସାଧୀନ ଥିଲେ। ଗତକାଲି ବିଳମ୍ବିତ ରାତିରେ ତାଙ୍କର ମୃତ୍ୟୁ ଘଟିଛି। ତାଙ୍କ ମୃତ୍ୟୁରେ ପଟ୍ଟାମୁଣ୍ଡାଇ ବିଭିନ୍ନ ମହଲରେ ଶୋକ ପ୍ରକାଶ ପାଇଛି। ଗତକାଲି ଅପରାହ୍ନରେ ବର୍ଷା, ପବନ ଲାଗି ରହିଥିବାବେଳେ ଶ୍ରୀ ଖଣ୍ଡାୟତ ବୁଲେଟ୍‌ରେ କେନ୍ଦ୍ରାପଡ଼ା ଯାଉଥିବା ସମୟରେ ଦୁନ୍‌ଡିହାଠାରେ ବିପରୀତ ଦିଗରୁ ଆସୁଥିବା ପିକ୍‌ଅପ ଭ୍ୟାନ ତାଙ୍କୁ ମୁହାଁମୁହିଁ ଧକ୍କା ଦେଇଥିଲା। ଫଳରେ ଶ୍ରୀ ଖଣ୍ଡାୟତ ଛିଟିକି ରାସ୍ତା ଉପରେ ପଡିଯିବା ପରେ ପିକ୍‌ଅପ ତାଙ୍କ ଉପରେ ଚଢ଼ିଯାଇଥିଲା। ତାଙ୍କ ବାମ ହାତ କହୁଣୀ ପାଖରୁ ହାଡ କଟିଯାଇ ପ୍ରଚୁର ରକ୍ତସ୍ରାବ ହୋଇଥିଲା। ସ୍ଥାନୀୟ ଲୋକେ ତାଙ୍କୁ ପଟ୍ଟାମୁଣ୍ଡାଇ ସବଡିଭିଜନ ହସ୍ପିଟାଲ ଆଣିଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ କଟା ହାତ ଯୋଡିବା ପାଇଁ କଟକ ନେବାକୁ ଡାକ୍ତର ପରାମର୍ଶ ଦେଇଥିଲେ। ତାଙ୍କୁ କଟକର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା, ବ୍ଲକ୍ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ସରପଞ୍ଚ ସଂଘ ସଭାନେତ୍ରୀ ଲକ୍ଷ୍ମୀପ୍ରିୟା ଷଡଙ୍ଗୀ, ସମ୍ପାଦକ ପ୍ରିୟବ୍ରତ ଓଝା ପ୍ରମୁଖ ପହଞ୍ଚି ଚିକିତ୍ସା ବ୍ୟବସ୍ଥା କରିଥିଲେ। ତେବେ ଚିକିତ୍ସାଧୀନ ଅବସ୍ଥାରେ ରାତି ୧୧ଟା ୫୫ ମିନିଟ ସମୟରେ ହୃଦଘାତରେ ଜ୍ଞାନରଞ୍ଜନଙ୍କ ମୃତ୍ୟୁ ଘଟିଥିଲା। ଆଜି ଅପରାହ୍ନରେ କଟକରୁ ଜ୍ଞାନରଞ୍ଜନଙ୍କ ମରଶରୀର ପଟ୍ଟାମୁଣ୍ଡାଇ ବ୍ଲକ୍ ପରିସରକୁ ଅଣାଯାଇଥିଲା। ସେଠାରେ ବିଡିଓ, ବ୍ଲକ୍ ଅଧ୍ୟକ୍ଷ, ଉପାଧ୍ୟକ୍ଷା ଓ ବିଭିନ୍ନ ବିଭାଗ ଅଧିକାରୀ ଓ ବିଭିନ୍ନ ପଞ୍ଚାୟତ ସରପଞ୍ଚ ଓ ସମିତି ସଭ୍ୟ ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ତାଙ୍କ ମରଶରୀରକୁ ଶୋଭାଯାତ୍ରାରେ ନୀଳକଣ୍ଠପୁର ପଞ୍ଚାୟତ ଅଫିସକୁ ନିଆଯାଇ ପଞ୍ଚାୟତ ପରିକ୍ରମା ପରେ ଜନ୍ମସ୍ଥାନ ଗୋବିନ୍ଦପୁରକୁ ନିଆଯାଇ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ତାଙ୍କ ବିୟୋଗରେ କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା, ରାଜନଗର ବିଧାୟକ ଧ୍ରୁବ ସାହୁ, ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ଉପାଧ୍ୟକ୍ଷା ଜୟନ୍ତୀ ସ୍ୱାଇଁ, ପଟ୍ଟାମୁଣ୍ଡାଇ ପୌର ପରିଷଦ ଅଧ୍ୟକ୍ଷ ହେମନ୍ତ ସାହୁ, ସରପଞ୍ଚ ସଂଘ ସଭାନେତ୍ରୀ ଲକ୍ଷ୍ମୀପ୍ରିୟା ଷଡଙ୍ଗୀ, ସମିତିସଭ୍ୟ ସଂଘ ସଭାପତି ଅଭୟ ସ୍ୱାଇଁ, ପଟ୍ଟାମୁଣ୍ଡାଇ ବିକାଶ ପରିଷଦ ସଭାପତି ଗୋପୀବଲ୍ଲଭ ନାୟକ ଓ ସମ୍ପାଦକ ଗୋପୀନାଥ ତ୍ରିପାଠୀ ପ୍ରମୁଖ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶୋକ ପ୍ରକାଶ କରିଛନ୍ତି।

## ଆଳି କଂଗ୍ରେସର ସମ୍ବିଧାନ ବଞ୍ଚାଅ ପଦଯାତ୍ରା




ରାଜକନିକା,୧୦।୬(ସମିସ): ରାଜକନିକା ବ୍ଲକ ଅନ୍ତର୍ଗତ ଓଲାଭରଠାରେ ଆଳି କଂଗ୍ରେସ ପକ୍ଷରୁ ଗଣତନ୍ତ୍ର ବଞ୍ଚାଅ, ସମ୍ବିଧାନ ବଞ୍ଚାଅ ପଦଯାତ୍ରା ଅନୁଷ୍ଠିତ ହୋଇଛି। କେନ୍ଦ୍ରରେ ବିଜେପି ସରକାରରେ ଭ୍ରଷ୍ଟାଚାର, ଅରାଜକତା ବଢି ବଢି ଚାଲିଥିବାବେଳେ ଗଣତନ୍ତ୍ରର କଣ୍ଠରୋଧ କରାଯାଉଥିବା ପ୍ରତିବାଦରେ ଜାତୀୟ କଂଗ୍ରେସ ସଭାପତି ରାହୁଲ ଗାନ୍ଧୀଙ୍କ ଆହ୍ୱାନରେ ସାରା ଦେଶରେ ଗଣତନ୍ତ୍ର ବଞ୍ଚାଅ, ସମ୍ବିଧାନ ପଦଯାତ୍ରା ଅନୁଷ୍ଠିତ ହେଉଛି। ଏ ଅବସରରେ ଆଳି କଂଗ୍ରେସ ପକ୍ଷରୁ ବ୍ଲକ୍ ସଭାପତି ମଙ୍ଗୁଳିଚରଣ ବେହେରାଙ୍କ ନେତୃତ୍ୱରେ ପଦଯାତ୍ରା ଅନୁଷ୍ଠିତ ହୋଇଛି। ଆରାଧ୍ୟ ଦେବୀ ମା' କାଳୀଙ୍କ ମନ୍ଦିର ପାଖରୁ ଏହି ପଦଯାତ୍ରା ବାହାରି ବଳରାମପୁର ଦେଇ ଓଲାଭର କଲେଜ ପାଖରେ ଶେଷ ହୋଇଥିଲା। ବିଭିନ୍ନ ପ୍ଲାକାର୍ଡ ମାଧ୍ୟମରେ କେନ୍ଦ୍ର ସରକାରଙ୍କ ଜନମାରଣ ନୀତିକୁ ବିରୋଧ କରାଯାଇଥିଲଲା। ଏହି ପଦଯାତ୍ରାରେ ରାଜ୍ୟ କଂଗ୍ରେସ କମିଟି ସମ୍ପାଦିକା ଡାକ୍ତର ଦେବସ୍ମିତା ଶର୍ମା, ପ୍ରଦେଶ କଂଗ୍ରେସ କମିଟିର ସାଧାରଣ ସମ୍ପାଦିକା ମଧୁସ୍ମିତା ସେଠୀ ଯୋଗଦେଇ କେନ୍ଦ୍ର ସରକାରଙ୍କ ଗଣତନ୍ତ୍ରମାରଣ ନୀତିକୁ ସମାଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଳି ବ୍ଲକ୍ କଂଗ୍ରେସ ସଭାପତି ରବିନାରାୟଣ ବେହେରା, ପିସିସି ସଭ୍ୟ ବାବୁରାମ ଜେନା, ଜୋନ ସଭାପତି ସତ୍ୟ ପରିଡା, ରଙ୍ଗଲାଲ ମଲିକ, ବରିଷ୍ଠ ନେତା ଦୁର୍ଯ୍ୟୋଧନ ମହାନ୍ତି, ବିଦ୍ୟାଧର ବରଜ, ଆନନ୍ଦ ପୃଷ୍ଟି, ମେହେତାଜ୍ ଖାନ, କୃତ୍ତିବାସ ନାୟକ, ଅରୁପାନନ୍ଦ ଶତପଥୀ, ପ୍ରଫୁଲ୍ଲ କରଣ, ପ୍ରମିଳା ସାହୁ ପ୍ରମୁଖଙ୍କ ସହ ଶତାଧିକ କଂଗ୍ରେସ କର୍ମୀ ଯୋଗ ଦେଇଥିଲେ।

## କେନ୍ଦ୍ରାପଡ଼ାରେ କଂଗ୍ରେସର ସମ୍ବିଧାନ ବଞ୍ଚାଅ ସମାବେଶ




କେନ୍ଦ୍ରାପଡ଼ା,୧୦।୬(ସମିସ): କେନ୍ଦ୍ରାପଡ଼ା ନିର୍ବାଚନମଣ୍ଡଳୀର ଜାତୀୟ କଂଗ୍ରେସ ପକ୍ଷରୁ ଡ. ସିପ୍ରା ମଲ୍ଲିକଙ୍କ ନେତୃତ୍ୱରେ ସମ୍ବିଧାନ ସୁରକ୍ଷା ସମାବେଶ ଅନୁଷ୍ଠିତ ହୋଇଯାଇଛି। ତିନିମୁହାଣିସ୍ଥ ଗାନ୍ଧୀ ସ୍ମାରକୀ ପୀଠରେ ମାଲ୍ୟାର୍ପଣ କରି କେନ୍ଦ୍ରାପଡ଼ା କଂଗ୍ରେସ ଭବନ ପର୍ଯ୍ୟନ୍ତ ଏକ ବିଶାଳ ସମାବେଶ ଶୋଭାଯାତ୍ରାରେ ଯାଇ ସେଠାରେ ଏକ ଜନସଭା କରାଯାଇଥିଲା। ଉକ୍ତ ସଭାକୁ ଜିଲ୍ଲା କଂଗ୍ରେସର ସଂଯୋଜକ ପ୍ରଫୁଲ୍ଲ ଦାସ ସଂଯୋଜନା କରିଥିଲେ। ଏଥିରେ ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ଉପସଭାପତି ସସ୍ମିତା ବେହେରା, ସମ୍ପାଦକ ମୋହନ ହେମ୍ବ୍ରମ୍ ପର୍ଯ୍ୟବେକ୍ଷକ ଭାବେ ଯୋଗ ଦେଇଥିଲେ। ଡ. ସିପ୍ରା ମଲ୍ଲିକ ନିଜର ଅଭିଭାଷଣରେ ସମ୍ବିଧାନ ବଞ୍ଚାଅ, ଦେଶ ବଞ୍ଚାଅ ଉପରେ ଆଲୋକପାତ କରିଥିଲେ। ଜିଲ୍ଲା ଦାୟିତ୍ୱରେ ଥିବା ସସ୍ମିତା ବେହେରା ଜୟ ବାପୁ ଜୟ ଭୀମ ଜୟ ସମ୍ବିଧାନ ଡାକରାର ମର୍ମକ ଅନୁଶୀଳନ କରିଥିଲେ। ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସଙ୍କ ସମଯୋଜିତ ଡାକରା ନିମନ୍ତେ କୃତଜ୍ଞତା ଜ୍ଞାପନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ପ୍ରଦେଶ କଂଗ୍ରେସ କମିଟି ସମ୍ପାଦିକା ସସ୍ମିତା ପଣ୍ଡା, କଂଗ୍ରେସ ନେତା ଫକିର ଖଟୁଆ, ପୂର୍ବତନ ପୌରାଧ୍ୟକ୍ଷ ଆକବର ଅଲ୍ଲୀ, ମହେନ୍ଦ୍ର ପରିଡା, ଉମେଶ ପାଢ଼ୀ, ବସନ୍ତ ସେଠୀ, ଅପର୍ଣ୍ଣା ମିଶ୍ର, ବିଧୁଭୂଷଣ ମହାପାତ୍ର, ଯୁବ ନେତା ରଶ୍ମିରଞ୍ଜନ ଚୌଧୁରୀ, ଉମେଶ ପାଢୀ, ହିମାଂଶୁ ନନ୍ଦ, ହରିଶ ପଟ୍ଟନାୟକ, ସତ୍ୟପ୍ରିୟ ସାମଲ, ପ୍ରହ୍ଲାଦ ବେହେରା, ପ୍ରମୋଦ ସେଠୀ, ତରନ୍ନୁମ୍ ଆରା, ପଲ୍ଲବ ପ୍ରିୟଦର୍ଶୀ, ରଞ୍ଜନ ରାଉତ ପ୍ରମୁଖଙ୍କ ସମେତ ଶତାଧିକ କଂଗ୍ରେସ କର୍ମୀ ଯୋଗ ଦେଇଥିଲେ।

## ବ୍ଲକ୍ ସମ୍ମୁଖ ଜବରଦଖଲ, ଲୋକେ ହୀନସ୍ତା

ରାଜକନିକା,୧୦।୬(ସମିସ): ରାଜକନିକା ବ୍ଲକ୍ ଅଫିସ୍ ମୁଖ୍ୟ ଫାଟକ ଏବେ ଜବରଦଖଲରେ ରହିଛି। ଫଳରେ ସାଧାରଣ ଲୋକ ସମସ୍ୟା ଭୋଗ କରୁଛନ୍ତି। ବ୍ଲକ୍ କାର୍ଯ୍ୟାଳୟ ଫାଟକର ଉଭୟ ପାଶ୍ୱର୍ରେ ଗାଡ଼ି ପାର୍କିଂ, ସମ୍ମୁଖରେ ବିଭିନ୍ନ ରାଜନୈତିକ ଦଳର ନୂଆବର୍ଷ ତୋରଣ, ସମ୍ମୁଖ ରାସ୍ତା ଓ ରାସ୍ତା କଡ଼ରେ ବୁଲା ଗୋରୁଗାଈଙ୍କ ଆଡ୍ଡା। ଯଦ୍ୱାରା ଲୋକଙ୍କ ଯାତାୟାତରେ ସମସ୍ୟା ହେଉଛି।



ଏଭଳି ଅବସ୍ଥା ଦେଖିଲେ ରାଜକନିକା ବ୍ଲକ୍ ପ୍ରଶାସନର ପାରିବାପଣିଆ ଓ ଜନସାଧାରଣଙ୍କ ପ୍ରତି ଉତ୍ତରଦାୟିତ୍ୱ ନେଇ ନାନା ପ୍ରଶ୍ନ ସୃଷ୍ଟି କରିଛି। ବ୍ଲକ୍ କାର୍ଯ୍ୟାଳୟ ଆଗରେ ଜବରଦଖଲ ହେବା, ମାସ ମାସ ଧରି ବିଭିନ୍ନ ରାଜନୈତିକ ଦଳର ଶୁଭେଚ୍ଛା ତୋରଣ ରହିବା, ତୋରଣର ପୁରୁଣା ଫ୍ଲେକ୍ସ, କପଡ଼ା ଚିରି ଓହଳି ରହି ଯାତାୟାତ କରୁଥିବା ଗାଡ ପାଇଁ ସମସ୍ୟା ହେଉଛି। ମାସ ମାସ ଧରି ମୁଖ୍ୟରାସ୍ତାକୁ ସଂକୁଚିତ କରି ତୋରଣ ବାଉଁଶର ଖମ୍ବ ଛିଡା ହୋଇ ରହି ବିପଦ ସୃଷ୍ଟି କରୁଥିଲେ ହେଁ ଏଥିପ୍ରତି କାହାର ଦୃଷ୍ଟି ପଡୁ ନ ଥିବା ଅଭିଯୋଗ ହେଉଛି। ପ୍ରଥମତଃ ରାସ୍ତାର ଦୁଇ ପାଖକୁ କଭର କରି କୌଣସି ତୋରଣ ନ କରିବାକୁ ସ୍ୱଷ୍ଟ ନିର୍ଦ୍ଦେଶ ଥିଲେ ହେଁ ଖୋଦ ବ୍ଲକ ଆଗରେ ମାସ ମାସ ଧରି ତୋରଣ ରହିବା କଥା ବ୍ଲକ ପ୍ରଶାସନର ଅପାରଗତାକୁ ପ୍ରମାଣ କରିଛି। ଫାଟକର ଦୁଇ ପାଖରେ ଚାରିଚକିଆ ଗାଡ଼ି ପାର୍କିଂ, ଦୋକାନୀଙ୍କ ଲୁଣ ବସ୍ତା ଗଦା ହୋଇ ରହିବା, ବୁଲା ଗୋରୁଗାଈ ଦିନରାତି ଶୋଇ ରହିବା କାରଣରୁ ହଠାତ ବ୍ଲକ୍‌କୁ ଯିବାଆସିବା ସମୟରେ ବାହାର ଦୁଇ ପାଶ୍ୱର୍ ଦେଖା ଯାଉ ନ ଥିବାରୁ ଦୁର୍ଘଟଣା ଘଟୁଛି। ଏଥିପ୍ରତି ଜିଲ୍ଲାପାଳ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

## 'ଗୁଣାତ୍ମକ ଶିକ୍ଷାରେ ଶିକ୍ଷକଙ୍କ ଭୂମିକା' ଶୀର୍ଷକ ଆଲୋଚନାଚକ୍ର



ମାର୍ଶାଘାଇ,୧୦।୬(ସମିସ): ପୁରୁଷୋତ୍ତମପୁର ମଠ ପରିସରରେ ମଙ୍ଗଳବାର ଏଲିମେଣ୍ଟାରୀ ଶିକ୍ଷକ ସଂଘ (ଏନପିଏସ) ପକ୍ଷରୁ ଗୁଣାତ୍ମକ ଶିକ୍ଷାରେ ଶିକ୍ଷକଙ୍କ ଭୂମିକା ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ସଭାପତି ନାରାୟଣ ପାଢ଼ୀଙ୍କ ସଭାପତିତ୍ୱରେ ଏବିଇଓ ତଥା ବିଆରସିସି ବଳଦେବ ଜେନା, ଏବିଇଓ ସୁଶାନ୍ତ ବେଉରା, ପ୍ରଧାନଶିକ୍ଷକ ଅମରେନ୍ଦ୍ର ଲେଙ୍କା, ପ୍ରାଥମିକ ଶିକ୍ଷକ ସଙ୍ଘ ସମ୍ପାଦକ ପାର୍ଥସାରଥୀ ସାହୁ, ଅବସରପ୍ରାପ୍ତ ଶିକ୍ଷକ ଭଞ୍ଜକିଶୋର ସ୍ୱାଇଁ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ସଙ୍ଘ ସମ୍ପାଦକ ନିରଞ୍ଜନ ରାଉତ ମଞ୍ଚ ପରିଚାଳନା କରିଥିଲେ। ଏ ଅବସରରେ ମଠ ପରିସରରେ ସଙ୍ଘ ପକ୍ଷରୁ ବୃକ୍ଷରୋପଣ କରାଯାଇଥିଲା। ମହାକାଳପଡ଼ା ନୋଡାଲ ପ୍ରଧାନଶିକ୍ଷକ ରଘୁନାଥ ଦାସ, ଜଗବନ୍ଧୁ ମାଝୀ, ପ୍ରଭାତ ପ୍ରଧାନଙ୍କ ସମେତ ମଣ୍ଡଳ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ। କାର୍ଯ୍ୟକାରୀ ସଭାପତି ନିବେଦିତା ବେହେରା, ଉପସଭାପତି ରାଜେଶ ବାରିକ, ସଂଗଠନ ସମ୍ପାଦକ ନାରାୟଣ ପଣ୍ଡା, ଯୁଗ୍ମ ସମ୍ପାଦକ ଉଷାରାଣୀ ରାଉତ, ପ୍ରଭାତ ପ୍ରଧାନ, କୋଷାଧ୍ୟକ୍ଷ ଉଦ୍ୟୋତ ସାମନ୍ତରାୟ, ଅଡିଟର ସୌମ୍ୟରଞ୍ଜନ ନାୟକ, ପିଏନ ଅମରେଶ ମଲିକ, ଗତିକୃଷ୍ଣ ମିଶ୍ର, ଲେନିନ ସେଠୀ, ଉତ୍କଳ ଦାସ, ଆଶିଷ ବେହେରା, ଭାଗ୍ୟବତୀ ଦାସ ପ୍ରମୁଖ ସହଯୋଗ କରିଥିଲେ।

## ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା




ପଟ୍ଟାମୁଣ୍ଡାଇ,୧୦।୬ (ସମିସ): ମହିଳା, ଶିଶୁ ବିକାଶ ଓ ମିଶନଶକ୍ତି ବିଭାଗ ନିର୍ଦ୍ଦେଶରେ ପଟ୍ଟାମୁଣ୍ଡାଇ ବ୍ଲକ୍ ମିଶନଶକ୍ତି ପକ୍ଷରୁ ବ୍ଲକ ଓ ପୌରାଞ୍ଚଳର ମହିଳା ସ୍ୱୟଂସହାୟିକା ଗୋଷ୍ଠୀଙ୍କୁ ନେଇ ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ପଟ୍ଟାମୁଣ୍ଡାଇ ବ୍ଲକ୍ ମିଶନଶକ୍ତି ଭବନରେ ଆୟୋଜିତ ଉତ୍ସବରେ ବ୍ଲକ୍ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ଉପାଧ୍ୟକ୍ଷା ଜୟନ୍ତୀ ସ୍ୱାଇଁ, ବିଡିଓ ଅଶୋକ ମହାନ୍ତି, ଏବିଡିଓ ସନ୍ତୋଷ ମନ୍ତ୍ରୀ, ସିଡିପିଓ ଲକ୍ଷ୍ମୀମଣି ସିଂ, ଅଙ୍ଗନବାଡି ସୁପରଭାଇଜର ତୁଳସୀ ଦାସ, ପଟ୍ଟାମୁଣ୍ଡାଇ ବ୍ଲକ୍ ମିଶନଶକ୍ତି ସଂଯୋଜକ ପ୍ରଭୁ ଧବଳେଶ୍ୱର ବରାଳ, ଓଏଲଏମ ବିପିଏମ ପ୍ରକାଶ ସେଠୀ, ବଡ଼ମୂଳବସନ୍ତ ସରପଞ୍ଚ ସନ୍ତୋଷ ସେଠୀ, ବଳଭଦ୍ରପୁର ସରପଞ୍ଚ ପ୍ରିୟବ୍ରତ ଓଝା, ନରସିଂହପୁର ସମିତି ସଭ୍ୟା ରାଜଲକ୍ଷ୍ମୀ ବେହେରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଭିନ୍ନ ସରକାରୀ ଯୋଜନା ମାଧ୍ୟମରେ ମହିଳାମାନେ ସଶକ୍ତ ହେଲେ ସରକାରଙ୍କ ଉଦ୍ଦେଶ୍ୟ ଓ ସୁଭଦ୍ରା ଯୋଜନା ସଫଳ ହୋଇପାରିବ ବୋଲି ମତପ୍ରକାଶ କରିଥିଲେ। ଏଥିରେ ପଟ୍ଟାମୁଣ୍ଡାଇ ବ୍ଲକ ଓ ପୌରାଞ୍ଚଳର ୨୦ଟି ଏସଏସଜି ବିଭିନ୍ନ ପ୍ରକାର ଖାଦ୍ୟ ପ୍ରସ୍ତୁତ କରି ଷ୍ଟଲ୍ ମାଧ୍ୟମରେ ପ୍ରଦର୍ଶନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ ଖାଦ୍ୟ ପରୀକ୍ଷା କରି ପ୍ରଥମ, ଦ୍ୱିତୀୟ ଓ ତୃତୀୟ ପୁରସ୍କାର ସହ ଭାଗ ନେଇଥିବା ସମସ୍ତ ଏସଏସଜିଙ୍କୁ ସାର୍ଟିଫିକେଟ ପ୍ରଦାନ କରିଥିଲେ। ଶେଷରେ ପଟ୍ଟାମୁଣ୍ଡାଇ ବ୍ଲକ ମିଶନଶକ୍ତି ସଂଯୋଜକ ପ୍ରଭୁ ଧବଳେଶ୍ୱର ବରାଳ ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ମହିଳା ମହାସଂଘ ସଭାନେତ୍ରୀ ସୁପ୍ରଭା ଦାସ, ସମ୍ପାଦିକା ନିର୍ମଳା ନନ୍ଦ, ପ୍ରମିଳା ଜେନା, ଅଭିଲିପ୍ସା ମଲ୍ଲ ପ୍ରମୁଖ ପରିଚାଳନା କରିଥିଲେ।

## ଅସହାୟ ଶ୍ରମିକଙ୍କ ଚିକିତ୍ସା ପାଇଁ ସହାୟତା ନିବେଦନ



ରାଜକନିକା,୧୦।୬(ସମିସ): ରାଜକନିକା ଅଞ୍ଚଳର ବହୁ ଯୁବକ ବାହାର ରାଜ୍ୟରେ ଶ୍ରମିକ ଭାବେ କାମ କରୁଥିବାବେଳେ ନାନା ଅଘଟଣକୁ ସାମ୍ନା କରିବା ନିତିଦିନିଆ ଘଟଣାରେ ପରିଣତ ହେଲାଣି। ସେମିତି ଏକ ଦୁଃଖଦ ଘଟଣାକ୍ରମରେ ଗଙ୍ଗାଧରପ୍ରସାଦଡିଆ ଗ୍ରାମର ଗୌରହରି ବେହେରା ଜଣେ ପ୍ଲମ୍ବର ଭାବେ ଫରିଦାବାଦରେ ତିନି ମହଲା ଘରୁ ତଳକୁ ପଡି ଗୁରୁତର ହୋଇ କୋମାରେ ଅବସ୍ଥାରେ ଅଛନ୍ତି। ଏବେ ସେ ତାଙ୍କ ସ୍ତ୍ରୀ ଓ ଦୁଇଜଣ ଛୋଟ ଛୁଆଙ୍କ ସହ ଅତ୍ୟନ୍ତ ଦୁର୍ଦ୍ଦିନରେ ଥିବାରୁ ତାଙ୍କ ଚିକିତ୍ସା ସହ ପରିବାର ପାଇଁ ସହାୟତା ଜରୁରୀ ହୋଇପଡିଛି। ଗତ ଗୁରୁବାର ରାତି ୮ଟା ସମୟରେ ତିନିମହଲା ଛାତରୁ ଖସି ପଡ଼ି ମୃତ୍ୟୁ ସହିତ ସଂଘର୍ଷ କରୁଥିବା ଗୌରହରିଙ୍କ ଚିକିତ୍ସା ପାଇଁ ବହୁ ଅର୍ଥର ଆବଶ୍ୟକତା ଥିବାରୁ ତାଙ୍କ ପରିବାର ରାଜ୍ୟ ସରକାରଙ୍କଠାରୁ ସହଯୋଗ କାମନା କରୁଛନ୍ତି। ଯଦି କୌଣସି ସହୃଦୟ ବ୍ୟକ୍ତି ଅନୁଷ୍ଠାନ ତାଙ୍କୁ ସାହାଯ୍ୟ କରିବାକୁ ଚାହୁଁଛନ୍ତି, ସେମାନେ ଆଗେଇ ଆସିବାକୁ ନିବେଦନ କରାଯାଇଛି।

## ବଳଦେବଜୀଉ ମନ୍ଦିର ନୂତନ ଟ୍ରଷ୍ଟ ବୋର୍ଡର ବୈଠକ



କେନ୍ଦ୍ରାପଡ଼ା,୧୦।୬(ସମିସ): କେନ୍ଦ୍ରାପଡ଼ା ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ବଳଦେବଜୀଉ ମନ୍ଦିର ସୁପରିଚାଳନା ନିମନ୍ତେ ନୂତନ ଟ୍ରଷ୍ଟବୋର୍ଡର ପ୍ରଥମ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ବରିଷ୍ଠ ସଭ୍ୟ ହୃଷିକେଶ ରଥ ସଭାପତିତ୍ୱ କରିଥିଲେ। ପ୍ରଥମେ ଦେବୋତ୍ତର ସଂସ୍ଥାର ନିର୍ବାହୀ ଅଧିକାରୀ ବଳଭଦ୍ର ପତ୍ରୀ ରାଜ୍ୟ ଦେବୋତ୍ତର କମିଶନରଙ୍କ ପ୍ରଦତ୍ତ ମଧ୍ୟବର୍ତ୍ତୀକାଳୀନ ଟ୍ରଷ୍ଟବୋର୍ଡର ନିଯୁକ୍ତି ପତ୍ରକୁ ଉପସ୍ଥାପନ କରିଥିଲେ। ଏଥିରେ ଆଦେଶ ଥିବା ଅନୁଯାୟୀ କେନ୍ଦ୍ରାପଡା ଉପଜିଲ୍ଲାପାଳ ଅରୁଣ କୁମାର ନାୟକଙ୍କୁ ସର୍ବସମ୍ମତିକ୍ରମେ ସଭାପତି ଭାବେ ମନୋନୀତ କରାଯାଇଛି। ଉକ୍ତ ବୈଠକରେ ସଭ୍ୟ ଧିରେନ ସାହୁ, ସେବକ ଟ୍ରଷ୍ଟି ନୃସିଂହ ପତ୍ରୀ, କେନ୍ଦ୍ରାପଡ଼ା ପୌରସଂସ୍ଥାର କାର୍ଯ୍ୟନିର୍ବାହୀ ଅଧିକାରୀ, ଏସଡିପିଓ ପ୍ରମୁଖ ଉପସ୍ଥିତି ରହି ଆଲୋଚନାରେ ଭାଗନେଇ ଉକ୍ତ ସଭାପତି ମନୋନୟନ ପ୍ରସ୍ତାବ ଗୃହୀତ କରିଥିଲେ। ଏହି ପ୍ରସ୍ତାବକୁ ରାଜ୍ୟ ଦେବୋତ୍ତର କମିଶନରଙ୍କୁ ଦେବୋତ୍ତର ନିରୀକ୍ଷକଙ୍କ ଜରିଆରେ ପଠାଯିବାକୁ ସ୍ଥିର କରାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ କାର୍ଯ୍ୟାଳୟ ସହାୟକ ସୁବାସ ଚନ୍ଦ୍ର ପରିଡା ସହାୟତା କରିଥିଲେ।

## ଅର୍ତାମୂଳ ରଜ ମହୋତ୍ସବ ପ୍ରସ୍ତୁତି ବୈଠକ

ଡେରାବିଶ, ୧୦।୬(ସମିସ): ଯଅଁରାବାରିମୂଳ ପଞ୍ଚାୟତ ଅନ୍ତର୍ଗତ ଅର୍ତାମୂଳସ୍ଥ ଜେନାମଣି ପ୍ରାଥମିକ ବିଦ୍ୟାଳୟ ପ୍ରାଙ୍ଗଣରେ ହେବାକୁ ଥିବା ରଜ ମହୋତ୍ସବର ପ୍ରସ୍ତୁତି ବୈଠକ ଆଜି ଅପରାହ୍ନରେ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଅର୍ତାମୂଳ ରଜ ମହୋତ୍ସବ କମିଟି ଦ୍ୱାରା ଆୟୋଜିତ ଏହି ନବମ ବାର୍ଷିକ ମହୋତ୍ସବର ପ୍ରସ୍ତୁତି ବୈଠକରେ ସମସ୍ତ ଗ୍ରାମବାସୀ ଉପସ୍ଥିତ ଥିଲେ। ବୈଠକରେ ମହୋତ୍ସବକୁ ପୂର୍ବ ବର୍ଷମାନଙ୍କଠାରୁ ଚଳିତ ବର୍ଷ ଅଧିକ ସରସ ସୁନ୍ଦର କରିବା ପାଇଁ ବିଭିନ୍ନ ପ୍ରସ୍ତାବ ଉପରେ ଆଲୋଚନା କରିଯାଇଥିଲା। ଚଳିତ ବର୍ଷ ଦୋଳି ସଂଖ୍ୟା ବଢ଼ାଇବା ସହ ଛୋଟପିଲାଙ୍କ ପାଇଁ ସ୍ୱତନ୍ତ୍ର ଦୋଳି ଲଗାଇବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ପ୍ରତିବର୍ଷ ଭଳି ରଜ ପାନ ଓ ପିଠା ପ୍ରତିଯୋଗିତା କରାଯିବା ସହିତ କିଶୋରୀଙ୍କ ଦ୍ୱାରା ପୁଚି, ମ୍ୟୁଜିକ୍ ଚେୟାର, ସଙ୍ଗୀତ ଆଦି ପ୍ରତିଯୋଗିତା କରାଯିବ ବୋଲି ସ୍ଥିର କରାଯାଇଥିଲା। ଏଥିସହ ପ୍ରତ୍ୟେକ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଓ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବାକୁ ସ୍ଥିର କରାଯାଇଥିଲା।

## ସଦାନନ୍ଦପୁର ବସ୍ତି ସର୍ଦ୍ଦାରଙ୍କ ପରଲୋକ



ପଞ୍ଚୁପାଣ୍ଡବ,୧୦।୬(ସମିସ): ବେଣୀପୁର ପଞ୍ଚାୟତ ଅନ୍ତର୍ଗତ ସଦାନନ୍ଦପୁର ଗ୍ରାମ ମୁସଲମାନ ବସ୍ତିର ଗୋରା ସାହାଙ୍କ ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ଗୋରା ଦୀର୍ଘ ବର୍ଷ ଧରି ଗ୍ରାମରେ ଥିବା ମସ୍‌ଜିଦ୍‌ର ବିଭିନ୍ନ ପ୍ରକାରର ଦାୟିତ୍ୱ ତୁଲାଇଥିଲେ। ରବିବାର ଦିନ ହଠାତ୍ ଛାତିରେ ଯନ୍ତ୍ରଣା ହେବାରୁ ତାଙ୍କୁ ପ୍ରଥମେ କେନ୍ଦ୍ରାପଡ଼ା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ପରେ କଟକ ବଡ଼ ଡ଼ାକ୍ତରଖାନା ସ୍ଥାନାନ୍ତର କରାଯାଇଥିଲା। ଶେଷରେ ତାଙ୍କୁ ଭୁବନେଶ୍ୱରର ଏକ ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଥିଲା। ତାଙ୍କ ମୃତ୍ୟୁ ଖବର ପାଇ ସ୍ଥାନୀୟ ପଞ୍ଚାୟତର ସରପଞ୍ଚ ମୋହନ ସାହୁ, ସମାଜସେବୀ ସୁବାସ ଘଡାଇ, ଅନାଦି ବେହୁରା, ବିଜୟ ମଲ୍ଲିକ, ସମସ୍ତ ବନ୍ଧୁ ଓ ବହୁ ସଂଖ୍ୟକ ହିନ୍ଦୁ ମୁସଲିମ ଭାଇ ଶେଷ ଦର୍ଶନ କରିଥିଲେ। ଗ୍ରାମ କବର ସ୍ଥାନରେ କବର ଦିଆଯାଇଥିଲା। ମୌଲନା ସେକ ସିରାଜଉଦ୍ଦିନ ନମାଜ ପାଠ କରିଥିବାବେଳେ ସ୍ଥାନୀୟ ମସଜିଦର ଏମାମ ସାହେବ ହାଫିଜ୍ ନଜିରୁଲ ହୋସେନ୍ ଉପସ୍ଥିତ ଥିଲେ।

## ଗଡ଼ମେକର୍ ଓଡ଼ିଶୀ ନୃତ୍ୟ କର୍ମଶାଳା ଉଦ୍‌ଯାପିତ

ପଟ୍ଟାମୁଣ୍ଡାଇ,୧୦।୬(ସମିସ): ଓଡ଼ିଶାର ସର୍ବବୃହତ ପଞ୍ଚକଳା ପ୍ରତିଷ୍ଠାନ ଗୋପାଳ ଦାଶ ସ୍ମାରକୀ କଳା ମନ୍ଦିର (ଗଡମେକର୍)ର ସପ୍ତାହ ବ୍ୟାପୀ ଚାଲିଥିବା ଶାସ୍ତ୍ରୀୟ ଓଡ଼ିଶୀ ନୃତ୍ୟ କର୍ମଶାଳା ଆଜି ଉଦ୍‌ଯାପିତ ହୋଇଛି। ଓଡ଼ିଶୀ ନୃତ୍ୟଗୁରୁ ବିଜୟ ଦାଶଙ୍କ ମାର୍ଗଦର୍ଶନରେ ତଥା ଗଡମେକର୍ ପ୍ରତିଷ୍ଠାତା ନିର୍ଦ୍ଦେଶକ ଗୀତିକବି ଗୁରୁଶ୍ରୀ ସୁଶାନ୍ତ ପାଣିଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କର୍ମଶାଳାରେ ସ୍ୱନାମଧନ୍ୟା ଦୂରଦର୍ଶନ ଶିଳ୍ପୀ ସ୍ମୃତିପ୍ରିୟା ପ୍ରଧାନ, ବୈଶାଖୀ ରାଉତ ଓ ସମ୍ପୂର୍ଣ୍ଣାଇନ୍ଦୁ ପାଣି ନୃତ୍ୟ ପ୍ରଶିକ୍ଷିକା ଭାବେ ଯୋଗ ଦେଇଥିଲେ। ଏଥିରେ ୨୫ ଜଣ ଉଚ୍ଚାକାଂକ୍ଷୀ ନୃତ୍ୟ ଶିକ୍ଷାର୍ଥୀ ଶାସ୍ତ୍ରୀୟ, ଓଡ଼ିଶୀ, ମଙ୍ଗଳାଚରଣ, ବଟୁନୃତ୍ୟ ଓ ଅଭିନୟ ସହିତ ଶାସ୍ତ୍ରୀୟ, ଓଡ଼ିଶୀ ମୌଳିକତା, ଶାସ୍ତ୍ର, ମୁଦ୍ରା, ତାଳ, ଭଙ୍ଗୀ ଓ ଲାଳିତ୍ୟପୂର୍ଣ୍ଣ ଅଙ୍ଗଚାଳନା ପ୍ରମୁଖ ଶିକ୍ଷା ଗ୍ରହଣ କରିଥିଲେ। ଏହି କର୍ମଶାଳାରେ ପ୍ରମୁଖ ଶିକ୍ଷାର୍ଥୀଙ୍କ ମଧ୍ୟରେ କେନ୍ଦ୍ର ସରକାରଙ୍କ ମର୍ଯ୍ୟାଦାଜନକ ପ୍ରତିଭା ବୃତ୍ତିପ୍ରାପ୍ତ ଶିକ୍ଷାର୍ଥୀ ପ୍ରତୀକ୍ଷା ମହାନ୍ତି, ଏମତି ଆକାଂକ୍ଷା ପଣ୍ଡାଙ୍କ ସମେତ ଉଦୀୟମାନ ଶିଳ୍ପୀ ବୈଶାଳୀ ରାଉତ, ପୂଜା ମଲିକ, ପଦ୍ମିନୀ ଘଡାଇ ପ୍ରମୁଖ ଭାଗ ନେଇଥିଲେ।

## ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ କେନ୍ଦ୍ରାପଡ଼ା ଗସ୍ତ

# ବିଭିନ୍ନ ଯୋଜନା ଲୋକଙ୍କ ପାଖରେ ପହଞ୍ଚାଇବାକୁ ନିର୍ଦ୍ଦେଶ

କେନ୍ଦ୍ରାପଡ଼ା,୧୦।୬(ସମିସ)



କେନ୍ଦ୍ରାପଡ଼ା ଜିଲ୍ଲା ପ୍ରଭାରୀ ତଥା ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବ ବ୍ୟପାର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମଙ୍ଗଳବାର କେନ୍ଦ୍ରାପଡ଼ା ଜିଲ୍ଲା ଗସ୍ତ କରି ସରକାରଙ୍କ ବିଭିନ୍ନ ଯୋଜନା ଓ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଜିଲ୍ଲପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ ମହାକାଳପଡା ବିଧାୟକ ଡ. ଦୁର୍ଗାପ୍ରସନ୍ନ ନାୟକ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି, ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ର ମଲ୍ଲିକ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଦେବାଶିଷ ଧଳ, ଉପଜିଲ୍ଲାପାଳ ଅରୁଣ ନାୟକଙ୍କ ସମେତ ସମସ୍ତ ବିଡିଓ, ତହସିଲଦାର ଓ ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ମନ୍ତ୍ରୀ ସରକାରଙ୍କ ବିଭିନ୍ନ ଜନହିତକାରୀ ଯୋଜନାର ସୁଫଳ ଲୋକଙ୍କ ପାଖରେ ପହଞ୍ଚାଇବା ପାଇଁ ଗୁରୁତ୍ୱ ଦେଇଛନ୍ତି। ଅଧିକାରୀମାନେ ତୃଣମୂଳ ସ୍ତରକୁ ଯାଇ ଲୋକଙ୍କ ସମସ୍ୟା ବୁଝିବା ସହ ସମାଧାନ ଉପରେ କାର୍ଯ୍ୟ କରିବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା, ସ୍ୱଚ୍ଛଭାରତ, ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା, ମାଧୋ ସିଂ ହାତ ଖର୍ଚ୍ଚ ଯୋଜନା, ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା, ଧାନ ସଂଗ୍ରହ, ଗୋପବନ୍ଧୁ ଜନଆରୋଗ୍ୟ ଯୋଜନା ଉପରେ ଗୁରୁତ୍ୱ ଦେବାକୁ ମନ୍ତ୍ରୀ କହିଥିଲେ। ଜନହିତକାରୀ ଯୋଜନାର ସୁଫଳ ଯେପରି ହିତାଧିକାରୀ ପାଇବାରେ କୌଣସି ଅସୁବିଧା କିମ୍ବା ବିଳମ୍ବ ନ ହୁଏ, ସେଥିପ୍ରତି ଦୃଷ୍ଟି ଦେବାକୁ ମନ୍ତ୍ରୀ କହିଛନ୍ତି। ଏଥିସହିତ ସ୍ୱୟଂସହାୟକ ଗୋଷ୍ଠୀଙ୍କ ଦକ୍ଷତା ବୃଦ୍ଧି ନିମନ୍ତେ ନୂଆ ସମ୍ଭାବନା ସୃଷ୍ଟି କରି ଜୀବନଜୀବିକା, ସାମାଜିକ ଓ ଆର୍ଥିକ କ୍ଷେତ୍ରରେ ଉନ୍ନତ କରିବାକୁ ପଡିବ ବୋଲି ମନ୍ତ୍ରୀ କହିଥିଲେ। ଅନ୍ତ୍ୟୋଦୟ ଗୃହ ଯୋଜନାରେ ଘର ଯୋଗାଇବା ଓ ହିତାଧିକାରୀ ଚୟନ ପ୍ରକ୍ରିୟାରେ ସଠିକ ତଦନ୍ତ, ଶଯ୍ୟାଶାୟୀ, ୮୦ ବର୍ଷରୁ ଉର୍ଦ୍ଧ୍ୱ ହିତାଧିକାରୀଙ୍କ ଭତ୍ତା କିପରି ଘରେ ପହଞ୍ଚିବ, ସେଥିପ୍ରତି ଯତ୍ନବାନ ହେବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ବୈଠକ ପୂର୍ବରୁ ମନ୍ତ୍ରୀ ବଳଦେବଜୀଉଙ୍କୁ ଦର୍ଶନ କରିଥିଲେ।



ଲୋକମାନେ ଯାହା ଶୁଣିବାକୁ ଚାହାନ୍ତି ନାହିଁ, ତାହା ସେମାନେ ପରିପ୍ରକାଶ କରିବାର ଅଧିକାର ହିଁ ସ୍ୱାଧୀନତା
-ଜର୍ଜ ଅରୱେଲ୍

ସକାଳ THE SAKALA

# ଦାରିଦ୍ର୍ୟର ଗାର

ସାମ୍ପ୍ରତିକ ପ୍ରଦର୍ଶନ-ଉପସ୍ଥାପନ ଭିତ୍ତିକ ତୀବ୍ର ପ୍ରତିଯୋଗିତାମୂଳକ ସମୟରେ ପରିଚାଳନା ବିଶାରଦଙ୍କ ତର୍କ ହେଉଛି ଟଣା ହୋଇସାରିଥିବା କୌଣସି ଗାର ବା ରେଖାକୁ ପୁନଃଅଙ୍କନ ନ କରି ତାକୁ ଯଦି ଛୋଟ କରିବାକୁ ଚାହୁଁଛ ତେବେ ତା' ପାଖରେ ବଡ଼ ଗାରଟିଏ ଟାଣିଦିଅ, ଦେଖଣାହାରୀଙ୍କ ଦୃଷ୍ଟିରେ ପୂର୍ବାଙ୍କିତ ରେଖାଟି ଆପେ ଆପେ ଛୋଟ ହୋଇଯିବ। ଠିକ୍ ବିପରୀତ ଭାବେ ପୂର୍ବାଙ୍କିତ ରେଖାକୁ ବଡ଼ କରିବାକୁ ହେଲେ, ତା'ପାଖରେ ଛୋଟ ରେଖାଟିଏ ଆଙ୍କିଦେଲେ ଲକ୍ଷ୍ୟ ହାସଲ ହୋଇଯିବ। ବିଶ୍ୱବ୍ୟାଙ୍କର ସଦ୍ୟତମ ପ୍ରକାଶିତ ଦାରିଦ୍ର୍ୟ ସୀମାରେଖା ମାନଦଣ୍ଡ ସେହିଭଳି କେତେକ ଜଟିଳ ପରିସଂଖ୍ୟାନ ଆଧାରିତ, ଯାହାର ତାର୍କିକ ସଠିକତା ନିଷ୍ଠୁର ବାସ୍ତବତା ଠାରୁ ଅନେକ ଭିନ୍ନ।

ବିଶ୍ୱବ୍ୟାଙ୍କର ସଦ୍ୟତମ ଦାରିଦ୍ର୍ୟ ନିର୍ଦ୍ଧାରଣ ମାପଦଣ୍ଡ ପାଇଁ ଧାର୍ଯ୍ୟ ସୀମାରେଖାକୁ ବଢ଼ାଇ ଦେଇ ୩ ଡଲାର କରିଛି। ଅର୍ଥାତ୍ ଦୈନିକ ୩ ଡଲାର(ଦୈନିକ ପାଖାପାଖି ୨୫୦ ଟଙ୍କା)ରୁ କମ୍ ରୋଜଗାର କରୁଥିବା ବ୍ୟକ୍ତିଙ୍କୁ ଅତିଦରିଦ୍ର ବୋଲି ଧରାଯିବ ବା ତାଲିକାଭୁକ୍ତ କରାଯିବ। ପୂର୍ବରୁ ଏହି ସୀମାରେଖାର ମାନଦଣ୍ଡ ଥିଲା ଦୈନିକ ୨.୧୫ଡଲାର(ପାଖାପାଖି ୧୭୫ ଟଙ୍କା)। ଅର୍ଥାତ୍ ଦୈନିକ ୧୭୬ ଟଙ୍କା ରୋଜଗାର କରୁଥିବା ବ୍ୟକ୍ତିଙ୍କୁ ଅତିଦାରିଦ୍ର୍ୟ ତାଲିକାଭୁକ୍ତ କରାଯାଇପାରିବ ନାହିଁ। ଦାରିଦ୍ର୍ୟ ସୀମାରେଖାରେ ଏହି ସଦ୍ୟତମ ସଂଶୋଧନ ବା ସମ୍ପ୍ରସାରଣ ଫଳରେ ଭାରତରେ ଅତିଦାରିଦ୍ର୍ୟଙ୍କ ସଂଖ୍ୟା ମୋଟ ଜନସଂଖ୍ୟାର ଦଶବର୍ଷ ଭିତରେ ୨୭.୧% ରୁ ୫.୩%କୁ ହ୍ରାସ ପାଇଛି। ଅର୍ଥାତ୍ ୨୦୧୧-୧୨ ରେ ବିଶ୍ୱବ୍ୟାଙ୍କର ଏହି ମାନଦଣ୍ଡ ଆଧାରରେ ଭାରତରେ ଅତିଶୟ ଦରିଦ୍ର ସଂଖ୍ୟା ୩୪ କୋଟି ୪୪ ଲକ୍ଷ ୭୦ ହଜାର ଥିବା ବେଳେ ୨୦୨୨-୨୩ରେ ସେହି ସଂଖ୍ୟା ୭କୋଟି ୫୨ ଲକ୍ଷ ୨୪ ହଜାରକୁ ହ୍ରାସ ପାଇଛି। ଅର୍ଥାତ୍ ପ୍ରାୟ ୧୦ ବର୍ଷ ଭିତରେ ପାଖାପାଖି ୨୭ କୋଟି ଲୋକ ଅତିଦାରିଦ୍ର୍ୟ ଅପବାଦରୁ ମୁକ୍ତ ହୋଇଛନ୍ତି। ଭାରତୀୟ ସାମାଜିକ-ଅର୍ଥନୀତି ପାଇଁ ଏହା ନିଶ୍ଚିତ ଏକ ଶୁଭସୂଚନା। କିନ୍ତୁ ଏହାକୁ କେବଳ ଆଳଙ୍କାରିକ ଉପଲବ୍ଧି ବୋଲି କୁହାଯାଇପାରେ। କାରଣ ବିଶ୍ୱବ୍ୟାଙ୍କର ଏହି ନୂତନ ସଂଜ୍ଞା ଭାରତୀୟଙ୍କ ପାଇଁ ଆତ୍ମସନ୍ତୋଷର ଯଥେଷ୍ଟ ଆଧାର ହୋଇ ନ ପାରିବା ପଛରେ ଅନେକ କାରଣ ରହିଛି।

ବିଶ୍ୱବ୍ୟାଙ୍କର ଏହି ସଦ୍ୟତମ ଦାରିଦ୍ର୍ୟ ମାନଦଣ୍ଡ ନିର୍ଦ୍ଧାରଣ ସଂଜ୍ଞାରେ ଦେଶଗୁଡ଼ିକୁ ନିମ୍ନ ଆୟକାରୀ, ନିମ୍ନ-ମଧ୍ୟମ ଆୟକାରୀ ଓ ଉଚ୍ଚ-ମଧ୍ୟମ ଆୟକାରୀ ଏହିଭଳି ତିନିଭାଗରେ ବିଭକ୍ତ କରାଯାଇଛି। ଭାରତର ବର୍ଗୀକରଣ ନିମ୍ନ ଆୟକାରୀ ଦେଶରେ ରହିଛି। ବିଡ଼ମ୍ବନା ଏହା ଯେ ଭାରତ ଏବେ ଜାପାନ୍‌କୁ ପଛରେ ପକାଇ ବିଶ୍ୱର ଚତୁର୍ଥ ବୃହତ୍ ଅର୍ଥନୀତି ହେବାର ଦାବି ଉପସ୍ଥାପନ କରୁଥିବା ବେଳେ ବିଶ୍ୱବ୍ୟାଙ୍କ ଦୃଷ୍ଟିରେ ଏ ପର୍ଯ୍ୟନ୍ତ ନିମ୍ନ ଆୟକାରୀ ବର୍ଗରେ ରହିଛି। ପାଖାପାଖି ୧୪୫ କୋଟି ଜନସଂଖ୍ୟା ବିଶିଷ୍ଟ ଦେଶର ବିଶାଳ ଜିଡିପି ଆଧାରରେ ଜାପାନ୍ ପରି ସ୍ୱଳ୍ପ ଦେଶର ଅର୍ଥନୀତିକୁ ଟପିଯିବାରେ ଯେତେ ବାହାଦୂରୀ ରହିଛି, ଅର୍ଥନୈତିକ ବୈଷମ୍ୟର ବାସ୍ତବ ଚିତ୍ରକୁ ସ୍ୱୀକାର କରିବା ସେତିକି ଆହ୍ୱାନପୂର୍ଣ୍ଣ ହୋଇଛି। ସଦ୍ୟତମ ଦାରିଦ୍ର୍ୟ ସୀମାରେଖାର ମାନଦଣ୍ଡ ନିମ୍ନ-ମଧ୍ୟମ ଆୟକାରୀ ଦେଶ ପାଇଁ ଦୈନିକ ଆୟ ୩.୬୫ ଡଲାରରୁ ବଢ଼ି ୪.୨୦ ଡଲାର ଏବଂ ଉଚ୍ଚ-ମଧ୍ୟମ ଆୟକାରୀ ଦେଶ ପାଇଁ ଦୈନିକ ୬.୮୫ ଡଲାରରୁ ବଢ଼ି ୮.୪୦ ଡଲାର କରାଯାଇଛି।

ବିଶ୍ୱବ୍ୟାଙ୍କର ଦାରିଦ୍ର୍ୟ ସୀମାରେଖା ମାପଦଣ୍ଡ ବା ସଞ୍ଜ୍ଞା ନିର୍ଦ୍ଧାରଣର ଆଉ ଏକ ବିଡ଼ମ୍ବନା ଏଠାରେ ଦୃଷ୍ଟିଗୋଚର ହୁଏ। ସଦ୍ୟତମ ସଂଜ୍ଞା ସାମ୍ପ୍ରତିକ ମୁଦ୍ରାସ୍ଫୀତି ଆଧାରରେ ନିର୍ଣ୍ଣୟ ହୋଇଥିବା ବିଶ୍ୱବ୍ୟାଙ୍କ କହିଛି। ଅଥଚ ତୁଳନାତ୍ମକ ଚିତ୍ର ୨୦୧୧-୧୨ ଆଧାରରେ ପ୍ରଦର୍ଶିତ ହୋଇଛି। ୨୦୧୧-୨୨ ମଧ୍ୟରେ କ୍ରମବର୍ଦ୍ଧିଷ୍ଣୁ ଦରଦାମ ବିଷୟରେ ଜନସାଧାରଣଙ୍କ ସମେତ ନୀତି ନିର୍ଦ୍ଧାରକମାନେ ମଧ୍ୟ ଜ୍ଞାତ। ତେଣୁ ମାନଦଣ୍ଡ ନିର୍ଦ୍ଧାରଣ ନ୍ୟାୟୋଚିତ ହୋଇନାହିଁ ବୋଲି ଆମର ମତ। ଇତିମଧ୍ୟରେ ବିଶ୍ୱବାସୀଙ୍କ ଦୈନିକ ଆୟ ଦଶବର୍ଷ ତୁଳନାରେ ବଢ଼ିଛି ସତ; କିନ୍ତୁ ତା' ତୁଳନାରେ ଦରଦାମ ମଧ୍ୟ ଯେ ହୁହୁ ହୋଇ ବଢ଼ିଚାଲିଛି ତାହାକୁ ମଧ୍ୟ ଅସ୍ୱୀକାର କରାଯାଇପାରିବ ନାହିଁ। ତେଣୁ କ୍ରମବର୍ଦ୍ଧିଷ୍ଣୁ ଦରଦାମ ତୁଳନାରେ ୧୦ ବର୍ଷ ପରେ ଦୈନିକ ମାତ୍ର ୭୫ ଟଙ୍କା ବଢ଼ିଗଲେ ପରିସଂଖ୍ୟାନରେ ଦାରିଦ୍ର୍ୟ ସଂଖ୍ୟା କମିଯାଇପାରେ, କିନ୍ତୁ ସେମାନଙ୍କର ଦୈନନ୍ଦିନ ଜୀବନଚର୍ଯ୍ୟା ବା ଗୁଜୁରାଣ ମେଣ୍ଟାଇବାରେ ତାହା ସହାୟକ ହୋଇ ନ ପାରେ। ଏହାଛଡ଼ା ଇତିମଧ୍ୟରେ ବିଶ୍ୱବ୍ୟାଙ୍କ ସମେତ ଅନ୍ୟାନ୍ୟ ଅନ୍ତର୍ଜାତୀୟ ସଂଗଠନ ନେତୃତ୍ୱରେ ୨୦୧୧-୧୨ ମାନଦଣ୍ଡ ଆଧାରରେ ଯେଉଁସବୁ ଦାରିଦ୍ର୍ୟ ନିରାକରଣ ଯୋଜନା କାର୍ଯ୍ୟକାରୀ ହୋଇଛି ତାହା ବାଟବଣା ହୋଇଥିବାର ଏବଂ ଆଗକୁ ମଧ୍ୟ ହେବାର ଆଶଙ୍କା ଅଧିକ ବୋଲି ଜଣାପଡୁଛି।

ଯୁଦ୍ଧଲିପ୍ତ ବିଶ୍ୱରେ ବିଶ୍ୱବ୍ୟାଙ୍କର ଏହି ସଂଶୋଧିତ ମାନଦଣ୍ଡ ଅତିଶୟ ଦାରିଦ୍ର୍ୟର ସଞ୍ଜ୍ଞା ପରିବର୍ତ୍ତନ କରିପାରେ, କିନ୍ତୁ ଜୀବନଧାରଣ ମାନ ଓ ସମ୍ମାନରେ ଉନ୍ନତି ଆଣିପାରିବ ସେହି ବିଶ୍ୱାସ ହେଉନାହିଁ। ଏବେ ଭାରତୀୟ ସାମାଜିକ-ଅର୍ଥନୈତିକ ପୃଷ୍ଠଭୂମିରେ ବିଶ୍ୱବ୍ୟାଙ୍କ ମାନଦଣ୍ଡ ଆଧାରିତ ଆଉ ଏକ ବିଡ଼ମ୍ବନା ବିଷୟରେ ଦୃଷ୍ଟି ଦିଆଯାଉ। ବିଶ୍ୱବ୍ୟାଙ୍କ ସଂଜ୍ଞା ଅନୁଯାୟୀ ଭାରତରୁ ୨୭କୋଟି ଅତିଦାରିଦ୍ର୍ୟ ସଂଖ୍ୟା ହଟିଛି। ଅଥଚ ସିଏମ୍‌ଆଇଇ ତଥ୍ୟ କହୁଛି ଯେ ଏ ପର୍ଯ୍ୟନ୍ତ ଭାରତରେ ୬୨ କୋଟି ୧୦ ଲକ୍ଷ ଲୋକ ଅର୍ଥାତ୍ ମୋଟ ଜନସଂଖ୍ୟାର ପାଖାପାଖି ୪୪% ଲୋକ ଦାରିଦ୍ର୍ୟ ସୀମାରେଖା ତଳେ ଅଛନ୍ତି। ବିଶ୍ୱ ବୁଭୁକ୍ଷୁ ତାଲିକାରେ ଭାରତର ସ୍ଥାନ ୧୦୫ ଥିବା ବେଳେ ଭାରତର ଅପପୁଷ୍ଟି ଓ ସ୍ୱାସ୍ଥ୍ୟଗତ ବୈଷମ୍ୟ ଶିକାର ଶିଶୁ ସଂଖ୍ୟା ଯଥାକ୍ରମେ ୧୮.୭% ଓ ୩୫.୫%। ବିଶ୍ୱ ଖୁସି ସୂଚକାଙ୍କରେ ଭାରତର ସ୍ଥାନ ୧୧୮। ତେଣୁ ଭାରତରୁ ୨୭ କୋଟି ଦାରିଦ୍ର୍ୟମୁକ୍ତ ସୂଚନା ବାସ୍ତବ ଆଧାରିତ ନୁହେଁ, କେବଳ ପରିସଂଖ୍ୟାନ ଚାତୁରୀ ବୋଲି କହିଲେ ବୋଧହୁଏ ଭୁଲ୍ ହେବ ନାହିଁ।

ବିଶ୍ୱବ୍ୟାଙ୍କ ଦାରିଦ୍ର୍ୟ ସୀମାରେଖା ବା ଗାର ଟାଣିବାର ବ୍ୟବଧାନ ଦେଖାଯାଉ। ପ୍ରଥମେ ୨୦୦୧ରୁ ଆରମ୍ଭ ହୋଇଥିବା ଏହି ମାନଦଣ୍ଡ ନିର୍ଦ୍ଧାରଣ କସରତ ୨୦୦୮, ୨୦୧୫ ଏବଂ ସଦ୍ୟତମ ଉପଲବ୍ଧ ତଥ୍ୟ ୨୦୨୨ ପାଇଁ ହୋଇଛି। ଇତିମଧ୍ୟରେ ପ୍ରାୟ ୩ ବର୍ଷ ବିତିଗଲାଣି। ଜୀବନଧାରଣ ମାନ, ଆୟ ଓ ମୁଦ୍ରାସ୍ଫୀତି ଆଧାରିତ ସାମାଜିକ-ଅର୍ଥନୀତିରେ ଅନେକ ପରିବର୍ତ୍ତନ ଘଟିଛି। ଅଥଚ ସଂଜ୍ଞା ନିର୍ଦ୍ଧାରଣ ଅଧୁନାତନ(ଅପ୍‌ଡେଟ୍) ହୋଇପାରିନାହିଁ। ଜାତିସଂଘର ସହସ୍ରାବ୍ଦ ବିକାଶ ଲକ୍ଷ୍ୟର ଅନ୍ୟତମ ପାହାଚ 'ଦାରିଦ୍ର୍ୟ ଦୂରୀକରଣ ଯୋଜନା'ର ସଫଳତା କେବଳ ରେଖାଙ୍କନ ଚାତୁର୍ଯ୍ୟ ବଳରେ ହାସଲ ହୋଇପାରିବ ନାହିଁ। ଏଥିପାଇଁ ବାସ୍ତବତାକୁ ଗ୍ରହଣ କରିବାକୁ ହେବ। ପ୍ରଥମେ ମାନଦଣ୍ଡ ନିର୍ଦ୍ଧାରଣ ବିରତି ବା ଅନ୍ତରକୁ ଯଥେଷ୍ଟ ହ୍ରାସ କରି ବାର୍ଷିକ କରିବାକୁ ହେବ। ଏଆଇ ଯୁଗରେ ଏହା ବେଶି କଷ୍ଟକର ହେବ ନାହିଁ।

# ଜନଜାତିଙ୍କ ପୋଡୁଚାଷର ବିକଳ୍ପ

**ବିଦ୍ୟାଧର ମହାରଣା**

ପୋଡୁଚାଷ ଏକ ପୁରାତନ ଚାଷପଦ୍ଧତି, ଯାହା କେଉଁ ଆଦିମ କାଳରୁ ପାହାଡ଼ିଆ ଅଞ୍ଚଳରେ ଅନୁସୂଚିତ ଜନଜାତି ନିଜର ଜୀବନ-ଜୀବିକାର ଏକ ମୁଖ୍ୟ ସାଧନ ଭାବରେ ବ୍ୟବହାର କରୁଛନ୍ତି। ଦକ୍ଷିଣ ଆମେରିକା, କେନ୍ଦ୍ର ଓ ପଶ୍ଚିମ ଆଫ୍ରିକା ଏବଂ ଦକ୍ଷିଣ-ପୂର୍ବ ଏସିଆ ମହାଦେଶରେ ୬୩ ଦେଶର ୩୬ ନିୟୁତ ବର୍ଗ କିଲୋମିଟର ଅଞ୍ଚଳରେ ପୃଥିବୀର ପ୍ରାୟ ୨୦୦ ନିୟୁତ ଲୋକ ଏପ୍ରକାର ଚାଷ ଏବେ ବି ଅନୁସରଣ କରୁଛନ୍ତି। ଭାରତରେ ଓଡ଼ିଶା, ଛତିଶଗଡ଼, ଝାଡ଼ଖଣ୍ଡ, ମଧ୍ୟପ୍ରଦେଶ, ତେଲଙ୍ଗାନା, ଆନ୍ଧ୍ରପ୍ରଦେଶ, ବିହାର, ମେଘାଳୟ, ନାଗାଲାଣ୍ଡ, ଆସାମ, ତ୍ରିପୁରା ଆଦି ରାଜ୍ୟଗୁଡ଼ିକରେ ପ୍ରାୟ ୨/୩ ନିୟୁତ ଆଦିବାସୀ ସମ୍ପ୍ରଦାୟର ଲୋକ ଏହି ଚାଷ ଖ୍ରୀଷ୍ଟପୂର୍ବ ୩୦୦୦୦ଠାରୁ କରିଆସୁଛନ୍ତି। ପୋଡୁ ଚାଷକୁ ଝୁମ୍, ଦାବି, କୋମନ, ଗୁଡ଼ା, ବଗଡ଼, ହାରୁ ବ୍ରିଞ୍ଜା ଇତ୍ୟାଦି କୁହାଯାଏ। ବିଦେଶରେ ଏହାକୁ ସ୍ୱିଡେନ ଚାଷ କୁହାଯାଏ। ଓଡ଼ିଶାରେ ଅବିଭକ୍ତ କୋରାପୁଟ, ସୁନ୍ଦରଗଡ଼, ଫୁଲବାଣୀ, ଗଞ୍ଜାମ, କଳାହାଣ୍ଡି, ସମ୍ବଲପୁର ଓ କେନ୍ଦୁଝର ଜିଲ୍ଲାମାନଙ୍କର ପ୍ରାୟ ୨୨୨୨୭ ବର୍ଗ କିମି ଅଞ୍ଚଳରେ କୋୟା, ପରଜା, ଗଦବା, ବଣ୍ଡା, ଦିଦାୟୀ, କନ୍ଧ, ସଉରା, ଜୁଆଙ୍ଗ ଓ ଭୂୟାଁ ଆଦିବାସୀ ସମ୍ପ୍ରଦାୟର ପ୍ରାୟ ଏକ-ତୃତୀୟାଂଶ ଏହି ଚାଷ ସହିତ ସମ୍ପୃକ୍ତ।

ପୋଡୁଚାଷ ପଦ୍ଧତିରେ ପ୍ରଥମେ ପାହାଡ଼ିଆ ଅଞ୍ଚଳରେ ଏକ ଉପଯୁକ୍ତ ସ୍ଥାନ ଚିହ୍ନଟ କରି ପରିବାର ମଧ୍ୟରେ ବାଣ୍ଟି ଦିଆଯାଏ। ସମସ୍ତେ ମିଳିମିଶି ଚିହ୍ନଟ ହୋଇଥିବା ଜାଗାରୁ ବୁଦା, ଗଛ ଇତ୍ୟାଦି କାଟି ସଫା କରିବା ପରେ ଏକାଠି କରି ପୋଡ଼ି ଦିଅନ୍ତି। ଏଥିରୁ ବାହାରୁଥିବା ପାଉଁଶ ମାଟିରେ ବିଛାଇ ଦିଆଯାଏ। ମୌସୁମୀ ବର୍ଷା ଆସିବା ପୂର୍ବରୁ ସେମାନେ ସପରିବାରେ ଏହି ଜମିରେ ବିଭିନ୍ନ ଫସଲର ବିହନ ଗୋଜିଆ କାଙ୍କ ସାହାଯ୍ୟରେ ବୁଣି ଦିଅନ୍ତି। ସାଧାରଣତଃ ପୁଷ୍ଟି ଶସ୍ୟ, କାନ୍ଦୁଲ, ବିରି, ବରଗୁଡ଼ି, ଭେଣ୍ଡି, ଧାନ, କନ୍ଦମୂଳ, ହଳଦୀ ଇତ୍ୟାଦି ବିହନ ବିଭିନ୍ନ ପଟିରେ ବୁଣାଯାଇଥାଏ। ଏହି ଫସଲଗୁଡ଼ିକ କ୍ରମାନ୍ୱୟରେ ଅଗଷ୍ଟ ଶେଷଠାରୁ ମାର୍ଚ୍ଚ ମଧ୍ୟରେ ଅମଳ ହୋଇଥାଏ। ପ୍ରଥମେ ପୁଷ୍ଟି ଶସ୍ୟ ଓ ଶେଷରେ କାନ୍ଦୁଲ ଅମଳ ହୁଏ। ପରିବାରର ଆବଶ୍ୟକତା ଅନୁସାରେ ଖାଦ୍ୟଶସ୍ୟ, ଡାଲି, ପନିପରିବା ଓ ମସଲା ଏହି ଚାଷରୁ ମିଳିଥାଏ। ଜମି ଅଧିକ ଗଡ଼ାଣିଆ ହୋଇଥିଲେ ପାବଚ୍ଛକ ବା ଟେରେସ ପ୍ରଣାଳୀରେ ଫଳ, ପନିପରିବା, ଧାନ ଓ ମସଲା ଜାତୀୟ ଫସଲ ଚାଷ କରାଯାଏ।

ପୋଡୁଚାଷର ଉଭୟ ଭଲ ଓ ମନ୍ଦ ଦିଗ ରହିଛି। ଏହି ଚାଷ ମୁଖ୍ୟତଃ ଏକ ପ୍ରକାରର ପୁନରୁତ୍ଥାନ କୃଷି ପଦ୍ଧତି। ପୂର୍ବେ ମୃତ୍ତିକାର ସ୍ୱାସ୍ଥ୍ୟ ବୃଦ୍ଧି ଉଦ୍ଦେଶ୍ୟରେ ପୋଡୁଚାଷ କଲା ପରେ ୧୨ ରୁ ୧୫ ବର୍ଷ ପର୍ଯ୍ୟନ୍ତ ଜମି ପଡ଼ିଆ ରଖାଯାଉଥିଲା। ଘାସ ଓ ଅନାବନା ଗଛ ପୋଡ଼ିଯିବା ଫଳରେ ଫସଲରେ ରୋଗପୋକ ଆକ୍ରମଣ ହୁଏ ନାହିଁ, ପାଉଁଶ ମାଟିରେ ମିଶିଲେ ଏଥିରୁ ପୋଟାସିୟମ ମିଳେ। ମିଶ୍ରିତ ଫସଲ ଚାଷ ଯୋଗୁଁ ଜମି ସୁରକ୍ଷିତ ରହେ ଏବଂ ପରିବାରର ବହୁବିଧ ଆବଶ୍ୟକତା ପୂରଣ ହୁଏ। ଏହି ଚାଷ ଯୋଗୁଁ ଗୋଷ୍ଠୀ ସହଭାଗିତା ବୃଦ୍ଧିପାଏ। ଏହି ଚାଷର ମନ୍ଦ ଦିଗଗୁଡ଼ିକ କିନ୍ତୁ ଅଧିକ। ଜନସଂଖ୍ୟା ବୃଦ୍ଧି ଏବଂ ଚାଷ ଜମିର ଅଭାବ ଯୋଗୁଁ ବର୍ଷେ ଛାଡ଼ି ବର୍ଷେ ପୋଡୁଚାଷ କରାଯାଉଛି। କୌଣସି ନୂତନ କୌଶଳ ଅନୁସରଣ କରାଯାଉନି। ଏହାଫଳରେ ମୃତ୍ତିକା ଅବକ୍ଷୟ, ଜୈବ ବିବିଧତା ହ୍ରାସ, ଜଙ୍ଗଲ କ୍ଷୟ, ସବୁଜ ଗୃହ ବାଷ୍ପ ନିର୍ଗମନ ଜନିତ ଜଳବାୟୁ ପରିବର୍ତ୍ତନ, ବୃଷ୍ଟିହାନି, ଜଳ ପ୍ରଦୂଷଣ ଓ ଫସଲ ଅମଳ ହ୍ରାସ ଇତ୍ୟାଦି ସମସ୍ୟା ଦେଖାଦେଉଛି। ଉଭୟ ଦୃଷ୍ଟିରୁ ଦେଖିଲେ ଜମିରେ ବାରମ୍ବାର ପୋଡୁଚାଷ ବହୁ ସମସ୍ୟା ସୃଷ୍ଟିକରେ। ଏହି କାରଣରୁ ବ୍ରିଟିଶ ସରକାର ପୋଡୁଚାଷ ସମ୍ପୂର୍ଣ୍ଣ ନିଷେଧ କରିବାକୁ ପ୍ରୟାସ କରିଥିଲେ ମଧ୍ୟ ସଫଳ ହୋଇ ପାରି ନ ଥିଲେ।

ସ୍ୱାଧୀନତା ପରେ ଭାରତ ସରକାର ପୋଡୁଚାଷ ବନ୍ଦ କରିବା ପାଇଁ ବହୁ ଉଦ୍ୟମ କରିଛନ୍ତି। ବନ ବିଭାଗ ୪୦ ଡିଗ୍ରୀରୁ ଅଧିକ ଗଡ଼ାଣିଆ ଜମିରେ ପୋଡୁଚାଷ ପାଇଁ ଅନୁମତି ଦେଉନାହାନ୍ତି। ଆଦିବାସୀଙ୍କ ଜୀବିକା ଓ ପରିବେଶ ସଂରକ୍ଷଣ ମଧ୍ୟରେ ଏକ ସନ୍ତୁଳନ ଆଣିବା ପାଇଁ ସରକାର ସର୍ବବିଧ ଉଦ୍ୟମ ଜାରି ରଖିଛନ୍ତି। ପୋଡୁଚାଷର ବିକଳ୍ପ ସ୍ୱରୂପ ସ୍ଥାୟୀ କୃଷି, ବନୀକରଣ, ଜଙ୍ଗଲ ଆଧାରିତ ଜୀବିକା ନିର୍ବାହନ ପନ୍ଥା, ଜଙ୍ଗଲ ଅଧିକାର ଆଇନ୍ ୨୦୦୬, ବିକଳ୍ପ ଜୀବିକା ପାଇଁ ସହାୟତା, ଜଳ ବିଭାଜିକା ଉନ୍ନୟନ, ସଂରକ୍ଷଣ କୃଷି ଓ ଗୋଷ୍ଠୀ ସହଭାଗିତା ପାଇଁ ବହୁ ଯୋଜନା କରୁଛନ୍ତି। ଏହା ସତ୍ତ୍ୱେ ପୋଡୁଚାଷ ସେହିଭଳି ଅନୁସରଣ କରାଯାଉଛି। ପରିଣାମ ସ୍ୱରୂପ ଏକଦା ଘଞ୍ଚ ଜଙ୍ଗଲ ପରିପୂର୍ଣ୍ଣ ପାହାଡ଼ ଆଜି ନଣ୍ଡା ପାହାଡ଼ରେ ପରିଣତ ହୋଇଛି। ବସ୍ତୁତଃ ଏହା ଜଳ ବିଭାଜିକା ଯୋଜନାଗୁଡ଼ିକୁ ପ୍ରଭାବିତ କରୁଛି।

ପୋଡୁଚାଷର ବିକଳ୍ପ ପାଇଁ ବହୁ ପରୀକ୍ଷା ନିରୀକ୍ଷା କରାଯାଉଛି। କେତେକ ମଡେଲ ମଧ୍ୟ ସଫଳ ସାବ୍ୟସ୍ତ ହୋଇଛି। ଉଦାହରଣ ସ୍ୱରୂପ ମିଜୋରାମ୍‌ର ବାଉଁଶ କୃଷି ବନୀକରଣ, ନାଗାଲାଣ୍ଡ ଖୋନୋମା ମଡେଲରେ ଜୈବ ବିବିଧତା ସଂରକ୍ଷଣ, ଖାସି ଜୟନ୍ତୀଆ ପାହାଡ଼ିଆ ଅଞ୍ଚଳରେ ଗୋଷ୍ଠୀ ଜଙ୍ଗଲ ଇତ୍ୟାଦି ଅଗ୍ରଣୀ ଭୂମିକା ଗ୍ରହଣ କରିଛନ୍ତି। ଫିଲିପିନସ୍‌ରେ ଗଡ଼ାଣିଆ କୃଷିଭୂମି ପ୍ରଯୁକ୍ତିବିଦ୍ୟା ବା ସ୍ଲୋପିଙ୍ଗ ଏଗ୍ରିକଲଚର ଲାଣ୍ଡ ଟେକ୍ନୋଲୋଜି ସଲଟ- ୧) ପୋଡୁଚାଷର ସଫଳ ବିକଳ୍ପ ଭାବରେ ପ୍ରଦର୍ଶିତ ହୋଇଛି। ଏହାକୁ ସଂକ୍ଷେପରେ ସଲଟ ଟେକ୍ନୋଲୋଜି କୁହଯାଏ। ସଲଟ ଟେକ୍ନୋଲୋଜି ଚାରି ପ୍ରକାରର। ସଲଟ ୨ ହେଉଛି ସରଳ କୃଷି- ପ୍ରାଣୀପାଳନ ଜମି ଟେକ୍ନୋଲୋଜି। ସଲଟ ୩ ହେଉଛି ପୋଷଣୀୟ କୃଷି-ଜଙ୍ଗଲ ଭୂମି ଟେକ୍ନୋଲୋଜି ଏବଂ ସଲଟ ୪ ହେଉଛି ଛୋଟ କୃଷି-ଫଳ ଜୀବିକା ଟେକ୍ନୋଲୋଜି।

ଏହି ଚାରିପ୍ରକାରର ସଲଟ ମଧ୍ୟରୁ ସଲଟ-୧ ଅଧିକ ଅନୁସରଣ କରାଯାଏ। ଏଥିରେ ଦଶଗୋଟି ସୋପାନ ଅଛି। ପ୍ରଥମେ ଏକ ନିର୍ଦ୍ଦିଷ୍ଟ ବ୍ୟବଧାନରେ ସମପତନ ରେଖା ଗୋଟିଏ ଏ-ଫ୍ରେମ ଦ୍ୱାରା ଚିହ୍ନଟ କରାଯାଏ। ଏହାଉପରେ ଏକ ମିଟର ଚଉଡ଼ାର ହଳ କରି ଓ ସିଆର ଟାଣି ଏଥିରେ ଯବକ୍ଷାରଜାନ ଯୋଗାଉଥିବା ସବୁଜବାଡ଼ ପାଇଁ ମଞ୍ଜି(ସୁବାବୁଲ, ଗ୍ଲିରିସିଡିଆ, ଆଲଫାଲଫା ଇତ୍ୟାଦି) ପୋତାଯାଏ। ଏହି ସବୁଜବାଡ଼ ମୃତ୍ତିକା କ୍ଷୟ ନିରୋଧୀ। ଏକ ମିଟରରୁ ଅଧିକ ଉଚ୍ଚର ଗଛ ହେଲେ ଉପର ଡାଳ କାଟି ମାଟିରେ ମିଶାଇ ଦିଆଯାଏ, ଯାହା ଫଳରେ ଏହା ସବୁଜସାର ଭଳି କାମ କରେ। ପାହାଡ଼ର ଉପର ପଟିରେ ବୃକ୍ଷରୋପଣ ଏବଂ ଏହା ପରେ ଯଥାକ୍ରମେ ଫଳ ଗଛ ରୋପଣ (କମଳା, ଅମୃତଭଣ୍ଡା, କଦଳୀ), ମକା ଚାଷ, କାନ୍ଦୁଲ ଚାଷ, ଜୁଆର, ମାଣ୍ଡିଆ, ଧାନ, ବିରି, ପନିପରିବା, ହଳଦୀ ଇତ୍ୟାଦି ଗୋଟିଏ ପଟି ଛାଡ଼ି ଅନ୍ୟ ପଟିରେ ଚାଷ କରାଯାଏ। ସବୁଜ ବାଡ଼ଗୁଡ଼ିକ ମୃତ୍ତିକାକୁ ଧରି ରଖିବା ଫଳରେ ପଟିଗୁଡ଼ିକ ପାବଚ୍ଛକ ପରି ଦେଖାଯାଏ।

ଫସଲ ପର୍ଯ୍ୟାୟ ଅନୁସରଣ କରାଯାଏ। ସବୁଜ ବାଡ଼ର ରକ୍ଷଣାବେକ୍ଷଣ କରିବାକୁ ହୁଏ। ଏହି ପ୍ରଣାଳୀରେ ଫସଲ ଚାଷ କଲେ ମୃତ୍ତିକା ଓ ଜଳ ସଞ୍ଚିତ ହୋଇରହେ। ଫଳରେ ଫସଲ ଅମଳ ବୃଦ୍ଧିପାଏ। ଅତୀତରେ ଓଡ଼ିଶାରେ ଏପରି ସଲଟ-୧ କୌଶଳ କେତେକ ସ୍ଥାନରେ ପ୍ରଦର୍ଶିତ ହୋଇଥିଲା। ଓଡ଼ିଶାରେ ଟେରେସ ବା ସୋପାନ ଚାଷର ସଫଳତା ଗଜପତି ଜିଲ୍ଲାରେ ଦେଖାଯାଏ। ଚନ୍ଦ୍ରଗିରି ଓ ମହେନ୍ଦ୍ରଗିରି ପାର୍ବତ୍ୟ ଅଞ୍ଚଳରେ କମଳା, ସପୁରୀ ଇତ୍ୟାଦି ଫଳ ଚାଷ ବିଶେଷ ଭାବରେ ଦେଖାଯାଏ। ଗଡ଼ାଣିଆ ଜମିରେ ପଥର ବାଡ଼ ଦେଇ ସୋପାନ ପ୍ରଣାଳୀରେ ଫଳ ଚାଷ କରି ଚାଷୀମାନେ ଅଧିକ ଲାଭବାନ ହୁଅନ୍ତି।

ସାରାଂଶରେ କହିଲେ ପୋଡୁଚାଷ ଆଦିବାସୀଙ୍କ ଜୀବନ ନାଟିକା। ସରକାରଙ୍କ କେତେକ ନୀତି ଯୋଗୁଁ ଏବଂ ସ୍ଥାୟୀ ଚାଷ ପାଇଁ ସହାୟତା ଯୋଗୁଁ ପୋଡୁଚାଷ ପରିମାଣ କିଛି ହ୍ରାସ ପାଉଛି। ଏହାଦ୍ୱାରା ଜଙ୍ଗଲ କ୍ଷୟ ଓ ମୃତ୍ତିକା ଅବକ୍ଷୟ ସତ୍ତ୍ୱେ ଏପରି ଚାଷ ଆଦିବାସୀ ଅଞ୍ଚଳରେ ବନ୍ଦ ହେବନାହିଁ। ପୋଡୁଚାଷ ପ୍ରଣାଳୀ ବିଭିନ୍ନ ଆଦିବାସୀ ସମ୍ପ୍ରଦାୟ ମଧ୍ୟରେ ଭିନ୍ନ ହେଉଥିବାରୁ ଏହାର ନିରାକରଣ ପାଇଁ ଗୋଟିଏ ପନ୍ଥା ସ୍ଥିର କରାଯାଇ ପାରିବ ନାହିଁ। ଜନଜାତିଙ୍କ ଜୀବିକା ନିର୍ବାହ ପନ୍ଥାକୁ ଲକ୍ଷ୍ୟରେ ରଖି ସରକାର ଏହାର ବିକଳ୍ପ ପାଇଁ ସ୍ଥାୟୀ ଚାଷ, ଚାରାରୋପଣ, ପାବଚ୍ଛକ ବା ସୋପାନ ପ୍ରଣାଳୀରେ ଚାଷ ଏବଂ ଆଧୁନିକ ଚାଷ କୌଶଳ ଉପରେ ଗୁରୁତ୍ୱ ଆରୋପ କରୁଛନ୍ତି। ଏହାସହିତ ଗୋଷ୍ଠୀ ଆଧାରିତ ବନ ସୁରକ୍ଷା ପାଇଁ ପ୍ରୋତ୍ସାହନ ଦେଉଛନ୍ତି। ତଥାପି ଆଦିବାସୀଙ୍କ ପାଇଁ କର୍ମନିଯୁକ୍ତି ବ୍ୟବସ୍ଥା ଆବଶ୍ୟକ। କାରଣ ଏହାର ଅଭାବରେ ଆଦିବାସୀମାନେ ବାଧ ହୋଇ ଦେଶାନ୍ତରୀ ଯାଉଛନ୍ତି। ଜଙ୍ଗଲ ସୁରକ୍ଷା ଆଇନ୍ ୨୦୦୬ ଓ ପେସା ଆଇନ୍ ୧୯୯୬ ନିଷ୍ଠାର ସହ ପାଳନକଲେ ପୋଡୁଚାଷର ବିକଳ୍ପ ସୁବିଧାରେ କାର୍ଯ୍ୟକାରୀ ହୋଇପାରିବ।

ଭୁବନେଶ୍ୱର, ମୋ: ୯୪୩୭୦୭୧୧୯୦

# ଏକ ଉଦ୍ଭାବନ: ବରଦାନରୁ ଅଭିଶାପ

**ବିମଳ ମିଶ୍ର**

ପ୍ଲାଷ୍ଟିକ ଆଧୁନିକ ଜୀବନଶୈଳୀର ଅନିର୍ବାଯ୍ୟ ଅଙ୍ଗ ହୋଇଯାଇଛି। ପୃଥିବୀରେ ପ୍ଲାଷ୍ଟିକର ବାର୍ଷିକ ମୁଣ୍ଡପିଛା ବ୍ୟବହାର ୨୦.୯ କିଗ୍ରା ଏବଂ ଭାରତରେ ୫.୩ କିଗ୍ରା। ଏହାର ସ୍ୱଚ୍ଛତା, ସ୍ୱଳ୍ପ ଓଜନ ବା ଆପେକ୍ଷିକ ଗୁରୁତ୍ୱ, ଜଳ, ବିଦ୍ୟୁତ ଓ ରସାୟନ ପ୍ରତିରୋଧକ କ୍ଷମତା, ନମନୀୟତା, ସ୍ଥାୟିତ୍ୱ ଏବଂ ସର୍ବୋପରି ସୁଲଭ ଓ ସ୍ୱଳ୍ପ ବ୍ୟୟ ବହୁଳତା ଯୋଗୁଁ ଏଥିରେ ନିର୍ମିତ ସାମଗ୍ରୀଗୁଡ଼ିକ ଅତ୍ୟଧିକ ଆଦୃତ ହୋଇଛି। ଆମର ନିତ୍ୟ ବ୍ୟବହାର୍ଯ୍ୟ ବ୍ୟାଗ, ପାଣି ବୋତଲ, ପେନ୍, ପେନସିଲ୍, ପ୍ୟାକିଙ୍ଗ୍ ସାମଗ୍ରୀ, ବ୍ରସ୍, ପ୍ରସାଧନ ସାମଗ୍ରୀ, ପୋଷାକ, ଫୋନ, କମ୍ପ୍ୟୁଟର, ଚୌକି, ଟେବୁଲ୍, ରୋଷେଇ ସାମଗ୍ରୀ, ଖେଳନା, ଛୋଟରୁ ବୃହତ ଯନ୍ତ୍ରାଂଶ, ଯାନ, ବିଦ୍ୟୁତ ତାର ସହ ବିଭିନ୍ନ ନିର୍ମାଣ ଯନ୍ତ୍ରପାତିରେ ଏହାର ଉପଯୋଗ ଦ୍ରୁତଗତିରେ ବଢ଼ି ଚାଲିଛି।

ଉଚ୍ଚ ଉତ୍ତାପ ସହନଶୀଳତା ନ ଥିବା ପରି ପ୍ଲାଷ୍ଟିକର ଗୁଣକୁ ଆଧୁନିକ ବୈଷୟିକ ଜ୍ଞାନକୌଶଳ ଦୂର କରି ଦେବା ଦ୍ୱାରା ଅଧୁନା ଆମ ଚତୁଃପାର୍ଶ୍ୱରେ ଦୃଶ୍ୟମାନ ସମସ୍ତ ଉପଯୋଗୀ ବସ୍ତୁସମୂହରେ ପ୍ଲାଷ୍ଟିକର ବିନିଯୋଗ ଅନିର୍ବାଯ୍ୟ ପ୍ରାୟ। ଜୀବାଶ୍ମ ଇନ୍ଧନରୁ ଏହାର ଉତ୍ପାଦନ। ଧାତବ, ଜୀବଜ ବା ବୃକ୍ଷଜ ପଦାର୍ଥଠାରୁ ଆପେକ୍ଷିକ ସହଜ ହୋଇଥିବାରୁ ଅଧିକ ଉପଯୋଗୀ ହୋଇଯାଉଛି। ପରିବହନ କ୍ଷେତ୍ରରେ ଏହାର ଶକ୍ତ ତଥା ହାଲୁକା ଗୁଣ ସହ ଦୀର୍ଘସ୍ଥାୟିତ୍ୱ ଏହାକୁ ସର୍ବାଧିକ ଗ୍ରହଣୀୟ କରିଛି। ଏହାର ବ୍ୟବହାର ଯୋଗୁଁ ନିଜସ୍ୱ ଓଜନର ଅତ୍ୟଧିକ କ୍ଷୟ ଘଟୁଥିବାରୁ ଆଧୁନିକ ଯାନ ସବୁ ଅଧିକରୁ ଅଧିକ ଇନ୍ଧନକ୍ଷମ କରିପାରୁଛି।



ପୃଥିବୀରେ ବର୍ଷକୁ ୪୨ କୋଟି ଟନ ପ୍ଲାଷ୍ଟିକ ଉତ୍ପାଦନ ହେଉଛି। ସେଥିରୁ ୫.୭ କୋଟି ଟନ୍‌ର ବର୍ଜ୍ୟ ବସ୍ତୁ ନିର୍ଗତ ହେଉଛି। ଭାରତର ପ୍ଲାଷ୍ଟିକ ବର୍ଜ୍ୟ ୦.୯୩ କୋଟି ଟନ୍। କେବଳ ଆମେରିକାରେ ବର୍ଷକୁ ୩୫୦ କୋଟି ପ୍ଲାଷ୍ଟିକ ବୋତଲ ଫୋପଡ଼ା ଯାଉଛି। ଗୋଟିଏ ପ୍ଲାଷ୍ଟିକ ବୋତଲର କ୍ଷୁଦ୍ରାଂଶ ଅବକ୍ଷୟ ପାଇଁ ୫୦୦ ରୁ ୧୦୦୦ ବର୍ଷ ନେଇଥାଏ। ଏହା ଯୋଗୁଁ ସମସ୍ତ ପଶୁ, ପକ୍ଷୀ ଓ କୀଟ ପତଙ୍ଗ ବ୍ୟାପକ କ୍ଷତିଗ୍ରସ୍ତ ହୋଇ ବିଲୀନମୁଖୀ। ଆମ ବ୍ୟର୍ଜ୍ୟବସ୍ତୁର ୧୦ ପ୍ରତିଶତ ହେଉଛି ପ୍ଲାଷ୍ଟିକ। ସେଥିମଧ୍ୟରୁ ଏବେ କେବଳ ୫ ପ୍ରତିଶତ ପୁନଃବିନିଯୋଗ ହୋଇପାରୁଛି। ପ୍ଲାଷ୍ଟିକର ବିଭିନ୍ନ କ୍ଷେତ୍ରରେ ବ୍ୟବହାର କିଛି ଏହିପରି। - ପ୍ୟାକେଜିଂରେ ୩୬%, ନିର୍ମାଣରେ ୧୬%, ବସ୍ତ୍ରରେ ୧୫%, ନିତ୍ୟ ବ୍ୟବହାର୍ଯ୍ୟରେ ୧୦%, ପରିବହନରେ ୭%, ଇଲେକ୍ଟ୍ରୋନିକରେ ୪%, ଶିଳ୍ପରେ ୧%, ଅନ୍ୟାନ୍ୟ ୧୧%।

ପ୍ଲାଷ୍ଟିକ୍‌ଜାତ ସାମଗ୍ରୀର ପ୍ରାକୃତିକ ବା ସ୍ୱାଭାବିକ ଅବକ୍ଷୟ ଅତ୍ୟଧିକ ସମୟସାପେକ୍ଷ ହୋଇଥିବାରୁ ଏହା ମାନବ ସମାଜ ପାଇଁ ଏକ ଅଭିଶାପ ରୂପରେ ଉଭା ହେଲାଣି। ବ୍ୟର୍ଜ୍ୟ ବସ୍ତୁ ପରିଚାଳନାରେ ଏହା ସବୁଠାରୁ ବଡ଼ ଆହ୍ୱାନ ହୋଇଛି। ଉଦାହରଣ ସ୍ୱରୂପ ଏକ କାଠ ଉପକରଣ ପ୍ରାକୃତିକ ପରିବେଶରେ ସଂପୂର୍ଣ୍ଣ କ୍ଷୟ ହେବାକୁ ୧୦ରୁ୨୦ ବର୍ଷ ନେଉଥିବା ବେଳେ ଏକ ପ୍ଲାଷ୍ଟିକ ଉପକରଣ ୨୦୦-୧୦୦୦ ବର୍ଷ ନେଇ ଥାଏ। ତେଣୁ ଏହା ପରିବେଶକୁ ବିଷାକ୍ତ କରିଥାଏ। ପ୍ଲାଷ୍ଟିକ ଉଦ୍ଭାବନଠାରୁ ଆଜି ପର୍ଯ୍ୟନ୍ତ ଏହାର କ୍ଷୟ ହୋଇ ନାହିଁ, ବରଂ ଏହାର କ୍ଷୁଦ୍ରାଂଶ ପରିବେଶକୁ ବିଷମୟ କରି ଚାଲିଛି। ଗତ ଦଶ ବର୍ଷରେ ଆମେ ଏହାର ବ୍ୟବହାର ଏତେ ମାତ୍ରାରେ ବୃଦ୍ଧି କରିଛେ ଯେ ଗତ ଶହେ ବର୍ଷର ଉତ୍ପାଦନଠାରୁ ଅଧିକ।

ବ୍ୟସ୍ତ ବିବ୍ରତ ମାନବ ସମାଜର ଦୁର୍ଦ୍ଦଶା ଲାଘବ କରିବା ପାଇଁ ପ୍ରମୁଖ ରାଷ୍ଟ୍ର ମୁଖ୍ୟଗଣ ଏହାର ପ୍ରତିକାର ପାଇଁ କେତେକ ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି। ୨୦୧୮ ମସିହାର ଉତ୍ପାଦନ ଭିତ୍ତିରେ ୨୦୩୦ ସୁଦ୍ଧା ସର୍ବାଧିକ ବିନିଯୋଗ ହେଉଥିବା ପ୍ୟାକେଜିଂ କ୍ଷେତ୍ରରେ ପ୍ଲାଷ୍ଟିକ ଉତ୍ପାଦ ୧୫% କମ କରାଯିବ। ଏହାର ୫୫% ପୁନଃ ବିନିଯୋଗ ହେବ। ଏତଦ୍‌ବ୍ୟତୀତ ଜୀବାଶ୍ମ ଇନ୍ଧନରୁ ସୃଷ୍ଟ ପ୍ଲାଷ୍ଟିକକୁ ଦ୍ରୁତ ହ୍ରାସ କରି ବାଇଓ-ପ୍ଲାଷ୍ଟିକ (ପଲିଏଥିଲିନ୍) କୁ ଗୁରୁତ୍ୱ ଦିଆଯିବ। ପ୍ଲାଷ୍ଟିକ ପ୍ରଦୂଷଣରୁ ସୁରକ୍ଷା ପାଇଁ ଚତୁର୍ବର୍ଗ ପ୍ରୟାସ ହେବା ନିହାତି ଆବଶ୍ୟକ। ପୁନଃବିନିଯୋଗ (ରିସାଇକେଲ୍), ସାମୟିକ ବନ୍ଦ (ପଜ୍), ବିକଳ୍ପ ବିନିଯୋଗ (ରିପରପସ୍), ବ୍ୟବହାର ସଂକୋଚନ (ରିଡ୍ୟୁସ୍)।

ଆଇନ ଭିତ୍ତିକ କଟକଣା ଅପେକ୍ଷା ମାନବିକ ଉପଲବ୍ଧି ଓ ସଚେତନତା ଏ ସାଂଘାତିକ ପ୍ଲାଷ୍ଟିକ ଜନିତ ପ୍ରଦୂଷଣ ରୂପକ ରାକ୍ଷସଠାରୁ ଆମକୁ ଉଦ୍ଧାର କରିବାରେ ଅଧିକ ସହାୟକ ହେବ। ସମସ୍ତଙ୍କୁ ପ୍ଲାଷ୍ଟିକର ବିନିଯୋଗକୁ କମ କରିବା ପାଇଁ ସଚେତନତା ସୃଷ୍ଟି କରି ଉଦାହରଣ ହେବାକୁ ପଡ଼ିବ। ଏହାର ଭୟାବହ ପରିଣତି ବିଷୟରେ ସମସ୍ତଙ୍କୁ ଅବଗତ କରାଇବା ପାଇଁ ଆମ ସମସ୍ତଙ୍କୁ ଆଗଭର ହେବାକୁ ପଡ଼ିବ। ସରକାର ତାଙ୍କ ଉନ୍ନୟନମୂଳକ କାର୍ଯ୍ୟକ୍ରମରେ ପ୍ଲାଷ୍ଟିକର ବିନିଯୋଗ ତଥା ସୁପରିଚାଳନା ପାଇଁ ଦୀର୍ଘମିଆଦୀ ଯୋଜନା କରିବାକୁ ବାଧ କରିବା ପାଇଁ ଜନଜାଗରଣର ନିତାନ୍ତ ଆବଶ୍ୟକତା ରହିଛି।

ବେଙ୍ଗାଲୁରୁ, ମୋ: ୯୪୩୭୦୬୧୪୮୫

# ଗଜାନନ ବେଶ

**ଲୋକକଥାରେ ଲୋକଦେବତା**

**ସ୍ୱପ୍ନେଶ୍ୱର**

କର୍ଣ୍ଣାଟକର କାଣିଆରୀ ଗ୍ରାମ ନିବାସୀ ନୈଷ୍ଠିକ ବ୍ରାହ୍ମଣ ଗଣପତି ଭଟ୍ଟ ଗଣପତିଙ୍କୁ ଇଷ୍ଟରୂପେ ଆରାଧନା କରୁଥିଲେ। ବିଭିନ୍ନ ଶାସ୍ତ୍ର ଅଧ୍ୟୟନ କରି ସେ ଜାଣିବାକୁ ପାଇଲେ ଯେ ପରଂବ୍ରହ୍ମ ଜଗନ୍ନାଥ ଦାରୁ ସ୍ୱରୂପରେ ଉତ୍କଳ ଦେଶର ନୀଳାଚଳରେ ବିରାଜମାନ କରୁଛନ୍ତି, ଯାହାଙ୍କୁ ଦର୍ଶନ କଲେ ଜନ୍ମଜନ୍ମାନ୍ତରରୁ ମୁକ୍ତି ମିଳେ। ତେଣୁ ବ୍ରହ୍ମ ଦର୍ଶନ କରି ମୁକ୍ତିଲାଭ ଆଶାକୁ ଚରିତାର୍ଥ କରିବା ଲାଗି ଭଟ୍ଟ ମହାଶୟ ନୀଳଗିରି ଅଭିମୁଖେ ଯାତ୍ରାରମ୍ଭ କଲେ। ଅନେକ କଷ୍ଟ ଏବଂ ଅନେକ ଦିନର ଯାତ୍ରା ପରେ ସେ ପୁରୀ ଉପକଣ୍ଠ ଅଠରନଳାଠାରେ ନୀଳଚକ୍ରକୁ ଦର୍ଶନ କରି ପରମ ସନ୍ତୋଷ ଲାଭ କଲେ। ସନ୍ଧ୍ୟା ହୋଇ ଯାଇଥିବାରୁ ସ ଦିନ ସେ ସେହିଠାରେ ବିଶ୍ରାମ କରୁଥିବା ବେଳେ ଦେଖିଲେ ଯେ ଭକ୍ତମାନେ ମହାପ୍ରଭୁଙ୍କ ଦର୍ଶନ ସାରି ଆନନ୍ଦର ସହ ଫେରୁଛନ୍ତି। ଭଟ୍ଟ ମହାଶୟ ପଚାରି ଜାଣିଲେ ଯେ ମହାପ୍ରଭୁଙ୍କୁ ଦର୍ଶନର ସୌଭାଗ୍ୟ ପ୍ରାପ୍ତ କରିଥିବାରୁ ସେମାନେ ଅତ୍ୟନ୍ତ ଆନନ୍ଦିତ ଥିଲେ। ଭଟ୍ଟ ମହାଶୟ ଦ୍ୱନ୍ଦ୍ୱରେ ପଡ଼ିଗଲେ। ସେ ଜାଣିଥିଲେ ଯେ ଭାଗ୍ୟବଳରେ ଭକ୍ତ ବ୍ରହ୍ମ ଦର୍ଶନ କଲେ ତା'ର ପ୍ରାଣ ବ୍ରହ୍ମଲୀନ ହୋଇ ଯାଏ। କିନ୍ତୁ ଭକ୍ତମାନେ ବ୍ରହ୍ମ ଦର୍ଶନ କରି ସ୍ୱଦେହରେ ଫେରୁ ଥିବାରୁ ସେ ଚିନ୍ତା କଲେ ଯେ ନୀଳାଚଳରେ ବ୍ରହ୍ମ ବିରାଜମାନ କରୁଛନ୍ତି ବୋଲି ପୁରାଣର ବର୍ଣ୍ଣନା ସତ ନୁହେଁ। ତାଙ୍କର ଏତେ ଦିନର କଷ୍ଟସାଧ୍ୟ ଯାତ୍ରା ବିଫଳ ଗଲା ବୋଲି ଜାଣି ସେ ଦୁଃଖିତ ହେଲେ ଏବଂ ଜୀବନ ବିସର୍ଜନ କରି ଦେବା ପାଇଁ ନିଷ୍ପତ୍ତି ନେଲେ।

ଭକ୍ତର ଏ ପ୍ରକାର କଠୋର ନିଷ୍ପତ୍ତି ଦେଖି ଭକ୍ତବତ୍ସଳ ଜଗନ୍ନାଥ ବ୍ରାହ୍ମଣ ବେଶରେ ଭଟ୍ଟଙ୍କ ପାଖକୁ ଯାଇ କାରଣ ପଚାରନ୍ତେ ସେ ସମସ୍ତ ବୃତ୍ତାନ୍ତ ବର୍ଣ୍ଣନା କଲେ। ସବୁଶୁଣି ମହାପ୍ରଭୁ ପଚାରିଲେ, 'ବ୍ରହ୍ମ ନାହାନ୍ତି ବୋଲି ଏଥେ, ତା' ତୁମେ ଜାଣିଲ କେମନ୍ତେ?' ଗଣପତି କହିଲେ ଯେ, 'ବ୍ରହ୍ମ ଦର୍ଶନ ପରେ ବ୍ରହ୍ମଲୀନ ହୋଇ ଯିବାକୁ ହୁଏ। କିନ୍ତୁ ଭକ୍ତମାନେ ଜଗନ୍ନାଥଙ୍କୁ ଦର୍ଶନ କରି ସ୍ୱଦେହରେ ଫେରୁଥିବାରୁ ତାଙ୍କର ଭ୍ରମ ସୃଷ୍ଟି ହୋଇଥିଲା।' ବ୍ରାହ୍ମଣବେଶଧାରୀ ମହାପ୍ରଭୁ କହିଲେ, 'ଯେ ଆତ୍ମା କଳ୍ପତରୁ ହରି, ଯେ ଯାହା ମନବାଞ୍ଛା କରି / ତାହାକୁ ସେହି ଫଳ ଦେଇ, ତେଣୁଟି ବାଞ୍ଛାନିଧି ସେହି। ଯେଉଁ ଭକ୍ତ ଦର୍ଶନ ପରେ ଘରସଂସାରକୁ ଫେରିବା ପାଇଁ ଇଚ୍ଛା କରେ ସେ ତାକୁ ସେଥିପାଇଁ ଅନୁମତି ପ୍ରଦାନ କରନ୍ତି। ଯେଉଁ ଭକ୍ତ ମୁକ୍ତି ଲାଭ କରିବା ପାଇଁ ପ୍ରାର୍ଥନା କରେ ସେ ତାକୁ ମୋକ୍ଷ ଦାନ କରିଥା'ନ୍ତି।'

ବ୍ରାହ୍ମଣଙ୍କ କଥାରେ ଗଣପତିଙ୍କ ମନ ପରିବର୍ତ୍ତନ ହେଲା। ତା' ପର ଦିନ ସେ ଠାକୁରଙ୍କୁ ଦର୍ଶନ କରିବା ପାଇଁ ମନ୍ଦିରକୁ ଗଲେ। ସେ ଦିନ ଥିଲା ସ୍ନାନପୂର୍ଣ୍ଣିମା। କିନ୍ତୁ ମହାପ୍ରଭୁଙ୍କ ଦର୍ଶନ ଗଣପତିଙ୍କୁ ଖୁସି କରି ପାରିଲା ନାହିଁ। କାରଣ ସେ ଭାବୁଥିଲେ ଯେ ମହାପ୍ରଭୁ ତାଙ୍କୁ ତାଙ୍କର ଇଷ୍ଟ ଗଜାନନ ସ୍ୱରୂପରେ ଦର୍ଶନ ଦେବେ। 'ଗଜ ବଦନ ନାହିଁ ଏଥେ, ବ୍ରହ୍ମ ନୁହଇ କଦାଚିତେ।' କିନ୍ତୁ ସେଦିନ ରାତିରେ ଜଗନ୍ନାଥ ସ୍ୱପ୍ନରେ ମୁଦିରଥଙ୍କୁ ଆଦେଶ ଦେଲେ କହିଲେ, 'ବୋଇଲେ ଶୁଣ ମୁଦିରଥ, ପଶ୍ଚିମ ଦେଶୁ ମୋ ଭକତ / ଆସିଣ ଅଛି ଅତି ତୋଷେ, ମୋହର ଦରଶନ ଆଶେ / ତେଣୁ ମୋ ଛାମୁକୁ ଆଇଲା, ମୋର ମୁଖକୁ ଚାହିଁ ଦେଲା / ଗଜ ବଦନ ମୋ ନ ଦେଖି, ମନରେ ହୋଇ ମହାଦୁଃଖୀ / ବାହୁଡ଼ି ଯାଉଅଛି ସେହି, ବେଗେ ତୁ ଘେନି ଆସ ଯାଇ / ବୋଲିବୁ କିମ୍ବା ଯାଉ ରୁଷି, ଦର୍ଶନ କର ବ୍ରହ୍ମରାଶୀ / ନିଶ୍ଚଳ କରି ତୋ ନୟନ, ଚାହିଁ ଦେଖିବୁ ଗଜାନନ।'

ମୁଦିରଥ ଭଟ୍ଟ ମହାଶୟଙ୍କୁ ଭେଟି ମହାପ୍ରଭୁଙ୍କ ସ୍ୱପ୍ନାଦେଶ କଥା କହିବାରୁ ସେ ପୁଣି ପ୍ରଭୁଙ୍କ ଦର୍ଶନ ପାଇଁ ଗଲେ। 'ଦେଖିଲା ପ୍ରଭୁ ଭଗବାନ, ହୋଇ ଅଛନ୍ତି ଗଜାନନ / ଲମ୍ବି ଅଛଇଁ ଥୋର ହସ୍ତ, ଶୋଭା ଦିଶଇ ଏକ ଦନ୍ତ / ମହାପ୍ରଭୁଙ୍କୁ ନିଜର ଇଷ୍ଟ ଗଜାନନ ସ୍ୱରୂପରେ ଦର୍ଶନ କରି ଭଟ୍ଟ ଆନନ୍ଦରେ ସ୍ତୁତି କଲେ, 'ନମୋ ନମସ୍ତେ ଗଜାନନ, ନମସ୍ତେ କପିଳ ବଦନ / ନମସ୍ତେ ଦାରୁ ବ୍ରହ୍ମ ରାଶି, ନମୋ ନମସ୍ତେ ବିଶ୍ୱବାସୀ / ତବ ଦର୍ଶନେ ଦାରୁବ୍ରହ୍ମ, ତୁଟିଲା ମୋର ମତିଭ୍ରମ / ତା' ପରେ ସେ ନିଉଛାଳି ହୋଇ ମହାପ୍ରଭୁଙ୍କୁ ପ୍ରାର୍ଥନା କଲେ, 'ଆଜ ଏ ଦେବସ୍ନାନ ଯାତ, ଯେବେ ହୋଇବ ଜଗନ୍ନାଥ / କେବଳ ହସ୍ତୀ ବେଶ ହୋଇ, ବିଜେ କରିବ ଭାବଗ୍ରାହୀ / ଏତେକ ମାତ୍ର ଆଜ୍ଞା ହେଉ, ଏ କଥା ଯୁଗେ ଯୁଗେ ଥାଉ।' ସେହି ଦିନଠାରୁ ମହାପ୍ରଭୁ ସ୍ନାନପୂର୍ଣିମାରେ ଗଜାନନ ବେଶରେ ଭକ୍ତମାନଙ୍କୁ ଦର୍ଶନ ଦେଉଛନ୍ତି।(ଆଧାର:ରାମଦାସ କୃତ ଦାର୍ଢ୍ୟତା ଭକ୍ତି)

ମୋ: ୯୯୦୦୦୮୩୪୩୩

ସକାଳ THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ଅବଶିଷ୍ଟାଂଶ

## ଲମ୍ବା ଭାଷଣ...

ବିଜେଡିର ଜନ ଜାଗରଣ ଅଭିଯାନରେ ରାଜ୍ୟ କର୍ମକର୍ତ୍ତାଙ୍କୁ ଉଦବୋଧନ ଅବସରେ ନବୀନ କହିଛନ୍ତି ଯେ ଗଣତନ୍ତ୍ରରେ ସାଧାରଣ ଲୋକ ହେଉଛନ୍ତି ମାଲିକ। ଜନାଦେଶ ବଳରେ ଆମେ ଆଜି ବିରୋଧୀ ଦଳରେ ବସିଛନ୍ତି ଓ ବିଜେଡି ଏକ ଦାୟିତ୍ୱ ସମ୍ପନ୍ନ ବିରୋଧୀ ଦଳ ଭାବରେ କାମ କରୁଛି। ବିଜେପି ସରକାର ଓଡ଼ିଶାର ଶାସନ ଦାୟିତ୍ୱ ନେବାର ଏକ ବର୍ଷ ହୋଇଗଲା। ବିଜେପି ସରକାରଙ୍କୁ ଲୋକଙ୍କ ସରକାର ବୋଲି କୁହାଯାଉଛି; କିନ୍ତୁ ଲୋକ କାହାନ୍ତି ? ଆମ ସରକାର ସମୟରେ ଓଡ଼ିଶାର ୯୦ ପ୍ରତିଶତ ଲୋକ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରୁ ଉପକାର ପାଉଥିଲେ; ଏବେ ଆରମ୍ଭ ହୋଇଥିବା ଆୟୁଷ୍ମାନ ଭାରତରେ ଲୋକମାନେ ଔଷଧ ପାଉନାହାନ୍ତି। ବିନା ଟଙ୍କାରେ ହସ୍ପିଟାଲରେ ଚିକିତ୍ସା ହୋଇପାରୁ ନାହିଁ । ରାଜ୍ୟର ହଜାର ହଜାର ଲୋକ ଏଥିପାଇଁ ହଇରାଣ ହେଉଛନ୍ତି। ମା'ମାନେ ହଇରାଣ, ବୁଢ଼ାବୁଢ଼ି ହଇରାଣ, କ୍ୟାନ୍ସର ରୋଗୀ ହଇରାଣ ଏବଂ ପିଲାମାନେ ହଇରାଣ ହେଉଛନ୍ତି। ସ୍ୱାସ୍ଥ୍ୟ ବ୍ୟବସ୍ଥା ପୁରା ଭୁଷୁଡି ପଡିଛି। ୩୦ ଜିଲ୍ଲାରୁ ୧୯ ଜିଲ୍ଲାରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ପଦବୀ ଖାଲି। ଏହା ହେଉଛି ବର୍ତ୍ତମାନ ସରକାରର ସଫଳତା ବୋଲି ତାତ୍ସଲ୍ୟ କରିଛନ୍ତି ନବୀନ।

ସେ ପୁଣି କହିଛନ୍ତି ଯେ ମିଶନ ଶକ୍ତି ଦ୍ୱାରା ସତୁରି ଲକ୍ଷ ମା'ମାନେ ସଶକ୍ତ ହୋଇଥିଲେ। ମାତ୍ର ଗୋଟିଏ ବର୍ଷ ଭିତରେ ମିଶନ ଶକ୍ତିର ଗତିକୁ ଦୁର୍ବଳ କରିବା ହେଉଛି ଏ ସରକାରର ସଫଳତା। ବ୍ୟାଙ୍କରେ ମା'ମାନେ ହଇରାଣ ହେଉଛନ୍ତି। ସରକାରୀ କାର୍ଯ୍ୟାଳୟରେ ମା'ମାନଙ୍କ କାମ ହେଉନାହିଁ। ଦୁବାଇ ଓ ସିଙ୍ଗାପୁର ଯାଇଥିବା ମା'ମାନେ ଆଜି ଘରେ ବସି ହତାଶ। ସେମାନଙ୍କର ଆତ୍ମବିଶ୍ୱାସ ଭାଙ୍ଗି ଯାଇଛି। ଏହା ହେଉଛି ଏ ସରକାରର ବଡ଼ ସଫଳତା। ଆମ ସରକାର ସମୟରେ ମିଶନ ଶକ୍ତି ଆନ୍ଦୋଳନ ସାରା ଭାରତରେ ରାଜ୍ୟ ପାଇଁ ସୁନାମ ଆଣିଥିଲା। ମା'ମାନଙ୍କ ସଶକ୍ତିକରଣରେ ବାଧା ସୃଷ୍ଟି କରିବା ଏ ସରକାରର ସବୁଠାରୁ ବଡ଼ ଭୁଲ୍। ମା'ମାନେ ଏହାକୁ କେବେ କ୍ଷମା ଦେବେ ନାହିଁ ବୋଲି ନବୀନ ଚେତାଇ ଦେଇଛନ୍ତି।

ରାଜ୍ୟ ବିଜେପି ସରକାରଙ୍କ ଚାଷୀମାରଣ ନୀତିକୁ ସମାଲୋଚନା କରି ନବୀନ କହିଛନ୍ତି ଯେ ନିର୍ବାଚନ ସମୟରେ କୁହାଗଲା କଟନୀଛଟନୀ ବନ୍ଦ ହେବ। ସବୁ ଚାଷୀ ଏମ୍‌ଏସ୍‌ପି ପାଇବେ। ଆମ ଭିତରେ ବହୁ ଚାଷୀ ଭାଇଭଉଣୀ ଅଛନ୍ତି। ଆପଣ କୁହନ୍ତୁ କଟନୀ ଛଟନୀ ବନ୍ଦ ହୋଇଛି କି ? ଲୋକଙ୍କ ସରକାର; କିନ୍ତୁ ଲୋକ ନାରଖାର। ସରକାରଙ୍କୁ ମିଲରଙ୍କର ଭୟ ନାହିଁ, ମିଲରଙ୍କ ଦୟାରେ ଏବେ ଚାଷୀ କାହାକୁ ଗୁହାରି କରିବେ? ଚାଷୀ କୃଷି ଋଣ ପାଇବାରେ ହଇରାଣ ହେଉଛନ୍ତି। ବିଜେଡି ସମୟରେ ରେକର୍ଡ ପରିମାଣରେ ଜଳସେଚନ ହୋଇଥିଲା। ବିଜେପି ସରକାରଙ୍କ ସଫଳତାର ଫର୍ଦ୍ଦ ଏଇଠି ଅଟକୁନାହିଁ; ଚାଲିଥିବା କାମକୁ ଏମାନେ ବନ୍ଦ କରିଦେଲେ। ଲୋକ ଚେତିଲେଣି। ଏହା ସରକାର ବୁଝନ୍ତୁ। ସେ ଆହୁରି ମଧ କହିଛନ୍ତି ଯେ ୨୦୦୦ ମସିହାରେ ବିଜେଡି ସରକାର ଦାୟିତ୍ୱ ନେବା ସମୟରେ ଓଡ଼ିଶାର ଋଣଭାର ୧୮ ହଜାର କୋଟି ଟଙ୍କା ଥିଲା; ଓଭର୍ ଡ୍ରାଫ୍ଟରେ ସରକାର ଚାଲିଥିଲା। ୨୦୨୪ରେ ଆମେ ଦାୟିତ୍ୱ ଛାଡିବାବେଳେ ସରକାରୀ ରାଜକୋଷରେ ଅତିରିକ୍ତ ଥିଲା ୪୫ ହଜାରେ କୋଟି; କିନ୍ତୁ ଏବେ ରେକର୍ଡ ପରିମାଣର ଋଣରେ ସରକାର ଚାଲିଛି । ୨୦୦୫-୦୬ରେ ଓଡ଼ିଶାର ଗରିବୀ ୬୩.୮୩ ପ୍ରତିଶତ ଥିବାବେଳେ ୨୦୨୩ ରେ ଏହା ୧୧.୦୭ ପ୍ରତିଶତକୁ ଆସିଥିଲା। ୧୦୭.୭୮ ଲକ୍ଷ ଲୋକ ଗରିବୀ ସୀମାରେଖା ଉପରକୁ ଉଠିଥିଲେ । ଆଇଏମଆର, ଏମଏମଆର ଆଦି ସବୁ ବିକାଶ ସୂଚକରେ ଆଖିଦୃଶିଆ ସୁଧାର ଆସିଥିଲା ବୋଲି ନବୀନ କହିଛନ୍ତି।

## ପ୍ରତ୍ୟକ୍ଷ ସ୍ନାନ...

ବଳଭଦ୍ର, ମା' ସୁଭଦ୍ରା ଓ ଶେଷରେ ସ୍ନାନବେଦୀକୁ ଆସିବେ ଜଗତରନାଥ ଶ୍ରୀଜଗନ୍ନାଥ। ପ୍ରତିଦିନ ବିମ୍ବ (ଦର୍ପଣ) ସ୍ନାନ କରୁଥିବା ଦାରୁବିଗ୍ରହମାନେ ସ୍ନାନବେଦୀରେ କରିବେ ପ୍ରତ୍ୟକ୍ଷ ସ୍ନାନ। ସୁନା ଗୋସେଇଁ ପରିବାରର ସଦସ୍ୟମାନେ ସୁନାକୂଅରୁ ୧୦୮ ଗଡୁ ଜଳ ଆଣି ଜଳ ଗୃହରେ ରଖିବେ। ଚୁଆ, ଚନ୍ଦନ, କର୍ପୂର ଆଦି ପକାଯାଇ ଜଳକୁ ଅଧିବାସ କରାଯିବ। ଅଧିବାସ ଗୃହରୁ ଗରାବଡୁ ସେବକମାନେ ୧୦୮ ଗଡୁ ଜଳ ନେଇ ୪ଟି ପନ୍ତିରେ ସ୍ନାନବେଦୀରେ ରଖିବେ। ମଧ୍ୟାହ୍ନ ୧୨ଟା ୨୦ରୁ ସ୍ନାନବିଧି ଆରମ୍ଭ କରାଯିବ। ଜଳବିଜେ ଓ ପୂଜା ପରେ ଚତୁର୍ଦ୍ଧାବିଗ୍ରହଙ୍କ ସ୍ନାନ ନୀତି ସମ୍ପନ୍ନ ହେବ। ଶ୍ରୀବଳଭଦ୍ର ୩୩ ଗଡୁ, ସୁଭଦ୍ରା ୨୨ ଗଡୁ, ଶ୍ରୀଜଗନ୍ନାଥ ୩୫ ଗଡୁ ଏବଂ ସୁଦର୍ଶନ ୧୮ ଗଡୁ ଜଳରେ ସ୍ନାନ କରିବେ। ଅପରାହ୍ଣ ସାଢ଼େ ୩ଟାରେ ଛେରାପହଁରା ନୀତି ସମ୍ପନ୍ନ ହେବା ପରେ ଅପରାହ୍ଣ ୪ଟା ୩୦ରେ ମହାପ୍ରଭୁଙ୍କ ଦୁର୍ଲ୍ଲଭ ହାତୀବେଶ ଅନୁଷ୍ଠିତ ହେବ। ଏହି ବେଶ ଥାଇ ଘଣ୍ଟ ଛତା ସକାଳ ଧୂପ ଭୋଗ ସରିବ। ତିନିଠାକୁରଙ୍କ ପହଣ୍ଡି ବିଜେ ସମ୍ପନ୍ନ ହେବା ସାହାଣମେଲା ପୂର୍ବ ପର୍ଯ୍ୟନ୍ତ ସ୍ନାନମଣ୍ଡପ ତଳ ସମ୍ମୁଖ ଭାଗରେ ଥିବା ସ୍ଥାୟୀ ର୍‌ୟାମ୍ପରେ ନିରବଚ୍ଛିନ୍ନ ଭାବେ ଭକ୍ତମାନେ ଦର୍ଶନ କରିପାରିବେ। ସନ୍ଧ୍ୟା ସାଢ଼େ ୭ରୁ ରାତି ସାଢ଼େ ୧୦ଟା ଅର୍ଥାତ୍ ୩ ଘଣ୍ଟା ସାହାଣମେଲା ଦର୍ଶନ ରହିଛି। ଶ୍ରଦ୍ଧାଳୁମାନେ ସ୍ନାନମଣ୍ଡପ ଉପରକୁ ଯାଇ ଦର୍ଶନ କରିବେ କିନ୍ତୁ କେହି ଠାକୁରଙ୍କୁ ସ୍ପର୍ଶ କରିପାରିବେ ନାହିଁ। ରାତି ୧୧ଟାରେ ହାତୀବେଶ ମଇଲମ ହେବ। ଏହାପରେ ପୁଷ୍ପାଞ୍ଜଳି ଓ ଡୋରଲାଗି ସରିବା ପରେ ମହାପ୍ରଭୁ ସ୍ନାନବେଦୀରୁ ଗୋଟିପହଣ୍ଡିରେ ଅଣସର ପିଣ୍ଡିକୁ ବିଜେ କରିବେ। ରାତି ସାଢ଼େ ୧୧ଟାରୁ ୨ଟା ମଧ୍ୟରେ ବାହୁଡ଼ା ପହଣ୍ଡି ଶେଷ କରାଯିବା ଲାଗି ସମୟ ନିର୍ଦ୍ଧିଷ୍ଟ ହୋଇଛି। ଏହାପରେ ରାତି ସାଢ଼େ ୨ଟାରେ ସୁନାଚିତା ଓ ରାହୁରେଖା ମଇଲମ ହୋଇ ତାଟି ବନ୍ଧା ଯିବ। ଆରମ୍ଭ ହେବ ଅଣସର ନୀତି। ସ୍ନାନ ପରେ ଜ୍ୱରରେ ପଡ଼ିବେ ମହାପ୍ରଭୁ। ଏହାପରେ ଉପଶମ ପାଇଁ ଚାଲିବ ଉପଚାର। ଦଇତାପତି ସେବକମାନେ ଏହି ଗୁପ୍ତ ସେବା କରିବେ। ମହାପ୍ରଭୁ ସୁସ୍ଥ ହେବା ପରେ ଆସନ୍ତା ୨୭ ତାରିଖରେ ରଥରେ ବସି ଯିବେ ଜନ୍ମବେଦୀକୁ।

ଦେବସ୍ନାନ ପୂର୍ଣ୍ଣିମା ଲାଗି ଚଳଚଞ୍ଚଳ ହୋଇପଡ଼ିଛି ଶ୍ରୀକ୍ଷେତ୍ର। ଅନ୍ୟପକ୍ଷରେ ଘୋଷଯାତ୍ରା ବିଧି ଯୋଗୁଁ ପ୍ରାୟ ମାସେ ପର୍ଯ୍ୟନ୍ତ ରତ୍ନବେଦୀରେ ଆଉ ଦାରୁବିଗ୍ରହଙ୍କ ଦର୍ଶନ ମିଳିବ ନାହିଁ। ତେଣୁ ଶ୍ରୀମନ୍ଦିରରେ ମଙ୍ଗଳବାର ଭକ୍ତଙ୍କ ପ୍ରବଳ ଭିଡ଼ ହୋଇଥିଲା। ଅପରପକ୍ଷେ ସୋମବାର ରାତି ୨ଟା ୩୦ରେ ଶ୍ରୀମୁଖ ଖଣ୍ଡୁଆ ଏବଂ ୨ଟା ୪୦ରେ ବାହୁଟ କଣ୍ଟ ହୋଇଥିଲା। ରାତି ୩ଟା ୨୫ରେ କୋଠସୁଆଁସିଆମାନେ ଚାରବନ୍ଧାକୁ ପ୍ରବେଶ କରିଥିଲେ। ମଙ୍ଗଳବାର ସକାଳ ୯ଟାରେ ଚାରବନ୍ଧା ସରିଥିଲା। ଏହାପରେ ଦଇତାପତି ସେବକମାନେ ୯ଟା ୧୫ରେ ସେନାପଟା ଲାଗିକୁ ପ୍ରବେଶ କରିଥିଲେ। ତେଣୁ ମଙ୍ଗଳବାର ଅପରାହ୍ଣ ପ୍ରାୟ ୩ଟା ୪୫ ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ରହିଥିଲା। ଏହାପରେ ମହାପ୍ରଭୁଙ୍କ ଦର୍ଶନ ପାଇଁ ଭକ୍ତଙ୍କ ପ୍ରବଳ ଭିଡ଼ ହୋଇଥିଲା।

## ମୋହନଙ୍କ ବର୍ଷେ...

ଅତ୍ୟୁକ୍ତି ହେବନାହିଁ। ଆଦିବାସୀ ବର୍ଗର ଜଣେ ନେତାଙ୍କୁ ମୁଖ୍ୟମନ୍ତ୍ରୀ ଦାୟିତ୍ୱ ମିଳିବା ରାଜ୍ୟବାସୀଙ୍କୁ ଅନେକାଂଶରେ ଚକିତ କରିଥିଲା। ରାଜ୍ୟ ବିଜେପିରେ ଅନେକ ଟାଣୁଆ ନେତା ଥିଲେ ମଧ ମୋହନଙ୍କୁ କାହିଁକି ଶୀର୍ଷ ନେତୃତ୍ୱ ଏତେ ବଡ଼ ଦାୟିତ୍ୱ ଦେଲେ ତାକୁ ନେଇ ସାଧାରଣରେ ବେଶ୍ ଚର୍ଚ୍ଚା ଆଲୋଚନା ଆରମ୍ଭ ହୋଇଥିଲା। ତେବେ ରାଜ୍ୟ ରାଜନୀତିକୁ ପାଖରୁ ଦେଖିଥିବା ଏବଂ ମୋହନଙ୍କୁ ପରଖିଥିବା ଲୋକେ ଏନେଇ ଭିନ୍ନ ମତ ରଖନ୍ତି। ୪ ଥରର ବିଧାୟକ ଓ ବିରୋଧୀ ଦଳର ମୁଖ୍ୟ ସଚେତକ ଭୂମିକାରେ ବିଧାନସଭାରେ ମୋହନଙ୍କ ପ୍ରଦର୍ଶନକୁ ଶୀର୍ଷ ନେତୃତ୍ୱ ବେଶ୍ ଗମ୍ଭୀରତାର ସହ ପରଖିଛନ୍ତି। ବିଧାନସଭାରେ ସାଥି ବିଧାୟକଙ୍କୁ ସାଙ୍ଗରେ ନେଇ ଚାଲିବା ନେତୃତ୍ୱର କଳା ନିଶ୍ଚିତଭାବେ ଶୀର୍ଷ ନେତୃତ୍ୱଙ୍କୁ ପ୍ରଭାବିତ କରିଥିଲା। ଯାହାଫଳରେ ସବୁ ଆଲୋଚନାକୁ ପଛରେ ପକାଇ ଶୀର୍ଷ ନେତୃତ୍ୱ ମୋହନଙ୍କ ଉପରେ ଭରଷିଲେ ବୋଲି ରାଜନୈତିକ ବିଶେଷଜ୍ଞମାନେ ମତ ରଖନ୍ତି। ମୁଖ୍ୟମନ୍ତ୍ରୀ ମୋହନ ମାଝୀ ମଧ ନିଜକୁ ମିଳିଥିବା ଗୁରୁଦାୟିତ୍ୱକୁ ବେଶ୍ ଭଲ ଭାବେ ଉପଲବ୍ଧି କରିଛନ୍ତି। ଶିକ୍ଷକତା-ସରପଞ୍ଚ-ବିଧାୟକ ଏବଂ ବିଧାୟକରୁ ମୁଖ୍ୟମନ୍ତ୍ରୀ; ଏହି ଲମ୍ବା ରାଜନୈତିକ ଜୀବନର ଅଭିଜ୍ଞତା ହିଁ ମୋର ପୁଞ୍ଜି ଏବଂ ଏହି ପୁଞ୍ଜିକୁ ପାଥେୟ କରି ଲୋକଙ୍କ ସହ ଯୋଡ଼ିହେବାକୁ ମୁଁ ପ୍ରୟାସ ଜାରି ରଖିଛି ବୋଲି ମୁଖ୍ୟମନ୍ତ୍ରୀ ଗଣମାଧମକୁ କହିଛନ୍ତି। ନିଜ ନମ୍ର ଓ ମେଳାପି ସ୍ୱଭାବ ମୋହନଙ୍କୁ ସାଧାରଣ ଲୋକଙ୍କ ସହ ଯୋଡ଼ିପାରିଛି। ଏହା ମଧ ସରକାରଙ୍କ ଉତ୍ତର ଦାୟିତ୍ୱକୁ ଅଧିକ ବଢ଼ାଇଛି।

ଅପରପକ୍ଷେ ମୋହନଙ୍କ ବ୍ୟକ୍ତିତ୍ୱ, ନେତୃତ୍ୱକୁ ନେଇ ବିଭିନ୍ନ ସମୟରେ ସମାଲୋଚନା ପ୍ରକାଶ ପାଉଥିବା ବେଳେ ସେ ନିଜେ ଏନେଇ ଏକାଧିକ ବାର ସ୍ପଷ୍ଟତାର ସହ ଉତ୍ତର ରଖିଛନ୍ତି। ମୁଁ ଏକ ସାଧାରଣ ଆଦିବାସୀ ପରିବାରରୁ ରାଜନୀତିକୁ ଆସିଛି। ଲୋକଙ୍କ ଆଶା, ଆକାଂକ୍ଷା ପୂରଣ କରିବା ଦିଗରେ ଯଥାସମ୍ଭବ ଚେଷ୍ଟା କରୁଛି। ତେବେ ମୋ ସରଳତା ପାଇଁ ଆପଣମାନେ ମୋତେ ଦୁର୍ବଳ ବୋଲି ଭାବନ୍ତୁ ନାହିଁ ବୋଲି ମୁଖ୍ୟମନ୍ତ୍ରୀ ଏକାଧିକ ବାର କହିଛନ୍ତି। ତେବେ ଓଡ଼ିଶା ପରି ରାଜ୍ୟର ନେତୃତ୍ୱ ନେବା ଏକ ବଡ଼ ଆହ୍ୱାନ। ବିଶେଷକରି ଗତ ୨୪ ବର୍ଷରେ ନବୀନ ପଟ୍ଟନାୟକ ସାମଗ୍ରିକ ଭାବେ ଓଡ଼ିଶାର ଯେଉଁ ବିକାଶର ନକ୍ସା ପ୍ରସ୍ତୁତ କରି ସେହି ଅନୁଯାୟୀ ଆଗକୁ ବଢ଼ିଥିଲେ। ଏହି ଧାରାକୁ ବଜାୟ ରଖିବା ଏବେ ମୋହନଙ୍କ ପାଇଁ ସବୁଠାରୁ ବଡ଼ ଆହ୍ୱାନ ନିଶ୍ଚିତ। ମୁଖ୍ୟମନ୍ତ୍ରୀ ଭାବେ ନବୀନ ରାଜ୍ୟର ପ୍ରତିଟି ବର୍ଗର ଲୋକଙ୍କ କଥା ଚିନ୍ତା କରୁଥିଲେ। ସମାନ ଭାବେ ରାଜ୍ୟର ବିକାଶକୁ ଗୁରୁତ୍ୱ ଦେଉଥିଲେ। ଆସନ୍ତା ୪ ବର୍ଷ ଏହି ଆହ୍ୱାନର ମୋହନ କିପରି ମୁକାବିଲା କରୁଛନ୍ତି, ତାହାକୁ ରାଜ୍ୟବାସୀ ବେଶ୍ ସତର୍କତାର ସହ ପରଖିବେ। ଉନ୍ନତ ଶାସନ, ପ୍ରଶାସନିକ ବ୍ୟବସ୍ଥା ଆଶା କରିବେ। ବିଶେଷକରି ରାଜ୍ୟର ରାଜସ୍ୱ ଅଭିବୃଦ୍ଧି, ଆର୍ଥିକ ମିତବ୍ୟୟିତା ଓ ଯୋଜନା ଅଟକଳକୁ ନେଇ ରାଜ୍ୟର ଆର୍ଥିକ ସ୍ଥିତି ଆଗାମୀ ଦିନରେ ମୋହନଙ୍କ ପାଇଁ ଆହ୍ୱାନ ହେବ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

## ଜିଡିପିରେ ଆଗୁଆ...

ଆକାର ବିଶାଳ ହୋଇଥିଲେ ବି ମୁଣ୍ଡପିଛା ଆୟରେ ଭାରତ ଅନେକ ଦେଶ ତଳେ ରହିଛି ବୋଲି ସେ କହିଛନ୍ତି। ଭାରତ ଏବଂ ଜାପାନର ଅର୍ଥନୀତିର ତୁଳନାତ୍ମକ ବିଶ୍ଳେଷଣ କରି ସେ କହିଛନ୍ତି ଯେ ଭାରତର ମୁଣ୍ଡପିଛା ଆୟ ବହୁତ ଖରାପ ସ୍ଥିତିରେ ରହିଛି। ଭାରତୀୟଙ୍କ ମୁଣ୍ଡପିଛା ଆୟ ଜାପାନୀଙ୍କ ମୁଣ୍ଡପିଛା ଆୟ ତୁଳନାରେ ଯଥେଷ୍ଟ କମ୍ । ଆମେରିକାରେ ମୁଣ୍ଡପିଛା ଆୟ ୮୯୧୦୫ ଡ଼ଲାର ଥିବାବେଳେ ଜର୍ମାନୀରେ ଏହା ୭୨୫୯୯ ଡ଼ଲାର। ଇଂଲଣ୍ଡରେ ଏହା ୬୩୬୬୧ ଡ଼ଲାର, ଫ୍ରାନ୍ସରେ ୬୫୬୭୬ ଡ଼ଲାର, ଇଟାଲୀରେ ୬୩୦୭୬ ଡ଼ଲାର, କାନାଡ଼ାରେ ୬୫୬୦୭ ଡ଼ଲାର, ଜାପାନରେ ମୁଣ୍ଡପିଛା ଆୟ ୫୪୬୭୭ ଡ଼ଲାର, ମାତ୍ର ଭାରତରେ ମୁଣ୍ଡପିଛା ଆୟ ୧୨୧୩୨ ଡ଼ଲାର। ଏପରି ସ୍ଥିତିରେ ଭାରତ ଓ ଜାପାନ ଆର୍ଥିକ ସ୍ଥିତିର ତୁଳନାରେ ଯୌକ୍ତିକତା ନାହିଁ ଓ ଚତୁର୍ଥ ବୃହତ୍ତ ଅର୍ଥନୀତି ହେବାକୁ ନେଇ ଭାରତ ବେଶି ଉତ୍ସାହିତ ହେବାର କୌଣସି କାରଣ ନାହିଁ । ଅର୍ଥନୀତିର ଆକାର ଏକ ଭଲ ସୂଚକାଙ୍କ; କାରଣ ଏହା ବିଶ୍ୱରେ ଭାରତର ଆର୍ଥିକ ସ୍ଥିତିକୁ ମଝବୁତ କରୁଛି। କିନ୍ତୁ ମୁଣ୍ଡପିଛା ଜିଡିପି ଦୃଷ୍ଟିରୁ ଏହା ଭଲ ସୂଚକାଙ୍କ ନୁହେଁ। ଏବେ ବି ଭାରତକୁ ବହୁତ କିଛି କରିବାର ଅଛି। ଦକ୍ଷତା ବିକାଶ ଏବଂ କାର୍ଯ୍ୟବଳକୁ ବୃଦ୍ଧି କରିବାର ଆବଶ୍ୟକତା ରହିଛି। ୭ ଟ୍ରିଲିୟନ ଡଲାର ଅର୍ଥନୀତିର ଲକ୍ଷ୍ୟ ହାସଲ କରିବାକୁ ହେଲେ ଭାରତକୁ ଔଦ୍ୟୋଗିକ କ୍ଷେତ୍ରକୁ ଅଧିକ ମଜବୁତ କରିବାକୁ ପଡ଼ିବ। କ୍ଲାଉଡେ କହିଛନ୍ତି ଯେ ଉତ୍ପାଦନ କ୍ଷେତ୍ରରେ ଭାରତର ଜିଡିପି ଚୀନର ପ୍ରାୟ ଅଧା ରହିଛି। ଭାରତର ଭୌଗୋଳିକ ଆକାର, ଜନସଂଖ୍ୟା ଏବଂ ଆର୍ଥିକ କ୍ଷମତାକୁ ବିଚାରକୁ ନେଇ ଏହି ଅନୁପାତ ପର୍ଯ୍ୟାପ୍ତ ନୁହେଁ । ଉତ୍ପାଦନ କାର୍ଯ୍ୟକଳାପରେ ଯଥେଷ୍ଟ ବୃଦ୍ଧି ନ ହେଲେ ଭାରତ ୭ ଟ୍ରିଲିୟନ ଡଲାର ଅର୍ଥନୀତି ହୋଇପାରିବା କଷ୍ଟସାଧ। ସେହିପରି ଡାଟା ମ୍ୟାନେଜମେଣ୍ଟରେ ମଧ ଭାରତ ଚୀନ୍, ଆମେରିକା, ୟୁରୋପ ମଧରେ ସାମିଲ ରହିଛି। ଏହି କ୍ଷେତ୍ରରେ ଭାରତ ପାଇଁ ଅନେକ ସମ୍ଭାବନା ରହିଛି ବୋଲି ସେ କହିଛନ୍ତି।

## 'ସେକ୍ସ କ୍ୱିନ୍' ଶ୍ୱେତାଙ୍କ...

ରହିଛି ଓ ଶ୍ୱେତା ଅନେକ ସମୟରେ ଅଶ୍ଳୀଳ ଭିଡ଼ିଓ ପ୍ରସ୍ତୁତି ନିମନ୍ତେ ଓଡ଼ିଶାର ବିଭିନ୍ନ ସ୍ଥାନକୁ ଆସିଛନ୍ତି । ଓଡ଼ିଶାରେ ସମ୍ପୃକ୍ତ ବ୍ୟବସାୟୀ ଆତିଥ୍ୟ ପ୍ରଦାନ କରିବା ସହ ଭିଡ଼ିଓ ସୁଟିଂ ପାଇଁ ସବୁ ସହାୟତା ଯୋଗାଇ ଦେଇଥାଆନ୍ତି । ଉଭୟଙ୍କ ମଧ୍ୟରେ ସମ୍ପର୍କ ନିବିଡ଼ ଥିଲେ ହେଁ ଏହା ବ୍ୟବସାୟିକ ଥିଲା କି ନାହିଁ ତାହା ଏଯାଏ ସ୍ପଷ୍ଟ ହୋଇ ନାହିଁ । ଅନ୍ୟପକ୍ଷରେ ଗିରଫ ଆଶଙ୍କାରେ ଆତ୍ମଗୋପନ କରିଥିବା ଶ୍ୱେତା ଓଡ଼ିଶା ପଳାଇ ଆସିଥାଇ ପାରନ୍ତି ବୋଲି ମଧ ସନ୍ଦେହ କରାଯାଉଛି । ପଶ୍ଚିମବଙ୍ଗ ପୁଲିସ ମଧ ଏପରି ଆଶଙ୍କାକୁ ଅସ୍ୱୀକାର କରିନାହିଁ । ପଶ୍ଚିମବଙ୍ଗ ପୁଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ଓଡ଼ିଶାର ଜଣେ ବଡ଼ ବ୍ୟବସାୟୀ ଫୁଲତୁସୀ ଓରଫ୍ ଶ୍ୱେତା ଖାନ୍‌ଙ୍କ ସହ ନିୟମିତ ସମ୍ପର୍କରେ ରହିଛନ୍ତି । ଶ୍ୱେତାଙ୍କ ଅନେକ ଅପକର୍ମରେ ସମ୍ପୃକ୍ତ ବ୍ୟବସାୟୀ ଜଡ଼ିତ ଥିବା ପ୍ରମାଣ ମିଳିଛି । ଏ ସମ୍ପର୍କରେ ଅନୁସନ୍ଧାନ କରାଯାଉଛି ଓ ଖୁବ୍ ଶୀଘ୍ର ଏ ସମ୍ପର୍କରେ ବିସ୍ତୃତ ତଥ୍ୟ ମିଳିବ ବୋଲି ଆଶା କରାଯାଉଛି।

ଅନ୍ୟପକ୍ଷରେ ସେକ୍ସ କ୍ୱିନ୍ ଭାବରେ କୁଖ୍ୟାତି ଅର୍ଜନ କରିଥିବା ଶ୍ୱେତାଙ୍କର ଅନେକ କୁଖ୍ୟାତି ଅପରାଧୀଙ୍କ ସହ ସମ୍ପର୍କ ଥିବା ମଧ ଅଭିଯୋଗ ହୋଇଛି । ୨୦୧୫ରେ ନିଜ ଶ୍ୱଶୁର ଘର ଲୋକଙ୍କ ସମ୍ପତ୍ତି ହଡ଼ପ କରିବା ପାଇଁ ସେ କିଛି ଅପରାଧୀଙ୍କୁ ଧରି ପହଞ୍ଚିଥିଲେ ଓ ଶ୍ୱେତାଙ୍କ ଉପସ୍ଥିତିରେ ସେହି ଗୁଣ୍ଡାମାନେ ଗୁଳି ଫୁଟାଇ ଆତଙ୍କ ସୃଷ୍ଟି କରିଥିଲେ। ସେତେବେଳେ ତାଙ୍କୁ ପୁଲିସ ଗିରଫ କରିଥିଲା।

# ଷ୍ଟିୟରିଂ ଛାଡ଼ ଆନ୍ଦୋଳନକୁ ସମର୍ଥନ କଲା ବସ୍ ଓ ଟ୍ରକ୍ ମାଲିକ ମହାସଂଘ

କଟକ,୧୦।୬(ସମିସ): ଓଡ଼ିଶା ଡ୍ରାଇଭର ମହାସଂଘର ଷ୍ଟିୟରିଂ ଛାଡ଼ ଆନ୍ଦୋଳନ ଡକରାକୁ ସମର୍ଥନ ଜଣାଇଛନ୍ତି ରାଜ୍ୟ ଘରୋଇ ବସ ମାଲିକ ସଂଘ, ରାଜ୍ୟ ଟ୍ରକ ମାଲିକ ମହାସଂଘ ଏବଂ ଅଲଓଡ଼ିଶା ମିନି ଟ୍ରକ ମାଲିକ ମହାସଂଘ। ଯାନବାହନଗୁଡ଼ିକର ଯାଞ୍ଚ ପାଇଁ ପୁଲିସକୁ ଅଧିକ କ୍ଷମତା ପ୍ରଦାନକୁ ବିରୋଧ କରି ପୂର୍ବରୁ ଡ୍ରାଇଭର ମହାସଂଘ ଷ୍ଟିୟରିଂ ଛାଡ଼ ଆନ୍ଦୋଳନ ଡକରା ଦେଇଛି। ଆଉ କେତେକ ପ୍ରମୁଖ ଦାବିଗୁଡିକ ଆସନ୍ତା ଜୁଲାଇ ୮ ତାରିଖ ପୂର୍ବରୁ ସମାଧାନ ନହେଲେ ଷ୍ଟିଅରିଂ ଛାଡ ଆନ୍ଦୋଳନକୁ ବ୍ୟାପକ କରାଯିବ ବୋଲି କଟକସ୍ଥିତ ଓଡ଼ିଶା ଟ୍ରକ ମାଲିକ ସଂଘ ଅଫିସ ଗୃହରେ ଅନୁଷ୍ଠିତ ଏକ ମିଳିତ ବୈଠକରେ ନିଷ୍ପତ୍ତି ହୋଇଛି।

ଗାଡ଼ିଗୁଡ଼ିକୁ ଯାଞ୍ଚ ପାଇଁ ପୁଲିସ କ୍ଷମତା ପ୍ରଦାନକୁ ବିରୋଧ ସହ ଓଡ଼ିଶା ମୋଟର ଟ୍ରାନ୍ସପୋର୍ଟ ଡ୍ରାଇଭର ଏବଂ କର୍ମଚାରୀ କଲ୍ୟାଣ ବୋର୍ଡରେ ଅଟୋ ଡ୍ରାଇଭରଙ୍କୁ ସାମିଲ କରିବା, ଡ୍ରାଇଭରଙ୍କର ସୁରକ୍ଷା ପାଇଁ ସ୍ୱତନ୍ତ୍ର ଆଇନ ପ୍ରଣୟନ, ୬୦ ବର୍ଷ ବୟସରୁ ଉର୍ଦ୍ଧ୍ୱ ଡ୍ରାଇଭରଙ୍କୁ ଭତ୍ତା ପ୍ରଦାନ, ରାସ୍ତାରେ ଗାଡି ପାର୍କିଙ୍ଗ, ଡ୍ରାଇଭର ମାନଙ୍କର ବିଶ୍ରାମାଗାର ଓ ଶୌଚାଳୟ ପ୍ରତିଷ୍ଠା, ଓଡ଼ିଶା।ର ଖଣି ଖାଦାନରେ ଓଡିଶାର ଡ୍ରାଇଭରଙ୍କୁ ୭୦ ଭାଗ କର୍ମ ଯୋଗାଣ, ସେପ୍ଟେମ୍ବର ୧ତାରିଖକୁ ଡ୍ରାଇଭର ଜାତୀୟ ଦିବସ ପାଳନ କରିବାକୁ ଦାବି କରାଯାଇଛି। ଏ ବିଷୟରେ ମୁଖ୍ୟମନ୍ତ୍ରୀଙ୍କ ସମେତ ପରିବହନ ଓ ଖଣି ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ବୈଠକରେ ବସ ମାଲିକ ସଂଘ, ଟ୍ରକ ମାଲିକ ମହାସଂଘ, ଅଲଓଡ଼ିଶା ମିନିଟ୍ରକ ମାଲିକ ମହାସଂଘ ଏବଂ ଓଡ଼ିଶା ଡ୍ରାଇଭର ମହାସଂଘର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ସଚିବାଳୟ ଜୁନିଅର ଜେଡିଇଓ ଗ୍ରେଡେସନ ତାଲିକା ରଦ୍ଦ

କଟକ,୧୦।୬(ସମିସ): ଓଡ଼ିଶା ସଚିବାଳୟର ବିଭିନ୍ନ ବିଭାଗରେ କାର୍ଯ୍ୟରତ ଜୁନିଅର ଡାଟାଏଣ୍ଟ୍ରି ଅପରେଟର(ଜେଡିଇଓ)ଙ୍କ ଗତ ୨୦୨୦ ସେପ୍ଟେମ୍ବର ୨୪ର ଗ୍ରେଡେସନ ତାଲିକାକୁ ରଦ୍ଦ କରିଛନ୍ତି ହାଇକୋର୍ଟ। ବରିଷ୍ଠତା ଉପେକ୍ଷା କରାଯାଇ ଏହି ଗ୍ରେଡେସନ ତାଲିକା ପ୍ରସ୍ତୁତ କରାଯାଇଥିବା ଅଭିଯୋଗରେ ରୁଜୁ ମାମଲାର ଶୁଣାଣିରେ ପୂର୍ଣ୍ଣଚ୍ଛେଦ ପକାଇଛନ୍ତି। ସନାତନ ସାହୁଙ୍କ ତରଫରୁ ଦାୟର ଆବେଦନର ଶୁଣାଣି କରି ଜଷ୍ଟିସ ରାଧାକ୍ରିଷ୍ଣ ପଟ୍ଟନାୟକ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଏଥିସହ ଆବେଦନକାରୀଙ୍କୁ ପ୍ରୋଭିଜିନାଲ ଗ୍ରେଡେସନ ତାଲିକା ଓ ବରିଷ୍ଠତା ଅନୁଯାୟୀ ୩ନମ୍ବରରୁ ୧୮ ନମ୍ବର ପ୍ରତିପକ୍ଷ ପର୍ଯ୍ୟନ୍ତ ଜେଡିଇଓଙ୍କଠାରୁ ଉର୍ଦ୍ଧ୍ୱରେ ସ୍ଥାନିତ କରିବାକୁ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। ଆବେଦନକାରୀ ୨୦୧୧ରେ ଜେଡିଇଓ ଭାବେ ନିୟମିତ ନିଯୁକ୍ତି ପାଇଥିବା ବେଳେ ଅନ୍ୟ ପ୍ରତିପକ୍ଷ ମାନେ ୨୦୧୩ରେ ଏହି ପଦକୁ ପଦୋନ୍ନତି ପାଇଥିଲେ। ତେବେ ପ୍ରଥମେ ୨୦୨୦ଫେବୃଆରୀର ପ୍ରୋଭିଜିନାଲ ଗ୍ରେଡେସନ ତାଲିକାରେ ଆବେଦନକାରୀ ପ୍ରତିପକ୍ଷଙ୍କଠାରୁ ଉର୍ଦ୍ଧ୍ୱରେ ରହିଥିଲେ। ହେଲେ ୦୨୦ସେପ୍ଟେମ୍ବର ୨୪ର ଚୂଡ଼ାନ୍ତ ତାଲିକା ଅନୁସାରେ ଆବେଦନକାରୀ ୧୭ନମ୍ବର ସ୍ଥାନରେ ରହିଥିଲେ। ଯେଉଁ ତାଲିକାରେ ବରିଷ୍ଠତାକୁ ଉପେକ୍ଷା ପୂର୍ବକ ତାଙ୍କ ଉପରେ ଅନ୍ୟ ପ୍ରତିପକ୍ଷ ମାନେ ରହିଥିଲେ। ଏହାକୁ ବିରୋଧ କରି ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

### LOST

**Lost sale Deed of my Property Plot No-1151, Drawing No-177/85, Mouza- Sikharpur,PS- Chauliaganj, Dist- Cuttack, State-Odisha. Document No-RSD 8033 dt-07.05.1999 and RSD 5032 DT-26.12.1988. NCR is lodge on 10.06.2025 at Chauliaganj PS. Finder may send to : Mr. Sanjay Jena at above address. Ph.No-9853086101**

### NOTICE
(above 18 years of age)

By virtue of an affidavit sworn before Executive Magistrate, Badasahi, Mayurbhanj, dated 09-06-2025, I Mamatarani Giri, Address At- Manatri, PO- Manatri, PS- Baisinga, Dist- Mayurbhanj, Odisha, Pin- 757017 declare that I have changed my name from Mamata Giri to Mamatarani Giri. Henceforth, I shall be known as Mamatarani Giri for all purposes.

**Mamatarani Giri**

### AFFIDAVIT

I SAMIM BANO ,W/o MAHAMMAD HUSSAIN, resisdent of NAGARACHI STREET ,Po/Ps - Jeypore, Dt- Koraput, odisha -764 001, Odisha declare by this Affidavit No.2682,Dated - 10/06/2025,that now onwards I shall be known as SHAMEEM BANU for all future purpose.

### AFFIDAVIT

I, Arun Kumar Sahu, aged about 56 years, S/o: Abhimanyu Sahu, resident of Azadbasti, Joda, Dist.: Keonjhar, Odisha-758034 by this affidavit No.: 1083-04 dated 15.04.2025 declares that my correct name is Arun Kumar Sahu instead of Aruna Kumar Sahu.Hence forth I shall be known as **Arun Kumar Sahu** for all future purposes.

### NOTICE
(for Minor)

By virtue of an affidavit sworn before Executive Magistrate, Baripada, Mayurbhanj dated - 05.06.2025 I, Ray Hembram At - Patharghera PO - Gendapokhari PS - Kuliana, Dist - Mayurbhanj PIN - 757030, Odisha declare that I have changed the name of my son from SADHU HEMBRAM to BABULU HEMBRAM. Henceforth, he shall be known as BABULU HEMBRAM for all purpose.

**Ray Hembram**

### AFFIDAVIT

By virtue of an affidavit sworn Before the Notary Public, Sunabeda No.-2633, dtd.10.06.2025, I, PRAN KRUSHNA BAIDYA, of Vill.- Lamtaput, PO.- Lamtaput, Dist.- Koraput, Pin- 764081, Odisha declare that, I have changed my daughter name from **SNEHA BAIDYA** to **SNEHA RANI BAIDYA**. Henceforth she shall be known as **SNEHA RANI BAIDYA** for all purpose.

### AFFIDAVIT

I ANDHAVARAPU SUKANYA ,W/o ANDHAVARAPU PRASAD RAO, resident of RAI BABU STREET, ,Po/Ps - Jeypore, Dt-Koraput, odisha - 764 001, Odisha declare by this Affidavit No.2683,,Dated - 10/06/2025,that now onwards I shall be known as ANDAVARAPU SUKANYA for all future purpose.


### SALE

Booking Open 2/3 BHK Flats Price Starts from 60 Lakhs BHPL KRISHNA BHARATPUR, BHPL RUDRA in front of CET College, Ghatikia, BHPL SB HOMES, Ghatikia, BHPL PNM, Satya Vihar, BHPL GRAND-4, Jagamara & Ready to move 3 BHK Flats BHPL ARYA, Ghatikia & R.J Palace, Samantarapur, Bhubaneswar.

Contact

**GADHWAL GROUP**

**Mob.: 9437015112**


### AFFIDAVIT

I, Sikha Agrawalla, W/o.: Sunil Kumar Agarwal, Resident of Vill: Brahmanideipada, Angul Town, PO./ P.S./Dist.: Angul, Odisha, declare by this affidavit No.: 82 dtd 09.06.2025 that now onwards I shall be known as SHIKHA AGARWAL for all future purposes.

### AFFIDAVIT

I, Sadasib Dhal, S/o- Bharat Chandra Dhal , Resident of Vill- Gouribelda,Po- Kasida, Ps- Jaleswar, Dist- Balasore, Odisha, declared by affidavit before Executive Magistrate , Balasore No.6683 dtd- 02/06/2025 that, My daughter Smitarani Dhal HSC Certificate vide roll no – 201CA0115. And mention Aadhar Card No-5518 2460 8525 Susumita Dhal. I declare that Smitarani Dhal and Susumita Dhal same and one person for all future purpose.

**Sadasib Dhal**

### AFFIDAVIT

By virtue of an affidavit sworn before The Executive Magistrate, Bhubaneswar dated- 06/06/2025. I, **Sibarpit Swostik Nayak,** Address: Qr No.1R-20, RD No.3, Unit-9, Bhoi Nagar, Bhubaneswar, Dist- Khordha, Odisha, PIN- 751022 declare that I have changed my name from **Shiba Arpit Swastik To Sibarpit Swostik Nayak.** Henceforth, I shall be known as **Sibarpit Swostik Nayak** for all future purposes.

**Sibarpit Swostik Nayak**

### AFFIDAVIT

I, Sunil Kumar Agrawalla, S/o.: Indra Chand Agrawalla, Resident of Vill: Brahmanideipada, Angul Town, PO./P.S./Dist.: Angul, Odisha, declare by this affidavit No.: 82 dtd 09.06.2025 that now onwards I shall be known as SUNIL KUMAR AGARWAL for all future purposes.

### AFFIDAVIT

I, Niroj Sahu, S/o: Durga Prasanna Sahu, residing At: B-106, Plot No.: 1341-75, Mahanadi Vihar, P.O: Nayabazar, Cuttack, declare by this Affidavit No.: 14454, dt. 10.06.2025 that now onwards my Father's name shall be known as **Durga Prasan Sahu** for all purposes.

### AFFIDAVIT

By virtue of an affidavit before The Executive Magistrate, Titilagarh, on dated- 10/06/2025. I, **Kapila Rana,** aged about 40 years, S/O Dhanurya Rana, permanent resident of At- Sirekela, PO- Binekela, PS- Titilagarh, Dist- Balangir, (Odisha), PIN- 767033 now residing at the same place affirm that I (father / mother) have changed my minor Son name from **Sauda Rana** (old name) to **Sadanand Rana** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion he will be known as **Sadanand Rana** (new name).

**Kapila Rana**

### AFFIDAVIT

By virtue of an affidavit sworn before the Notary Public Sunabeda, No.- 2631 dtd. 10.06.2025 I Koda Sanai of Vill.- Gatanput, PO- Badel, Dist.- Koraput, Pin- 764041, Odisha declare that I have changed my name from **Koda Sanai**, D/o- Mohan Rao to **Sonadei Gatan**, D/o- Late Sima Gatan. Henceforth I shall be known as **Sonadei Gatan** D/o- Late Sima Gatan for all purpose.

### AFFIDAVIT

By virtue of an affidavit sworn before Executive Magistrate, Bhubaneswar, CF No.- 08 dated 10.06.2025 , I Deepak Kumar Jali, S/o- Pranabandhu Jali, resident of Vill.- Satyabandha, P.O.- Khamar, Ps.- Khamar, Dist.- Angul, PIN- 759118, Odisha declare that, in my Aadhaar Card my name has been wrongly recorded as Padia Jali. Hence **DEEPAK KUMAR JALI** and **PADIA JALI** is same and one person, i.e. myself.

### AFFIDAVIT

I, Mahamadu Khan, aged about 50 years, S/o- Islam Khan, resident of Umerkote, Jagannath Rajapatha, Po- Umarkote, Ps- Umarkote, Dist- Nabarangapur, Odisha, Pin- 764073 declare by this affidavit No. 1156, dtd. 09/06/2025, that now onwards I shall be known as **MD MAHAMUD KHAN** for all future purposes.

### AFFIDAVIT

I SUBHASMITA SAHU ,W/o PRADIPTA KUMAR SAHU, resident of CHANDAN BADO SAHI, Po/Ps - Jeypore, Dt- Koraput, Odisha -764 001, Odisha declare by this Affidavit No.2684,,Dated - 10/06/2025,that now onwards I shall be known as SUBHASMITASANTRA for all future purpose.

### AFFIDAVIT

I, Anita Mittal, W/o.: Santosh Agarwal, resident of At: Plot No.: 1045, Bulding No.: 9, Mahanadivihar, Nuabazar, Cuttack Sadar, Nayabazar, Cuttack, PIN-753004, Odisha, declare by this affidavit No.: 6406, dated- 10/06/2025, that now onwards I shall be known as ANITA AGARWAL for all future purposes.

### AFFIDAVIT

I, Nazia Parveen Mohammed Abdul Quadie Abbasi, D/o- Mohd Ajmeri Ahmed resident of Dewanbazar, P.O- Buxibazar, P.S- Lalbag, Town/Dist- Cuttack Odisha. Declare by this affidavit No. 4690, dated- 10/06/2025 that now onwards I shall be known as **NAZIA PARVEEN** for all future purposes.

### AFFIDAVIT

I, Shalini bhoot, D/o- Sushil Kumar Bhoot, resident of at - sharma gali, ward no. - 6, PO/PS - Rairangpur, Pin - 757043, Odisha, is legal married wife of Keshav Chandgotia, resident of at -Gandhi park , main road, ward no. - 6, PO/PS - Rairangpur, pin - 757043, Odisha.After my marriage, I have adopted the surname of my husband 'Chandgotia' and after swearing an affidavit before executive magistrate Rairangpur. Henceforth I shall be known as **Shalini Chandgotia** instead of Shalini bhoot for all purposes .

### GOVERNMENT OF ODISHA
### DEPARTMENT OF WATER RESOURCES
### OFFICE OF THE SUPERINTENDING ENGINEER
### POTTERU CANAL DIVISION, M.V-79

A-271

E-mail ID: sepcdhhaha65@gmail.com

**NOTICE INVITING TENDER**

**e-Procurement Notice No.- SE-PCD-MV79-02/ 2025-26**

The Superintending Engineer, Potteru Canal Division, M.V-79 on behalf of Governor of Odisha invites on-line **percentage rate tender (P-1)** through e-procurement in **double cover system for execution of work.**

***Table – 1: Details of Critical Dates, Details of work, Bid Security***

| Sl. No. | Name of works | Approx. Tender Cost | Class of Contractor | Bid Security/ EMD- (online)- (in INR) | Cost of tender document- (online)- (in INR) | Period of Completion |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | Construction of damaged part of C.D at RD.46.980Km, De-silting and strengthening from RD.47.020Km to RD.47.830Km of GMC. | Rs.73,66,255/- (Excluding G.S.T) | 'B' Class | Rs.73,700/- | Rs.10,000/- | 6 (Six) Calendar Months |
| 2 | Repairing of Aqueduct at RD.5.010Km of Tindraspali Minor. | Rs.59,11,329/- (Excluding G.S.T) | 'B' Class | Rs.59,200/- | Rs.10,000/- | 6 (Six) Calendar Months |

***Table – 2: e-Procurement Details***

| Procurement Officer | Bid Identification No. | Availability of tender on-line for bidding | | Date of Seeking tender clarification | Date & Time of opening of tender | | Place of opening |
|---|---|---|---|---|---|---|---|
| | | From | To | | Technical Bid | Financial Bid | |
| 1 | 2 | 3 | 4 | 5 | 6 | 7 | 8 |
| Superintending Engineer, Potteru Canal Division, M.V-79 | SE-PCD-MV79-02(1) / 2025-26 | Dt. 16.06.2025 at 10.00A.M. | Dt. 30.06.2025 up to 5.00P.M. | Dt.16.06.2025 to 25.06.2025 at Office during office hours. | Dt. 01.07.2025 at 11.00A.M. | To be intimated after evaluation of Technical Bid. | Office of the Superintending Engineer, Potteru Canal Division, M.V-79 |
| Superintending Engineer, Potteru Canal Division, M.V-79 | SE-PCD-MV79-02(2) / 2025-26 | Dt. 16.06.2025 at 10.00A.M. | Dt. 30.06.2025 up to 5.00P.M. | Dt.16.06.2025 to 25.06.2025 at Office during office hours. | Dt. 01.07.2025 at 11.00A.M. | To be intimated after evaluation of Technical Bid. | Office of the Superintending Engineer, Potteru Canal Division, M.V-79 |

Further details can be seen from the Govt. Web site www.tendersodisha.gov.in

*Other Terms & conditions can be seen from the Government website www.tendersodisha.gov.in

*The Corrigendum/ cancellation of Tender, if any, will be uploaded and can be seen from the above website only.

Superintending Engineer,
Potteru Canal Division, M.V-79

OIPR-32551/11/0003/2526

### ସର୍ବସାଧାରଣ ବିଜ୍ଞପ୍ତି

ମୁଁ ଶ୍ରୀମତୀ ଆଶା ଅଗ୍ରୱାଲ ଓ ଶ୍ରୀ ଗଣେଶ ଅଗ୍ରୱାଲ, ଘର ନମ୍ବର- ବିବିବି-୧୭, ସିଭିଲ ଟାଉନସିପ୍, ରାଉରକେଲା, ଜିଲ୍ଲା-ସୁନ୍ଦରଗଡ, ପିନ୍- ୭୬୯୦୦୪, ଓଡିଶା ନିବାସୀ ଘର ନମ୍ବର- ବି୩/୧୭, ପ୍ଲଟ୍ ନମ୍ବର- ୬୨/୮୭୦, ୫୫/୮୬୯, ୫୨/୮୬୮, ଖାତା ନମ୍ବର- ୬୨/୮୭୦, ମୌଜା-ରାଉରକେଲା ଟାଉନ ୟୁନିଟ୍ ନଂ.୪୨, ରୁପଟୋଲା, ରାଉରକେଲା, କ୍ଷେତ୍ର ଏ-୦.୦୫୫୦ ଡେସିମିଲ୍‌ରେ ଅବସ୍ଥିତ ସମ୍ପତ୍ତିକୁ ଲାମିନେଟେଡ୍ ପୂର୍ବକ ମୂଳ ଉତ୍ସ ଆଧାରରେ ବନ୍ଧକ ରଖିବାକୁ ଇଚ୍ଛା କରୁଅଛି, ଯାହା ତା-୨୬.୦୫.୧୯୬୬ ରିଖରେ ପଞ୍ଜିକୃତ ବିକ୍ରୟ ଦେୟ ନମ୍ବର ୧୧୭୧୧୨୦୦୯୬୭ରେ ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ରାସ୍‌ମେକ୍ ଶାଖା, ସେକ୍ଟର-୧୭, ରାଉରକେଲା, ଓଡିଶା ଶାଖା କୋଡ୍-୧୦୨୭୩ରୁ ସିଧାସଳଖ ଭାବେ ଋଣ ଗ୍ରହଣ କରିପାରିବି। ଯଦି ଉକ୍ତ ସମ୍ପତ୍ତି ଉପରେ କୌଣସି ପ୍ରକାରର ଦାବି ଥାଏ ତେବେ ଏହି ବିଜ୍ଞପ୍ତି ପ୍ରକାଶନର ୧୫ ଦିନ ମଧ୍ୟରେ **ମୁଖ୍ୟ ପରିଚାଳକ, ଏସ୍‌ବିଆଇ, ରାସ୍‌ମେକ୍ ଶାଖା**,ସେକ୍ଟର-୧୭, ରାଉରକେଲାଙ୍କ ନିକଟରେ ଜଣାଇପାରିବେ।

**ଶ୍ରୀମତୀ ଆଶା ଅଗ୍ରୱାଲ ଓ ଶ୍ରୀ ଗଣେଶ ଅଗ୍ରୱାଲ,**
**ଘର ନମ୍ବର ବିବିବି-୧୭, ସିଭିଲ ଟାଉନସିପ୍,**
**ରାଉରକେଲା, ଜିଲ୍ଲା-ସୁନ୍ଦରଗଡ, ଓଡିଶା-୭୬୯୦୦୪**

## ଚାଷୀଙ୍କୁ ମିଳିଲାନି ଅଖା ବାବଦ ଅର୍ଥ

# ପ୍ରଶାସନ ସହ ନବନିର୍ମାଣ କୃଷକ ସଂଗଠନର ଆଲୋଚନା

**ଜଗତସିଂହପୁର, ୧୦।୬(ସମିସ)**

୨୦୨୪-୨୫ ଖରିଫ ଧାନ ସଂଗ୍ରହ ମାର୍ଚ୍ଚ ୩୧ ତାରିଖରେ ଶେଷ ହୋଇଛି। ତେବେ ଏ ପର୍ଯ୍ୟନ୍ତ ଜଗତସିଂହପୁର ଜିଲ୍ଲାର ଅଧିକାଂଶ ଧାନସଂଗ୍ରହ କେନ୍ଦ୍ର କର୍ତ୍ତୃପକ୍ଷ ଚାଷୀଙ୍କୁ ଝୋଟ ଅଖା ବାବଦ ଅର୍ଥ ପ୍ରଦାନ କରି ନ ଥିବାରୁ ଚାଷୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷେ ଚାଷ ଓ ଚାଷୀଙ୍କ ସ୍ୱାର୍ଥରକ୍ଷା ପାଇଁ ସଂଗ୍ରାମ ଜାରି ରଖିଥିବା ନବନିର୍ମାଣ କୃଷକ ସଂଗଠନର ରାଜ୍ୟ ସହସଂଯୋଜକ ରଶ୍ମିରଞ୍ଜନ ସ୍ୱାଇଁ ଏ ସମ୍ପର୍କିତ ଏକ ଦାବିପତ୍ର ଗତ ମେ ୨୩ ତାରିଖରେ ଜିଲ୍ଲାପାଳଙ୍କୁ ପ୍ରଦାନ କରି ବିହିତ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଥିଲେ ମଧ୍ୟ ଫଳଶୂନ। ଶ୍ରୀ ସ୍ୱାଇଁଙ୍କ ଅଭିଯୋଗ ଅନୁସାରେ ଜଗତସିଂହପୁର ଜିଲ୍ଲାର ଅଧିକାଂଶ ଧାନସଂଗ୍ରହ କେନ୍ଦ୍ର ବା ପ୍ରାଥମିକ ସେବା ସମବାୟ ସମିତି ପକ୍ଷରୁ ଧାନକ୍ରୟ ପ୍ରକ୍ରିୟା ଚାଲିଥିବାବେଳେ ଝୋଟ ଅଖା ପ୍ରଦାନ କରାଗଲାନାହିଁ। ଫଳରେ ଚାଷୀ ଖୋଲା ବଜାରରୁ ଅଧିକ ଦାମ୍‌ରେ ଅଖା କିଣିବାକୁ ବାଧ ହୋଇଥିଲେ। ନିୟମ ଅନୁଯାୟୀ ଧାନସଂଗ୍ରହ ଦାୟିତ୍ୱରେ ଥିବା ଅଧିକାରୀ ଏହି ଅଖା ବାବଦ ଅର୍ଥ ସମ୍ପୃକ୍ତ ଚାଷୀଙ୍କୁ ପ୍ରଦାନ କରିବା କଥା। କିନ୍ତୁ ଧାନସଂଗ୍ରହ ସରିବାର ୨ ମାସରୁ ଅଧିକ ସମୟ ବିତିଯାଇଥିଲେ ମଧ୍ୟ ଅନେକ ଚାଷୀ ଉକ୍ତ ଅର୍ଥ ପାଇବାରୁ ବଞ୍ଚିତ ଅଛନ୍ତି। ଯାହାକି ଚାଷୀଙ୍କ ପ୍ରତି ସରକାର ଓ ପ୍ରଶାସନର ବୈମାତୃକ ମନୋଭାବକୁ ସୂଚାଉଛି ବୋଲି ଶ୍ରୀ ସ୍ୱାଇଁ ଅଭିଯୋଗ କରିଛନ୍ତି। ଚାଷୀଙ୍କୁ କାହିଁକି ସଠିକ୍ ସମୟରେ ଅଖା ଦିଆଗଲାନାହିଁ, ତାହାର ତଦନ୍ତ କରି ଦାୟିତ୍ୱରେ ଅବହେଳା କରିଥିବା ମିଲର ଓ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ସଂଗଠନ ପକ୍ଷରୁ ଦାବି କରାଯାଇଥିଲା। ଆଜି ଏହି ସମସ୍ୟାର ସମାଧାନ ପାଇଁ ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତି ଶଙ୍କର ରାୟଙ୍କ ସହ ନବନିର୍ମାଣ କୃଷକ ସଂଗଠନର କର୍ମକର୍ତ୍ତା ଓ ଚାଷୀ ତାଙ୍କ ସରକାରୀ କାର୍ଯ୍ୟାଳୟରେ ଆଲୋଚନା କରିଛନ୍ତି। ଆସନ୍ତା ସପ୍ତାହେ ମଧ୍ୟରେ ଏହି ଅଖା ବାବଦ ଅର୍ଥ ସିଧାସଳଖ ଚାଷୀଙ୍କ ଆକାଉଣ୍ଟକୁ ପଠାଇବା ପାଇଁ ଜଗତସିଂହପୁର ଏଆରସିଏସ୍‌ଙ୍କୁ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ରାୟ ନିର୍ଦ୍ଦେଶ ଦେଇଥିବା ପ୍ରକାଶ କରିଛନ୍ତି। ସେହିପରି ଜଳସେଚନ, ଜଳ ନିଷ୍କାସନ ଓ ଚାଷୀଙ୍କ ଅନ୍ୟାନ୍ୟ ସମସ୍ୟା ସମ୍ପର୍କରେ ମଧ୍ୟ ବୈଠକରେ ଆଲୋଚନା ହୋଇଥିବା ନବନିର୍ମାଣ କୃଷକ ସଂଗଠନର ରାଜ୍ୟ ସହସଂଯୋଜକ ଶ୍ରୀ ସ୍ୱାଇଁ ସୂଚନା ଦେଇଛନ୍ତି।

**୭ ଦିନ ମଧ୍ୟରେ ସମାଧାନ ପାଇଁ ନିର୍ଦ୍ଦେଶ**

## ନାଭାଲ୍ ଟାଟା ହକି ଗ୍ରାସ୍‌ରୁଟ ଲିଗ୍‌ରେ ପିପିଏଲ୍‌ର ସଫଳତା

ପାରାଦୀପ, ୧୦।୬ (ସମିସ): ଛତ୍ରପୁରଠାରେ ଆୟୋଜିତ ପଞ୍ଚମ ନାଭାଲ୍ ଟାଟା ହକି ଗ୍ରାସ୍‌ରୁଟ ଲିଗ୍ ପିପିଏଲ ବାଳକ ଦଳ ସଫଳ ପ୍ରଦର୍ଶନ କରିଛି। ପ୍ରଥମ ମ୍ୟାଚ୍‌ରେ ଯାଜପୁରକୁ ୨-୧ ଗୋଲ୍‌ରେ ପରାସ୍ତ



କରିଥିବାବେଳେ ଦ୍ୱିତୀୟ ମ୍ୟାଚ୍‌ରେ କେସିଙ୍ଗାକୁ ୩-୨ ଗୋଲରେ ପରାସ୍ତ କରିଛି। ଲିଗ୍ ମ୍ୟାଚରେ ପିପିଏଲ୍ ଦଳ ଅଧିନାୟକ ସାଇ ସୂର୍ଯ୍ୟାଂଶ, ପ୍ରେମ ସଚିନ ମିଞ୍ଜ, ସୁଭ୍ରଜିତ ତାରେଣି ଓ ସୌର୍ଯ୍ୟରଞ୍ଜନ ଜେନା ଗୋଟିଏ ଲେଖାଏଁ ଗୋଲ୍ କରି ଦଳକୁ ବିଜୟ କରାଇଥିଲେ। ଏଥିସହ ବାଳିକା ଲିଗ୍ ମ୍ୟାଚ୍‌ରେ କୀର୍ତ୍ତିମୟୀ କଣ୍ଡାଙ୍ଗକେଲ ଓ ବାଳକ ବିଭାଗରେ ପ୍ରେମ ସଚିନ ମିଞ୍ଜ ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ ହୋଇଛନ୍ତି। ଏହି ସଫଳତା ପାଇଁ ଖେଳାଳିଙ୍କୁ ଜଗତସିଂହପୁର ଜିଲ୍ଲା କ୍ରୀଡ଼ା ଅଧିକାରୀ ବିଶ୍ୱବିଜୟିନୀ ପଟ୍ଟନାୟକ, ପିପିଏଲର ମାନବ ସମ୍ବଳ ବିଭାଗ ମୁଖ୍ୟ ମହାପ୍ରବନ୍ଧକ ସୁମିତ ସେନାପତି, ପିପିଏଲ ଅଧିକାରୀ ସଞ୍ଜୟ ସେଠୀ ଓ ଡିଏଭି ପିପିଏଲର ଅଧ୍ୟକ୍ଷ ସଞ୍ଜିବ ସାହୁ ଓ ଅନ୍ୟ ପଦାଧିକାରୀ ଶୁଭେଚ୍ଛା ଜଣାଇଛନ୍ତି। ପିପିଏଲ୍ ପାରାଦୀପ ପକ୍ଷରୁ ହକି ଖେଳର ଉନ୍ନତି ପାଇଁ ସମସ୍ତ ସୁବିଧା ପ୍ରଦାନ କରାଯାଇଛି। ଆଗାମୀ ଦିନରେ ଏହି ଖେଳାଳି ଜିଲ୍ଲା ଓ ରାଜ୍ୟ ପାଇଁ ସୁନାମ ଆଣିବେ ବୋଲି ଡିଏଭି ପିପିଏଲ୍‌ର ମୁଖ୍ୟ କ୍ରୀଡ଼ା ଶିକ୍ଷକ ଶାଶ୍ୱତ ଭାରତୀୟ ଆଶାବାଦୀ ଅଛନ୍ତି।

## ପାରାଦୀପଗଡ଼ ରଜ ମହୋତ୍ସବ ଉଦ୍‌ଘାଟିତ



**ପାରାଦୀପ, ୧୦।୬ (ସମିସ):** ପାରାଦୀପଗଡ଼ ପଞ୍ଚାୟତ ପକ୍ଷରୁ ଆୟୋଜିତ ଚତୁର୍ଥ ବାର୍ଷିକ ରଜ ମହୋତ୍ସବ ଆଜି ଉଦଘାଟିତ ହୋଇଛି। ମୁଖ୍ୟଅତିଥି ଭାବେ ସରପଞ୍ଚ ସସ୍ମିତା ବେହେରା ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଛନ୍ତି। ମୁଖ୍ୟବକ୍ତା ଭାବେ ନୀଳାଦ୍ରି ବିହାରୀ ମହାନ୍ତି ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ଅମୀୟ ପାଣି, ସମୀର ବର୍ମନ, ଗୋଲାପରାଣୀ ସାହୁ ଯୋଗଦେଇ ସରପଞ୍ଚ ଶ୍ରୀମତୀ ବେହେରାଙ୍କ ଏଭଳି ଉଦ୍ୟମକୁ ପ୍ରଶଂସା କରିଥିଲେ। ଏହି ମହୋତ୍ସବ ସାତଦିନ ଧରି ଅନୁଷ୍ଠିତ ହେବ। ଏଥିରେ ରାଜ୍ୟ ଓ ରାଜ୍ୟ ବାହାରର ପ୍ରତିଷ୍ଠିତ କଳା ଅନୁଷ୍ଠାନ ଯୋଗଦେବାର କାର୍ଯ୍ୟକ୍ରମ ରହିଥିବା ରଜ ମହୋତ୍ସବ କମିଟି ସଭାପତି ସଞ୍ଜୟ ବେହେରା ପ୍ରକାଶ କରିଛନ୍ତି। ସମ୍ପାଦକ ଦେବ ଦୁର୍ଲ୍ଲଭ କର ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଚନ୍ଦ୍ରଶେଖର ଚୌଧୁରୀ, ଜୟନ୍ତ ସେନାପତି, ମନୋଜ ରାଉତ, ସଂଗ୍ରାମ ବେହେରା, ନିରଞ୍ଜନ ପରିଡ଼ା, ରାଜେନ୍ଦ୍ର ବେହେରା, ସତ୍ୟନାରାୟଣ ମହାପାତ୍ର, ଅଲେଖ ମହାରଥ, ରମେଶ ବେହେରା, ଚନ୍ଦ୍ରକାନ୍ତ ସ୍ୱାଇଁ, ଅନନ୍ତ ବିଶ୍ୱାଳ, ବିଚିତ୍ର ପ୍ରଧାନ, ଶାରଦା ସ୍ୱାଇଁ, ଧର୍ମେନ୍ଦ୍ର ସାହୁ, ପ୍ରକାଶ ଦଳାଇ ପ୍ରମୁଖ ଯୋଗ ଦେଇଥିଲେ।

## ୧୧୦ ଗ୍ରାମ ବ୍ରାଉନସୁଗର ଜବତ, ମହିଳା ଗିରଫ



**ଜଗତସିଂହପୁର, ୧୦।୬(ସମିସ):** ଜଗତସିଂହପୁର ଅବକାରୀ ବିଭାଗ ମୋବାଇଲ ସ୍କ୍ୱାର୍ଡ ସଦର ଥାନା ଅନ୍ତର୍ଗତ ବେରହିମପୁର ଗ୍ରାମ ଛକରେ ଚଢ଼ଉ କରି ବ୍ରାଉନସୁଗର ବିକ୍ରି କରୁଥିବା ମେହେରୁନ ବିବି ନାମକ ଜଣେ ମହିଳାଙ୍କୁ ଗିରଫ କରିଛି। ମହିଳାଙ୍କଠାରୁ ୧୧୦ ଗ୍ରାମ ବ୍ରାଉନସୁଗର ଜବତ କରାଯାଇଛି। ଯାହାର ଆନୁମାନିକ ମୂଲ୍ୟ ୧୧ ଲକ୍ଷ ଟଙ୍କା ହେବ ବୋଲି ସୂଚନା ମିଳିଛି। ମେହେରୁନ ବିବିଙ୍କ ସ୍ୱାମୀ ମଧ୍ୟ ପୂର୍ବରୁ ବ୍ରାଉନସୁଗର ବେପାର କରୁଥିବା ଅଭିଯୋଗରେ ଦୁଇଥର ଗିରଫ ହୋଇଥିଲେ। ବିଭାଗ ପକ୍ଷରୁ କିଛିଦିନ ଧରି ଉକ୍ତ ଅଞ୍ଚଳ ଉପରେ ନଜର ରଖାଯାଇଥିଲା। ମଙ୍ଗଳବାର ସଠିକ୍ ଖବର ମିଳିବା ପରେ ଅବକାରୀ ସ୍କ୍ୱାର୍ଡ ଏହି ଚଢ଼ଉ କରିଥିଲା। ଜିଲ୍ଲା ମୋବାଇଲ ୟୁନିଟ୍ ଇନ୍‌ସପେକ୍ଟର ପ୍ରଭାସ ଚୌଧୁରୀଙ୍କ ନେତୃତ୍ୱରେ ଅବକାରୀ ଏସ୍‌ଆଇ ଦେବେନ୍ଦ୍ର ବେହେରା, ଏଏସଆଇ ପିନାକୀ ରାଉତରାୟ, କନଷ୍ଟେବଲ ସବିତା ନାୟକ ଓ ସୁକାନ୍ତ ମାଝି ଏହି ଚଢ଼ଉରେ ସାମିଲ ହୋଇଥିଲେ।

## ବିଶ୍ୱ ରକ୍ତଚାପ ଦିବସ ପାଳିତ



**ବାଲିକୁଦା, ୧୦।୬(ସମିସ):** ବାଲିକୁଦା ବ୍ଲକ ଅନନ୍ତପୁର ପଞ୍ଚାୟତ ବ୍ରାହ୍ମଣଡ଼ିହି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ପକ୍ଷରୁ କୁସୁପୁର ପଞ୍ଚାୟତର ତେନ୍ତୁଳିବେଲାରୀସ୍ଥ ମହିମା ମଠ ପରିସରରେ ବିଶ୍ୱ ରକ୍ତଚାପ ଦିବସ ପାଳନ କରାଯାଇଛି। ଆୟୁଷ ମେଡିକାଲ ଅଧିକାରୀ ଡା. ନିଳୋତ୍ପଳା ରାଉତ ଯୋଗଦେଇ ଉପସ୍ଥିତ ରୋଗୀଙ୍କୁ ଚିକିତ୍ସା କରିବା ସହ ଉଚ୍ଚ ରକ୍ତଚାପ, ନିମ୍ନ ରକ୍ତଚାପ ଓ ସଠିକ ରକ୍ତଚାପ ସମ୍ପର୍କରେ ବୁଝାଇଥିଲେ। ରକ୍ତଚାପ ସୃଷ୍ଟି ହେବାର ପ୍ରମୁଖ କାରଣ ଓ ଏହାଦ୍ୱାରା ରୋଗୀର କେଉଁ ସବୁ ଲକ୍ଷଣ ଦେଖା ଦେଇଥାଏ ତାହା ବୁଝାଇଥିଲେ। ୧୨୦/୮୦ ସଠିକ ରକ୍ତଚାପ ହୋଇଥିବାବେଳେ ୧୪୦/୯୦ରୁ ଊର୍ଦ୍ଧ୍ୱ ହେଲେ ରୋଗୀ ଯତ୍ନବାନ ହେବା ସହ ଡାକ୍ତରଙ୍କ ପରାମର୍ଶ କ୍ରମେ ଔଷଧ ସେବନ କରିବା ପାଇଁ ପରାମର୍ଶ ଦେଇଥିଲେ। ୩୫ ଜଣ ରୋଗୀଙ୍କୁ ଚିକିତ୍ସା କରାଯାଇ ଔଷଧ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ମହିଳା ସ୍ୱାସ୍ଥ୍ୟକର୍ମୀ ଗୀତାରାଣୀ ମୁଦୁଲି, ପ୍ୟାରୀ କେରକେଟ, ଭକ୍ତିପଦାରବିନ୍ଦ ସ୍ୱାଇଁ ଚିକିତ୍ସା ପ୍ରଦାନରେ ସହଯୋଗ କରିଥିଲେ।

## ବ୍ଲକ୍‌ସ୍ତରୀୟ ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା



**ତିର୍ତ୍ତୋଲ, ୧୦।୬ (ସମିସ):** ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ମଣିଜଙ୍ଗା କଲ୍ୟାଣ ମଣ୍ଡପରେ ମିଶନ ଶକ୍ତି ପକ୍ଷରୁ ବ୍ଲକସ୍ତରୀୟ ସୁଭଦ୍ରା ଶକ୍ତି ଖାଦ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବିଡିଓ ଗିରିଜା ଶଙ୍କର ମଲ୍ଲିକ ଏହି ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ୨୬ଟି ସ୍ୱୟଂସହାୟକ ଗୋଷ୍ଠୀର ମହିଳା ଯୋଗଦେଇ ପାରମ୍ପରିକ ଖାଦ୍ୟ ଏଣ୍ଡୁରି, ଇଡଲି, କାକରା, ଆରିସା, ଦହିବରା, ବରା, ଚୁଡ଼ା ଓ ମାଣ୍ଡିଆରେ ପ୍ରସ୍ତୁତ ବିଭିନ୍ନ ପ୍ରକାରର ଖାଦ୍ୟ ପ୍ରସ୍ତୁତ କରି ପ୍ରଦର୍ଶନୀରେ ଅଂଶଗ୍ରହଣ କରିଥିଲେ। ଅତିରିକ୍ତ ତହସିଲଦାର କଳ୍ପନା ତପସ୍ୱିନୀ ନାୟକ, ଏବିଡିଓ ସତ୍ୟଜିତ ସ୍ୱାଇଁ, ଜିପିଓ ବିଶ୍ୱଜିତ ମହାପାତ୍ର ଓ ପ୍ରଶାସନିକ ଅଧିକାରୀ ଯୋଗଦେଇ ପ୍ରତିଯୋଗିତାର ବିଜେତା ଓ ଉପବିଜେତା ଦଳ ଚୟନ କରିଥିଲେ। ଶେଷରେ ଏବିଡିଓ ସତ୍ୟଜିତ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଅତିରିକ୍ତ ତହସିଲଦାର କଳ୍ପନା ତପସ୍ୱିନୀ ନାୟକ ବିଜେତା ସାମନ୍ତରାପୁର ପଞ୍ଚାୟତର ଜୟ ହନୁମାନ ଏଚଏସଜିକୁ ପାଞ୍ଚ ହଜାର ଟଙ୍କାର ଚେକ୍ ଓ ଉପବିଜେତା ଗରାମ ପଞ୍ଚାୟତର ମହାବୀର ଏଚଏସଜିକୁ ଚାରି ହଜାର ଟଙ୍କାର ଚେକ୍ ପ୍ରଦାନ କରିଥିଲେ। ମିଶନ ଶକ୍ତି ବିପିଏମ କଳ୍ପନା ଦଳାଇ, ବିପିସି ସନ୍ଧ୍ୟାରାଣୀ ମନ୍ତ୍ରୀ, ରଶ୍ମିରଞ୍ଜନ ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଏମବିକେ ଓ ସିଆରପିମାନେ ସହଯୋଗ କରିଥିଲେ।

## ମଦନମୋହନଜୀଉଙ୍କ ରଥଯାତ୍ରା ପ୍ରସ୍ତୁତି ବୈଠକ



କୁଜଙ୍ଗ, ୧୦।୬(ସମିସ): ଜିଲ୍ଲାର ପ୍ରମୁଖ ବାଣିଜ୍ୟିକ କ୍ଷେତ୍ର ରାହାମାର ଶ୍ରୀଶ୍ରୀ ମଦନମୋହନଜୀଉ ମଠର ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ସ୍ନାନ ପୂର୍ଣ୍ଣିମା ଓ ରଥଯାତ୍ରା ନିମନ୍ତେ ଚୂଡାନ୍ତ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ସଭାପତି ରବିନାରାୟଣ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ମଠ ପରିଚାଳନା ପରିଷଦର ସମସ୍ତ ସଦସ୍ୟ ଯୋଗଦେଇ ସ୍ନାନ ପୂର୍ଣ୍ଣିମା ଓ ରଥଯାତ୍ରାକୁ ଶୃଙ୍ଖଳିତ କରିବାକ ଆଲୋଚନା କରାଯାଇଥିଲା। ବୈଠକରେ ଦୀପକ ସ୍ୱାଇଁ ଠାକୁର ରାଜା ତଥା ମଣ୍ଡଳ ଉନ୍ନୟନ ଅଧିକାରୀ କୁଜଙ୍ଗ ମହାପ୍ରଭୁଙ୍କ ଘୋଷ ଯାତ୍ରା ସମ୍ପୂର୍ଣ୍ଣ ବୈଦିକ ରୀତିନୀତି ଅନୁସାରେ ସମ୍ପାଦନ ନିମନ୍ତେ ପରିଷଦକୁ ମାର୍ଗଦର୍ଶନ କରିଥିଲେ। ଅନ୍ୟ ବରିଷ୍ଠ ପ୍ରଶାସନିକ ଅଧିକାରୀ ଓ ଜନପ୍ରତିନିଧିଙ୍କ ମଧ୍ୟରେ ତିର୍ତ୍ତୋଲ ଥାନା ଅଧିକାରୀ ପ୍ରଦୀପ୍ତ ସେଠୀ, ବିଦ୍ୟୁତ ବିଭାଗର ବାଣିଜ୍ୟ ଯନ୍ତ୍ରୀ ରାହାମା ବିଶ୍ୱଜିତ ତ୍ରିପାଠୀ, ତାଳପଡ଼ା ସରପଞ୍ଚ, ପୋତାନଇ ସରପଞ୍ଚ ବ୍ରଜକିଶୋର ମହାରାଜ ଉପସ୍ଥିତ ଥିଲେ। ମଠ ପରିଚାଳନା ପରିଷଦ ଓ ସ୍ଥାନୀୟ ବରିଷ୍ଠ ଶ୍ରଦ୍ଧାଳୁଙ୍କ ମଧ୍ୟରେ ସେବିକା ସ୍ୱର୍ଣ୍ଣପ୍ରଭା ଦାସ, ପୂଜକ ତପନ ପତି, ଅଧିକାରୀ ରମାକାନ୍ତ ଦାସ, ମହାରଣା ରୋହିତ ସୂତାର, ବରିଷ୍ଠ ସଦସ୍ୟ କିଶୋରୀ ଦାସ, ମହେଶ୍ୱର ସାହୁ, ବାସୁଦେବ ବରାଳ, ଉପକୋଷାଧ୍ୟକ୍ଷ ଶରତ ସାହୁ, ପ୍ର. ରମେଶ ମହାପାତ୍ର, ଶିକ୍ଷକ ଅମୀୟ ଜେନା, ଲକ୍ଷ୍ମୀଧର ସାହୁ, ବଂଶୀଧର କୁଣ୍ଡୁ, କୈଳାସ ନାୟକ ପ୍ରମୁଖ ଯୋଗ ଦେଇଥିଲେ।

## ସାଗରିକା କଳା ନିକେତନର ବାର୍ଷିକ ଉତ୍ସବ



**ପାରାଦୀପ, ୧୦।୬(ସମିସ):** ବନ୍ଦର ନଗରୀ ପାରାଦୀପର ନୃତ୍ୟ, ସଙ୍ଗୀତ ଓ କଳାର ସର୍ବପୁରାତନ ଶିକ୍ଷାନୁଷ୍ଠାନ ସାଗରିକା କଳା ନିକେତନ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବନ୍ଦରର ଅଧ୍ୟକ୍ଷ ପିଏଲ୍ ହରନାଧ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ସେ କହିଲେ, ସାଗରିକା କଳା ନିକେତନର ନୃତ୍ୟଶିଳ୍ପୀ ବନ୍ଦରର ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦାନ କରି ସୁନ୍ଦର ନୃତ୍ୟ ଉପସ୍ଥାପନ କରି ପ୍ରଶଂସା ପାଇଛନ୍ତି। ଅଖିଳ ଭାରତ ବନ୍ଦର ପ୍ରତିଯୋଗିତାରେ ବନ୍ଦରକୁ ଅନେକଥର ପ୍ରଥମ ସ୍ଥାନ ଦେଇଛନ୍ତି। ଏହି ଅନୁଷ୍ଠାନରେ ଶିକ୍ଷା ଗ୍ରହଣ କରୁଥିବା ଛାତ୍ରଛାତ୍ରୀଙ୍କୁ ଆଗକୁ ବଢ଼ିବାକୁ ଉପଦେଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଯୋଗଦେଇ ବନ୍ଦର ଉପାଧ୍ୟକ୍ଷ ନିଲାଭ୍ର ଦାସଗୁପ୍ତା ଅନୁଷ୍ଠାନର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ନିକେତନର ଯୁଗ୍ମସଚିବ ଆରଏନ୍ ମିଶ୍ର ଅନୁଷ୍ଠାନ ସମ୍ବନ୍ଧରେ ବିବରଣୀ ରଖିଥିଲେ। ସାଗରିକାର ନୂତନ ସଭାପତି ଡକ୍ଟର ଦୁର୍ଗାପ୍ରସାଦ ସେଠୀ ଓ ବନ୍ଦରର ଟ୍ରାଫିକ ପରାମର୍ଶଦାତା ଆଶିଷ ବୋଷ ଯୋଗ ଦେଇଥିଲେ। ଅନୁଷ୍ଠାନର ବରିଷ୍ଠ ନୃତ୍ୟଗୁରୁ ବ୍ରଜକିଶୋର ମଲ୍ଲିକଙ୍କ ନିର୍ଦ୍ଦେଶନାରେ ଛାତ୍ରଛାତ୍ରୀ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ଏଥିରେ ଜୟ ଜଗନ୍ନାଥ ନୃତ୍ୟାଭିନୟ ଆଦୃତ ହୋଇଥିଲା। ସାଗରିକା କଳା ନିକେତନର ସମ୍ପାଦକ ନିରୋଜ ପଟ୍ଟନାୟକ କାର୍ଯ୍ୟକ୍ରମ ସଂଯୋଜନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ବନ୍ଦରର ବିଭିନ୍ନ ବିଭାଗ ମୁଖ୍ୟ, ଅଧିକାରୀ ଓ କର୍ମଚାରୀ, ଛାତ୍ରଛାତ୍ରୀଙ୍କ ମାତାପିତା ଯୋଗ ଦେଇଥିଲେ।

## ମହିଳାଙ୍କ ନାମରେ ଲକ୍ଷାଧିକ ଟଙ୍କା ଋଣ କରି ମହିଳା ଫେରାର

**ଜଗତସିଂହପୁର, ୧୦।୬(ସମିସ):** ଜଗତସିଂହପୁର ସଦର ଥାନା ଅନ୍ତର୍ଗତ ଜଁକୋଟୀପାଟଣା ଗ୍ରାମର ମନୋରମା ଦାସ ନାମକ ଜଣେ ମହିଳା ସେହି ଗ୍ରାମର ୧୦ରୁ ଊର୍ଦ୍ଧ୍ୱ ମହିଳାଙ୍କ ନାମରେ ଲକ୍ଷ ଲକ୍ଷ ଟଙ୍କା ଋଣ କରି ଫେରାର ହୋଇଯାଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ୨୦୨୩ରେ ମନୋରମା ଓ ତାଙ୍କ ସ୍ୱାମୀ କେଶବ ଦାସ ଗ୍ରାମର ୧୦/୧୨ ଜଣ ମହିଳାଙ୍କୁ ଏକାଠି କରି ଘରୋଇ ଫାଇନାନ୍ସ ସଂସ୍ଥା ଗଠନ କରିଥିଲେ। ସଂସ୍ଥା ମାଧ୍ୟମରେ କିଛିଦିନ ଧରି ଋଣ କରିବା ଓ ସୁଝିବା କାର୍ଯ୍ୟ ଠିକ୍‌ଠାକ୍ ଚାଲିଥିଲା। ପରେ ଏହି ମହିଳାଙ୍କ ନାମରେ ଜାଲ କାଗଜପତ୍ର ପ୍ରସ୍ତୁତ କରି ମନୋରମା ଓ ତାଙ୍କ ସ୍ୱାମୀ କେଶବ ଦାସ ବନ୍ଧନ ବ୍ୟାଙ୍କ, ଉତ୍କର୍ଷ, ସ୍ପନ୍ଦନା ଓ ଭାରତ ଫାଇନାନ୍ସ ପ୍ରଭୃତି ବିଭିନ୍ନ ସଂସ୍ଥାରୁ ପ୍ରାୟ ୩୮ ଲକ୍ଷ ଟଙ୍କା ଋଣ କରି ସୁରଟ ପଳାଇଛନ୍ତି। ସେଠାରେ ତାଙ୍କର ଜଣେ ସମ୍ପର୍କୀୟଙ୍କ କମ୍ପାନୀରେ ଏହି ଅର୍ଥ ବିନିଯୋଗ କରି ସପରିବାର ରହୁଥିବା ଅଭିଯୋଗ ପତ୍ରରେ ଉଲ୍ଲେଖ କରିଛନ୍ତି ଠକାମିର ଶିକାର ହୋଇଥିବା ମହିଳା। ବିଭିନ୍ନ ଫାଇନାନ୍ସ କମ୍ପାନୀର କର୍ମଚାରୀ ଋଣ ଆଦାୟ ପାଇଁ ସେମାନଙ୍କ ଘରକୁ ଆସିବାରୁ ଏହି ଠକାମୀ ସମ୍ପର୍କରେ ଜଣାପଡ଼ିଥିଲା। ଏହି ମହିଳାମାନେ ଫୋନ ଯୋଗେ ମନୋରମାଙ୍କୁ ଯୋଗାଯୋଗ କରିବାରୁ ତାଙ୍କୁ ଶୁଝିବା ପାଇଁ ସେ ୧୦ ମାସ ସମୟ ମାଗିଥିଲେ। ତେବେ ୧୦ ମାସ ପୂରିବା ପରେ ଆଉ ଧରାଛୁଆଁ ନ ଦେବାରୁ ଓ ଟଙ୍କା ନ ଶୁଝିଲେ କ'ଣ କରିବ ବୋଲି ରୋକଠୋକ କହିବାରୁ ବାଧହୋଇ ସେମାନେ ଥାନାର ଦ୍ୱାରସ୍ଥ ହୋଇଥିବା ରୋସନୀ ଜେନା, ମମତା ବାରିକ, ସ୍ମିତାଞ୍ଜଳି ସାହୁ, କୁନି ଭୋଇ ଓ ପୁଷ୍ପଲତା ସାମଲ ପ୍ରମୁଖ ସଦର ଥାନାରେ ଏତଲା ଦେଇ ନ୍ୟାୟ ଭିକ୍ଷା କରିଛନ୍ତି। ପୁଲିସ ଏକ ଠକେଇ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ଥାନା ସୂତ୍ରରୁ ସୂଚନା ମିଳିଛି।

## ଧର୍ମପ୍ରାଣ ରଘୁନାଥ ପଟ୍ଟନାୟକଙ୍କ ପରଲୋକ



**ରଘୁନାଥପୁର, ୧୦।୬(ସମିସ):** ରଘୁନାଥପୁର ବ୍ଲକ ଅନ୍ତର୍ଗତ ଗୁଆଳିପୁର ଗ୍ରାମର ଧର୍ମପରାୟଣ ବ୍ୟକ୍ତି ରଘୁନାଥ ପଟ୍ଟନାୟକ (୬୮)ଙ୍କ ମଙ୍ଗଳବାର ସକାଳେ ପରଲୋକ ହୋଇଯାଇଛି। ସେ ଅସୁସ୍ଥ ଥିଲେ ଓ ଘରେ ରହି ଚିକିତ୍ସିତ ହେଉଥିଲେ। କେନ୍ଦ୍ର ସରକାରଙ୍କ ସିଆଇଏସ୍‌ଏଫରେ ୧୨ ଧରି କାର୍ଯ୍ୟ କରୁଥିଲେ ହେଁ ଘରେ ୪ ଝିଅ ଓ ୨ ପୁଅଙ୍କୁ ଛାଡ଼ି ବିଦେଶରେ ରହିବା ତାଙ୍କ ପାଇଁ ସମ୍ଭବ ହୋଇ ନ ଥିଲା। ଚାକିରି ଛାଡ଼ି ଗାଁରେ ରହି ବିଭିନ୍ନ ଧାର୍ମିକ ଅନୁଷ୍ଠାନ ସହିତ ଜଡ଼ିତ ଥିଲେ। ତାଙ୍କ ମୃତ୍ୟୁଶଯ୍ୟା ନିକଟରେ ପତ୍ନୀ ଶାନ୍ତିଲତା ପଟ୍ଟନାୟକ, ଚାରି ଝିଅଜ୍ୱାଇଁ ଓ ବନ୍ଧୁ ବର୍ଗ ଉପସ୍ଥିତ ଥିଲେ। ତାଙ୍କ ମୃତ୍ୟୁରେ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ମରଶରୀରକୁ ଏକ ଶୋଭାଯାତ୍ରାରେ ନିଆଯାଇ ଗ୍ରାମ ଶ୍ମଶାନରେ ଶେଷକୃତ୍ୟ କରାଯାଇଥିଲା। ସରପଞ୍ଚ ମନୋଜିନୀ ସାହୁ ଓ ସମିତି ସଭ୍ୟ କମଳାକାନ୍ତ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ। ଜ୍ୟେଷ୍ଠ ପୁତ୍ର ଦିଲ୍ଲୀପ ପଟ୍ଟନାୟକ ମୁଖାଗ୍ନି ଦେଇଥିଲେ।

### ଗୋଦାବରିଶ ମିଶ୍ର ଆଦର୍ଶ ବିଦ୍ୟାଳୟ ଯୋଜନା

## ସାମିଲ ହେବ ଡେରାବିଶର ୧୧ ବିଦ୍ୟାଳୟ

**ଡେରାବିଶ, ୧୦।୬(ସମିସ):** ସରକାର ଶିକ୍ଷା ବିଭାଗରେ ନବକଳେବର ଆରମ୍ଭ କରିଛନ୍ତି। ବିଦ୍ୟାଳୟରେ ଶିକ୍ଷକ ଅଭାବ ପୂରଣ ପାଇଁ ପଦକ୍ଷେପ ନେଉଛନ୍ତି। ଭିତ୍ତିଭୂମିରେ ସୁଧାର ଆଣିବା ପାଇଁ ନୂଆ ଯୋଜନା ଆରମ୍ଭ ହୋଇଛି। ଏହି କ୍ରମରେ ଡେରାବିଶ ବ୍ଲକର ୨୬ଟି ପଞ୍ଚାୟତରୁ ୧୧ଟି ବିଦ୍ୟାଳୟକୁ ଗୋଦାବରିଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନାରେ ସାମିଲ କରାଯିବ ବୋଲି ପ୍ରସ୍ତାବ ଦିଆଯାଇଛି। ନହଙ୍ଗର ଯୁଗଜ୍ୟୋତି ୟୁପିଏସ୍, ଏଣ୍ଡରର ୱେଷ୍ଟ ଶ୍ୟାମସୁନ୍ଦରପୁର ୟୁପିଏସ୍, ନରସିଂହପୁର ପଞ୍ଚାୟତ ଅନ୍ତର୍ଗତ ନରସିଂହପୁର ୟୁଜିୟୁପି, ଲକ୍ଷ୍ମୀନାରାୟଣପୁର ପଞ୍ଚାୟତ ଅନ୍ତର୍ଗତ ବୁଢ଼ୀ ଜାଗୁଳାଇ ୟୁପି, ଗୁଆଳସିଂସ୍ଥ ଠାକୁରପାଟଣା ୟୁଜିୟୁପି, ବେଣୀପୁରର ବେଣୀପୁର ୟୁପିଏସ୍, ଇନ୍ଦାଳୋର ପଞ୍ଚାୟତ ୟୁପିଏସ୍ ନାନକାର, ଖମୋଳସ୍ଥ ଜହ୍ନିମୂଳ ୟୁପିଏସ୍, ପଲେଇ ପଞ୍ଚାୟତର ପଲେଇ ପ୍ରୋଜେକ୍ଟ ୟୁପିଏସ୍, ଚାଟରାଚକଡ଼ା ପଞ୍ଚାୟତର ବାସନ୍ତୀ ନୋଡାଲ ୟୁପିଏସ୍ ଓ ମୁକୁନ୍ଦପୁର ପଞ୍ଚାୟତ ଅନ୍ତର୍ଗତ ମୁକୁନ୍ଦପୁର ୟୁଜିୟୁପି ସ୍କୁଲକୁ ଏହି ଯୋଜନାରେ ଅନ୍ତର୍ଭୁକ୍ତ କରିବା ପାଇଁ ପ୍ରସ୍ତାବ ଦିଆଯାଇଛି।

## ଇଣ୍ଡିଆନ୍ ଅଏଲ୍ ରିଫାଇନାରୀରେ ମକ୍‌ଡ୍ରିଲ



**ପାରାଦୀପ, ୧୦।୬(ସମିସ):** ଇଣ୍ଡିଆନ ଅଏଲ ପାରାଦୀପ ରିଫାଇନାରୀ ପକ୍ଷରୁ ଆଜି ଏକ ମକଡ୍ରିଲର ଆୟୋଜନ କରାଯାଇଥିଲା। ଏଥିରେ ରିଫାଇନାରୀ ଏହାର ଜରୁରିକାଳୀନ ପ୍ରତିକ୍ରିୟା ଓ ପ୍ରସ୍ତୁତିର ପ୍ରଭାବ ଯାଞ୍ଚ କରାଯାଇଥିଲା। ପାରାଦୀପ ରିଫାଇନାରୀ ଅନୁମୋଦିତ ଇମରର୍ଜେନ୍ସି ରେସପନ୍ସ ଆଣ୍ଡ ଡିଜାଷ୍ଟର ମ୍ୟାନେଜମେଣ୍ଟ ପ୍ଲାନ୍ ଦ୍ୱାରା ଏହି ଡ୍ରିଲ୍ କାର୍ଯ୍ୟ କରାଯାଇଥିଲା। ପାରାଦୀପ ରିଫାଇନାରୀର ଏକ ପମ୍ପ ଡିସଚାର୍ଜ ଲାଇନ୍‌ରୁ ପ୍ରୋପିଲିନ୍ ଲିକେଜ୍ ହୋଇ ବାଷ୍ପ ମେଘ ସୃଷ୍ଟି ହେଲେ ଓ ଏହାର ପ୍ରଭାବରେ ବିସ୍ଫୋରଣ ହେଲେ ଏହାକୁ କିପରି ସଫଳତାର ସହିତ ମୁକାବିଲା କରାଯିବ, ସେ ସମ୍ପର୍କରେ ମକ୍‌ଡ୍ରିଲ୍ କରାଯାଇଥିଲା। ଜରୁରିକାଳୀନ ପ୍ରତିକ୍ରିୟା ଓ ବିପର୍ଯ୍ୟୟ ପରିଚାଳନା ଯୋଜନାର ନିୟମାନୁଯାୟୀ ସଫଳତାର ସହିତ ମକ୍‌ଡ୍ରିଲ୍ ସମ୍ପାଦିତ ହୋଇଥିବାରୁ ରିଫାଇନାରୀ କର୍ତ୍ତୃପକ୍ଷ ସମସ୍ତଙ୍କୁ ପ୍ରଶଂସା କରିଥିଲେ। ପରେ ପାରାଦୀପ ରିଫାଇନାରୀ କାର୍ଯ୍ୟକାରୀ ନିର୍ଦ୍ଦେଶକ କୌସିକ ବସୁଙ୍କ ଅଧ୍ୟକ୍ଷତାରେ ଏକ ଆଲୋଚନା ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ରିଫାଇନାରୀର ସମସ୍ତ ମ୍ୟୁଚୁଆଲ୍ ଏଡ୍ ସଂସ୍ଥାର ପ୍ରତିନିଧି ସାମିଲ ହୋଇଥିଲେ।

# ବିକାଶ ମେଳା ପ୍ରସ୍ତୁତି ସମ୍ପର୍କରେ ସମୀକ୍ଷା ବୈଠକ

**ଜଗତସିଂହପୁର, ୧୦।୬(ସମିସ)**



ରାଜ୍ୟ ସରକାରଙ୍କ ବର୍ଷ ପୂର୍ତ୍ତି ଅବସରରେ ଆୟୋଜିତ ହେବାକୁ ଥିବା ବିକାଶ ମେଳା ପ୍ରସ୍ତୁତି ସମ୍ପର୍କରେ ସମୀକ୍ଷା ବୈଠକ ଆଜି ପୂର୍ବାହ୍ନରେ ଓସ୍ୱାନ୍ ଭିସି ହଲ୍‌ରେ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ସମ୍ବିତ ରାଉତଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ବିକାଶ ମେଳା ସ୍ଥାନୀୟ ନବକୃଷ୍ଣ ଚୌଧୁରୀ ଷ୍ଟାଡିୟମରେ ଜୁନ ୧୨ରୁ ୧୮ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ବୋଲି ଆଲୋଚନା ହୋଇଥିଲା। ୧୩ ତାରିଖରେ ଜଗତସିଂହପୁର ଜିଲ୍ଲା ପ୍ରଭାରୀ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ପଲ୍ଲୀଶ୍ରୀ ମେଳା ଉଦଘାଟନ କରିବେ। ଯୋଜନା ଅନୁଯାୟୀ ହିତାଧିକାରୀଙ୍କୁ ସୁବିଧା ପ୍ରଦାନ, ପଦ୍ମ ପୁରସ୍କାର ପାଇଥିବା ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧନା, ସଫଳ କାହାଣୀ ବୁକଲେଟ, ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ, ଆଇଇସି କ୍ରିୟାକଳାପ ସହିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ସଙ୍ଗୀତ, ନୃତ୍ୟ ପରିବେଷଣ କରାଯିବ। ସେହିପରି କୃଷି, ଉଦ୍ୟାନ କୃଷି, ମୃତ୍ତିକା ସଂରକ୍ଷଣ, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ, ହ୍ୟାଣ୍ଡଲୁମ୍, ଟେକ୍ସଟାଇଲ, ହାଣ୍ଡିକ୍ରାଫ୍ଟ, ବିଦ୍ୟାଳୟ ଓ ଗଣଶିକ୍ଷା, ମହିଳା ଓ ଶିଶୁ ବିକାଶ, ଶ୍ରମ, କ୍ରୀଡା ବିଭାଗ ପକ୍ଷରୁ ଜୁନ ୧୨ରୁ ୧୮ ତାରିଖ ପର୍ଯ୍ୟନ୍ତ ସେମିନାର ଆୟୋଜନ, ପେଣ୍ଟିଂ, ସୁସ୍ୱାଦୁ ଖାଦ୍ୟ ପ୍ରତିଯୋଗିତା, ରଙ୍ଗୋଲି ପ୍ରତିଯୋଗିତା, ରଜଦୋଳି, ମେହେନ୍ଦି, ନେଲ ଆର୍ଟ, ଜଙ୍ଗଲ ବିଭାଗ ପକ୍ଷରୁ ଚାରା ଗଛ ବଣ୍ଟନ, ନିଶା ନିବାରଣ ସଚେତନତା ଅଭିଯାନ ଇତ୍ୟାଦି ବ୍ୟାପକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏତଦ୍‌ବ୍ୟତୀତ ଷ୍ଟାଡିୟମରେ ଓରମାସ ପକ୍ଷରୁ ୮୦ଟି ଷ୍ଟଲ୍ ବିଭିନ୍ନ ବିଭାଗର ପ୍ରଦର୍ଶନୀ, ସ୍ୱୟଂସହାୟକ ଗୋଷ୍ଠୀ ଓ ଉତ୍ପାଦକ ଗୋଷ୍ଠୀଙ୍କ ଦ୍ୱାରା ଗ୍ରାମୀଣ ଉତ୍ପାଦ ବିକ୍ରୟ କରାଯିବ। ସେହିପରି ମିଶନ ଶକ୍ତି ବିଭାଗ ପକ୍ଷରୁ ୨୫ଟି ପାରମ୍ପରିକ ଖାଦ୍ୟ ଷ୍ଟଲର ଆୟୋଜନ କରାଯାଇଛି। ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତି ଶଙ୍କର ରାୟ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ, ରବିନାରାୟଣ ଜେଠୀ, ଜିଲ୍ଲାସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ହାଇୱା ଧକ୍କାରେ ଡ୍ରାଇଭର ମୃତ

ପାରାଦୀପ/କୁଜଙ୍ଗ, ୧୦।୬ (ସମିସ): କଟକ-ପାରାଦୀପ ରାସ୍ତାର ଭୂତମୁଣ୍ଡାଇ ହମ୍ପସ ନିକଟରେ ହାଇୱା ଧକ୍କାରେ ଜଣେ ଟ୍ରକ୍ ଡ୍ରାଇଭରଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ନାମ ବିନାୟକ ନାୟକ। ଘର ମୟୂରଭଞ୍ଜ ବୋଲି ଜଣାପଡ଼ିଛି। ଘଟଣା ସ୍ଥଳରେ ଚାପା ଉତ୍ତେଜନା ଦେଖାଦେଇଥିବାବେଳେ ଲକଥାନା ପୁଲିସ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲେ। ବିନାୟକ ପନ୍ଦର ନମ୍ବରରେ ରୁହନ୍ତି। ସନ୍ଧ୍ୟା ପ୍ରାୟ ୭ଟା ୩୦ ମିନିଟ୍ ସମୟରେ ସେ ସାଇକଲ ନେଇ ଭୂତମୁଣ୍ଡାଇ ବଜାରକୁ ଚିକେନ କିଣିବା ପାଇଁ ଯିବାବେଳେ ପାରାଦୀପକୁ ଯାଉଥିବା ଏକ ବାଲି ବୋଝେଇ ହାଇୱା ତାଙ୍କ ଉପରେ ଚଢ଼ିଯାଇଥିଲା। ଘଟଣାସ୍ଥଳରେ ବିନାୟକଙ୍କ ମୃତ୍ୟୁ ଘଟିଥିଲା। ବିନାୟକ ଚଳାଉଥିବା ଟ୍ରକ୍‌ର ମାଲିକ ଓ ସ୍ଥାନୀୟ ଲୋକେ କିଛି ସମୟ ରାସ୍ତା ଅବରୋଧ କରିଥିଲେ। ପାରାଦୀପ ଲକ୍ ଥାନା ପୁଲିସ ପହଞ୍ଚି ବୁଝାସୁଝା କରିବା ପରେ ରାସ୍ତାରୋକ ହଟିଥିଲା।

ଗଡ଼ପରଜଙ୍ଗରେ ପାନୀୟଜଳ ସମସ୍ୟା

# ରାସ୍ତା ଅବରୋଧ କଲେ ମହିଳା



ପରଜଙ୍ଗ, ୧୦।୬(ସମିସ): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ ଗରପରଜଙ୍ଗ ଗ୍ରାମରେ ପାନୀୟଜଳ ସମସ୍ୟା ନେଇ ଶତାଧିକ ମହିଳା ରାସ୍ତା ଅବରୋଧ କରିଥିଲେ଼ ପରଜଙ୍ଗ ବଜାରରୁ ଯାଇଥିବା ଜନସାଧାରଣଙ୍କ ପ୍ରମୁଖ ବ୍ଲକ ରାସ୍ତାରେ ମଙ୍ଗଳବାର ପୂର୍ବାହ୍ନ ସମୟରେ ପାନୀୟଜଳ ସମସ୍ୟା ନେଇ ଏକ ଘଣ୍ଟା ଧରି ଗଡ଼ପରଜଙ୍ଗ ଗ୍ରାମର ଶତାଧିକ ମହିଳା ରାସ୍ତା ଅବରୋଧ କରିଥିଲେ। ଗ୍ରାମରେ ଦୁଇଟି ପାଣି ଟାଙ୍କି ରହିଥିବା ବେଳେ ଏଥିମଧ୍ୟରୁ ଗୋଟିଏ ଟାଙ୍କି ଗ୍ରାମଠାରୁ ଅଳ୍ପ ଦୂରରେ ଶାଖା କେନାଲ ନିକଟକୁ ଲାଗି ରହିଛି। ଏହି ଟାଙ୍କିରୁ କେବଳ ପରଜଙ୍ଗ ଗ୍ରାମବାସୀଙ୍କୁ ପାନୀୟଜଳ ଯୋଗାଣ ବ୍ୟବସ୍ଥା କରାଯାଇଛି। ଗ୍ରାମର କେତେକ ଅସାଧୁ ବ୍ୟକ୍ତି ଟାଙ୍କିରୁ ଆସିଥିବା ମୁଖ୍ୟ ପାଣି ପାଇପରୁ ନିଜ ଘର ମାନଙ୍କୁ ବ୍ୟକ୍ତିଗତ ସଂଯୋଗ ନେଇ ଥିବାରୁ ଅନ୍ୟ ପରିବାରମାନେ ସଠିକ୍ ଭାବେ ପାଣି ପାଉନାହାନ୍ତି। ଏଭଳି ସମସ୍ୟାକୁ ନେଇ ଗ୍ରାମର ଶତାଧିକ ମହିଳା ମିଶି ବ୍ଲକ ରାସ୍ତାର ହନୁମାନ ମନ୍ଦିର ସମ୍ମୁଖରେ ରାସ୍ତାକୁ ଅବରୋଧ କରିଥିଲେ। ବିଡ଼ିଓ, ପାନୀୟ ଜଳଯୋଗାଣ ଅଧିକାରୀ, ବ୍ଲକ ଆସିଷ୍ଟାଣ୍ଟ ଇଂଜିନିୟର ଓ ଅନ୍ୟ କର୍ମଚାରୀ ବୁଝାସୁଝା କରିଥିଲେ ମଧ୍ୟ ମହିଳାମାନେ ନିଜ ଜିଦରେ ଅଟଳ ରହିଥିଲେ। ପୂର୍ବରୁ ଯେପରି ଗ୍ରାମର ସମସ୍ତ ପରିବାର ସଠିକ୍ ଭାବେ ପାଣି ପାଇଆସୁଥିଲେ ସେହିପରି ଆମକୁ ପାଣି ଯୋଗାଇ ଦିଆଯାଉ ବୋଲି ବିଭାଗୀୟ ଅଧିକାରୀଙ୍କୁ ଦାବି ଜଣାଇଥିଲେ। ଗାଁର ପ୍ରତ୍ୟେକ ସାହିକୁ ବିଛା ଯାଇଥିବା ପାଣି ପାଇପରୁ ୪୦ରୁ ଊର୍ଦ୍ଧ୍ୱ ଘରମାନଙ୍କୁ ଚୋରାରେ ପାଣି ପାଇପନେଇ ପାଣିକୁ ଅପବ୍ୟବହାର କରୁଥିବା ସର୍ଭେରୁ ଜଣାପଡ଼ିଥିବା ବିଭାଗୀୟ ଅଧିକାରୀ ପ୍ରକାଶ କରିଛନ୍ତି। ତୁରନ୍ତ ସେମାନଙ୍କ ପାଇପଲାଇନ କଟା ଯାଇ ସଠିକ୍ ଭାବେ ପରିବାର ମାନଙ୍କୁ ପାନୀୟ ଜଳ ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେବାରୁ ମହିଳାମାନେ ରାସ୍ତାରୁ ଓହରିଥିଲେ।

■ ଶିକ୍ଷ ମନ୍ତ୍ରୀଙ୍କ ସମୀକ୍ଷା ବୈଠକ

# ଯୋଜନା ଲୋକଙ୍କ ନିକଟରେ ପହଞ୍ଚାଇବାକୁ ଗୁରୁତ୍ୱ



ଢେଙ୍କାନାଳ, ୧୦।୬(ସମିସ): ଢେଙ୍କାନାଳ ଜିଲ୍ଲା ପ୍ରଭାରୀ ତଥା ରାଜ୍ୟ ସରକାରଙ୍କ ଶିକ୍ଷ ମନ୍ତ୍ରୀ ସମ୍ପଦଚନ୍ଦ୍ର ସ୍ୱାଇଁ ବିଜେପି ସରକାରଙ୍କ ଗୋଟିଏ ବର୍ଷ ପୂର୍ତ୍ତି ପାଳନ ଅବସରରେ ବିଭିନ୍ନ ଉନ୍ନୟନ ପ୍ରକଳ୍ପ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଲୋକମାନଙ୍କ ନିମନ୍ତେ ହେଉଥିବା ବିଭିନ୍ନ ଜନହିତକର କାର୍ଯ୍ୟର ସୁଫଳତାକୁ ଲୋକଙ୍କ ନିକଟରେ ପହଞ୍ଚାଇବାକୁ ମନ୍ତ୍ରୀ ଗୁରୁତ୍ୱ ପ୍ରଦାନ କରିଥିଲେ। ମଙ୍ଗଳବାର ପୂର୍ବାହ୍ନରେ ଜିଲ୍ଲାର ପ୍ରଭାରୀ ତଥା ଶିକ୍ଷ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର ମନ୍ତ୍ରୀ ସମ୍ପଦଚନ୍ଦ୍ର ସ୍ୱାଇଁ ଦିନିକିଆ ଢେଙ୍କାନାଳ ଜିଲ୍ଲା ଗସ୍ତରେ ଆସି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସଦଭାବନା ସଭାଗୃହଠାରେ ସମୀକ୍ଷା କରିଥିଲେ। ଜିଲ୍ଲାରେ ହାଇବ୍ରିଡ ଶୀତଳ ଭଣ୍ଡାର ନିର୍ମାଣ କରିବା ପାଇଁ ମାର୍ଗଦର୍ଶନ କରିଥିଲେ। ଅଦିନିଆ ବର୍ଷାରେ ନଷ୍ଟ ହୋଇଥିବା ଫସଲ ପାଇଁ ଚାଷୀ ମାନଙ୍କୁ କ୍ଷତିପୂରଣ ପ୍ରଦାନ ବାବଦରେ ଆଲୋଚନା କରିଥିଲେ। ଦୁଗ୍ଧ ଉତ୍ପାଦନ, ଗୋପାଳନ, ମତ୍ସ୍ୟ ଚାଷ ଉପରେ ଆଲୋକପାତ କରିଥିଲେ। ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ଓ ବୟୋବନ୍ଦନ ଯୋଜନାରେ ହିତାଧିକାରୀଙ୍କ କାର୍ଡ ବଣ୍ଟନ କ୍ଷେତ୍ରରେ ଜିଲ୍ଲାର ସଫଳତା ଉପରେ ଆଲୋଚନା କରିଥିଲେ। ଅନ୍ତୋଦୟ ଗୃହ ଯୋଜନାରେ ଘର ଯୋଗାଇଦେବା ସହ ଏହାର ହିତାଧିକାରୀ ଚୟନ ନିମନ୍ତେ ସଠିକ୍ ଉପାୟରେ ଭେରିଫିକେଶନ ପାଇଁ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନାରେ ଜିଲ୍ଲାର ସ୍କୁଲ୍‌କୁ ଅନ୍ତର୍ଭୁକ୍ତ କରାଯାଇ ଗୁଣାତ୍ମକ ଶିକ୍ଷା ସହ ମଡେଲ ସ୍କୁଲରେ ପରିଣତ କରାଯିବା ନେଇ ଆଲୋଚନା ହୋଇଥିଲା। ବୈଠକରେ ପିଏମଶ୍ରୀ, ସୁଭଦ୍ରା ଯୋଜନା, ପୋଷଣ ଅଭିଯାନ, ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମ, ଗ୍ରାମାଞ୍ଚଳ ବିଦ୍ୟୁତକରଣ, କ୍ରୀଡା ଭିତ୍ତିଭୂମି, ଦକ୍ଷତା ବିକାଶ ଏବଂ ଡିଜିଟାଲ ସଶକ୍ତିକରଣ ସମ୍ପର୍କରେ ମନ୍ତ୍ରୀ ପୁଙ୍ଖାନୁପୁଙ୍ଖ ସମୀକ୍ଷା କରିଥିଲେ। ନୂତନ ରାସନ୍ କାର୍ଡ ବଣ୍ଟନ ଦିଗରେ ତ୍ୱରିତ ପଦକ୍ଷେପ ନେବା ପାଇଁ ଉପଦେଶ ଦେଇଥିଲେ। ଟିପିସିଓଡିଏଲକୁ ମଧ୍ୟ ବିଭିନ୍ନ ଦିଗ ଉପରେ ଉପଦେଶ ଦିଆଯାଇଥିଲା। ଏହା ସହିତ ଜିଲ୍ଲାରେ ଶିକ୍ଷ କ୍ଷେତ୍ରରେ ଉନ୍ନତି ଓ ଏହା ଦ୍ୱାରା କିଭଳି ନିଯୁକ୍ତି ସୃଷ୍ଟି କରାଯାଇପାରିବ ସେ ବିଷୟରେ ମନ୍ତ୍ରୀ ଆଲୋଚନା କରିଥିଲେ। ଏହି ସମୀକ୍ଷା ବୈଠକ ଆରମ୍ଭରେ ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ ପ୍ରାକ ସୂଚନା ପ୍ରଦାନ କରିଥିଲେ। ପରେ ଜିଲ୍ଲାର ସମସ୍ତ ବିଭାଗୀୟ ଅଧିକାରୀମାନେ ନିଜ ନିଜ ବିଭାଗର କାର୍ଯ୍ୟକାରିତା ସମ୍ପର୍କରେ ମନ୍ତ୍ରୀଙ୍କୁ ଅବଗତ କରାଇଥିଲେ। ସାଂସଦ ରୁଦ୍ରନାରାୟଣ ପାଣି, କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା, ପରଜଙ୍ଗ ବିଧାୟକ ବିଭୂତି ଭୂଷଣ ପ୍ରଧାନ, ହିନ୍ଦୋଳବିଧାୟିକା ସୀମାରାଣୀ ନାୟକ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ବିଜ୍ଞାନ ଓ କାରିଗରୀ ବିଦ୍ୟା ବିଭାଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କ ପ୍ରତିନିଧି କୋଦଣ୍ଡ ଧର ସାହୁ, ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଅଭିନବ ସୋନକର, ବନଖଣ୍ଡ ଅଧିକରୀ ସୁମିତ କର, ସମସ୍ତ ବିଭାଗୀୟ ଜିଲ୍ଲାସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀଗଣ ଯୋଗ ଦେଇଥିଲେ।

## ନନ୍ଦିନୀଦେବୀ ଦୃଷ୍ଟିହୀନ ଓ ବଧିର ବିଦ୍ୟାଳୟରେ ଜୟନ୍ତୀ ପାଳିତ



ଢେଙ୍କାନାଳ,୧୦।୬(ସମିସ): ଢେଙ୍କାନାଳ ସହର ନିକଟସ୍ଥ ନନ୍ଦିନୀ ଦେବୀ ଦୃଷ୍ଟିହୀନ ଓ ବଧିର ବିଦ୍ୟାଳୟରେ ନନ୍ଦୀନୀ ଦେବୀଙ୍କ ୯୪ ତମ ଜନ୍ମଜୟନ୍ତୀ ଅବସରରେଏକ ଆଲୋଚନାଚକ୍ର ଅନୁଷ୍ଠିତହୋଇଯାଇଛି। ନନ୍ଦିନୀ ଦେବୀଙ୍କ ନେତୃତ୍ୱ ଏବଂ କାର୍ଯ୍ୟଶୈଳୀ ଆଜି ବି ଲୋକମୁଖରେ ଚର୍ଚ୍ଚିତ। ଓଡିଶାବାସୀଙ୍କ ପାଇଁ ତାଙ୍କର ଦିଗ୍‌ଦର୍ଶନ ଅବିସ୍ମରଣୀୟ ବୋଲି ମୁଖ୍ୟଅତିଥି ଭାବେ ଯୋଗଦେଇ ଢେଙ୍କାନାଳ ବନଖଣ୍ଡ ଅଧିକାରୀ ସୁମିତ୍ କୁମାର କର ମତବ୍ୟକ୍ତ କରିଛନ୍ତି। ଏହି ଅବସରରେ ନନ୍ଦିନୀ ଦେବୀଙ୍କ ନୂତନ ପ୍ରତିକୃତିରେ ଅକ୍ଷମ କଲ୍ୟାଣ ସମିତିର ସଭାପତି ପ୍ରଦ୍ୟୁମ୍ନ ରଥ ମାଲ୍ୟାର୍ପଣ କରିଥିଲେ। ଡ. ଧିରେନ୍ଦ୍ର କୁମାର ଷଡଙ୍ଗୀଙ୍କ ରଚିତ ତ୍ରିଭାଷୀ ବ୍ରେଲି ବର୍ଣ୍ଣବୋଧ ପୁସ୍ତକ ଏବଂ ଦୃଷ୍ଟିହୀନ ଶିଶୁଙ୍କ ଲାଳନପାଳନ ଓ ବୌଦ୍ଧିକ ବିକାଶ ଶୀର୍ଷକ ୨ଟି ପୁସ୍ତକକୁ ମୁଖ୍ୟଅତିଥି ଡିଏଫଓ ସୁମିତ୍ କୁମାର କର ଲୋକାର୍ପଣ କରିଥିଲେ। ସଭାରେ ଅଧ୍ୟକ୍ଷତା କରି ଅକ୍ଷମ କଲ୍ୟାଣ ସମିତିର ସଭାପତି ପ୍ରଦ୍ୟୁମ୍ନ ରଥ ଢେଙ୍କାନାଳର ଶିକ୍ଷା, ଶିଳ୍ପ ଓ କୃଷି କ୍ଷେତ୍ରରେ ନନ୍ଦିନୀ ଦେବୀଙ୍କ ଅବଦାନ ସ୍ମରଣ କରିଥିଲେ। ଢେଙ୍କାନାଳରେ ମହିଳା ମହାବିଦ୍ୟାଳୟ, ଷ୍ଟାଡିୟମ୍, ଉପଗ୍ରହ ପ୍ରସାରିତ ଶିକ୍ଷା କାର୍ଯ୍ୟକ୍ରମ, ଗୋବିନ୍ଦପୁର ସୂତାକଲ, ସିମିନଇ କଳତନ୍ତ ଓ ଉତ୍କଳ ଆଜବେଷ୍ଟସ୍ ଆଦି ପ୍ରତିଷ୍ଠାରେ ନନ୍ଦିନୀ ଦେବୀ ଅଗ୍ରଦୂତ ଥିଲେ। ଆଲୋଚନା ଚକ୍ରରେ ଢେଙ୍କାନାଳ ବାର୍ ଆସୋସିଏସନର ଉପସଭାପତି ଟଙ୍କଧର ବେହେରା, ଢେଙ୍କାନାଳ ସାଂଧ୍ୟ ମହାବିଦ୍ୟାଳୟର ଅଧ୍ୟକ୍ଷ ଡଃ. ସମୀର ସାହୁ, ସମାଜବାଦୀ ନେତା ସରୋଜ ଶତପଥୀ, କବୟତ୍ରୀ ନିର୍ମଳା ମହାପାତ୍ର, ରାଜକୁମାର ରାଜୀବ ଲୋଚନ ସିଂହଦେଓ, ଆଇନ୍‌ଜୀବୀ କୃଷ୍ଣଚନ୍ଦ୍ର ଦ୍ୱିବେଦୀ, ପଦ୍ମଲୋଚନ ମହାପାତ୍ର, ପୂର୍ବତନ ପ୍ରଧାନଶିକ୍ଷକ ଦିବାକର ସାହୁ, ପ୍ରଧାନଶିକ୍ଷକ ମନୋଜ ପାଣିଗ୍ରାହୀ ଓ ଅକ୍ଷମ କଲ୍ୟାଣ ସମିତିର କୋଷାଧ୍ୟକ୍ଷ ମଳୟ ପାଣିଗ୍ରାହୀ ପ୍ରମୁଖ ଭାଗନେଇ ନନ୍ଦିନୀ ଦେବୀଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ପରିଚାଳନା କମିଟି ସଭ୍ୟ ଶରତ ସାହୁ ସଭା ସଂଯୋଜନା କରିଥିଲେ। ଦୃଷ୍ଟିହୀନ ବିଭାଗର ପ୍ରଧାନଶିକ୍ଷକ ମନୋଜ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ।

## ସଡ଼କ ସୁରକ୍ଷା ସଚେତନତା

ଭୁବନ, ୧୦।୬ (ସମିସ): ଭୁବନ ଥାନା ପକ୍ଷରୁ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବାଜିରାଉତ କଲ୍ୟାଣ ମଣ୍ଡପଠାରୁ ଏକ ରାଲି ବାହାରି କାଳୀବଜାର, ନୂଆବଜାର, ଦୁର୍ଗା ବଜାର, ଲକ୍ଷ୍ମୀ ବଜାର ଅଞ୍ଚଳରେ ବିଭିନ୍ନ ସ୍ଲୋଗାନ ଦେଇ ପଥଚାରୀଙ୍କୁ ସଚେତନ କରାଇଥିଲେ। ଥାନାଧିକାରୀ ଧୀରେନ ସ୍ୱାଇଁଙ୍କ ନେତୃତ୍ୱରେ ଜନସାଧାରଣଙ୍କୁ ରାସ୍ତାକଡ଼ରେ ବାଇକ୍ ନ ରଖିବା, ସହର ମଧ୍ୟରେ ଭାରୀଯାନ ନୋ-ଏଣ୍ଟ୍ରି ସମୟରେ ପ୍ରବେଶ ନ କରିବା, ବାଇକ୍‌ରେ ଯିବାଆସିବା ସମୟରେ ହେଲମେଟ ପିନ୍ଧିବା, କାର ଚଳାଇବା ବେଳେ ସିଟ ବେଲ୍ଟ ପିନ୍ଧିବା ଆଦି ବିଷୟରେ ସଚେତନ କରାଯାଇଥିଲା। ଏସ୍‌ଆଇ ସଞ୍ଜୟ କୁମାର ବେହେରା ହେଲମେଟ ପିନ୍ଧାଳିଙ୍କୁ ଗୋଲାପ ଫୁଲ ଦେଇ ସମ୍ମାନିତ କରିଥିଲେ।

## ଦେଶୀ ମଦ ସହ ୨ ଗିରଫ

ଗଁଦିଆ,୧୦।୬ (ସମିସ): ଗଁଦିଆ ଅବକାରୀ ଥାନାର ସବଇନ୍ସପେକ୍ଟର ରାଜେନ୍ଦ୍ର କୁମାର ସିଂଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ ବିଭିନ୍ନ ଜାଗାରେ ଚଢ଼ଉ କରି ୩୦ ଲିଟର ମହୁଲି ଜବତ କରିଛନ୍ତି। ଏହି ବେଆଇନ କାର୍ଯ୍ୟରେ



ଲିପ୍ତ ସମ୍ପୃକ୍ତ ୨ ଜଣଙ୍କୁ ଗିରଫ କରାଯିବା ସହ ଗୋଟିଏ ନଂ ନ ଥିବା ଗାଡ଼ି ଜବତ କରିଛନ୍ତି। ଗିରଫ ଅଭିଯୁକ୍ତମାନେ ହେଲେ ଭୁବନ ଥାନା ଅନ୍ତର୍ଗତ ରେଡଙ୍ଗ ଗ୍ରାମର ଦିଲ୍ଲୀପ ମଳିକ ଓ ଏକତାଳି ଗ୍ରାମର ଚନ୍ଦନ ବେହେରା। ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଥିବା ପ୍ରକାଶ।

## ଲନ୍ ଟେନିସ୍ ଚାମ୍ପିଅନ୍‌ସିପ୍ ଉଦ୍‌ଯାପିତ



ଢେଙ୍କାନାଳ,୧୦।୬ (ସମିସ): ଢେଙ୍କାନାଳ ଜିଲ୍ଲା ଲନ୍ ଟେନିସ୍ କ୍ଲବ୍ ଆନୁକୂଲ୍ୟରେ ପ୍ରଥମ ଢେଙ୍କାନାଳ ଆନ୍ତଃ ଜିଲ୍ଲା ଲନ୍ ଟେନିସ୍ ଚମ୍ପିଆନ୍‌ସିପ୍-୨୦୨୫ ଅନୁଷ୍ଠିତ ହୋଇଯାଇଛି। ଜୁନ୍ ୭ ଓ ୮ ଦୁଇଦିନ ବ୍ୟାପୀ ଅନୁଷ୍ଠିତ ଉକ୍ତ ପ୍ରତିଯୋଗିତାର ଉଦ୍‌ଘାଟନ ଉତ୍ସବରେ ମୁଖ୍ୟଅତିଥି ଜିଲ୍ଲା ଲନ୍‌ଟେନିସ୍ ଆସୋସିଏସନ୍ ସଭାପତି ତଥା ଢେଙ୍କାନାଳ ଜିଲ୍ଲା କ୍ରୀଡା ସଂଘ ସଭାପତି ନଳିନୀ ଦାସ, ମୁଖ୍ୟବକ୍ତା ଭାବେ ଶିଳ୍ପପତି ତଥା ବିଶିଷ୍ଟ ବ୍ୟବସାୟୀ ଜୟକାନ୍ତ ଦାସ, ସମ୍ମାନିତ ଅତିଥି ଭାବେ ଜିଲ୍ଲା କ୍ରୀଡା ସଂଘ ସମ୍ପାଦକ ସଂଜୟ କୁମାର ଭଞ୍ଜ ପ୍ରମୁଖ ଯୋଗଦାନ କରିଥିଲେ। ପ୍ରତିଯୋଗିତାରେ ୮ଟି ଯୁଗଳ ଦଳ ଓ ୧୬ଜଣ ଏକକ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ପୁରୁଷ ଏକକ ପ୍ରତିଯୋଗିତାରେ ସେହେନବାଜ ଅଖତର ଚମ୍ପିଆନ୍ ଓ ମଳୟ ପଟ୍ଟନାୟକ ରନର୍ସ-ଅପ୍ ହୋଇଥିଲେ। ପୁରୁଷ ଯୁଗଳ ପ୍ରତିଯୋଗିତାରେ ସେହେନବାଜ ଅଖତର ଓ ମଳୟ ପଟ୍ଟନାୟକଙ୍କ ଯୋଡି ଚାମ୍ପିଅନ୍ ଓ ସୁଧାଂଶୁ ଶେଖର ପଣ୍ଡା ଓ ଅଟଳ ବିହାରୀ ନାଥଙ୍କ ଯୋଡି ରନର୍ସଅପ୍ ହୋଇଥିଲେ। ସେହିପରି ପ୍ରଦର୍ଶନୀ ମ୍ୟାଚ୍‌ରେ ଅତିରିକ୍ତ ଜିଲ୍ଲାପାଳ ରମେଶଚନ୍ଦ୍ର ସେଠୀ ଓ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୂର୍ଯ୍ୟମଣୀ ପ୍ରଧାନଙ୍କ ଯୋଡି ରନର୍ସଅପ୍, ଭେଟେରାନ୍ ଖେଳାଳୀ ମନୋଜ କୁମାର ପଟ୍ଟନାୟକ ଓ ପ୍ରଶାନ୍ତଙ୍କ ଯୋଡି ଚମ୍ପିଆନ୍ ହୋଇଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଅଭିନବ ସୋନକର, ମୁଖ୍ୟବକ୍ତା ଜିଲ୍ଲା ବନଖଣ୍ଡ ଅଧିକାରୀ ସୁମିତ୍ କର ପ୍ରମୁଖ ଯୋଗଦାନ କରି ପୁରସ୍କାର ବିତରଣ କରିଥିଲେ। ଜିଲ୍ଲା କ୍ରୀଡା ସଂଘର କର୍ମକର୍ତା ତଥା ପ୍ରିୟବ୍ରତ ମହାପାତ୍ର, ବିପିନ ବିହାରୀ ସିଂ, ଉମାକାନ୍ତ ପୃଷ୍ଟି, କିଷାନ୍ ହିନ୍ଦୋଚା, ଚିତରଞ୍ଜନ ରାଉତ, ମହମ୍ମଦ ସାକୀର, ମିଲନ୍ ସିଂ, ଦୀପକ ଦଳେଇ, ସୁଭ୍ରାଂଶୁ ଦଳେଇ ପ୍ରମୁଖ ସକ୍ରୀୟ ସହଯୋଗ କରିଥିଲେ।

## ପୂର୍ବତନ ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀଙ୍କୁ ଶ୍ରଦ୍ଧାଞ୍ଜଳି

ଗଁଦିଆ,୧୦।୬(ସମିସ): ଓଡ଼ିଆ ସାହିତ୍ୟର ସୁପ୍ରତିଷ୍ଠିତ ଲେଖିକା, ବିଶିଷ୍ଟ ନାରୀନେତ୍ରୀ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ପୂର୍ବତନ ମୁଖ୍ୟ ମନ୍ତ୍ରୀ ନନ୍ଦିନୀ ଶତପଥୀଙ୍କୁ ତାଙ୍କ ଜୟନ୍ତୀରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ଶତପଥୀ ଜଣେ ମହାନ୍ ରାଜ ନେତ୍ରୀ ଭାବେ କେବଳ ଓଡ଼ିଶାରେ ନୁହନ୍ତି ସମଗ୍ର ଭାରତରେ ସୁପ୍ରତିଷ୍ଠିତ ହୋଇଥିଲେ। କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ ସମୟରେ କାର୍ଯ୍ୟକ୍ରମ



ମାଧ୍ୟମରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ଅତ୍ୟନ୍ତ ଘନିଷ୍ଠ ସହଯୋଗୀ ହୋଇପାରିଥିଲେ। ତାଙ୍କ ଜୟନ୍ତୀରେ ଜାତୀୟ ପୁରସ୍କାର ପ୍ରାପ୍ତ ଶିକ୍ଷକ ଫୋରମ୍ ଓଡ଼ିଶା ର ସଭାପତି ପ୍ରକୃତି ବନ୍ଧୁ ହରିହର ସାହୁଙ୍କ ସହିତ ସମସ୍ତ ଓଡ଼ିଶାର ଜାତୀୟ ପୁରସ୍କାରପ୍ରାପ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଭକ୍ତିପୂତ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିବା ସହିତ ମହାନ୍ ଆତ୍ମାଙ୍କ ଅମ୍ଳାନ ସ୍ମୃତି ପାରିଛନ୍ତି।

## ଆମ ପ୍ରତିଭା ଆମ ସମ୍ମାନ ପକ୍ଷରୁ ନନ୍ଦିନୀଦେବୀ ଜୟନ୍ତୀ



ଢେଙ୍କାନାଳ,୧୦।୬(ସମିସ): ଢେଙ୍କାନାଳ ସହରର ଏକ ଅଗ୍ରଣୀ ସାମାଜିକ ଅନୁଷ୍ଠାନ ଆମ ପ୍ରତିଭା ଆମ ସମ୍ମାନ ପକ୍ଷରୁ ନନ୍ଦିନୀ ଶତପଥିଙ୍କ ୯୪ ତମ ଜନ୍ମଜୟନ୍ତୀ ପାଳନ କରାଯାଇଛି। ସକାଳେ ନନ୍ଦିନୀ ଦେବୀଙ୍କ ପ୍ରତିମୂର୍ତ୍ତୀରେ ମାଲ୍ୟର୍ପଣ କରାଯିବା ପରେ ଏକ ଶ୍ରଦ୍ଧାଞ୍ଜଳି ସଭା ସ୍ଥାନୀୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ପ୍ରତିଷ୍ଠାତା ତଥା ପୂର୍ବତନ ସାଂସଦ ମହେଶ ସାହୁ ଏଥିରେ ବକ୍ତବ୍ୟ ରଖିଥିଲେ। ନନ୍ଦିନୀ ଦେବୀ କେନ୍ଦ୍ରରେ ସୂଚନା ପ୍ରସାରଣ ବିଭାଗ ମନ୍ତ୍ରୀ ଥିବାବେଳେ ଅନେକ ସଂସ୍କାର ମୂଳକ କାର୍ଯ୍ୟ କରି ନିଜକୁ ପରିଚିତ କରିଥିଲେ। ପରବର୍ତ୍ତୀ ସମୟରେ ସ୍ୱର୍ଗତା ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ପରାମର୍ଶରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଦାୟିତ୍ୱ ଗ୍ରହଣ କରିଥିଲେ। ଅନୁଷ୍ଠାନର ସଦସ୍ୟ ସଦାନନ୍ଦ ସେଠି, ସଦାଶିବ ମହାପାତ୍ର, ବିମଳ ଶତପଥି, ପ୍ରତାପ ଦାସ, ବାଦଲ ପଟ୍ଟନାୟକ, ଜିତେନ୍ଦ୍ର ପଟ୍ଟନାୟକ, ଶେଖର ସେଠି, ବିଶ୍ୱଜିତ ସାହୁ, କୁନା, ଦୁଷ୍ମନ୍ତ ମହାନ୍ତି, ସୂର୍ଯ୍ୟାଂଶୁ ଶେଖର ରାଉତ, ବିଶ୍ୱଜିତ୍ ବେହେରା ପ୍ରମୁଖଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ରହି ନନ୍ଦିନୀ ଦେବୀଙ୍କ ଫଟୋ ଚିତ୍ରରେ ପୁଷ୍ପାଞ୍ଜଳି ପ୍ରଦାନ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।

## ଏକୁଲରେ ଆର୍ଥିକ ସାକ୍ଷରତା ଶିବିର



କଙ୍କଡ଼ାହାଡ଼, ୧୦।୫(ସମିସ): କଙ୍କଡାହାଡ ପଞ୍ଚାୟତସମିତି ତରଫରୁ ଏକୁଲ ପ୍ରାଥମିକ ବିଦ୍ୟାଳୟରେ ପ୍ରଥମ ଆର୍ଥିକ ସାକ୍ଷରତା ଶିବିର ଅନୁଷ୍ଠିତ ହୋଇଯାଇଛି। କଙ୍କଡ଼ାହାଡ଼ ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ନିର୍ଦ୍ଦେଶନାନୁସାରେ ପ୍ରଥମ ଆର୍ଥିକ ସାକ୍ଷରତା କାର୍ଯ୍ୟକ୍ରମରେ ୧୮ରୁ ୬୦ ବୟସର ଅନେକ ସ୍ଥାନୀୟ ଲୋକ, ଆଶା କାର୍ଯ୍ୟକର୍ତ୍ତା, ଅଙ୍ଗନବାଡ଼ି କାର୍ଯ୍ୟକର୍ତ୍ତା ଓ ସହାୟିକା, ଶିକ୍ଷକ ଓ ଅନ୍ୟାନ୍ୟ ସଭ୍ୟମାନେ ଉପସ୍ଥିତ ଥିଲେ। ଏହି ଶିବିର ପଞ୍ଚାୟତସମିତି କଙ୍କଡାହାଡ ତଥା ଏୟାରଟେଲ ବ୍ୟାଙ୍କ ଓ ପିରାମଲ ଫାଉଣ୍ଡେସନର ସହଯୋଗରେ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଭାବରେ ଗ୍ରାମବାସୀଙ୍କୁ ବ୍ୟାଙ୍କିଂ ବ୍ୟବସ୍ଥା, ବ୍ୟାଙ୍କ ଖାତା ଖୋଲିବା ଓ ବ୍ୟାଙ୍କିଂ ସୁବିଧାଗୁଡ଼ିକୁ ସିଧାସଳଖ ଉପଲବ୍ଧ କରାଇବା ବୋଲି ଜଣାପଡିଛି।


## ମହିମାଗାଦିରେ ଦୁଇ ସାଧୁ ସମାଜକୁ ଭେଟିଲେ ଯୋଗାଣ ମନ୍ତ୍ରୀ

## ମହିମାଗାଦି ବ୍ଲକ ଗଠନ ପାଇଁ ନିବେଦନ

ଗଁଦିଆ,୧୦।୬(ସମିସ): ଢେଙ୍କାନାଳ ଜିଲ୍ଲା ବିଶ୍ୱପ୍ରସିଦ୍ଧ ଯୋରନ୍ଦା ମହିମାଗାଦିର ବିକାଶକୁ ସରକାର ଗୁରୁତ୍ୱ ଦେଉଥିବା ବେଳେ ଢେଙ୍କାନାଳ ବିଧାୟକ ତଥା ରାଜ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ମହିମା ଗାଦିର ଉଭୟ ବଳ୍କଳଧାରୀ ଓ କୌ÷ପୀନଧାରୀ ସମାଜର ବରିଷ୍ଠ ସନ୍ନ୍ୟାସୀଙ୍କ ସହ ପୃଥକ ଭାବେ ଆଲୋଚନା କରିଛନ୍ତି। ମହିମାଗାଦିର ବିକାଶକୁ ଆଉ ରୋକି ହେବନାହିଁ ବୋଲି ମନ୍ତ୍ରୀ ଏହି ଅବସରରେ କହିଥିଲେ। ମୁଖ୍ୟମନ୍ତ୍ରୀ ନିଜେ ମହିମାଗାଦିର ସନ୍ନ୍ୟାସୀମାନଙ୍କ ସହ ଆଲୋଚନା କରି କାର୍ଯ୍ୟ କିପରି ସୁରୁଖୁରୁରେ ହେବ ସେଥିପାଇଁ ବାର୍ତ୍ତା ଦେଇଛନ୍ତି। ତେଣୁ ଉଭୟ ପକ୍ଷର ସାଧୁସନ୍ଥଙ୍କ ମଧ୍ୟରେ ଥିବା ବିଭିନ୍ନ ମନାନ୍ତରକୁ ଭୁଲି ବିକାଶରେ ପ୍ରତିବନ୍ଧକ ସାଜୁଥିବା ମାମଲାଗୁଡ଼ିକର ଆପୋସ ସମାଧାନ ପାଇଁ ଅଦାଲତରୁ ମାମଲାଗୁଡ଼ିକୁ ଉଠାଇବା ପାଇଁ ମନ୍ତ୍ରୀ ନିବେଦନ କରିଥିଲେ। ବୈଠକରେ ଯୋରନ୍ଦା ସରପଞ୍ଚ ଆରତୀ ନାୟକ, ମନ୍ତ୍ରୀଙ୍କ ଗଁଦିଆ ବ୍ଲକ ପ୍ରତିନିଧି ରତିକାନ୍ତ ସାହୁ, ବଳ୍କଳଧାରୀ ମହିମା ସମାଜ ସଭାପତି ଶୁକଦେବ ବାବା, ସମ୍ପାଦକ ନିତ୍ୟାନନ୍ଦ ବାବା, ସହ ସମ୍ପାଦକ ସାଧୁ ଅନାମ ଦାସ, ବରିଷ୍ଠ ସଭ୍ୟ ସୁବ୍ରତ ବାବା, ଦୀନବନ୍ଧୁ ବାବା, ପ୍ରଫୁଲ୍ଲ ବାବା, ବିଶ୍ୱାନନ୍ଦ, କୌପୀନଧାରୀ ମହିମା ସମାଜ ସଭାପତି ରଘୁନାଥ ବାବା, ସମ୍ପାଦକ ସୁଶାନ୍ତ ବାବା, ବରିଷ୍ଠ ସଭ୍ୟ ଆଦିକନ୍ଦ ବାବା, ଅରୂପ ବାବା ପ୍ରମୁଖ ଉପସ୍ଥିତ ରହି ମତାମତ ପ୍ରଦାନ କରିଥିଲେ। ମହିମାଗାଦି ଆଞ୍ଚଳିକ ବିକାଶ ପରିଷଦ ପକ୍ଷରୁ ବରିଷ୍ଠ ସଭ୍ୟ ରାଜେନ୍ଦ୍ର ପତି, ଅମରେନ୍ଦ୍ର ମଲ୍ଲ, ପୀତବାସ ରାଉତ, ପ୍ରକାଶ ରାଉତ, ଶରତ ରାଉତ, ବେଣୁଧର ପାତ୍ର, ପଞ୍ଚାନନ ସ୍ୱାଇଁ, ନିରଞ୍ଜନ ପତି, ସୁଧାଂଶୁ ଶେଖର ରାଉତ, ଶ୍ୟାମସୁନ୍ଦର ସ୍ୱାଇଁ, ବିପିନ ନାୟକ, ଆନନ ମହାନ୍ତି, ସୁଧାକର ସାହୁ, ସର୍ବେଶ୍ୱର ନାୟକ, ଅଶୋକ ପାତ୍ର, ଶରତ ପ୍ରଧାନ, ହେମନ୍ତ ରାଉଳ, ସଞ୍ଜୀବ ସାମଲ, ପ୍ରହଲ୍ଲାଦ ସାହୁ, ସାରଙ୍ଗଧର ରାଉତ, ଅଜୟ ମହାନ୍ତି, ପ୍ରଶାନ୍ତ ବେହେରା, ରବି ନାଥ ପ୍ରମୁଖ ମନ୍ତ୍ରୀ ପାତ୍ରଙ୍କୁ ମହିମାଗାଦି ବିକାଶ ପାଇଁ ସରକାର ୧୭୧ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ମଞ୍ଜୁର କରିଥିବାରୁ ଧନ୍ୟବାଦ ଦେବା ସହ ସମ୍ବର୍ଦ୍ଧିତ କରିଥିଲେ। ଏହାସହ ନୂତନ ମହିମା ଗାଦି ବ୍ଲକ ଗଠନ ପାଇଁ ପରିଷଦ ପକ୍ଷରୁ ମନ୍ତ୍ରୀଙ୍କୁ ନିବେଦନ କରାଯାଇଥିଲା।

## ପରଜଙ୍ଗ ବ୍ଲକ ଡ୍ରାଇଭର ସଂଘ ପକ୍ଷରୁ ଦାବିପତ୍ର

ପରଜଙ୍ଗ, ୧୦।୬ (ସମିସ): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ଓଡ଼ିଶା ଡ୍ରାଇଭର ସଙ୍ଘ ପକ୍ଷରୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଓଡ଼ିଶା ମୋଟର ଟ୍ରାନ୍ସପୋର୍ଟରେ ଅଟୋ ଡ୍ରାଇଭରଙ୍କୁ ସାମିଲ କରିବା, ବିଭିନ୍ନ ସମୟରେ ଡ୍ରାଇଭରମାନେ ଅନ୍ୟମାନଙ୍କର ଆକ୍ରୋଶର ଶିକାର ହେଉଥିବାରୁ ଡ୍ରାଇଭରମାନଙ୍କ ସୁରକ୍ଷା ପାଇଁ ସ୍ୱତନ୍ତ୍ର ଆଇନ ତିଆରି କରିବା, ବୃତ୍ତିଗତ ଡ୍ରାଇଭର ମାନଙ୍କର ୬୦ ବର୍ଷ ଅତିବାହିତ ପରେ ସ୍ୱତନ୍ତ୍ର ଭତ୍ତା ପ୍ରଦାନ କରିବା, ଗାଡ଼ି



ପାର୍କିଂ, ସେପ୍ଟେମ୍ବର ୧ ତାରିଖକୁ ଜାତୀୟ ଡ୍ରାଇଭର ଦିବସ ପାଳନ କରିବା ପାଇଁ ମାନ୍ୟତା ପ୍ରଦାନ କରିବା ଭଳି ଦାବି ରହିଛି। ଡ୍ରାଇଭରଙ୍କ ସମସ୍ୟା ପ୍ରତି ସରକାର ଯଦି କୌଣସି ସମାଧାନର ପନ୍ଥା ଅବଲମ୍ବନ ନକରନ୍ତି ତେବେ ଆସନ୍ତା ଜୁଲାଇ ୮ ତାରିଖଠାରୁ ଅନିର୍ଦ୍ଦିଷ୍ଟ ପାଇଁ ସମସ୍ତ ଡ୍ରାଇଭର ଷ୍ଟିୟରିଙ୍ଗ ଛାଡ଼ ଆନ୍ଦୋଳନ କରିବାକୁ ଚେତାବନୀ ଦେଇଛନ୍ତି। ପରଜଙ୍ଗ ବ୍ଲକ ଡ୍ରାଇଭର ସଂଘର ସଭାପତି ସନ୍ତୋଷ ବର୍ମା, ସମ୍ପାଦକ ସର୍ବେଶ୍ୱର ସାହୁ, କୋଷାଧ୍ୟକ୍ଷ ମନୋରଞ୍ଜନ ସାହୁ, ବ୍ଲକ କାର୍ଯ୍ୟକାରୀ ସଭ୍ୟ କମଳ କିଶୋର ସାହୁ, ବାଲ୍ମିକୀ ସାହୁଙ୍କ ନେତୃତ୍ୱରେ ବ୍ଲକର ପ୍ରତ୍ୟେକ ପଞ୍ଚାୟତ ଡ୍ରାଇଭର ସଂଘର ସଦସ୍ୟଙ୍କ ସହଯୋଗରେ ଥାନାଧିକାରୀ, ତହସିଲଦାର, ବ୍ଲକ ବିଡ଼ିଓ, ପରଜଙ୍ଗ ସାମ୍ବାଦିକ ସଂଘ, ବ୍ଲକ ଅଧ୍ୟକ୍ଷା, ଓକିଲ ସଂଘ, ସମସ୍ତ ଫାଣ୍ଡି ଅଧିକାରୀ, ସମସ୍ତ ନିର୍ବାଚିତ ଜନପ୍ରତିନିଧିଙ୍କୁ ଦାବିପତ୍ର ପ୍ରଦାନ କରିଥିବା ବ୍ଲକ ଡ୍ରାଇଭର ସଙ୍ଘ ସୂଚନା ଦେଇଛନ୍ତି।

## ଅଭିନୟ ଫାଉଣ୍ଡେସନ ତରଫରୁ ଓଡ଼ିଶୀ ଓ ସମ୍ବଲପୁରୀ ନୃତ୍ୟ ଶିବିର



ଢେଙ୍କାନାଳ, ୧୦।୬(ସମିସ): ଢେଙ୍କାନାଳ ସହର ନିକଟସ୍ଥ ଶ୍ୟାମଚରଣପୁରଠାରେ ନୃତ୍ୟ ସଙ୍ଗୀତ ଅନୁଷ୍ଠାନ ଅଭିନୟ ଫାଉଣ୍ଡେସନ୍ ପକ୍ଷରୁ ଓଡ଼ିଶୀ ନୃତ୍ୟ ଓ ସମ୍ବଲପୁରୀ ନୃତ୍ୟ ଉପରେ ଖରାଦିନିଆ ଶିବିର ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ଦିବସ ଅବସରରେ ବରିଷ୍ଠ ଚିତ୍ରଶିଳ୍ପୀ ତଥା ନାଟ୍ୟକାର ଶିଳ୍ପୀ ପରେଶ ପଟ୍ଟନାୟକ ମୁଖ୍ୟଅତିଥି ଏବଂ ଆଦର୍ଶ ଚ୍ୟାନେଲ୍‌ର ସଭାପତି ସୁଶାନ୍ତ ପାଣି, ବିଜ୍ଞାନ ମହାନ୍ତି ପ୍ରଭୃତି ସମ୍ମାନିତ ଅତିଥି ଭାବରେ ଯୋଗଦାନ କରିଥିଲେ। ୮ ଦିନ ବ୍ୟାପୀ କାର୍ଯ୍ୟକ୍ରମରେ ଭୁବନେଶ୍ୱରରୁ ଆସିଥିବା ବିଶିଷ୍ଟ ଓଡ଼ିଶୀ ନୃତ୍ୟ ଶିଳ୍ପୀ ଗୁରୁ ରଘୁନାଥ ପ୍ରଧାନ ଓ ଅନୁଷ୍ଠାନର ଓଡ଼ିଶୀ ନୃତ୍ୟ ଗୁରୁ ଶୁଚିସ୍ମିତା ମାନା, ଓଡ଼ିଶୀ ମର୍ଦ୍ଦଳ ବାଦକ ଗୁରୁ ଆଲୋକ ରଂଜନ ଦାସ ପିଲାମାନଙ୍କୁ ଓଡିଶୀ ଓ ସମ୍ବଲପୁରୀ ନୃତ୍ୟର ବ୍ୟାୟାମ ବା ଭଙ୍ଗୀ, ଚଉକ, ତ୍ରିଭଙ୍ଗି, ବେସିକ୍, ମୁଦ୍ରା ଓ ଭଙ୍ଗି ଆଦି ଶିଖାଇଥିଲେ। ଉଦ୍‌ଯାପନୀ ଦିବସ ଅବସରରେ ମୁଖ୍ୟଅତିଥି ଭାବରେ ଶିଳ୍ପୀ ପରେଶ ପଟ୍ଟନାୟକ, ସମ୍ମାନିତ ଅତିଥି ନାଟ୍ୟ ଅଭିନେତା ତଥା ହାସ୍ୟ କବି ଶତ୍ରୁଘ୍ନ ମାଟି ଯୋଗଦାନ କରିଥିଲେ। ଓଡ଼ିଶୀ ନୃତ୍ୟଗୁରୁ ଅଭିନୟ ଫାଉଣ୍ଡେସନ୍ ପରିବାରର ଗୁରୁ ଆଲୋକ ରଂଜନ ଦାସ ଶିବିର ପରିଚାଳନା କରିଥିଲେ। ସହସମ୍ପାଦିକା ଗୁରୁ ରଶ୍ମିତା ପଟେଲ ଓ ସଭାପତି ଗୁରୁ ଶୁଚିସ୍ମିତା ମାନାଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ସମ୍ପାଦିତ ହୋଇଥିଲା। ସମ୍ପାଦିକା ଗୁରୁ ରଶ୍ମିତା ପଟେଲ ଧନ୍ୟବାଦ ଦେଇଥିଲେ। ଫାଉଣ୍ଡେସନ୍‌ର ସରିତା ମାନା, ଅବନ୍ତିକା ସାହୁ, ସସ୍ମିତା ସରକାର, ଦୀପକ ବାବୁ, ଓମ୍ ସହଯୋଗ କରିଥିଲେ।

### ରାଜ୍ୟ ବିଜେପି ସରକାରଙ୍କ ପ୍ରଥମ ବର୍ଷପୂର୍ତ୍ତି

# ୨୦୨୬ ସୁଦ୍ଧା ୯୦% ଲୋକଙ୍କୁ ପାଇପ ଯୋଗେ ପାନୀୟ ଜଳ: ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର,୧୦।୬(ସମିସ): ଆସନ୍ତାକାଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ରାଜ୍ୟ ବିଜେପି ସରକାରଙ୍କୁ ଶାସନର ପ୍ରଥମ ବର୍ଷ ପୂର୍ତ୍ତି ହେବାକୁ ଯାଉଛି। ଏହାର ଅବ୍ୟବହିତ ପୂର୍ବରୁ ମୁଖ୍ୟମନ୍ତ୍ରୀ ସ୍ଥାନୀୟ ଗୀତଗୋବିନ୍ଦ ସଦନରେ ଏକ ସାମ୍ବାଦିକ ସମ୍ମିଳନୀରେ ନିଜ ସରକାରଙ୍କ ସଫଳତା ବଖାଣିଛନ୍ତି। ମୁଖ୍ୟମନ୍ତ୍ରୀ ବିଗତ ଏକବର୍ଷରେ ରାଜ୍ୟ ସରକାରଙ୍କ ସଫଳତା ଓ ୧୧ ବର୍ଷର କେନ୍ଦ୍ର ସରକାରଙ୍କ ସଫଳତା ସମ୍ପର୍କରେ ଉଲ୍ଲେଖ କରିବା ସହ ଆଗାମୀ ଦିନର ରୋଡମ୍ୟାପ ସମ୍ପର୍କରେ ବିସ୍ତୃତ ତଥ୍ୟ ରଖିଛନ୍ତି। ଆମ ସରକାରର ପ୍ରଥମ ବର୍ଷରେ ମୋଟ ୨୧ଟି ପ୍ରତିଶ୍ରୁତିରୁ ୧୧ଟି ପ୍ରତିଶ୍ରୁତି ପୂରଣ କରିଛୁ। ୨୦୩୬ ସୁଦ୍ଧା ନିଶ୍ଚିତ ଭାବେ ଓଡ଼ିଶା ଦେଶର ସର୍ବଶ୍ରେଷ୍ଠ ୫ଟି ରାଜ୍ୟରେ ସ୍ଥାନ ପାଇବ ଏବଂ ଆମେ ଓଡ଼ିଶାକୁ ଏକ ୫୦୦ ନିୟୁତ ଆମେରିକୀୟ ଡଲାର ଅର୍ଥନୀତିରେ ପରିଣତ କରିବୁ। ୨୦୩୬ ସୁଦ୍ଧା ସମୃଦ୍ଧ ଓଡ଼ିଶା ଏବଂ ୨୦୪୭ ସୁଦ୍ଧା ପ୍ରଧାନମନ୍ତ୍ରୀଙ୍କ ପରିକଳ୍ପିତ ବିକଶିତ ଭାରତ ଗଢ଼ିବାରେ

## ୨୦୩୬ ସୁଦ୍ଧା ଶ୍ରେଷ୍ଠ ୫ ରାଜ୍ୟ ତାଲିକାରେ ରହିବ ଓଡ଼ିଶା

ଓଡ଼ିଶା ଏକ ମହତ୍ତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦରେ ଆମର ସବୁ ପ୍ରମୁଖ ପ୍ରତିଶ୍ରୁତିକୁ ଆମେ ପୂରଣ କରି ପାରିଛୁ। ଆମର ପ୍ରତ୍ୟେକ କାର୍ଯ୍ୟକ୍ରମ ପଛରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମାର୍ଗଦର୍ଶନ ରହିଛି। ଏହି ଉଦ୍ୟମ ଗତ ୧୨ ମାସରେ ନିରନ୍ତର ଭାବେ ଜାରି ରହିଛି ଏବଂ ଆମେ ପ୍ରାୟ ସବୁ ମୁଖ୍ୟ ପ୍ରତିଶ୍ରୁତି ପୂରଣ କରିବାରେ ସମର୍ଥ ହୋଇଛୁ। ମହିଳା ସଶକ୍ତିକରଣ ଦିଗରେ ୧୭ ଲକ୍ଷ ଲକ୍ଷପତି ଦିଦି ସୃଷ୍ଟିକରି ଭାରତ ବର୍ଷରେ ପ୍ରଥମ ହେବା, କୃଷି କ୍ଷେତ୍ରରେ ସମୃଦ୍ଧ କୃଷି ଯୋଜନା ସହିତ ରେକର୍ଡ ୩୭ ହଜାର ୮୩୮ କୋଟି ଟଙ୍କାର ପ୍ରାବଧାନ, ଶିକ୍ଷା କ୍ଷେତ୍ରରେ ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟର ପ୍ରତିଷ୍ଠା ତଥା ନୂତନ ଶିକ୍ଷା ନୀତିକୁ ଲାଗୁ କରିବା ଏବଂ ଏଥିରେ ଶିଶୁ ବାଟିକାକୁ ଲାଗୁ କରିବା, ସ୍ୱାସ୍ଥ୍ୟ କ୍ଷେତ୍ରରେ ଆୟୁଷ୍ମାନ ଭାରତ ଯୋଜନାକୁ ଲାଗୁ କରିବା, ଭିତ୍ତିଭୂମି ପାଇଁ ରେକର୍ଡ ୬୫,୧୦୨ କୋଟି ଟଙ୍କାର ପ୍ରାବଧାନ, ଜନଜାତି ଏବଂ ଅନୁସୂଚିତ ଜାତି କଲ୍ୟାଣ ପାଇଁ ୬୮ ହଜାର ୮୮୧ କୋଟି ଟଙ୍କା ପ୍ରାବଧାନ ଆମ ସରକାରଙ୍କ ନୀତି ଓ ନିୟତକୁ ଦର୍ଶାଉଛି। ୨୦୨୬ ସୁଦ୍ଧା ଆମେ ରାଜ୍ୟର ୯୦ ପ୍ରତିଶତ ଲୋକଙ୍କୁ ପାଇପ ଯୋଗେ ପାନୀୟ ଜଳ ଯୋଗାଇଦେବା ପାଇଁ ଉଦ୍ୟମ ଆରମ୍ଭ କରିଛୁ। ଏଥି ସହିତ ୫ ଲକ୍ଷ ଲୋକଙ୍କୁ ଅନ୍ତ୍ୟୋଦୟ ଗୃହ ଯୋଗାଇଦେବୁ। ଏକ ବର୍ଷ ମଧ୍ୟରେ ସରକାରୀ ସ୍ତରରେ ପ୍ରାୟ ୨୮ ହଜାର ନିଯୁକ୍ତି ଦେଇଛୁ। ଚଳିତ ବର୍ଷ ଆହୁରି ୪୦ ହଜାର ନିଯୁକ୍ତି ଦେବୁ। ଭିତ୍ତିଭୂମି କ୍ଷେତ୍ରରେ ରେଳ, ଜାତୀୟ ରାଜପଥ ଏବଂ ବିମାନ ସେବା ସବୁଥିରେ ଉନ୍ନତି ଆସିଛି ବୋଲଲି ମୁଖ୍ୟମନ୍ତ୍ରୀ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ଅପରପକ୍ଷେ ଖୁବଶୀଘ୍ର ରାଜ୍ୟରେ ଲୋକାୟୁକ୍ତ ନିଯୁକ୍ତି ହେବ ବୋଲି ସେ ମତବ୍ୟକ୍ତ କରିଛନ୍ତି।

# ସରକାରଙ୍କ ବିଫଳତା ଲୋକଙ୍କୁ ଜଣାଇବ ବିଜେଡି

## ■ ୧୩ରେ ଯାଜପୁରଠାରେ ମହିଳା ସମାବେଶ
## ■ ୧୮ ରେ ପୁରୀଠାରେ ଯୁବ ଓ ଛାତ୍ର ସମ୍ମିଳନୀ

ଭୁବନେଶ୍ୱର,୧୦।୬(ସମିସ): ବିଜୁ ଜନତା ଦଳ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ରାଜ୍ୟ ସରକାରଙ୍କ ବିଫଳତାକୁ ରାଜ୍ୟବାସୀଙ୍କ ସମ୍ମୁଖରେ ଦୃଢ଼ ଭାବେ ଉପସ୍ଥାପନ କରିବାକୁ ନିଷ୍ପତ୍ତି ନିଆଯାଇଛି। ବିଜେପି ସରକାରଙ୍କ ଗତ ଏକ ବର୍ଷରେ, ମହିଳା, ଯୁବ ଓ ଛାତ୍ର ମାନଙ୍କ ପ୍ରତି ହୋଇଥିବା ଅନ୍ୟାୟ ଅବିଚାରକୁ ବିରୋଧ କରି ବିଜେଡି ଆସନ୍ତା ୧୩ ତାରିଖରେ ଯାଜପୁରଠାରେ ମହିଳା ଓ ୧୮




ତାରିଖରେ ପୁରୀରେ ଯୁବ-ଛାତ୍ର ସମାବେଶ କରିବ ବୋଲି ଘୋଷଣା କରିଛି ବିଜେଡି।

ଶଙ୍ଖ ଭବନରେ ମଙ୍ଗଳବାର ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ଉପ ସଭାପତି ପ୍ରମିଳା ମଲ୍ଲିକ ଓ ଉପସଭାପତି ସଞ୍ଜୟ ଦାସବର୍ମା ବିଜେପି ସରକାର ମହିଳା, ଯୁବ ଛାତ୍ରଙ୍କୁ ଦେଇଥିବା ପ୍ରତିଶ୍ରୁତି ପାଳନରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି ବୋଲି କହିଛନ୍ତି। ଶ୍ରୀମତୀ ମଲ୍ଲିକ କହିଛନ୍ତି ଯେ ମହିଳାମାନଙ୍କ ସଶକ୍ତିକରଣ ପାଇଁ ବିଜୁ ପଟ୍ଟନାୟକ ପ୍ରଥମେ ପଞ୍ଚାୟତ ସ୍ତରରେ ୩୩ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା କରିଥିଲେ। ବିଜୁଙ୍କ ସୁପୁତ୍ର ନବୀନ ପଟ୍ଟନାୟକ ପରବର୍ତ୍ତୀ ସମୟରେ ଏହି ସଂରକ୍ଷଣକୁ ୫୦ପ୍ରତିଶତକୁ ବଢ଼ାଇଥିଲେ । ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ନବୀନ ପଟ୍ଟନାୟକ ଆରମ୍ଭ କରିଥିବା ମିଶନ ଶକ୍ତି ମାଧ୍ୟମରେ ରାଜ୍ୟର ପ୍ରାୟ ୭୦ଲକ୍ଷରୁ ଉଦ୍ଧ୍ୱର୍ ମହିଳା ସ୍ୱାବଲମ୍ବୀ କରିଥିଲେ। ରାଜ୍ୟ ସରକାରଙ୍କ ୨୦ଟି ବିଭାଗରେ ସେମାନଙ୍କୁ ବିଭିନ୍ନ କାର୍ଯ୍ୟ କରିବାର ସୁଯୋଗ ମିଳିଥିଲା। ବିଜେପି ସରକାର କ୍ଷମତାକୁ ଆସିବା ପରେ ସେସବୁ କାର୍ଯ୍ୟକୁ ବନ୍ଦ କରିବାକୁ ବସିଛନ୍ତି । ସୁଭଦ୍ରା ଯୋଜନାରେ ରାଜ୍ୟର ପ୍ରତ୍ୟେକ ମହିଳାଙ୍କୁ ଦୁଇ ବର୍ଷରେ ୫୦ ହଜାର ଟଙ୍କା ଦିଆଯିବ ବୋଲି ବିଜେପିର ପ୍ରତିଶ୍ରୁତି ମିଛ ବୋଲି ପ୍ରମାଣିତ ହୋଇଛି। ତେଣୁ ମହିଳା ମାନଙ୍କ ଉପରେ ଅନ୍ୟାୟ ଅତ୍ୟାଚାର ବିରୋଧରେ, ଆସନ୍ତା ୧୩ ତାରିଖରେ ଯାଜପୁରଠାରେ ଏକ ବିରାଟ ମହିଳା ସମ୍ମିଳନୀ କରାଯିବ ବୋଲି ଶ୍ରୀମତୀ ମଲ୍ଲିକ ସୂଚନା ଦେଇଛନ୍ତି।

ଶ୍ରୀ ଦାସବର୍ମା କହିଛନ୍ତି ଯେ ଏକ ବର୍ଷର ବିଜେପି ସରକାର ପ୍ରତିଶ୍ରୁତି ପୂରଣରେ ବିଫଳ ହୋଇଛି। ରାଜ୍ୟର ୧.୫ ଲକ୍ଷ ଯୁବକ ଯୁବତୀଙ୍କୁ ନିଯୁକ୍ତି ଦେବାର ବିଜେପିର ପ୍ରତିଶ୍ରୁତି ପାଣିର ଗାର ପାଲଟିଛି। ଏହି ଏକ ବର୍ଷରେ ରାଜ୍ୟରେ ବିଭିନ୍ନ ପଦବୀ ପାଇଁ ଅନୁଷ୍ଠିତ ହୋଇଥିବା ପରୀକ୍ଷାରେ ବିଭ୍ରାଟ ଦେଖିବାକୁ ମିଳିଛି। ଓଜେଏସ ପରୀକ୍ଷାରେ ପ୍ରଶ୍ନ ପତ୍ର ବିଭ୍ରାଟକୁ ନେଇ ସର୍ବୋଚ୍ଚ ନ୍ୟାୟାଳୟଙ୍କ ଟିପ୍ପଣୀ ରାଜ୍ୟ ସରକାରଙ୍କ ପାରିବାପଣିଆକୁ କାଠଗଡାରେ ଛିଡ଼ା କରିଛି। ସେହିପରି ଷ୍ଟାଫ ସିଲେକ୍ସନ, ଓପିଏସସିର ପରୀକ୍ଷାରେ ବିଭ୍ରାଟ ଦେଖିବାକୁ ମିଳିଛି।ଯାହା ଫଳରେ ଗତ ଏକ ବର୍ଷ ଭିତରେ ଗୋଟିଏ ବି ପରୀକ୍ଷା ତ୍ରୁଟିଶୂନ୍ୟ ଭାବରେ କରିବାରେ ସରକାର ସକ୍ଷମ ହୋଇ ପାରି ନାହାନ୍ତି। ଅପରପକ୍ଷରେ ଉଚ୍ଚ ଶିକ୍ଷା ପାଇଁ ପୂର୍ବ ସରକାରଙ୍କ ଦ୍ୱାରା ପ୍ରଦାନ କରା ଯାଉଥିବା ନୂଆ ଓ ଛାତ୍ରବୃତ୍ତିକୁ ମଧ୍ୟ ରାଜ୍ୟ ବିଜେପି ସରକାର ବାତିଲ କରି ଦେଇଛନ୍ତି । ରାଜ୍ୟର ଯୁବ ଛାତ୍ର ମାନଙ୍କୁ ନ୍ୟାୟ ପ୍ରଦାନରେ ବିଫଳ ହୋଇଥିବା ରାଜ୍ୟ ସରକାରଙ୍କ ବିରୋଧରେ ଏକ ବିରାଟ ସମ୍ମିଳନୀ ଆସନ୍ତା ୧୮ ତାରିଖରେ ପୁରୀ ଠାରେ ଅନୁଷ୍ଠିତ ହେବ ବୋଲି ଶ୍ରୀ ଦାସବର୍ମା ସୂଚନା ଦେଇଛନ୍ତି।

## ୬୦ ହୋମ୍‌ଗାର୍ଡ ପଦକୁ ୬୪୮୧ ଆବେଦନକାରୀ

କେସିଙ୍ଗା,୧୦।୬(ସମିସ): କଳାହାଣ୍ଡି ଜିଲ୍ଲାର ବିଭିନ୍ନ ଥାନାରେ ହୋମ୍‌ଗାର୍ଡ ପଦ ପୂରଣ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ କିଛି ଦିନ ତଳେ ବିଜ୍ଞପ୍ତି ପ୍ରକାଶ ପାଇଛି। ତେବେ ୬୦ଟି ପଦ ପାଇଁ ୬୪୮୧ ଆବେଦନ ଆସିଛି। ଭବାନୀପାଟଣା ଟାଉନ୍ ଥାନାରେ ୮ଟି ପଦ ପାଇଁ ୩୭୫, ଭବାନୀପାଟଣା ସଦର ଥାନାରେ ୬ଟି ପଦ ପାଇଁ ୭୯୪, କେସିଙ୍ଗା ଥାନାରେ ୯ଟି ପଦ ପାଇଁ ୮୩୪, ନର୍ଲା ଥାନାରେ ୭ଟି ପଦ ପାଇଁ ୫୬୭, ଲାଞ୍ଜିଗଡ଼ ଥାନାରେ ୩ଟି ପଦ ପାଇଁ ୬୮ ଜଣ ଆବେଦନ କରିଛନ୍ତି। ସେହିପରି ଜୁନାଗଡ଼ ଥାନାରେ ୯ଟି ପଦ ପାଇଁ ସର୍ବାଧିକ ୯୯୦, ଗୋଲାମୁଣ୍ଡା ଥାନାରେ ୨ଟି ପଦ ପାଇଁ ୩୧୩, କେଗାଆଁ ଥାନାରେ ୨ଟି ପଦ ପାଇଁ ୩୭୫, କୋକସରା ଥାନାରେ ଗୋଟିଏ ପଦ ପାଇଁ ୩୫୮, ଜୟପାଟଣା ଥାନାରେ ୫ ପଦ ପାଇଁ ୪୩୯, ଧର୍ମଗଡ଼ ଥାନାରେ ୮ଟି ପଦ ପାଇଁ ୪୬୦ ଜଣ ଆବେଦନ କରିଛନ୍ତି। ଅନ୍ୟପକ୍ଷେ କଲମପୁର ଅଞ୍ଚଳରୁ ୨୧୫, କର୍ଲାପାଟ ଅଞ୍ଚଳରୁ ୧୧, ଥୁଆମୂଳରାମପୁର ଅଞ୍ଚଳରୁ ୧୧୧, ବିଶ୍ୱନାଥପୁର ଅଞ୍ଚଳରୁ ୫୬, ବିଜେପୁର ଅଞ୍ଚଳରୁ ୧୮ ଏବଂ ଆମପାଣି ଅଞ୍ଚଳରୁ ୪୫ ଜଣ ଯୁବକଯୁବତୀ ଆବେଦନ କରିଛନ୍ତି। ଏଥିରେ ସମୁଦାୟ ୬୦୧ ଜଣ ମହିଳା ଆବେଦନକାରୀ ରହିଛନ୍ତି।


## ଏଆଇ କ୍ୟାମେରାରେ ପୁଣି ଧରାପଡ଼ିଲେ ୨ ଶିକାରୀ



ବାରିପଦା,୧୦।୬(ସମିସ): ଶିମିଳିପାଳ ଜାତୀୟ ଅଭୟାରଣ୍ୟରେ ଶିକାର ନିମନ୍ତେ ଅନୁପ୍ରବେଶ କରିଥିବା ୨ଜଣ ଶିକାରୀଙ୍କୁ ବନ ବିଭାଗ ଧରିବାରେ ସଫଳ ହୋଇଛି। ଶିକାରୀ ଦାଉରୁ ବନ୍ୟଜନ୍ତୁଙ୍କୁ ସୁରକ୍ଷା ନିମନ୍ତେ ଶିମିଳିପାଳ ଅଭୟାରଣ୍ୟ ମଧ୍ୟରେ ଖଞ୍ଜା ଯାଇଥିବା ଏଆଇ କ୍ୟାମେରାରେ ଉଭୟ ଶିକାରୀ ଧରାପଡ଼ିଛନ୍ତି। ଗିରଫ ଶିକାରୀଦ୍ୱୟ ହେଲେ ଶରତ ଥାନା ଅନ୍ତର୍ଗତ କାଶୀଝରଣ ଗ୍ରାମର ଜାନଡୋକ ସିଂ(୩୩) ଓ ଲାଦୁରା ସିଂ(୪୫)। ସେମାନଙ୍କ ନିକଟରୁ ଗୋଟିଏ ବନ୍ଧୁକ, ୧ଟି ଧନୁ, ୨ଟି ତୀର ଓ ଅନ୍ୟାନ୍ୟ ସରଞ୍ଜାମ ଜବତ କରାଯାଇଛି। ବନ୍ୟଜନ୍ତୁ ଶିକାର କରିବା ଉଦ୍ଦେଶ୍ୟରେ ୫/୬ ଜଣ ଦଳବଦ୍ଧ ହୋଇ ମାରଣାସ୍ତ୍ର ଧରି ଶିମିଳିପାଳ ଅଭୟାରଣ୍ୟର କୋର୍ ଅଞ୍ଚଳକୁ ପ୍ରବେଶ କରିଥିଲେ। ଯାହାକୁ ନେଇ ଏଆଇ କ୍ୟାମେରା ଯାଞ୍ଚ କରି ୨ ଜଣଙ୍କୁ ଧରିଛନ୍ତି। ଶିକାରୀଦ୍ୱୟଙ୍କୁ ଗିରଫ କରି ବିଭାଗ ପକ୍ଷରୁ ଏକ ମାମଲା ରୁଜୁ କରି କୋର୍ଟ ଚାଲାଣ କରାଯାଇଛି ବୋଲି ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ଦକ୍ଷିଣ ଉପ ନିର୍ଦ୍ଦେଶକ ସମ୍ରାଟ ଗୌଡ଼ା ସୂଚନା ଦେଇଛନ୍ତି।

# ବିଶ୍ୱ ବାଣିଜ୍ୟ

### ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)

- ଡଲାର ୮୫.୫୮
- ପାଉଣ୍ଡ ୧୧୫.୫୭
- ୟୁରୋ ୯୭.୮୨
- ୟେନ୍ ୦.୫୯

### ସୁନା, ରୁପା ଦର (ଟଙ୍କାରେ)




୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)

- ସୁନା: ୮୯,୫୦୦ (ଭୁବନେଶ୍ୱର)
- ରୁପା : ୧,୧୦,୪୦୦ (କେଜି)

### ଷ୍ଟକ୍ ମାର୍କେଟ୍

ବଜାର କାରବାର (ପଏଣ୍ଟରେ)

- ସେନ୍‌ସେକ୍ସ ୮୨,୩୯୧.୭୨
- ନିଫ୍ଟି ୨୫,୧୦୪.୨୫



### ପେଟ୍ରୋଲ-ଡିଜେଲ୍

ଲିଟର ପିଛା (ଟଙ୍କାରେ)

- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



### ଅର୍ଥମନ୍ତ୍ରୀଙ୍କ ନିର୍ଦ୍ଦେଶ

# ପଡ଼ି ରହିଥିବା ଟଙ୍କା ଶୀଘ୍ର ଫେରାନ୍ତୁ ବ୍ୟାଙ୍କ



## ବ୍ୟାଙ୍କରେ ପଡ଼ିରହିଛି ୭୮, ୨୧୩ କୋଟି ଟଙ୍କା
## କେୱାଇସି ସରଳୀକରଣର ଆବଶ୍ୟକତା ରହିଛି

ମୁମ୍ବାଇ, ୧୦।୬ (ଏଜେନ୍ସି): ବ୍ୟାଙ୍କରେ ପଡ଼ି ରହିଥିବା ଟଙ୍କାକୁ ସଠିକ୍ ହିତାଧିକାରୀଙ୍କ ପାଖରେ ପହଞ୍ଚାଇବା ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ନିୟାମକ ଏବଂ ବିଭାଗଗୁଡିକୁ ନିର୍ଦ୍ଦେଶ ଦେଇଛନ୍ତି ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ। ଆର୍ଥିକ ସ୍ଥିରତା ଏବଂ ବିକାଶ ପରିଷଦ (ଏଫଏସଡିସି)ର ୨୯ତମ ବୈଠକରେ ଅର୍ଥମନ୍ତ୍ରୀ ଏହା ଉପରେ ଜୋର ଦେଇଛନ୍ତି। ବ୍ୟାଙ୍କରେ ଥିବା ଜମାରାଶି ଫେରସ୍ତ ଲାଗି ଅର୍ଥମନ୍ତ୍ରୀ ନିୟାମକ ଏବଂ ବିଭାଗଗୁଡ଼ିକୁ ଜିଲ୍ଲାସ୍ତରରେ ସ୍ୱତନ୍ତ୍ର ଶିବିର ଆୟୋଜନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିରେ କୁହାଯାଇଛି ଯେ ଆରବିଆଇ, ସେବି, ଏମସିଏ, ପିଏଫଆରଡିଏ ଏବଂ ଆଇଆରଡିଏ ସହିତ ବ୍ୟାଙ୍କ, ପେନସନ ଏଜେନ୍ସି, ବୀମା କମ୍ପାନୀ ଇତ୍ୟାଦିଙ୍କ ସମନ୍ୱୟରେ ଏହି ଅଭିଯାନ ଚାଲିବ। ଆରବିଆଇର ସଦ୍ୟତମ ବାର୍ଷିକ ରିପୋର୍ଟ ଅନୁଯାୟୀ, ୨୦୨୪ ମାର୍ଚ୍ଚ ସୁଦ୍ଧା ବ୍ୟାଙ୍କଗୁଡ଼ିକରେ ଦାବିହୀନ ଜମା ୨୬ ପ୍ରତିଶତ ବୃଦ୍ଧି ପାଇଛି। ଏହା ୭୮, ୨୧୩ କୋଟିରେ ପହଞ୍ଚି ଯାଇଛି। ସେହି ସମୟରେ ଜମାକାରୀ ଶିକ୍ଷା ଏବଂ ସଚେତନତା ପାଣ୍ଠିର ପରିମାଣ ୬୨, ୨୨୫ କୋଟି ଟଙ୍କା ଥିଲା। ଏହା ସହିତ କେୱାଇସି ପ୍ରକ୍ରିୟାକୁ ଅଧିକ ସରଳ କରିବା ପାଇଁ ଏହି ପରିଷଦକୁ ଅର୍ଥ ମନ୍ତ୍ରାଳୟ ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷରେ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ସୋମବାର କେନ୍ଦ୍ର ସରକାରଙ୍କୁ ୮ ହଜାର କୋଟି ଟଙ୍କାର ଲାଭାଂଶ ପ୍ରଦାନ କରିଛି।

### ● ଝାରସୁଗୁଡ଼ାର ଲକ୍ଷଣପୁର ବ୍ଲକରେ ଭାରତ ମସଲା

# ଚାଷୀଙ୍କଠୁ କିଣିଲା ଦୁଇ ମେଟ୍ରିକ୍ ଟନ୍ ଶୁଖିଲା ଅଦା



କଟକ, ୧୦।୬ (ସମିସ): ଓଡ଼ିଶା ହେଉଛି କୃଷି ପ୍ରଧାନ ରାଜ୍ୟ । ଚାଷୀ ବିଭିନ୍ନ କୃଷିଜାତ ଦ୍ରବ୍ୟ ଉତ୍ପାଦନ କରି ସମୃଦ୍ଧ କରିଛି ରାଜ୍ୟକୁ। କିନ୍ତୁ ଚାଷୀ ଏଠି ପାଏନି ଉତ୍ପାଦିତ ଦ୍ରବ୍ୟର ଉଚିତ ମୂଲ୍ୟ।ଲାଭବାନ ହୁଅନ୍ତି ମିଡ଼ିଲ ମ୍ୟାନ। ଏଥିରେ ପରିବର୍ତ୍ତନ ଆଣିବାକୁ ଦେଶ ଓ ବିଦେଶରେ ସୁନାମ ଅର୍ଜନ କରିଥିବା ଭାରତ ମସଲା କମ୍ପାନୀ ସିଧାସଳଖ ପହଞ୍ଚିଥିଲା ଚାଷୀଙ୍କ ନିକଟରେ । କୃଷିକୁ ପ୍ରାଧାନ୍ୟ ଦେଇ କୃଷିଜାତ ଦ୍ରବ୍ୟକୁ ସିଧାସଳଖ କୃଷକ ମାନଙ୍କ ଠାରୁ କ୍ରୟ କରି ପରୋକ୍ଷରେ ପୂର୍ବରୁ ସେମାନଙ୍କୁ ପ୍ରୋତ୍ସାହନ ଯୋଗାଇ ଆସୁଛି। ଏହି ପରିପ୍ରେକ୍ଷୀରେ ଭାରତ ମସଲା କମ୍ପାନୀ ଶୁଖିଲା ଅଦା ସଂଗ୍ରହ ପାଇଁ ଝାରସୁଗଡା ଜିଲ୍ଲା ଲକ୍ଷଣ ପୁର ବ୍ଲକ ଚାଷୀଙ୍କୁ କରିଥିଲା ଉତ୍ସାହିତ। ଭାରତ ମସଲା ସହ ଚୁକ୍ତିନାମା ଅନୁଯାୟୀ ଓରମାସ ମଧ୍ୟ ଏଥିରେ କରିଥିଲା ସହଯୋଗ । କୋଇଲି ଗୁଗୁର ଫାର୍ମର ସଂସ୍ଥାକୁ ଏଫପିଓ ମାଧ୍ୟମରେ ବୈଷୟିକ ତାଲିମ୍ ଦେଇ ଉନ୍ନତ ମାନର ଶୁଖିଲା ଅଦା(ଜିଞ୍ଜର ଚିପସ) ଉତ୍ପାଦନ କରିବାରେ ସହାୟତା ପ୍ରଦାନ କରିଥିଲା ଓର୍ମାସ। ଫଳରେ ଚାଷୀମାନେ ପୂର୍ବରୁ ବିନା ପ୍ରକ୍ରିୟା ରେ ଅଦା କେଜି ପ୍ରତି ମାତ୍ର ୪୦ ଟଙ୍କାରେ ବିକ୍ରି କରୁଥିବାବେ ବେଳେ ଏବେ ନୂତନ ପ୍ରକ୍ରିୟାରେ ବହୁ ଅଧିକ ମୂଲ୍ୟରେ ଭାରତ ମସଲା କମ୍ପାନୀକୁ ଏହାକୁ ବିକ୍ରି କରୁଛନ୍ତି। ପ୍ରଥମ ଥର ପାଇଁ ଚାଷୀ ମାନଙ୍କ ଠାରୁ ଦୁଇ ମେଟ୍ରିକ ଟନ ଶୁଖିଲା ଅଦା ଭାରତ ମସଲା ଆଜି କମ୍ପାନୀ କ୍ରୟ କରିଛି। ତେବେ ଆଗକୁ ଶୁଖିଲା ଅଦା ୫୦ ମେଟ୍ରିକ୍ ଟନ୍ କ୍ରୟ କରି ଚାଷୀମାନଙ୍କୁ ଅଧିକ ଅଦା ଚାଷ କରିବାକୁ ପ୍ରୋତ୍ସାହନ ଯୋଗାଇଦେବ ବୋଲି କମ୍ପାନୀର ପରିଚାଳନା ନିର୍ଦ୍ଦେଶକ ସୁଶାନ୍ତ କୁମାର ପଣ୍ଡା କହିଛନ୍ତି। ପୂର୍ବରୁ ବାମଡ଼ା, କୁଚିଣ୍ଡା,ଦେବଗଡ଼, ଗଞ୍ଜାମ ଅଞ୍ଚଳରୁ ଶୁଖିଲା ଲଙ୍କା ସଂଗ୍ରହ କରୁଥିବା ଭାରତ ମସଲା କମ୍ପାନୀ ମଧ୍ୟ ଟମାଟୋ ସଂଗ୍ରହ କରି ଚାଷୀମାନଙ୍କୁ ମିଡିଲ ମ୍ୟାନଙ୍କ ଶୋଷଣ ଦାଉରୁ ରକ୍ଷା କରିବାରେ ପରୋକ୍ଷ ସହଯୋଗ କରିଆସୁଛି। ଏହି ଅବସରରେ ଭାରତ ମସଲାର ଅଧ୍ୟକ୍ଷ ସୁରେନ୍ଦ୍ର ନାଥ ପଣ୍ଡା, ଓରମାସର ଯୁଗ୍ମ କାର୍ଯ୍ୟନିର୍ବାହୀ ଅଧିକାରୀ ବିପିନ ବିହାରୀ ରାଉତ, ଓରମାସ ଝାରସୁଗୁଡ଼ା ବିଜିନେସ ମ୍ୟାନେଜର ପ୍ରମୁଖ ଉପସ୍ଥିତ ଥିଲେ ।

## ସ୍ଥାୟୀ ଜଳ ପରିଚାଳନାକୁ ପ୍ରୋତ୍ସାହନ ଦେଉଛି ବେଦାନ୍ତ ଆଲୁମିନିୟମ୍

ଭୁବନେଶ୍ୱର, ୧୦।୬ (ସମିସ): ଏକବିଂଶ ଶତାବ୍ଦୀରେ ଜଳ ଦ୍ରୁତ ଗତିରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସମ୍ବଳ ମଧ୍ୟରୁ ଗୋଟିଏ ହେବାକୁ ଯାଉଛି। ଜଳବାୟୁ ପରିବର୍ତନ ତୀବ୍ର ହେବା ଏବଂ ଜଳ ସମ୍ପଦ ଅଧିକ ସୀମିତ ହେବା ସହିତ, ଦାୟିତ୍ୱପୂର୍ଣ୍ଣ ଜଳ ପରିଚାଳନାର ଆବଶ୍ୟକତା କେବେ ଏତେ ଜରୁରୀ ହୋଇନାହିଁ। ଆଜି ଶିଳ୍ପ ନେତାମାନେ କେବଳ ବ୍ୟବହାର ହ୍ରାସ କରିବା ପାଇଁ ନୁହେଁ ବରଂ ସେମାନେ କାର୍ଯ୍ୟ କରୁଥିବା ଇକୋସିଷ୍ଟମରେ ସକାରାତ୍ମକ ଯୋଗଦାନ ଦେବା ପାଇଁ ସକ୍ରିୟ ଭାବରେ ଉପାୟ ଅନୁସନ୍ଧାନ କରୁଛନ୍ତି। ଏହି ପରିପ୍ରେକ୍ଷୀରେ, ବେଦାନ୍ତ ଆଲୁମିନିୟମ - ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ - ସ୍ଥାୟୀ ଜଳ ପରିଚାଳନାରେ ଏକ ନେତା ଭାବରେ ଉଭା ହେଉଛି। ୨୦୩୦ ସୁଦ୍ଧା ଜଳ ସକାରାତ୍ମକ ହେବାର ଦୃଷ୍ଟିକୋଣ ସହିତ, କମ୍ପାନୀ କିପରି ବ୍ୟବସାୟିକ ଅଭିବୃଦ୍ଧି ପରିବେଶଗତ ଦାୟିତ୍ୱ ସହିତ ଘନିଷ୍ଠ ଭାବରେ ସମନ୍ୱିତ ହୋଇପାରିବ ତାହା ପୁନଃପରିଭାଷିତ କରୁଛି।



ବେଦାନ୍ତ ଆଲୁମିନିୟମ ଭାରତର ଆଧୁନିକ ଶିଳ୍ପ ଦୃଶ୍ୟପଟରେ ସବୁଠାରୁ ପ୍ରଭାବଶାଳୀ ଜଳ ପରିଚାଳନା କାର୍ଯ୍ୟକ୍ରମ ମଧ୍ୟରେ ନିୟୋଜିତ କରିଛି, ଜଳ ପରିଚାଳନାକୁ ଏହାର ସ୍ଥାୟୀତ୍ୱ ଯାତ୍ରାର ମୂଳକୁ ପଥେୟ କରି - କେବଳ ଆର୍ଥିକ ବର୍ଷ୨୫ ରେ ଏହାର କାର୍ଯ୍ୟରେ ୧୬ ବିଲିୟନ ଲିଟରରୁ ଅଧିକ ପାଣିର ପୁନଃଚକ୍ରଣ କରିଛି। ଏହା ପ୍ରାୟ ୬,୪୦୦ ଅଲିମ୍ପିକ୍-ଆକାରର ସୁଇମିଂ ପୁଲର ପରିମାଣ ସହିତ ସମାନ। ୧୫% ପୁନଃବ୍ୟବହାର ହାର ସହିତ, ବେଦାନ୍ତ ଦୀର୍ଘକାଳୀନ ସ୍ଥିରତା ସୁନିଶ୍ଚିତ କରିବା ପାଇଁ ଅଭିନବ ପ୍ରଯୁକ୍ତିବିଦ୍ୟା ଏବଂ ପ୍ରକ୍ରିୟାଗୁଡ଼ିକୁ ନିୟୋଜିତ କରି ଜଳ ଦକ୍ଷତାରେ ନୂତନ ମାନଦଣ୍ଡ ସ୍ଥାପନ କରୁଛି।


କମ୍ପାନୀର ରଣନୀତି ଚାରୋଟି ସ୍ତମ୍ଭ ଉପରେ ନିର୍ଭର କରେ - କଠୋର ଜଳ ନିରୀକ୍ଷଣ, ସର୍ବାଧିକ ପୁନଃବ୍ୟବହାର, ସମ୍ପ୍ରଦାୟ ପ୍ରବେଶ ଏବଂ ଶୂନ୍ୟ ନିର୍ଗମନ। କମ୍ପାନୀ ଏହାର ଶୂନ୍ୟ ତରଳ ନିର୍ଗମନ (ଜେଡଏଲଡି) ପଦ୍ଧତିର ଅଂଶ ଭାବରେ ଏହାର ଝାରସୁଗୁଡା ପ୍ଲାଂଟରେ ଓଡ଼ିଶାର ସର୍ବବୃହତ ଶିଳ୍ପ ରିଭର୍ସ ଅସମୋସିସ୍ (ଆରଓ) ପ୍ଲାଂଟ ପରିଚାଳନା କରେ।

## ମାଟ୍ରିକ ପରୀକ୍ଷାର୍ଥୀଙ୍କୁ ଟାଟା ଷ୍ଟିଲ୍‌ର ସମ୍ବର୍ଦ୍ଧନା

ଭୁବନେଶ୍ୱର,୧୦।୬(ସମିସ): ମାଟ୍ରିକ ପରୀକ୍ଷାରେ ଉତ୍କର୍ଷ ପ୍ରଦର୍ଶନ କରିଥିବା କେଉଁଝର ଜିଲ୍ଲା ଯୋଡା ବ୍ଲକ ଅନ୍ତର୍ଗତ ଗୁଆଲି ଏବଂ ଲୋଇଡାପଡା ପଞ୍ଚାୟତର ମେଧାବୀ ଛାତ୍ରଛାତ୍ରୀଙ୍କୁ ଟାଟା ଷ୍ଟିଲ ଫାଉଣ୍ଡେସନ୍ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଏହି ସମାରୋହରେ ଟାଟା ଷ୍ଟିଲ୍ ଜେନେରାଲ ମ୍ୟାନେଜର ଅତୁଲ ଭଟ୍ଟନାଗର, ଯୋଡା ବ୍ଲକ ଅଧ୍ୟକ୍ଷ କବିନ୍ଦ୍ର ନାୟକ, ସାମାଜିକ କର୍ମୀ ବିଦ୍ୟାଧର ନାୟକ, ଖୁସା ଆପଟ, ଡବରା ମୁଣ୍ଡା ଏବଂ ଝୁରିଆ ମୁଣ୍ଡା ପ୍ରମୁଖ ଅତିଥି ଭାବେ ସାମିଲ ହୋଇ କୃତୀ ଛାତ୍ରଛାତ୍ରୀଙ୍କ ମାର୍ଗଦର୍ଶନ କରିଥିଲେ। ସମ୍ମାନୀତ ହୋଇଥିବା ୯ ଜଣ ମେଧାବୀଙ୍କ ମଧ୍ୟରୁ ଗୁଆଲିର ଝରଣା ମହାନ୍ତି ୬୮% ନମ୍ବର ରଖିଥିବାବେଳେ ସୁମନ ମୁଣ୍ଡା ୭୦%, ସ୍ନେହାରାଣୀ ପାତ୍ର ୬୨% ଏବଂ ସୁନାମ ମୁଣ୍ଡା ୬୫% ମାର୍କ ରଖିଛନ୍ତି । ସେହିପରି ଲୋଇଡାପଡାର ସ୍ୱପ୍ନା ଆପଟ ୭୩% ଏବଂ ଦେବାଶିଷ ବାରିକ ୬୦%, ଟୋପାଡିହିର ଦୋଳଗୋବିନ୍ଦ ନାହାକ ୬୧%, ବରପଦାର ପ୍ରତିମା ନାଏକ ୬୦% ଏବଂ କମାରପୋଷର ରେମା ମୁଣ୍ଡା ୬୮% ମାର୍କ ରଖିଛନ୍ତି । ସେମାନଙ୍କ ମଧ୍ୟରୁ ସ୍ନେହାରାଣୀ ପାତ୍ର, ଦୋଳଗୋବିନ୍ଦ ନାହାକ ଏବଂ ରେମା ମୁଣ୍ଡା ଟାଟା ଷ୍ଟିଲ ଫାଉଣ୍ଡେସନର ଜ୍ୟୋତି ଫେଲୋସିପ୍ ପାଉଛନ୍ତି।




## ସ୍ଥପତି ସଂଘର ପ୍ରସ୍ତାବ: ସରଳୀକରଣ ହେଉ ବିଲ୍‌ଡିଂ ପ୍ଲାନ୍ ଆପ୍ରୁଭାଲ୍



ଭୁବନେଶ୍ୱର, ୧୦।୬ (ସମିସ): ଇଣ୍ଡିଆନ ଇନଷ୍ଟିଚ୍ୟୁଟ ଅଫ ଆର୍କିଟେକ୍ଟସ୍ (ଆଇଆଇଏ) ଓଡ଼ିଶା ଚାପ୍ଟରର ଅଧ୍ୟକ୍ଷା ସ୍ୱପ୍ନଦତ୍ତା ମହାନ୍ତିଙ୍କ ନେତୃତ୍ୱରେ ପ୍ରସ୍ତାବିତ ଚିଠା ଓଡ଼ିଶା ବିକାଶ ପ୍ରାଧିକରଣ (ପ୍ଲାନିଂ ଓ ନିର୍ମାଣ ମାନକ ନିୟମ) ୨୦୨୫, ଓଡ଼ିଶା ସରକାରଙ୍କ ଗୃହନିର୍ମାଣ ଏବଂ ସହରାଞ୍ଚଳ ବିକାଶର ପ୍ରମୁଖ ଶାସନ ସଚିବ ଉଷା ପାଢୀ ପ୍ରଦାନ କରିଛି । କ୍ରେଡାଇ ଓଡ଼ିଶା, କ୍ରେଡାଇ ଭୁବନେଶ୍ୱର, ଆଫର୍ଡ ଏନ୍ଦ ନରେଡକୋ ଓଡ଼ିଶା ସମେତ ପ୍ରମୁଖ ଅଂଶୀଦାରଙ୍କ ସହିତ ବ୍ୟାପକ ଆଲୋଚନା ପରେ ଏହା ପ୍ରଦାନ କରାଯାଇଛି। ଚିଠା ପ୍ରସ୍ତାବ ଯେଉଁଳି ସମାବେଶୀ ଏବଂ ବାସ୍ତବବାଦୀ ହେବ ତାହା ସୁନିଶ୍ଚିତ କରିବାକୁ ଜନସାଧାରଣଙ୍କ ମତାମତକୁ ମଧ୍ୟ ବିଚାରକୁ ନିଆଯାଇଛି । ଆଇନକୁ କମ୍ ଜଟିଳ ଏବଂ ଅଧିକ ଲୋକାଭିମୁଖୀ କରି ଗଢିତୋଳିବା ଏବଂ ପରିଶେଷରେ ସାଧାରଣ ଲୋକଙ୍କୁ ଫାଇଦା ଦେବା ଲକ୍ଷ୍ୟରେ ଶ୍ରୀମତୀ ପାଢୀଙ୍କ ମାର୍ଗଦର୍ଶନରେ ଏହି ପ୍ରୟାସ ହାତକୁ ନିଆଯାଇଥିଲା। ପ୍ରସ୍ତାବିତ ନିୟମାବଳୀଗୁଡିକ ଲୋକାଭିମୁଖୀ ଏବଂ ଏହା ସାଧାରଣ ଜନତା ପ୍ଲାନିଂ ଏବଂ ବିକାଶ ପ୍ରକ୍ରିୟାରେ ସମ୍ମୁଖୀନ ହେଉଥିବା ପଦ୍ଧତିଗତ ପ୍ରତିବନ୍ଧକଗୁଡିକୁ ସହଜ କରିବା ଲକ୍ଷ୍ୟରେ ପ୍ରସ୍ତୁତ କରାଯାଇଛି। ନିୟମଗୁଡିକ କୋଠାବାଡି ଅନୁମୋଦନ ପ୍ରକ୍ରିୟାକୁ ସୁଗମ କରିବା ଦ୍ୱାରା ଜନସାଧାରଣଙ୍କ ଗୁରୁତ୍ୱପୂର୍ଣ୍ଣ ସମସ୍ୟାଗୁଡିକର ସମାଧାନ କରିବା ନିମନ୍ତେ ପ୍ରସ୍ତୁତ କରାଯାଇଛି। ବହୁସ୍ତରୀୟ କଟକଣାଯୁକ୍ତ ନିୟମାବଳୀକୁ ନେଇ ନାଗରିକମାନଙ୍କୁ ଭାରାକ୍ରାନ୍ତ କରିବା ପରିବର୍ତ୍ତେ ଏହି ନିୟମଗୁଡିକ ସେମାନଙ୍କୁ ସରଳୀକୃତ ଏବଂ ସହଜ ପଦ୍ଧତିଗୁଡିକ ଜରିଆରେ ସଶକ୍ତ କରିବାକୁ ଲକ୍ଷ୍ୟ ରଖିଛି । କମ୍ ଆପଦଯୁକ୍ତ କୋଠାବାଡିଗୁଡିକର ଅନୁମୋଦନ ପଦ୍ଧତି ନିମନ୍ତେ ପ୍ରସ୍ତାବ ଦିଆଯାଇଥିଲା। ଏହା ଅର୍ଥ ଆକାରରେ ୫୫୦୦ ବର୍ଗଫୁଟ ପର୍ଯ୍ୟନ୍ତ ପ୍ଲଟ ଏବଂ ତିନି ମହଲା ପର୍ଯ୍ୟନ୍ତ କୋଠାଗୁଡିକୁ ସିଙ୍ଗଲ ୱିଣ୍ଡୋ ସେବା ଜରିଆରେ ପଞ୍ଜୀକୃତ ସ୍ଥପତିଙ୍କ ଦ୍ୱାରା ଅନୁମୋଦନ କରାଯାଇପାରିବ। ଦିଆଯାଇଥିବା ପ୍ରସ୍ତାବରେ ମଧ୍ୟ କୋଠାବାଡିର ପ୍ରକାର, ପ୍ଲିନ୍ଥ ଉଚ୍ଚତା, ଷ୍ଟିଲ୍ଟ ପାର୍କିଂ ଉଚ୍ଚତା, କୋଠାର ଉଚ୍ଚତା, ଭୂମି ବ୍ୟବହାର ଜୋନ୍, ପହଞ୍ଚିବାର ଉପାୟ, ସଡ଼କର ଓସାର ଏବଂ ସ୍ପଷ୍ଟତାର ଅଭାବ ରହିଥିବା ଏହିଭଳି ଅନେକ ବିଷୟର ସଂଜ୍ଞାକୁ ଯେଉଁଳି ଦ୍ୱିଅର୍ଥ ବୋଧକ କରାଯାଉଛି ତାହାର ଦୂର କରାଯିବା ଅନ୍ତର୍ଭୁକ୍ତ। ଆପ୍ରୁଭାଲ୍‌ର ବୈଧତା ପାଞ୍ଚବର୍ଷ ପାଇଁ ବୃଦ୍ଧି କରାଯିବା ଏବଂ ସହଜ ନବୀକରଣ ପଦ୍ଧତି କାର୍ଯ୍ୟକାରୀ କରିବାକୁ ମଧ୍ୟ ପ୍ରସ୍ତାବ ଦିଆଯାଇଛି।

## ଆଜିର ରାଶିଫଳ

**ମେଷ:** ବ୍ୟବସାୟ ଲାଭଜନକ ରହିବ। ଘରକୁ ଅତିଥିଙ୍କ ଆଗମନ ହେବ। ବିଦ୍ୟାର୍ଥୀ ପରୀକ୍ଷାରେ କୃତକାର୍ଯ୍ୟ ହେବେ। ପୁରୁଣା ବନ୍ଧୁଙ୍କ ସହ ଭେଟ ହେବ। ପରିବାରର ସହଯୋଗ ମିଳିବ। ଆୟ ଓ ବ୍ୟୟ ସମାନ ରହିବ।

**ବୃଷ:** ଦିନଟି ଯନ୍ତ୍ରଣାଦାୟକ ରହିପାରେ। କଠିନ ପରିଶ୍ରମ ସତ୍ତ୍ୱେ ଆଶାଜନକ ଫଳ ମିଳିବ ନାହିଁ। ଅର୍ଥ ନିବେଶ ଲାଗି ଉପଯୁକ୍ତ ସମୟ। କୌଣସି କାମ ସମସ୍ୟା ସୃଷ୍ଟି କରିବ। ଧାର କରଜରୁ ନିବୃତ୍ତ ରହିବେ।

**ମିଥୁନ:** ଜୀବନସାଥୀଙ୍କ ପାଇଁ କୌଣସି ନୂଆ ଜିନିଷ କିଣିବେ। ବନ୍ଧୁଙ୍କ ସହ ବ୍ୟବସାୟ ସମ୍ବନ୍ଧୀୟ ଆଲୋଚନା କରନ୍ତୁ ନାହିଁ। ନୂଆ ଲୋକଙ୍କ ସହ ସମ୍ପର୍କ ସ୍ଥାପନ ହେବ। ପଡୋଶୀଙ୍କ ସହ ମନୋମାଳିନ୍ୟ ହୋଇପାରେ।

**କର୍କଟ:** ଧାର୍ମିକ କାର୍ଯ୍ୟରେ ସାମିଲ ହେବେ। ତରବରିଆ ଭାବେ କୌଣସି ନିଷ୍ପତ୍ତି ନିଅନ୍ତୁ ନାହିଁ। ନୂତନ ବ୍ୟବସାୟ ଆରମ୍ଭ କରିପାରନ୍ତି। ଘର କିମ୍ବା ଜାଗାବାଡ଼ି କିଣିବା ପୂର୍ବରୁ ଗୁରୁଜନଙ୍କ ଆଶୀର୍ବାଦ ନିଅନ୍ତୁ।

**ସିଂହ:** ଦିନଟି ସକାରାତ୍ମକ ଫଳ ପ୍ରଦାନ କରିବ। ଅଫିସ୍‌ରେ ପରିଶ୍ରମ ଅନୁସାରେ ଫଳ ମିଳିବ। ଆର୍ଥିକ ଦୃଷ୍ଟିରୁ ଦିନଟି ଭଲ ରହିବ। ଆଶା କରିଥିବା ଦିଗରୁ ଧନ ମିଳିପାରେ। ଆୟ ଓ ବ୍ୟୟ ସମାନ ରହିବ।

**କନ୍ୟା:** ସମସ୍ୟାର ସମାଧାନ ପାଇଁ ଦିନଟି ଅତ୍ୟନ୍ତ ଶୁଭଙ୍କର। ଚାକିରିଆଙ୍କୁ ଶୁଭ ଖବର ମିଳିପାରେ। ବରିଷ୍ଠ ଅଧିକାରୀଙ୍କ ସାହାଯ୍ୟ ନେଇ ଅଫିସ୍ ସମସ୍ୟାର ସମାଧାନ କରିବେ। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ।

**ତୁଳା:** ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ଉଧାର ଅର୍ଥ ଫେରି ପାଇପାରନ୍ତି। ବନ୍ଧୁଙ୍କ ସହାୟତାରେ କୌଣସି ନୂଆ କାମ ମିଳିବ। ପୈତୃକ ସମ୍ପତ୍ତିକୁ ନେଇ ବିବାଦ ସୃଷ୍ଟି ହୋଇପାରେ। ରାଜନେତାଙ୍କ ପାଇଁ ଦିନଟି ଭଲ।

**ବିଛା:** ଦିନଟି ବ୍ୟସ୍ତତା ଭିତରେ କଟିବ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ। ଅଫିସ୍ କାର୍ଯ୍ୟରେ ପରିବର୍ତ୍ତନ ଆସିପାରେ। ଦୂରସ୍ଥାନକୁ ଯାତ୍ରାଯୋଗ ଅଛି। କୌଣସି କଥାକୁ ନେଇ ଚିନ୍ତିତ ରହିପାରନ୍ତି।

**ଧନୁ:** କଠିନ ପରିଶ୍ରମ ସହ କାର୍ଯ୍ୟ କରିବେ। ସନ୍ତାନଙ୍କ ଭବିଷ୍ୟତକୁ ନେଇ ଚିନ୍ତାରେ ରହିବେ। ଏକସଙ୍ଗରେ ଅନେକ କାର୍ଯ୍ୟ କରିବାର ସୁଯୋଗ ମିଳିବ। ପାରିବାରିକ ସମସ୍ୟା ଦୂର ହେବ। ସଙ୍ଗୀତପ୍ରତି ରୁଚି ବଢ଼ିବ।

**ମକର:** ନୂଆ ଯୋଜନାକୁ ନେଇ ବାପାଙ୍କ ସହ ଆଲୋଚନା କରିବେ। ଜୀବନସାଥୀଙ୍କଠାରୁ ଉପହାର ମିଳିବ। ସରକାରୀ ଚାକିରିଆଙ୍କୁ ଶୁଭ ଖବର ମିଳିବ। ଘରେ ଭୋଜିଭାତର ଆୟୋଜନ କରିବେ।

**କୁମ୍ଭ:** ଯୁକ୍ତିତର୍କରୁ ଦୂରେଇ ରୁହନ୍ତୁ। ବାପାଙ୍କ ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ଚିନ୍ତାରେ ରହିବେ। ସମାଜସେବା ଦ୍ୱାରା ପ୍ରତିଷ୍ଠା ବଢ଼ିବ। ପୈତୃକ ସମ୍ପତ୍ତିରୁ ଧନ ଲାଭ ହେବ। ସୃଜନାତ୍ମକ କାମ ପ୍ରତି ଆଗ୍ରହ ବଢ଼ିବ।

**ମୀନ:** ରାଜନୈତିକ କ୍ଷେତ୍ରରେ ମାନ ସମ୍ମାନ ବଢ଼ିବ। ଅଫିସ୍‌ରେ ଦାୟିତ୍ୱର ସହ କାର୍ଯ୍ୟ ତୁଲାଇବେ। ବିଦ୍ୟାର୍ଥୀମାନେ ଉଚ୍ଚଶିକ୍ଷା ସମ୍ପର୍କରେ ଶିକ୍ଷକଙ୍କ ସହ ଆଲୋଚନା କରିବେ। ପରିଶ୍ରମର ଉଚିତ ଫଳ ମିଳିବ।

## ଆଜିର ଇତିହାସ

- ୧୭୭୦: କ୍ୟାପ୍‌ଟେନ୍ ଜେମ୍ସ କୁକ୍ ଅଷ୍ଟ୍ରେଲିଆର 'ଗ୍ରେଟ୍ ୱାରିୟର୍ ରିଫ୍'କୁ ଠାବ କରିଥିଲେ।
- ୧୮୬୬: ଆହ୍ଲାବାଦ୍ ଉଚ୍ଚ ନ୍ୟାୟାଳୟର ସ୍ଥାପନା।
- ୧୯୨୧: ବ୍ରାଜିଲ୍‌ରେ ମହିଳାଙ୍କୁ ମତଦାନ ଅଧିକାର ମିଳିଲା।
- ୧୯୪୦- ଇଟାଲୀ ମିତ୍ରରାଷ୍ଟ୍ରଙ୍କ ବିପକ୍ଷରେ ଯୁଦ୍ଧ ଘୋଷଣା କଲା।
- ୨୦୦୮: ବ୍ରହ୍ମୋସ୍ ସୁପରସୋନିକ୍ ମିସାଇଲ୍‌କୁ ଭାରତୀୟ ବାୟୁସେନାରେ ସାମିଲ କରାଗଲା।

## ମହାନ ଜ୍ୟୋତିର୍ବିଜ୍ଞାନୀ ପଠାଣି ସାମନ୍ତ


ଆଜି ବାହୁଡ଼ିଥିଲେ

ମହାମହୋପାଧ୍ୟାୟ ସାମନ୍ତ ଚନ୍ଦ୍ରଶେଖର ସିଂହ ହରିଚନ୍ଦନ ମହାପାତ୍ର (ପଠାଣି ସାମନ୍ତ) ଜଣେ ଅସାଧାରଣ ଜ୍ୟୋତିର୍ବିଜ୍ଞାନୀ ଏବଂ ପଣ୍ଡିତ ଥିଲେ। ସେ ଆଧୁନିକ ଯନ୍ତ୍ରପାତି ବିନା ନିର୍ଭୁଲ୍ ବୈଜ୍ଞାନିକ ଗଣନା କରି ସାରା ବିଶ୍ୱର ଧ୍ୟାନ ଆକର୍ଷଣ କରିପାରିଥିଲେ। ପଠାଣି ସାମନ୍ତ ୧୮୩୫ ମସିହା ଡିସେମ୍ବର ୧୩ ତାରିଖ ପୌଷ କୃଷ୍ଣ ଅଷ୍ଟମୀ ତିଥିରେ ନୟାଗଡ଼ର ଖଣ୍ଡପଡ଼ା ରାଜବଂଶରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ବାପାଙ୍କ ନାମ ଶ୍ୟାମବନ୍ଧୁ ସିଂହ ଓ ମାତାଙ୍କ ନାମ ବିଷ୍ଣୁମାଳୀ ଦେବୀ ଥିଲା। ଖଣ୍ଡପଡ଼ା ନିକଟସ୍ଥ ଖୁଣ୍ଟୁପଡ଼ା ଗ୍ରାମସ୍ଥିତ ମହାଦେବ ଶ୍ରୀ ଶ୍ରୀ ଚନ୍ଦ୍ରଶେଖରଙ୍କ କୃପାରୁ ସେ ଜନ୍ମଗ୍ରହଣ କରିଥିବା ବିଶ୍ୱାସ କରି, ବାପାମାଆ ତାଙ୍କର ନାମ ଚନ୍ଦ୍ରଶେଖର ରଖିଥିଲେ। ତାଙ୍କ ଆଗରୁ ଦୁଇଟି ଝିଅ ଓ ଗୋଟିଏ ପୁଅ ମରିଯାଇଥିବାରୁ ତାଙ୍କର ଅପର୍ଭ୍ୟାଣି ନାମ ପଠାଣି ରଖାଯାଇଥିଲା। ତୁଳସୀ ଦୁଇ ପତ୍ରରୁ ବାସିବା ଭଳି ପଠାଣି ସାମନ୍ତଙ୍କ ପ୍ରତିଭାର ଉନ୍ମେଷ ବାଲ୍ୟକାଳରୁ ହିଁ ଘଟିଥିଲା। ପିଲାଦିନେ ସେ ଗଛ ଛାଇ ମାପୁଥିଲେ। ମାତ୍ର ୯ ବର୍ଷ ବୟସରେ ସେ ନକ୍ଷତ୍ରମାନଙ୍କର ଗତିବିଧି ଲକ୍ଷ୍ୟ କରୁଥିଲେ। ଦଶବର୍ଷ ବୟସ ବେଳେ ଚନ୍ଦ୍ରଶେଖର ପିତା ଶ୍ୟାମବନ୍ଧୁଙ୍କଠାରୁ ଫଳିତ ଜ୍ୟୋତିଷ ଶିକ୍ଷା ଆରମ୍ଭ କରିଥିଲେ। କ୍ରମେ ଜ୍ୟୋତିର୍ବିଜ୍ଞାନ ପ୍ରତି ତାଙ୍କର ଆଗ୍ରହ ବଢ଼ିବାକୁ ଲାଗିଲା। ସେ ଆକାଶରେ ନକ୍ଷତ୍ରମାନଙ୍କର ସ୍ଥାନ ପରିବର୍ତ୍ତନ ଓ ଗତିବିଧି ନିରୂପଣ ପାଇଁ ମନ ନିବେଶ କଲେ। ଦୁଇଗୋଟି ବାଉଁଶନଳୀ ସାହାଯ୍ୟରେ ଦୂରଦୂରାନ୍ତର ଗ୍ରହ ମଣ୍ଡଳର ନକ୍ଷତ୍ରମାନଙ୍କର ଗତି ଅବଲୋକନ କରି ସେ ଯେଉଁ ସିଦ୍ଧାନ୍ତରେ ଉପନୀତ ହେଲେ ତାହା ପୁରାତନ ସଂସ୍କୃତ ଜ୍ୟୋତିଷ ଶାସ୍ତ୍ରର ସିଦ୍ଧାନ୍ତ ସହିତ ଅମେଳ ଥିଲା। ତାଙ୍କର ନିଜ ସିଦ୍ଧାନ୍ତରୁ ପ୍ରମାଣିତ ହେଲା ଯେ, ପୁରାତନ ଭାରତୀୟ ଜ୍ୟୋତିର୍ବିଦମାନଙ୍କ ଗଣନା ଦିବସରୁ ନକ୍ଷତ୍ର ଜଗତର ସ୍ଥିତିଗତି ବଦଳିଯାଇଛି। ଦୀର୍ଘ ବର୍ଷର ଅନୁଶୀଳନ ପରେ ସେ ରଚନା କରିଥିଲେ 'ସିଦ୍ଧାନ୍ତ ଦର୍ପଣ'। ଏହି ରଚନା ପାଇଁ ସେ ଆନ୍ତର୍ଜାତିକ ସ୍ତରରେ ସଫଳତା ସାଉଣ୍ଟିଥିଲେ। ସିଦ୍ଧାନ୍ତ ଦର୍ପଣ ପ୍ରକାଶ ପାଇଲା ୧୮୯୯ ମସିହାରେ। ଫଳିତ ଜ୍ୟୋତିଷଶାସ୍ତ୍ରର ନିର୍ଭୁଲ ଗଣନା ପାଇଁ ତାଙ୍କୁ ୧୮୯୩ ମସିହାରେ ମହାମହୋପାଧ୍ୟାୟ ଉପାଧିରେ ଭୂଷିତ କରାଯାଇଥିଲା। ଶଙ୍କୁ, ସୂର୍ଯ୍ୟଘଡ଼ି, ଗୋଳଯନ୍ତ୍ର, ମାନଯନ୍ତ୍ର, ଧନୁଯନ୍ତ୍ର ଇତ୍ୟାଦି ଦେଶୀ ମାଧ୍ୟମ ବ୍ୟବହାର କରି ମହାକାଶର ଜଟିଳ ସିଦ୍ଧାନ୍ତକୁ ସେ ଲିପିବଦ୍ଧ କରୁଥିଲେ। ୧୯୦୪ ମସିହା ଆଜିର ଦିନରେ ସେ ଇହଲୀଳା ସମ୍ବରଣ କରିଥିଲେ।

## ବିସ୍କୁଟ୍ ମାଧ୍ୟମରେ କର୍କଟ ସଚେତନତା ବାର୍ତ୍ତା




ଧୂମପାନ ସ୍ୱାସ୍ଥ୍ୟ ପାଇଁ ହାନିକାରକ। ଏହା କର୍କଟ ଭଳି ମାରାତ୍ମକ ରୋଗର କାରଣ ହୋଇଥାଏ। ଏହାସତ୍ତ୍ୱେ ମଧ୍ୟ ଲୋକେ ଧୂମପାନଠାରୁ ନିବୃତ୍ତ ରହିନଥାନ୍ତି। ଏହି କ୍ରମରେ ଭାରତୀୟ କ୍ୟାନ୍ସର ସୋସାଇଟି ପକ୍ଷରୁ ଏକ ଲଘୁ ଫିଲ୍ମ ମାଧ୍ୟମରେ ରିସ୍କି ନାମକ ଏକ ବିସ୍କୁଟ୍ ବ୍ରାଣ୍ଡର କାଳ୍ପନିକ ଲଞ୍ଚ ମାଧ୍ୟମରେ କର୍କଟ ପ୍ରତି ଲୋକଙ୍କୁ ନିଆରା ଶୈଳୀରେ ସଚେତନ କରାଯାଇଛି। ସାମାଜିକ ଗଣମାଧ୍ୟମରେ ଏହି ଭିଡିଓକୁ ବଲିଉଡ୍‌ର ମହାନ୍ ଅଭିନେତା ଅମିତାଭ ବଚ୍ଚନ ସେୟାର୍ କରିଛନ୍ତି। ଏଥିରେ ଦେଖିବାକୁ ମିଳିଛି, ଜଣେ ଯୁବକ ସିଗାରେଟ୍ ତଥା ଗୁଟ୍‌ଖା ଦୋକାନ ପାଖରେ ବିସ୍କୁଟ୍ ବିକ୍ରି କରୁଛନ୍ତି। ସେ ସିଗାରେଟ୍ ପିଉଥିବା ଲୋକଙ୍କୁ ନୂଆ ବିସ୍କୁଟ୍ ଲଞ୍ଚ କରିଥିବା କହୁଛନ୍ତି। ଏହାକୁ ଖାଇ ସ୍ୱାଦ ବାବଦରେ ପ୍ରତିକ୍ରିୟା ଦେବା ପାଇଁ ସେ ଲୋକଙ୍କୁ କହନ୍ତି। କିଛି ଲୋକ ବିସ୍କୁଟ୍ ଖାଇ ଏହାକୁ ଥୁ ଥୁ କରୁଥିବା ବେଳେ ଆଉ କେତେଜଣ ଏହାକୁ ଖାଇବାକୁ ମନା କରି ଦେଇଛନ୍ତି। ତେବେ ଏହି ବିସ୍କୁଟ୍ ପ୍ୟାକେଟ୍‌ରେ ଚେତାବନୀ ଲେଖାଯାଇଛି ଯେ, ଏହାକୁ ଖାଇଲେ କର୍କଟ ହେବ। ହେଲେ ବିସ୍କୁଟ୍ ବିକ୍ରି କରୁଥିବା ବ୍ୟକ୍ତି ଜଣକ କର୍କଟ ନ ହେବା କହିଛନ୍ତି। ତେବେ କିଛି ଲୋକ ଏହାକୁ ଖାଇଲେ କର୍କଟ ହେବା କହି ମନା କରି ଦେଉଥିବାବେଳେ ବିସ୍କୁଟ୍ ବିକ୍ରି କରୁଥିବା ବ୍ୟକ୍ତି ସେମାନଙ୍କୁ ପାଲଟା ପ୍ରଶ୍ନ କରିଛନ୍ତି। ସିଗାରେଟ୍ ପ୍ୟାକେଟ୍‌ରେ କର୍କଟ ହେବା ଚେତାବନୀ ଲେଖାଯାଇଥିବା ଜାଣି ଏହାକୁ କିଭଳି ବ୍ୟବହାର କରୁଥିବା ସେ ପ୍ରଶ୍ନ କରିଛନ୍ତି। ଏହି ଚିନ୍ତାଧାରା ଅମିତାଭଙ୍କୁ ଏତେ ବେଶି ପସନ୍ଦ ଆସିଲା, ସେ ଏହି ଭିଡିଓଟିକୁ ସେୟାର୍ କରିଛନ୍ତି। ଏହି ଭିଡିଓଟିକୁ ଲୋକେ ମଧ୍ୟ ଖୁବ୍ ପସନ୍ଦ କରିଛନ୍ତି।

## 'କଲ୍‌କି ୨୮୯୮ ଏଡି-୨'ରୁ ହଟିବେନି ଦୀପିକା



ବଲିଉଡ୍ ଅଭିନେତ୍ରୀ ଦୀପିକା ପାଦୁ୍ୟକୋନ୍‌ଙ୍କୁ ସନ୍ଦୀପ ରେଡ୍ଡି ଭାଙ୍ଗାଙ୍କ ନିର୍ଦ୍ଦେଶିତ 'ସ୍ପିରିଟ୍' ଫିଲ୍ମରୁ ବାଦ୍ ଦିଆଯିବା ପରେ ଏହାକୁ ନେଇ ଅନେକ ତୁମ୍ବିତୋଫାନ ହୋଇଥିଲା। ତେବେ ଦୀପିକା ସେଟ୍‌ରେ ଆଠଘଣ୍ଟା କାମ କରିବା ସହ ଆଉ କିଛି ସର୍ତ୍ତ ସନ୍ଦୀପଙ୍କ ସମ୍ମୁଖରେ ରଖିବାରୁ ତାଙ୍କୁ ଫିଲ୍ମରୁ ବାଦ୍ ଦିଆଗଲା ବୋଲି କୁହାଯାଉଛି। ତେବେ କାମକୁ ନେଇ ଦୀପିକା ଯେଉଁ ସର୍ତ୍ତ ରଖିଛନ୍ତି ସେଥିପାଇଁ 'ସ୍ପିରିଟ୍' ପରେ 'କଲ୍‌କି ୨୮୯୮ ଏଡି-୨'ରୁ ମଧ୍ୟ ତାଙ୍କୁ ବାଦ୍ ଦିଆଗଲା ବୋଲି ନିକଟରେ କିଛି ରିପୋର୍ଟରେ ପ୍ରକାଶ ପାଇଥିଲା। କିନ୍ତୁ ଏବେ ଏହାକୁ ନେଇ ଖବର ଆସିଛି। ନିକଟରେ ଏକ ରିପୋର୍ଟରେ ପ୍ରକାଶ ପାଇଛି ଯେ, 'କଲ୍‌କି ୨୮୯୮ ଏଡି-୨'ର ସୁଟିଂ ଏଯାଏଁ ଆରମ୍ଭ ହୋଇ ନାହିଁ, ଦୀପିକାଙ୍କୁ ବାଦ୍ ଦିଆଗଲା କେମିତି? ପ୍ରଭାସ ସମୟ ଦେଇ ପାରୁ ନ ଥିବାରୁ ଏହାର ସୁଟିଂ ବର୍ଷେ ପରେ ହେବ। ଏହାର ପ୍ରଥମ ପାର୍ଟରେ ଦୀପିକା ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଅଭିନୟ କରିଥିଲେ। ସିକ୍ୱେଲରେ ବି ତାଙ୍କ ଭୂମିକା ସେହିଭଳି ରହିବ।' ଏଥିରୁ ଦୀପିକା ଫିଲ୍ମରୁ ବାଦ୍ ପଡୁନାହାନ୍ତି ବୋଲି ଏକପ୍ରକାର ସ୍ପଷ୍ଟ ହୋଇ ଯାଇଛି।

## ସମ୍ଭାବନା



## କେଉଁ ଡିଗ୍ରୀର ଚାହିଦା ବେଶି

**ଆଜିକାଲି ଯୁବକଯୁବତୀମାନେ ଗୋଟିଏ ଡିଗ୍ରୀରେ ସନ୍ତୁଷ୍ଟି ଲାଭ କରୁ ନାହାନ୍ତି। ବିଭିନ୍ନ ଡିଗ୍ରୀ ପାଖରେ ଥିଲେ ଚାକିରି ମିଳିବା ସହଜ ହେଉଛି ବୋଲି ଏକାଧିକ ଡିଗ୍ରୀ ହାସଲ ଉପରେ ଗୁରୁତ୍ୱ ଦେଉଛନ୍ତି। ଏହି କ୍ରମରେ କେଉଁ ଡିଗ୍ରୀର ଲୋକପ୍ରିୟତା ବେଶି, ଜାଣିବା ସେ ସମ୍ପର୍କରେ।**



**କମ୍ପ୍ୟୁଟର ସାଇନ୍ସ ଏବଂ ଇନଫରମେସନ ଟେକ୍ନୋଲୋଜି:** ଆଜିର ଡିଜିଟାଲ ଯୁଗରେ କମ୍ପ୍ୟୁଟର ସାଇନ୍ସ ଏବଂ ଇନଫରମେସନ ଟେକ୍ନୋଲୋଜି ଡିଗ୍ରୀର ଚାହିଦା ବେଶି। ଏହି କ୍ଷେତ୍ରରେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ, ଡାଟା ସାଇନ୍ସ ଏବଂ ସାଇବର ସୁରକ୍ଷା ସାମିଲ ଅଛି।

**ବିଜନେସ ଆଣ୍ଡ ମ୍ୟାନେଜମେଣ୍ଟ:** ଅନେକ ଛାତ୍ର ଛାତ୍ରୀଙ୍କୁ ଏହି ଡିଗ୍ରୀ ଆକର୍ଷିତ କରିଥାଏ। ଏହା କ୍ୟାରିୟରରେ ସଫଳ ହେବା ଲାଗି ଜରୁରି କଳା କୌଶଳ ପ୍ରଦାନ କରେ। ଡିଜିଟାଲ ମାର୍କେଟିଂ ଏବଂ ସପ୍ଲାଏ ଚେନ୍ ମ୍ୟାନେଜମେଣ୍ଟ ହେଉଛି ସବୁଠୁ ଲୋକପ୍ରିୟ କ୍ଷେତ୍ର।

**ହେଲଥ୍ କେୟାର୍:** କୋଭିଡ୍ ମହାମାରୀ ପରେ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଲୋକଙ୍କ ଚାହିଦା ସବୁଠୁ ଅଧିକ ବଢ଼ିଛି। ମେଡିକାଲ, ନର୍ସିଂ ଏବଂ ପବ୍ଲିକ୍ ହେଲଥ୍ କେୟାର୍‌ରେ ଡିଗ୍ରୀ ରଖୁଥିବା ଲୋକଙ୍କ ଚାହିଦା ବେଶି। ଆମେରିକା, କାନାଡ଼ା, ବ୍ରିଟେନରେ ନିଯୁକ୍ତିର ଭଲ ସୁଯୋଗ ଅଛି।

**ଇଞ୍ଜିନିୟରିଂ:** ଇଞ୍ଜିନିୟରିଂ ଡିଗ୍ରୀର ଆବଶ୍ୟକତା ସବୁବେଳେ ରହି ଆସିଛି। ପୋଲ ନିର୍ମାଣ, ରୋବଟିକ୍ ଡିଜାଇନ ଭଳି ଅନ୍ୟ ନୂତନ ଇନୋଭେସନ ଲାଗି ଏହା ଜରୁରି।

**ଡାଟା ସାଇଣ୍ଟିସ୍ ଏବଂ ଆନାଲିଟିକ୍ସ:** ଏବେ ଡାଟା ସାଇନ୍ସ ଏବଂ ଆନାଲିଟିକ୍ସ ବ୍ୟବସାୟ ପାଇଁ ଜରୁରି ହୋଇପଡ଼ିଛି। ଏଣୁ ତଥ୍ୟର ବ୍ୟାଖ୍ୟା କରୁଥିବା ଏକ୍ସପର୍ଟଙ୍କ ଚାହିଦା ବେଶି। ସେମାନେ ଗ୍ରାହକଙ୍କ ବ୍ୟବହାର ବୁଝିବା ଏବଂ ଉତ୍ପାଦକୁ ଅଧିକ ଉନ୍ନତମାନରେ କରିବା ଦିଗରେ ସାହାଯ୍ୟ କରନ୍ତି।


## କଲେଜ ଫେଷ୍ଟରୁ ଆତ୍ମବିଶ୍ୱାସ ବୃଦ୍ଧି



କଲେଜ ଫେଷ୍ଟ ବିଦ୍ୟାର୍ଥୀଙ୍କୁ ନିଜ କଲେଜ ବାଦ୍ ଅନ୍ୟ କଲେଜ ଛାତ୍ରଛାତ୍ରୀଙ୍କ ସହିତ ଯୋଡ଼ିବାର ସୁଯୋଗ ପ୍ରଦାନ କରେ। କଲେଜ ଫେଷ୍ଟ ମାଧ୍ୟମରେ ନୂଆ ସାଙ୍ଗ, ନୂଆ ଲୋକଙ୍କ ସହିତ ପରିଚିତ ହେବାର ସୁଯୋଗ ମିଳେ। ଯାହାକି ଭବିଷ୍ୟତରେ କାମ ଆସେ। କଲେଜ ଫେଷ୍ଟରେ ଗୀତ, ନାଚ, ନାଟକ, ବିତର୍କ ଭଳି ଅନେକ ପ୍ରତିଯୋଗିତା ରହିଥାଏ। ଏଥିରେ ଭାଗ ନେଇ ଜଣେ ନିଜର ଦକ୍ଷତା ପ୍ରତିପାଦନ କରିଥାନ୍ତି। ଏହାସହ ଏହି ମଞ୍ଚ ବିଦ୍ୟାର୍ଥୀଙ୍କ ପ୍ରତିଭାକୁ ଅଧିକ ବିକଶିତ କରିବାରେ ସାହାଯ୍ୟ କରେ। ଅନ୍ୟପଟେ ବହୁ ପିଲା ଷ୍ଟେଜ୍‌କୁ ଯିବାକୁ ଭୟ କରନ୍ତି। ହେଲେ ଫେଷ୍ଟରେ ଭାଗ ନେବା ଦ୍ୱାରା ମଞ୍ଚ ଭୟ ଦୂର ହୁଏ ଏବଂ ଆତ୍ମବିଶ୍ୱାସ ବୃଦ୍ଧି ପାଏ। ଫେଷ୍ଟରେ ସାମିଲ ଥିବା ଅନେକ ଇଭେଣ୍ଟରେ ବିଦ୍ୟାର୍ଥୀଙ୍କୁ ଭିନ୍ନ ଭିନ୍ନ ଟିମ୍ ସହ ମିଶି କାମ କରିବାକୁ ପଡ଼େ। ଏହାଦ୍ୱାରା ସବୁ ଲୋକଙ୍କ ସହ ମିଶିବା କଳା ନିଜ ଭିତରେ ବିକଶିତ ହୁଏ।

ତେବେ କଲେଜ ଜୀବନରେ ପଢ଼ାର ଚାପ ଥାଏ। ତେଣୁ ଏହା ହେଉଛି ଚାପ କମ୍ କରିବା ଏବଂ ମନୋରଞ୍ଜନର ଏକ ନୂଆ ଉପାୟ। ଏହା ବ୍ୟକ୍ତିତ୍ୱ ବିକାଶରେ ସହାୟକ ହୁଏ। ଫେଷ୍ଟରେ ସାହାଯ୍ୟ କରୁଥିଲେ ଇଭେଣ୍ଟ ମ୍ୟାନେଜମେଣ୍ଟ, ପ୍ଲାନିଂ ଏବଂ ଏଗଜିକ୍ୟୁସନ କଳାର ବିକାଶ ଘଟେ। ଏହି କଳା ଭବିଷ୍ୟତ ଲାଗି ସହାୟକ ହୁଏ। ଏକ ଅଭୁଲା ସ୍ମୃତି ପ୍ରଦାନ କରେ କଲେଜ ଫେଷ୍ଟ। ଏହା କଲେଜ ଜୀବନକୁ ଅଧିକ ମଜାଦାର ଓ ରୋମାଞ୍ଚକ ଅନୁଭବ ଦେଇଥାଏ।


## 'ୱାର୍କହଲିକ୍'ଙ୍କ ଜୀବନ



ଆଜିକାଲି ଲୋକେ କାମରେ ବହୁତ ବ୍ୟସ୍ତ ରହୁଛନ୍ତି। ତେବେ ଲଗାତାର ଦୀର୍ଘ ସମୟ ପର୍ଯ୍ୟନ୍ତ ବସି କାମ କରିବା ନିଶାକୁ 'ୱାର୍କହଲିକ୍' କୁହାଯାଏ। ହେଲେ କାମର ଏଭଳି ନିଶା ସ୍ୱାସ୍ଥ୍ୟ ପାଇଁ ଏକ ଗମ୍ଭୀର ସମସ୍ୟା ପାଲଟିଛି। ଏହା ଶାରୀରିକ ଏବଂ ମାନସିକ ସ୍ୱାସ୍ଥ୍ୟକୁ ପ୍ରଭାବିତ କରିଥାଏ। ସେହିପରି କାମ ନ ଥିଲେ ବି ଲଗାତାର କାମ ସହ ଜଡ଼ିତ ବିଚାରଧାରା ମନରେ ଚାଲେ। ସେହିପରି ଯେଉଁମାନେ ୱାର୍କହଲିକ୍, ସେମାନେ ଛୁଟି କି ପରିବାର ସହିତ ଥିଲେ ବି ସେମାନଙ୍କ ଧ୍ୟାନ ସବୁବେଳେ କାମ ଉପରେ ରହିଥାଏ। ଅବଶ୍ୟ ଏହି କାମ ଯୋଗୁଁ ସେମାନେ ପରିବାର କିମ୍ବା ସାଙ୍ଗସାଥୀଙ୍କ ସହିତ ସମୟ ବାହାର କରିପାରନ୍ତି ନାହିଁ। ପାର୍ଟି, ଇଭେଣ୍ଟ ଆଦିରେ ସାମିଲ ହେବାରୁ ରକ୍ଷା ପାଆନ୍ତି। କାରଣ ଏଭଳି ଲୋକଙ୍କୁ ଲାଗେ, କାମ ବହୁତ ଜରୁରି।

ସେହିପରି ଘଣ୍ଟା ଘଣ୍ଟା ଧରି ବିନା ବ୍ରେକ୍‌ରେ ଡେସ୍କରେ ବସି ରହି କାମ କରିବା ଦ୍ୱାରା ଶରୀର ଉପରେ ଖରାପ ପ୍ରଭାବ ପଡ଼ିଥାଏ। କାମର ଏହି ନିଶା ଯୋଗୁଁ ନିଦ ବାଧାପ୍ରାପ୍ତ ହୁଏ। ସେହିପରି ଠିକ୍ ଭାବେ ନ ଶୋଇବା ଦ୍ୱାରା ଲଗାତାର ଥକ୍କା ଓ ଶକ୍ତିହୀନ ଲାଗେ। ସେମାନେ କାମ ଚାପ ଯୋଗୁଁ ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟର ଉପଯୁକ୍ତ ଯତ୍ନ ନେଇପାରନ୍ତି ନାହିଁ। ସ୍ୱାସ୍ଥ୍ୟକର ଖାଦ୍ୟ ନ ଖାଇବା, ବ୍ୟାୟାମ ନ କରିବା, ବ୍ୟସ୍ତ ଓ ଚିଡଚିଡ ହେବା ସେମାନଙ୍କଠାରେ ସାଧାରଣ କଥା ପାଲଟିଯାଏ। ସେହିପରି କାମର ଏହି ନିଶା ଯୋଗୁଁ ସମ୍ପର୍କରେ ଫାଟ ବି ସୃଷ୍ଟି ହୁଏ।

## ହ୍ୱାଟ୍ସଆପ୍‌ରେ 'ଡିଜିଟାଲ ସାଙ୍ଗ'




ହ୍ୱାଟ୍ସଆପ୍‌ରେ କଥା ହେବାକୁ କେହି ନ ଥିଲେ ଏଣିକି ଆଉ ଚିନ୍ତା କରିବାକୁ ପଡ଼ିବନି। ହ୍ୱାଟ୍ସଆପ୍‌ରେ ଖୁବ୍‌ଶୀଘ୍ର ବ୍ୟବହାରକାରୀ ନିଜସ୍ୱ ଏଆଇ ଚାଟ୍‌ବଟ୍ ତିଆରି କରିପାରିବେ। ଏହି ଫିଚର୍‌ର ନାଁ 'କ୍ରିଏଟ୍ ଆନ୍ ଏଆଇ'। ଏହି ଚାଟ୍‌ବଟ୍ ସହିତ ଜଣେ ନିଜର ଅସଲ ସାଙ୍ଗ ଭଳି କଥାବାର୍ତ୍ତା କରିପାରିବେ। ହେବେ ଏହି ଚାଟ୍‌ବଟ୍ ଭର୍ଚୁଆଲ ସାଥୀ ହେବ। ବ୍ୟବହାରକାରୀ ପ୍ରଦାନ କରୁଥିବା ତଥ୍ୟ ଆଧାରରେ ଉକ୍ତ ଚାଟ୍‌ବଟ୍ କଥାବାର୍ତ୍ତା କରିବ। ଏହି ଚାଟ୍‌ବଟ୍‌ର ସ୍ୱଭାବ, କଥାବାର୍ତ୍ତାର ତରିକା, ଅବତାର ନିଜ ପସନ୍ଦ ଅନୁସାରେ ବ୍ୟବହାରକାରୀ ସ୍ଥିର କରିପାରିବେ। ଏହି ଏଆଇ ସାଙ୍ଗ ମେଣ୍ଟାଲ ହେଲଥ୍ କୋଚ୍, ଷ୍ଟଡି ପାର୍ଟନର, ପ୍ରଡକଟିଭିଟି ଆସିଷ୍ଟାଣ୍ଟ କିମ୍ବା ସମୟ ଅତିବାହିତ କରୁଥିବା ଚାର୍ଟ ପାର୍ଟନର ମଧ୍ୟ ହୋଇପାରେ। ତେବେ ଥରେ ଏହି ଏଆଇ ଚାଟ୍‌ବଟ୍ ତିଆରି ହୋଇଯିବା ପରେ ବ୍ୟବହାରକାରୀ ଏହାକୁ ନିଜର ପର୍ସନାଲ ଚାଟ୍ ଭାବେ ବ୍ୟବହାର କରିପାରିବେ। ଏବେ ଏହାକୁ ଆଣ୍ଡ୍ରଏଡ୍‌ର କିଛି ବ୍ୟବହାରକାରୀଙ୍କ ବିଟା ଭର୍ସନରେ ଟ୍ରାଏ କରିବାର ସୁବିଧା ମିଳିବ। ଆଗାମୀ ଦିନରେ ଏହା ସମସ୍ତଙ୍କ ପାଇଁ ଉପଲବ୍ଧ ହେବ।

# ୨୯ ବର୍ଷରେ କ୍ରିକେଟ୍ ଛାଡ଼ିଲେ ପୂରନ



ଜାମାଇକା, ୧୦।୬ (ଏଜେନ୍ସି): ୱେଷ୍ଟଇଣ୍ଡିଜ କ୍ରିକେଟ୍ ଦଳର ବିସ୍ଫୋରକ ବ୍ୟାଟର୍ ନିକୋଲସ ପୂରନ ମଙ୍ଗଳବାର ଅନ୍ତର୍ଜାତୀୟ କ୍ରିକେଟ୍‌ର ସମସ୍ତ ଫର୍ମାଟ୍‌ରୁ ଅବସର ଘୋଷଣା କରିଛନ୍ତି। ମାତ୍ର ୨୯ ବର୍ଷ ବୟସରେ ଅଚାନକ କ୍ରିକେଟ୍‌କୁ ଅଲ୍‌ବିଦା କହି ଏହି କାରବୀୟ ବ୍ୟାଟର୍ ସମସ୍ତଙ୍କୁ ଚକିତ କରିଦେଇଛନ୍ତି। ସାମାଜିକ ଗଣମାଧ୍ୟମ ଇନ୍‌ଷ୍ଟାଗ୍ରାମରେ ଏକ ପୋଷ୍ଟ କରି ପୂରନ ଏହି ସୂଚନା ଦେଇଛନ୍ତି। 'ବହୁ ଚିନ୍ତା ଓ ବିଚାର ପରେ ମୁଁ ଅନ୍ତର୍ଜାତୀୟ କ୍ରିକେଟ୍‌ରୁ ଅବସର ନେବାକୁ ନିଷ୍ପତ୍ତି ନେଇଛି। ଏହି ଖେଳ ମୋତେ ବହୁତ କିଛି ଦେଇଛି। ଆନନ୍ଦ, ଅବିସ୍ମରଣୀୟ ସ୍ମୃତି ଓ ମେରୁନ ପୋଷାକ ପିନ୍ଧି ୱେଷ୍ଟଇଣ୍ଡିଜ ଲୋକଙ୍କୁ ପ୍ରତିନିଧିତ୍ୱ କରିବାର ସୁଯୋଗ। ମୋର ଅନ୍ତର୍ଜାତୀୟ କ୍ୟାରିୟରର ଅଧ୍ୟାୟ ଶେଷ ହୋଇଯାଇଛି, କିନ୍ତୁ ୱେଷ୍ଟଇଣ୍ଡିଜ କ୍ରିକେଟ୍‌କୁ ଭଲପାଇବା କେବେ ମଧ୍ୟ କ୍ଷୀଣ ହେବ ନାହିଁ ବୋଲି ପୂରନ ତାଙ୍କ ଅବସର ବାର୍ତ୍ତାରେ ଉଲ୍ଲେଖ କରିଛନ୍ତି। କ୍ରିକେଟ୍ ୱେଷ୍ଟଇଣ୍ଡିଜ (ସିଡବ୍ଲ୍ୟୁଆଇ) ମଧ୍ୟ ପୂରନଙ୍କୁ ଜଣେ ବିଶ୍ୱସ୍ତରୀୟ ଖେଳାଳି ଓ ଗେମ୍ ଚେଞ୍ଜର ବୋଲି ଅଭିହିତ କରିଛି।

୨୦୧୬ରେ ପାକିସ୍ତାନ ବିପକ୍ଷ ଟି-୨୦ ଖେଳି ପୂରନ ୨୦ ବର୍ଷ ବୟସରେ ଅନ୍ତର୍ଜାତୀୟ କ୍ରିକେଟ୍‌ରେ ପାଦ ଥାପିଥିଲେ। ସ୍ୱଳ୍ପ ଅବଧିର କ୍ୟାରିୟରରେ ଏହି ବାମହାତୀ ବ୍ୟାଟର୍ ୱେଷ୍ଟଇଣ୍ଡିଜ ପାଇଁ ୬୧ ଏକଦିବସୀୟ ଓ ୧୦୬ ଟି-୨୦ ମ୍ୟାଚରେ ଖେଳି ମୋଟ୍ ଉପରେ ୪୨୫୮ ରନ ସଂଗ୍ରହ କରିଛନ୍ତି। ଟେଷ୍ଟ ଫର୍ମାଟ୍‌ରେ କିନ୍ତୁ ସେ ଖେଳିବାର ସୁଯୋଗ ପାଇ ନ ଥିଲେ। ସେ ମଧ୍ୟ ସୀମିତ ଓଭର ଫର୍ମାଟ୍‌ରେ କାରବୀୟ ଦଳର ନେତୃତ୍ୱ ନେବାର ସୁଯୋଗ ପାଇଥିଲେ। ଅନ୍ତର୍ଜାତୀୟ କ୍ରିକେଟ୍‌ରୁ ଅବସର ନେଇଥିଲେ ମଧ୍ୟ ପୂରନ ବିଭିନ୍ନ ଦେଶରେ ଅନୁଷ୍ଠିତ ଟି-୨୦ ଲିଗ୍‌ରେ ଖେଳ ଜାରି ରଖିବେ। ଗତ ଆଇପିଏଲ୍‌ରେ ଲକ୍ଷ୍ନୌ ସୁପର୍ ଜାଏଣ୍ଟ୍‌ସ ତାଙ୍କୁ ୨୧ କୋଟି ଟଙ୍କା ବ୍ୟୟରେ କ୍ରୟ କରିଥିଲା।

**ସଂକ୍ଷେପରେ ଅନ୍ତର୍ଜାତୀୟ କ୍ୟାରିୟର**

| ଫର୍ମାଟ୍ | ମ୍ୟାଚ୍ | ରନ | ହାରାହାରି | ୧୦୦/୫୦ |
|---|---|---|---|---|
| ଦିନିକିଆ | ୬୧ | ୧୯୮୩ | ୩୯.୬୬ | ୩/୧୧ |
| ଟି-୨୦ | ୧୦୬ | ୨୨୭୫ | ୨୬.୧୪ | ୦/୧୩ |

# ମ୍ୟୁନିକ ସୁଟିଂ ବିଶ୍ୱକପ୍: ଏଲାଭେନିଲଙ୍କୁ କାଂସ୍ୟ



ମ୍ୟୁନିକ, ୧୦।୬ (ଏଜେନ୍ସି): ଜର୍ମାନୀରେ ଅନୁଷ୍ଠିତ ଆଇଏସ୍‌ଏସ୍‌ଏଫ୍ ବିଶ୍ୱକପ୍‌ରେ ଭାରତର ଉଦୀୟମାନ ସୁଟର୍ ଏଲାଭେନିଲ ଭାଲାରିଭାନ କାଂସ୍ୟ ପଦକ ବିଜୟୀ ହୋଇଛନ୍ତି। ମହିଳା ୧୦ ମିଟର ଏୟାର ରାଇଫଲ୍ ଇଭେଣ୍ଟରେ ସେ ଏହି ସଫଳତା ପାଇଛନ୍ତି। ଫାଇନାଲରେ ସେ ୨୩୧.୨ ସ୍କୋର କରି ପୋଡିୟମର ୩ୟ ସ୍ଥାନରେ ରହିଥିଲେ। ଚାଇନାର ୱାଙ୍ଗ ଜିଫେଇ (୨୫୨.୭) ଓ କୋରିଆର ବ୍ୟାନ ଏଉଞ୍ଜି (୨୫୨.୬) ଯଥାକ୍ରମେ ସ୍ୱର୍ଣ୍ଣ ଓ ରୌପ୍ୟପଦକ ବିଜୟୀ ହୋଇଥିଲେ। ଏହି ବିଶ୍ୱକପ୍‌ରେ ଭାରତର ଏହା ପ୍ରଥମ ପଦକ ହୋଇଛି। ୨୦୧୮ରେ ଏହି ବିଶ୍ୱକପ୍‌ରେ ଏଲାଭେନିଲ ୪ର୍ଥ ସ୍ଥାନରେ ରହି ଅଳ୍ପକେ ପଦକରୁ ବଞ୍ଚିତ ହୋଇଥିଲେ। ଏଥର କିନ୍ତୁ ସେ ପୋଡିୟମ ଫିନିଶ କରିବାରେ ସଫଳ ହୋଇଛନ୍ତି। ପୂର୍ବରୁ ଯୋଗ୍ୟତା ପର୍ଯ୍ୟାୟରେ ଏଲଭେନିଲ ୬୩୯.୯ ସ୍କୋର କରି ଫାଇନାଲକୁ ଉନ୍ନୀତ ହୋଇଥିଲେ। ଯାହାକି ନୂଆ ଜାତୀୟ ରେକର୍ଡ ମଧ୍ୟ ପ୍ରତିଷ୍ଠା ହୋଇଛି। ପୂର୍ବରୁ ମହିଳା ୧୦ ମିଟର ଏୟାର ରାଇଫଲ୍‌ରେ ଜାତୀୟ ରେକର୍ଡ ନାନ୍ସି (୬୩୪.୭)ଙ୍କ ନାମରେ ରହିଥିଲା।

**ଆଜିଠାରୁ ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ ଫାଇନାଲ**

# ଅଷ୍ଟ୍ରେଲିଆକୁ ଟକ୍କର ଦେବ ଦକ୍ଷିଣ ଆଫ୍ରିକା





ଲର୍ଡ୍ସ,୧୦।୬ (ଏଜେନ୍ସି)

ଡିଫେଣ୍ଡିଂ ଚାମ୍ପିଅନ ଅଷ୍ଟ୍ରେଲିଆ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍‌ର ତୃତୀୟ ସଂସ୍କରଣର ଫାଇନାଲ ମୁକାବିଲା ଐତିହାସିକ ଲର୍ଡ୍ସ କ୍ରିକେଟ ଗ୍ରାଉଣ୍ଡରେ ଆସନ୍ତାକାଲି ଖେଳାଯିବ। ଏହି ଫାଇନାଲ ମୁକାବିଲାକୁ ବିଶ୍ୱ କ୍ରିକେଟ ପ୍ରେମୀ ଉତ୍କଣ୍ଠାର ସହ ଅପେକ୍ଷା କରିଥିଲେ ମଧ୍ୟ ଅଷ୍ଟ୍ରେଲିଆର ଦକ୍ଷତା, ଅଭିଜ୍ଞତା ଓ ଫର୍ମ ସତ୍ତ୍ୱେ ଦକ୍ଷିଣ ଆଫ୍ରିକା ଟକ୍କର ଦେବ ବୋଲି ପୂର୍ବାନୁମାନ କରାଯାଉଛି। ଦକ୍ଷିଣ ଆଫ୍ରିକା କ୍ରମାଗତ ୭ଟି ଟେଷ୍ଟ ଜିତି ଏହି ଫାଇନାଲରେ ପ୍ରବେଶ କରିଛି, କିନ୍ତୁ ଅଷ୍ଟ୍ରେଲିଆ ଭଳି ଶକ୍ତିଶାଳୀ ଦଳ ବିପକ୍ଷରେ ଖେଳିନାହିଁ। ଏଣୁ ୧୯୧୨ରେ ଅଷ୍ଟ୍ରେଲିଆ ସହ ହୋଇଥିବା ତ୍ରିରାଷ୍ଟ୍ରୀୟ ଟେଷ୍ଟ ମୁକାବିଲାରେ ଦକ୍ଷିଣ ଆଫ୍ରିକା ଏଠାରେ ୧୦ ୱିକେଟରେ ହାରିଥିଲା। ଏଥର ପରାଜୟର ପ୍ରତିଶୋଧ ନେବା ଏହି ଦଳର ଦକ୍ଷତାର ବାହାରେ। ତେମ୍ବା ବଭୂମାଙ୍କ ଦକ୍ଷିଣ ଆଫ୍ରିକା ଦଳ ଇତିହାସ ବିପକ୍ଷରେ ମୁକାବିଲା କରିବାକୁ ଯାଉଛି ବୋଲି କୁହାଯାଉଛି। ଏହି ମୁକାବିଲାରେ ପ୍ୟାଟ କମିନ୍ସଙ୍କ ନେତୃତ୍ୱରେ ଗଠିତ ଅଷ୍ଟ୍ରେଲିଆ ଦଳ ସବୁଥିରେ ଦକ୍ଷିଣ ଆଫ୍ରିକାଠାରୁ ବହୁ ଆଗରେ। ଗତ ୪ ବର୍ଷରେ ଅଷ୍ଟ୍ରେଲିଆ ଭିନ୍ନ ଭିନ୍ନ ଫର୍ମାଟରେ ୩ଟି ଟାଇଟଲ ଜିତିଛି। ଏହି ଦଳର କୋର ବ୍ୟାଟର ଏବେ ମଧ୍ୟ ଦଳରେ ରହିଛନ୍ତି। କେବଳ ଓପନିଂରେ ମାର୍ନସ ଲାବୁସେନ୍ ସାଥିଖେଳାଳି ଉସ୍‌ମାନ ଖ୍ୱାଜାଙ୍କ ଗତ ୯ଟି ଟେଷ୍ଟରେ ୫ମ ପାର୍ଟନର ହେବେ। ଆହତ ସମସ୍ୟାରୁ ମୁକୁଳିଥିବା କାମେରନ ଗ୍ରୀନ୍ ନଂ-୩ରେ ଖେଳିବେ। ବିଶ୍ୱବିଖ୍ୟାତ ବ୍ୟାଟର ଷ୍ଟିଭେନ ସ୍ମିଥଙ୍କ ପରି ଖେଳାଳି ରହିଛନ୍ତି। ଅଷ୍ଟ୍ରେଲିଆ ଚାମ୍ପିଅନ ହୋଇଥିବା ଗତ ଦୁଇଟି ବିଶ୍ୱକପ୍ ଫାଇନାଲରେ ଟ୍ରାଭିସ ହେଡ ଶତକ ହାସଲ କରିଛନ୍ତି। ଏଣୁ ବ୍ୟାଟିଂରେ ଅଷ୍ଟ୍ରେଲିଆକୁ ଟକ୍କର ଦେବା ଏତେଟା ସହଜ ନୁହେଁ। ଏହି ଦଳ ବିପକ୍ଷରେ ଦକ୍ଷିଣ ଆଫ୍ରିକାର ତେମ୍ବା ବଭୂମା ଓ ଆଇଡେନ୍ ମାର୍କରାମଙ୍କୁ ଛାଡ଼ିଦେଲେ ଅନ୍ୟ କୌଣସି ଖେଳାଳିଙ୍କର ଖେଳିବା ଅଭିଜ୍ଞତା ନାହିଁ। ଟ୍ରିଷ୍ଟାନ ଷ୍ଟବ୍ସ ଓ ରିୟାନ ରିକ୍ଲେଟନ ଆଇପିଏଲ୍‌ରେ ଅଷ୍ଟ୍ରେଲିଆର ଖେଳାଳିଙ୍କ ସହ ଓ ବିପକ୍ଷରେ ଖେଳିଛନ୍ତି। ଯେଉଁ ଖେଳାଳିମାନଙ୍କୁ ନେଇ ଦକ୍ଷିଣ ଆଫ୍ରିକା କ୍ରମାଗତ ୭ଟି ଟେଷ୍ଟରେ ବିଜୟୀ ହୋଇଛି, ସେ ସମସ୍ତ ଖେଳାଳିଙ୍କୁ ଦଳରେ ସାମିଲ କରାଯାଇଛି।

**ଖେଳାଳି ଦଳ**

**ଅଷ୍ଟ୍ରେଲିଆ** : ଉସ୍‌ମାନ ଖ୍ୱାଜା, ମାର୍ନସ ଲାବୁସେନ, କାମେରନ ଗ୍ରୀନ୍, ଷ୍ଟିଭେନ ସ୍ମିଥ, ଟ୍ରାଭିସ୍ ହେଡ୍, ବିଉ ୱେବ୍‌ଷ୍ଟର, ଆଲେକ୍ସ କାରୀ (ୱିକେଟ ରକ୍ଷକ), ପ୍ୟାଟ କମିନ୍ସ (ଅଧିନାୟକ), ମିଚେଲ ଷ୍ଟାର୍କ, ଜୋଶ ହାଜ୍‌ଲେଉଡ୍, ନାଥାନ ଲାୟନ।

**ଦକ୍ଷିଣ ଆଫ୍ରିକା** : ଆଇଡେନ୍ ମାର୍କରାମ, ରିୟାନ ରିକେଲଟନ, ୱିଆନ ମୁଲ୍ଡର, ତେମ୍ବା ବଭୂମା (ଅଧିନାୟକ), ଟ୍ରିଷ୍ଟାନ ଷ୍ଟବ୍ସ, ଡେଭିଡ ବେଡିଂହାମ୍, କାଏଲ ଭେରିନ୍ (ୱିକେଟରକ୍ଷକ), ମାର୍କୋ ଜାନସେନ, କେଶବ ମହାରାଜ, କାଗିସୋ ରାବାଡା, ଲୁଙ୍ଗି ନିଗିଡି।

ଖେଳ ଆରମ୍ଭ : ଅପରାହ୍ଣ ୩ଟା
ପ୍ରସାରଣ : ଷ୍ଟାର ସ୍ପୋର୍ଟ୍ସ, ଜିଓହଟ୍‌ଷ୍ଟାର

**ଚତୁଃରାଷ୍ଟ୍ରୀୟ ହକି ଲାଗି ଭାରତୀୟ କନିଷ୍ଠ ଦଳ ଘୋଷଣା**

# ଓଡ଼ିଶାରୁ ୫ ଖେଳାଳି ସାମିଲ

ନୂଆଦିଲ୍ଲୀ, ୧୦।୬ (ଏଜେନ୍ସି): ଜର୍ମାନୀର ରାଜଧାନୀ ବର୍ଲିନ୍‌ରେ ଚଳିତମାସ ୨୧ରୁ ୨୫ ତାରିଖଯାଏ ଚତୁଃରାଷ୍ଟ୍ରୀୟ କନିଷ୍ଠ ହକି ଖେଳାଯିବ। ଏଥିରେ ଆୟୋଜକ ଜର୍ମାନୀ ସହ ସ୍ପେନ୍ ଓ ଅଷ୍ଟ୍ରେଲିଆ ଭଳି ଶକ୍ତିଶାଳୀ ଦଳ ସହ ଖେଳିବ ଭାରତ। ଏହି ସମ୍ମାନଜନକ ଟୁର୍ଣ୍ଣାମେଣ୍ଟ ଲାଗି ଫରୱାର୍ଡ ଖେଳାଳି ଅରାଇଜିତ ସିଂହ ହୁଣ୍ଡାଲଙ୍କ ନେତୃତ୍ୱରେ ଭାରତୀୟ ଦଳ ଘୋଷଣା କରାଯାଇଛି। ଏହି ଦଳରେ ଓଡ଼ିଶାରୁ ୫ଜଣ ଖେଳାଳି ସାମିଲ ହୋଇଥିଲାବେଳେ ଜଣେ ଖେଳାଳି ପ୍ରଶାନ୍ତ ବାର୍ଲାଙ୍କୁ ଷ୍ଟାଣ୍ଡବାଇରେ ରଖାଯାଇଛି। ଦଳରେ ସାମିଲ ହୋଇଥିବା ଖେଳାଳିମାନେ ହେଲେ ଗୋଲରକ୍ଷକ ବିବେକ ଲାକ୍ରା, ଡିଫେଣ୍ଡର ଅନମୋଲ ଏକ୍କା, ମିଡ୍‌ଫିଲ୍ଡର ରୋଶନ କୁଜୁର, ରୋହିତ କୁଲୁ ଓ ଆଦ୍ରୋହିତ ଏକ୍କା। ଦୀର୍ଘଦିନ ପରେ ଯେ କୌଣସି ଭାରତୀୟ ଦଳରେ ଏତେ ସଂଖ୍ୟକ ଓଡ଼ିଶାର କିମ୍ବା ଓଡ଼ିଆ ଖେଳାଳି ସାମିଲ ହେବା ହକି ପ୍ରେମୀଙ୍କ ମନରେ ଆନନ୍ଦ ଆଣିଛି। ଚଳିତବର୍ଷ ଭାରତର ଚେନ୍ନାଇ ଓ ମଦୁରାଇରେ କନିଷ୍ଠ ପୁରୁଷ ବିଶ୍ୱକପ୍ ହକି ପ୍ରତିଯୋଗିତା ଆୟୋଜିତ ହେବ। ଜର୍ମାନୀରେ ଖେଳାଯିବାକୁ ଥିବା ଶକ୍ତିଶାଳୀ ଟୁର୍ଣ୍ଣାମେଣ୍ଟ ଭାରତର ପ୍ରସ୍ତୁତିରେ ବେଶ ସହାୟକ ହେବ ବୋଲି କୋଚ୍ ପିଆର ଶ୍ରୀଜେଶ କହିଛନ୍ତି। ଉଲ୍ଲେଖଯୋଗ୍ୟ ଓଡ଼ିଶାର ଅଲିମ୍ପିଆନ ବୀରେନ୍ଦ୍ର ଲାକ୍ରାଙ୍କୁ ନିକଟରେ ଜୁନିଅର ଦଳର ସହାୟକ ପ୍ରଶିକ୍ଷକ ନିଯୁକ୍ତ କରାଯାଇଥିଲା।

**୧୯ ବର୍ଷରୁ କମ୍ ଆନ୍ତଃଜିଲ୍ଲା କ୍ରିକେଟ**

# କ୍ରିଷ୍ଣାଙ୍କୁ ୪ ୱିକେଟ; କେନ୍ଦ୍ରାପଡ଼ା ବିଜୟୀ



ଆୟୁଷ ମନ୍ତ୍ରୀ

କଟକ,୧୦।୬(ସମିସ): ଓସିଏ ଆନୁକୂଲ୍ୟରେ ଚାଲିଥିବା ୧୯ ବର୍ଷରୁ କମ୍ ବାଳକ ଆନ୍ତଃଜିଲ୍ଲା କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ମଙ୍ଗଳବାର ରେଭେନ୍ସା ଗ୍ରାଉଣ୍ଡ-୧ରେ ଅନୁଷ୍ଠିତ ମ୍ୟାଚ୍‌ରେ କେନ୍ଦ୍ରାପଡ଼ା ୪ ୱିକେଟରେ ଦେବଗଡ଼କୁ ପରାସ୍ତ କରିଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଦେବଗଡ଼ ୯ ୱିକେଟ ହରାଇ ୧୩୯ ରନ ସଂଗ୍ରହ କରିଥିଲା। ଆରିକ ଆୟାନ ଅପରାଜିତ ୩୨ରନ କରିଥିଲେ। କେନ୍ଦ୍ରାପଡ଼ାର କ୍ରିଷ୍ଣା ମହାନ୍ତି ୨୫ରନ ବ୍ୟୟ କରି ୪ଟି ୱିକେଟ ଦଖଲ କରିଥିଲେ। ଜବାବରେ ୩୨ତମ ଓଭରରେ ୬ ୱିକେଟ ହରାଇ କେନ୍ଦ୍ରାପଡା ବିଜୟ ଲକ୍ଷ୍ୟ ହାସଲ କରିଥିଲା। ମୋହନରାଜ ରାଉତ ୭୩ ରନର ମ୍ୟାଚ ବିଜୟୀ ପାଳି ଖେଳିଥିଲେ। କ୍ରିଷ୍ଣାଙ୍କୁ ପ୍ଲେୟାର ଅଫ ଦି ମ୍ୟାଚ୍ ବିବେଚିତ କରାଯାଇଥିଲା। ରେଭେନ୍ସା ଗ୍ରାଉଣ୍ଡ-୨ରେ ଖେଳାଯାଇଥିବା ଅନ୍ୟ ଏକ ମ୍ୟାଚ୍‌ରେ କୋରାପୁଟ ୬ ୱିକେଟରେ ଅନୁଗୋଳକୁ ପରାସ୍ତ କରିଛି। ବିଜୟୀ ଦଳର ସନଶ୍ରୟ ସାହା ୩୧ରନ ବ୍ୟୟରେ ୪ଟି ୱିକେଟ ଦଖଲ କରିବା ସହ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। କଟକ-ବି ଦଳ ବିଜୟ ଧାରା ଜାରି ରଖିଛି। ଆଜି ସନସାଇନ ଗ୍ରାଉଣ୍ଡରେ ଅନୁଷ୍ଠିତ ମ୍ୟାଚ୍‌ରେ କଟକ-ବି ଦଳ ୧୫୭ରନରେ ଜଗତସିଂହପୁରକୁ ହରାଇଥିଲା। ବିଜୟୀ ଦଳର ଆୟୁଷ ମନ୍ତ୍ରୀ ୬୧ବଲରୁ ଦ୍ରୁତ ୯୮ ରନର ପାଳି ଖେଳିଥିଲେ।

**ଆନ୍ତଃରାଜ୍ୟ ଦୃଷ୍ଟିହୀନ ମହିଳା କ୍ରିକେଟ**

# ଓଡ଼ିଶା-ଆନ୍ଧ୍ର ଫାଇନାଲ


ଭୁବନେଶ୍ୱର, ୧୦।୬ (ସମିସ): ଓଡ଼ିଶା ଓ ଆନ୍ଧ୍ରପ୍ରଦେଶ ମଧ୍ୟରେ ଏନ୍‌ଟିପିସି ଇଏମ୍ ପାୱାର ଆନ୍ତଃରାଜ୍ୟ ଟି-୨୦ ମହିଳା ଦୃଷ୍ଟିହୀନ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲ ମୁକାବିଲା ହେବ। ବିଶାଖାପାଟଣାରେ ଚାଲିଥିବା ଏହି ଟୁର୍ଣ୍ଣାମେଣ୍ଟର ମଙ୍ଗଳବାର ଓଡ଼ିଶା ଓ ଆନ୍ଧ୍ରପ୍ରଦେଶ ମଧ୍ୟରେ ଖେଳାଯିବାକୁ ଥିବା ମ୍ୟାଚ୍‌ଟି ବର୍ଷା ଯୋଗୁଁ ବାତିଲ କରିବାକୁ ପଡ଼ିଥିଲା। ଫଳରେ ରାଉଣ୍ଡ ରବିନ ଲିଗ୍ ଭିତ୍ତିରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ଦିଲ୍ଲୀ ଓ କେରଳ ବିପକ୍ଷରେ ଉଭୟ ଦଳ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଥିଲେ। ଆସନ୍ତାକାଲି ବିଶାଖାପାଟଣାର ଉକ୍କୁ ଷ୍ଟାଡିୟମ୍‌ରେ ଫାଇନାଲ ମ୍ୟାଚ୍ ଖେଳାଯିବ ବୋଲି ଓଡ଼ିଶା ସିଏବିଆଇର ସଭାପତି ମହମ୍ମଦ୍ ଜାଫର ଇକବାଲ ଜଣାଇଛନ୍ତି।

# ୧୧ ବର୍ଷରୁ କମ୍ ଖୋର୍ଦ୍ଧା ଚେସ୍ ୧୪ରୁ

ଭୁବନେଶ୍ୱର,୧୦।୬ (ସମିସ): ଅଲଓଡ଼ିଶା ଚେସ ସଂଘ ଓ ଖୋର୍ଦ୍ଧା ଜିଲ୍ଲା ଚେସ୍ ସଂଘ ଆନୁକୂଲ୍ୟରେ ୧୧ ବର୍ଷରୁ କମ୍ ଖୋର୍ଦ୍ଧା ଜିଲ୍ଲା ଚେସ୍ ସିଭି ରମଣ ଗ୍ଲୋବାଲ ୟୁନିଭର୍ସିଟିରେ ଚଳିତମାସ ୧୪ରୁ ଆରମ୍ଭ ହେବ । ଏଠାରେ ଉଭୟ ବାଳିକା ଓ ଓପନ ବିଭାଗରେ ମ୍ୟାଚ୍ ଖେଳାଯିବ ଓ ଉଭୟ ବିଭାଗରେ ୫,୦୦୦ ଲେଖାଏଁ ଟଙ୍କା ପୁରସ୍କାର ଦିଆଯିବ। ଆଗ୍ରହୀ ଖେଳାଳିମାନେ ଖୋର୍ଦ୍ଧା ଜିଲ୍ଲା ଚେସ୍ ସଂଘର ସଦସ୍ୟ ସ୍ୱୟଂଶୁ ସତ୍ୟକାମଙ୍କୁ ଟେଲିଫୋନ ନଂ-୯୯୩୭୦-୦୭୯୪୫ ଯୋଗେ ଯୋଗାଯୋଗ କରିବାକୁ ସମ୍ପାଦକ ଶୁଭାଶିଷ ପଟ୍ଟନାୟକ ଅନୁରୋଧ କରିଛନ୍ତି।



ଦକ୍ଷିଣ କୋରିଆରେ ଅନୁଷ୍ଠିତ ଏସିଆନ୍ ଆଥଲେଟିକ ଚାମ୍ପିଅନସିପ୍‌ର ରୌପ୍ୟ ପଦକ ଜିତି ଓଡ଼ିଶା ଫେରିବା ପରେ ଭୁବନେଶ୍ୱର ବିମାନ ବନ୍ଦରରେ ମଙ୍ଗଳବାର ଶ୍ରାବଣୀ ନନ୍ଦଙ୍କୁ ସମ୍ବର୍ଦ୍ଧନା।




**ରାଜ୍ୟ ୧୫ ବର୍ଷରୁ କମ୍ ଚେସ୍**

# ବାଳିକାରେ ଜୋତିକା ଏକକ ଅଗ୍ରଣୀ



ଭୁବନେଶ୍ୱର,୧୦।୬ (ସମିସ)

କଟକର ଜବାହାରଲାଲ ନେହେରୁ ଇଣ୍ଡୋର ଷ୍ଟାଡିୟମ୍‌ରେ ଚାଲିଥିବା ରାଜ୍ୟ ୧୫ ବର୍ଷରୁ କମ୍ ଉପକନିଷ୍ଠ ଚେସ୍‌ର ଷଷ୍ଠ ରାଉଣ୍ଡ ଶେଷସୁଦ୍ଧା ବାଳିକା ବିଭାଗରେ ଜୋତିକା ସାହୁ ଏକକ ଅଗ୍ରଣୀ ନେଇ ପ୍ରଥମ ସ୍ଥାନରେ ରହିଛନ୍ତି। ସେ ୬ ରାଉଣ୍ଡରୁ ୬ ପଏଣ୍ଟ ପାଇଛନ୍ତି। ଷଷ୍ଠ ରାଉଣ୍ଡରେ ସେ ସୃଷ୍ଟି ଶ୍ରେୟସୀଙ୍କୁ ପରାସ୍ତ କରି ପ୍ରଥମ ସ୍ଥାନ ଅଧିକାର କରିଥିଲେ। ତାଙ୍କ ପଛକୁ ଟପ୍ ସିଡ୍ ଶ୍ରଦ୍ଧା ସ୍ମରଣିକା ନନ୍ଦ, ସୃଷ୍ଟି, ଇ ରାଗିଣୀ, ଅମୃତି ପ୍ରିୟଲକ୍ଷ୍ମୀ ଓ ପ୍ରୀତିଷା ମିଶ୍ର ୫ ପଏଣ୍ଟ ଲେଖାଏଁ ସଂଗ୍ରହ କରି ମିଳିତଭାବେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି।

ଓପନ (ବାଳକ ଓ ବାଳିକା) ବିଭାଗରେ ହିମାଂଶୁ ନାୟକ, ବିଶ୍ୱପ୍ରୀତ୍ ରାୟ, ଟପ୍ ସିଡ ଲଳିତରଞ୍ଜନ ସାହୁ, ସାତ୍ତ୍ୱିକ ସ୍ୱାଇଁ ଓ ସାଇଶକ୍ତି ପଣ୍ଡା ୫.୫ ପଏଣ୍ଟ ଲେଖାଏଁ ସଂଗ୍ରହ କରି ମିଳିତଭାବେ ପ୍ରଥମ ସ୍ଥାନରେ ରହିଛନ୍ତି। ଏମାନଙ୍କ ପଛକୁ ଉଦୟକାନ୍ତ ନାୟକ, ସାର୍ଥକ ମହାନ୍ତି, ଆଦିତ୍ୟ ଜେନା, ପ୍ରିୟଦର୍ଶନ ରାୟ, ସୌଭିକ୍ ପାତ୍ରୀ, ମନୀଷ ମିଶ୍ର ୫ ପଏଣ୍ଟ ଲେଖାଏଁ ସଂଗ୍ରହ କରି ମିଳିତଭାବେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଆସନ୍ତାକାଲି ଆଉ ୨ ରାଉଣ୍ଡ ଖେଳ ସହ ଏହି ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହେବ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS